


◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-182 ◆SUNDAY ◆28 DECEMBER 2025 ◆PAGE-12 ◆₹ 6.00 | JEYPORE | ◆ବର୍ଷ-୪୩ ◆ସଂଖ୍ୟା-୧୮୨ ◆ରବିବାର ◆୨୮ ଡିସେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦ (ସିନ୍ଦୂରା ସହ)


## ଚୀନ୍‌ରେ ବିଶ୍ୱର ସବୁଠାରୁ ଲମ୍ବା ଏକ୍ସପ୍ରେସ୍‌ୱେ ସୁଡ଼ଙ୍ଗ ଲୋକାର୍ପିତ

■ ବେଜିଂ, ୨୭ ।୧୨(ଏଜେନ୍ସି): ଚୀନ ବିଶ୍ୱର ସବୁଠାରୁ ଲମ୍ବା ଏକ୍ସପ୍ରେସୱେ ସୁଡଙ୍ଗ ଉଦଘାଟନ କରିଛି । ଜିନଜିଆଙ୍ଗର ଉଇଗୁର ସ୍ୱୟଂ ଶାସିତ ଅଞ୍ଚଳରେ ୨୨.୧୩ କିମି ଲମ୍ବା ଏକ୍ସପ୍ରେସୱେ ସୁଡଙ୍ଗ ଖୋଲିଛି । ଏହାକୁ ବିଶ୍ୱର ସବୁଠାରୁ ଲମ୍ବା ସୁଡଙ୍ଗ ବୋଲି କୁହାଯାଉଛି । ଏହା ଦ୍ୱାରା ଦୁର୍ଗମ ତିଆନଶାହା ପର୍ବତମାଳାରେ ଯାତ୍ରା ସମୟକୁ ଯଥେଷ୍ଟ ହ୍ରାସ କରିଛି । ଏହି ସୁଡଙ୍ଗ ନିର୍ମାଣରେ ବିଶ୍ୱସ୍ତରୀୟ ମାନଦଣ୍ଡକୁ ଅନୁସରଣ କରାଯାଇଛି ବୋଲି ଚୀନର ଯୋଗାଯୋଗ ନିର୍ମାଣ କମ୍ପାନୀର ଅଧକ୍ଷ ସୋଙ୍ଗ ହାଇଲିଆଙ୍ଗ କହିଛନ୍ତି । ଏହା ଶୁକ୍ରବାର ଦିନ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକ୍ଷମ ହୋଇଛି । ଉତ୍ତର ଓ ଦକ୍ଷିଣ ଜିନ୍‌ଜିଆଙ୍ଗ ସହରର ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡିକୁ ଏହି ସୁଡଙ୍ଗ ଯୋଗ କରୁଛି । ଏହା ଏକ ପ୍ରମୁଖ ଧମନୀ ଭାବେ କାର୍ଯ୍ୟ କରିବା ପାଇଁ ଡିଜାଇନ୍ କରାଯାଇଛି । ତିଆନଶାନ ପର୍ବତମାଳର



କେନ୍ଦ୍ରୀୟ ଜିନଜିଆଙ୍ଗରେ ପ୍ରାୟ ୨, ୫୦୦ କିମି ପର୍ଯ୍ୟନ୍ତ ବ୍ୟାପୀଛି । ଏହି ନୂଆ ଏକ୍ସପ୍ରେସୱେ ସୁଡଙ୍ଗ ଖୋଲିବା ସହ ଉରୁମକି ଓ କୋରଲା ମଧ୍ୟରେ ଯାତ୍ରା ପ୍ରାୟ ୭ ଘଣ୍ଟାରୁ ୩ ଘଣ୍ଟାକୁ ହ୍ରାସ ପାଇଛି ।

## ବିଶ୍ୱର ସବୁଠାରୁ ଧନୀ ଭାରତୀୟ ବଂଶୋଦ୍ଭବ ସିଇଓ ଜୟଶ୍ରୀ ଉଲ୍ଲାଲ୍

■ ନୂଆଦିଲ୍ଲୀ, ୨୭।୧୨ (ଏଜେନ୍ସି): ଦିନକୁ ଦିନ ବିଦେଶରେ ଭାରତୀୟ ବଂଶୋଦ୍ଭବଙ୍କ ଦବଦବା ବଢ଼ିବାରେ ଲାଗିଛି । ଭାରତୀୟ ବଂଶୋଦ୍ଭବ ସିଇଓଙ୍କ ମଧ୍ୟରେ ସର୍ବପ୍ରଥମେ ମନକୁ ଆସେ ଆଲ୍‌ଫାବେଟ୍ ଇଙ୍କ୍‌ର ସୁନ୍ଦର ପିଚାଇ ଏବଂ ମାଇକ୍ରୋସଫ୍ଟର ସତ୍ୟ ନାଡେଲାଙ୍କ ନାମ । ଏକଥା ସତ ଯେ, ଏହି ଦୁଇ ବ୍ୟକ୍ତି ଦୁନିଆର ଦୁଇଟି ଶକ୍ତିଶାଳୀ କମ୍ପାନିକୁ ଚଳାଉଛନ୍ତି । କିନ୍ତୁ ଏହି ତାଲିକାରେ ସୁନ୍ଦର ପିଚାଇ ଏବଂ ସତ୍ୟ ନାଡେଲାଙ୍କୁ ଟପିଯାଇଛନ୍ତି ଆଉ ଜଣେ ଭାରତୀୟ ବଂଶୋଦ୍ଭବ ସିଇଓ ଜୟଶ୍ରୀ ଉଲ୍ଲାଲ୍ ।

### ପଛରେ ରହିଗଲେ ସତ୍ୟ ନାଡେଲା, ସୁନ୍ଦର ପିଚାଇ

### ସମ୍ପତ୍ତି ୫୦,୧୭୦ କୋଟି ଟଙ୍କା

ଶ୍ରୀମତୀ ଉଲ୍ଲାଲ୍ ହେଉଛନ୍ତି ଆରିଷ୍ଟା ନେଟୱାର୍କସର ସଭାପତି ଏବଂ ସିଇଓ । ହୁରୁନ୍ ରିପୋର୍ଟ ଅନୁଯାୟୀ, ଜୟଶ୍ରୀ ଉଲ୍ଲାଲଙ୍କ ମୋଟ ସମ୍ପତ୍ତି ୫୦,୧୭୦ କୋଟି ଟଙ୍କାରେ ପହଞ୍ଚିଛି । ସତ୍ୟ ନାଡେଲା ▶ପୃଷ୍ଠା-୭



### 'ଫ୍ଲୋ-ମିଟର' ବିନା ମନଇଚ୍ଛା ଜଳ ଶୋଷୁଛନ୍ତି ଶିଳ୍ପ ସଂସ୍ଥା

# ୭ ନଦୀରୁ ମାତ୍ରାଧିକ ପାଣିଚୋରି

■ ଭୁବନେଶ୍ୱର, ୨୭।୧୨ (ସମିସ): ରାଜ୍ୟ ସରକାର ଶିଳ୍ପ ସଂସ୍ଥାମାନଙ୍କୁ ସେମାନଙ୍କ ଚାହିଦା ମୁତାବକ ଜଳ ନେବାକୁ ଅନୁମତି ଦେଇଥାନ୍ତି । ଏହା ମଧ୍ୟ ଜଳସମ୍ପଦ ବିଭାଗର ଧାର୍ଯ୍ୟ ନିୟମ ଅନୁଯାୟୀ, ଚୁକ୍ତିନାମା ଦ୍ୱାରା ଅନୁମୋଦିତ ହୋଇଥାଏ । କିନ୍ତୁ ରାଜ୍ୟରେ ଶିଳ୍ପ ସଂସ୍ଥାମାନେ ଜଳକର ପୈଠ କରୁ ନ ଥିବା ବେଳେ ଚୁକ୍ତିନାମାଠାରୁ ବହୁମାତ୍ରାରେ ମନଇଚ୍ଛା ନଦୀ ଅବବାହିକାରୁ ଜଳ ଉଠାଉଛନ୍ତି । ଜଳ ଉଠାଣର ହିସାବ ପାଇଁ ଶିଳ୍ପ ସଂସ୍ଥାମାନଙ୍କ ପାଇଁ ଚୁକ୍ତିନାମା ଅନୁଯାୟୀ 'ଫ୍ଲୋ ମିଟର୍' ବାଧ୍ୟତାମୂଳକ ଥିବା ବେଳେ ଏହି ନିୟମକୁ ମଧ୍ୟ ସଂସ୍ଥାମାନେ ମାନୁନାହାନ୍ତି ।



### ୩୧ ଡିଭିଜନକୁ ଚିଠି ଲେଖିଲା ଜଳସମ୍ପଦ ବିଭାଗ

### ୩ ମାସରେ ଫ୍ଲୋ-ମିଟର ନ ଲଗାଇଲେ ୬ ଗୁଣ ଜରିମାନା

### ୫୮୯୦ କୋଟିର ଜଳକର ବକେୟା ଆଦାୟ କେବେ

ବ୍ରାହ୍ମଣୀ ଓ ମହାନଦୀ ମୁଖ୍ୟତଃ ରାଜ୍ୟର ପ୍ରମୁଖ ଶିଳ୍ପାଞ୍ଚଳଗୁଡ଼ିକୁ ଜଳ ଯୋଗାଣରେ ପ୍ରମୁଖ ଭୂମିକା ରଖୁଥିବା ବେଳେ ଏବେ ଏହି ଦୁଇ ନଦୀ ସମେତ ରାଜ୍ୟର ୭ ନଦୀ ଜଳଚୋରିର ସର୍ବାଧିକ ଶିକାର ହୋଇଛନ୍ତି । ଜଳବାୟୁ ପରିବର୍ତ୍ତନ ଓ ନିଅଣ୍ଟିଆ ବର୍ଷା ଯୋଗୁଁ ଏହି ନଦୀଗୁଡ଼ିକରେ ଜଳ ପ୍ରବାହ କମୁଛି । ଏପରିସ୍ଥଳେ ବିନା 'ଫ୍ଲୋ ମିଟର୍'ର ବ୍ୟବହାରରେ ମାତ୍ରାଧିକ ଜଳ ଉତ୍ତୋଳନ ଆଗାମୀ ଦିନରେ ଜଳକଷ୍ଟ ସହ ପରିବେଶୀୟ ସଙ୍କଟ ଆଶଙ୍କାକୁ ଉଜ୍ଜିବୀତ କରିବା ସହ ପରିବେଶବିତ୍‌ମାନଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି ।

ମାତ୍ରାଧିକ ଜଳ ଉତ୍ତୋଳନ ଓ ଜଳଚୋରିକୁ ନେଇ ବିଭିନ୍ନ ମହଲରେ ଏକାଧିକବାର ଅଭିଯୋଗ, ଉଦବେଗ ପ୍ରକାଶ ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏ ନେଇ ତତ୍ପରତା ପ୍ରକାଶ ପାଇଛି । ରାଜ୍ୟବ୍ୟାପୀ ଏହି ସାଂଘାତିକ ଜଳଚୋରି ସମ୍ପର୍କରେ ଅବଗତ ହେବା ପରେ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ୩୧ଟି ଜଳସମ୍ପଦ ଡିଭିଜନକୁ ଚିଠି ଲେଖିଛନ୍ତି । ଯେଉଁମାନେ ଏପରି ଜଳଚୋରି କାର୍ଯ୍ୟରେ ଲିପ୍ତ ଅଛନ୍ତି ଏବଂ ଚୁକ୍ତିନାମାର ଅନୁପାଳନ କରୁ ନାହାନ୍ତି ଅର୍ଥାତ୍ 'ଫ୍ଲୋ ମିଟର' ଲଗାଉନାହାନ୍ତି, ସେମାନଙ୍କଠାରୁ ୬ ଗୁଣ ଜରିମାନା ଆଦାୟ କରାଯିବ ବୋଲି ଚରମବାଣୀ ଶୁଣାଇଛନ୍ତି । ଗୋଟିଏ ପଟେ ବିଭିନ୍ନ ଶିଳ୍ପ ସଂସ୍ଥା ଉପରେ ରାଜ୍ୟ ସରକାରଙ୍କର ପ୍ରାୟ ୫୮୯୦ କୋଟି ଟଙ୍କାର ଜଳକର ବକେୟା ରହିଛି । ଯାହାକୁ ସରକାର ଆଦାୟ କରିବାରେ ବିଫଳ ହୋଇଛନ୍ତି । ସମାନ ସମୟରେ ନଦୀ ଅବବାହିକା ଗୁଡ଼ିକରୁ ଏପରି ମନଇଚ୍ଛା ଜଳ ଉଠାଣ ଭବିଷ୍ୟତରେ ପରିବେଶ ଉପରେ ବିରାଟ କୁପ୍ରଭାବ ସୃଷ୍ଟି କରିବ ବୋଲି ପରିବେଶବିତ୍ ମାନେ ଆଶଙ୍କା ପ୍ରକାଶ କରିଛନ୍ତି ।

ସୂଚନାଯୋଗ୍ୟ, ଓଡ଼ିଶା ଜଳସେଚନ ଆଇନ ଏବଂ ନିୟମ, ୧୯୫୯ ଏବଂ ଓଡ଼ିଶା ଜଳସମ୍ପଦ ନିୟମ, ୧୯୬୧ ଅନୁଯାୟୀ ଶିଳ୍ପ ସଂସ୍ଥାମାନଙ୍କୁ ଚୁକ୍ତି (ଆବଣ୍ଟନ) ଅନୁଯାୟୀ ଜଳ ନେବାକୁ ଅନୁମତି ଦିଆଯାଏ । ଚୁକ୍ତି ଅନୁଯାୟୀ ଶିଳ୍ପ ସଂସ୍ଥାମାନେ ଜଳଉଠାଣ ପୂର୍ବରୁ ଉଠାଣ ସ୍ଥାନରେ 'ଫ୍ଲୋ ମିଟର' ଲଗାଇବାକୁ ବାଧ୍ୟ ଅଟନ୍ତି । ଏହି 'ଫ୍ଲୋ ମିଟର' ଲାଗିବା ଦ୍ୱାରା ଉକ୍ତ ସଂସ୍ଥା ଚୁକ୍ତି ମାତ୍ରା ଅନୁଯାୟୀ ଜଳ ଉଠାଉଛନ୍ତି କି ନାହିଁ, ତାହା ▶ପୃଷ୍ଠା-୭

### ଆର୍ଥିକ ସଙ୍କଟ, ବେକାରୀ ସହ ଯୁଝୁଛି ବାଂଲାଦେଶ

## ଜିଡିପି ଅଭିବୃଦ୍ଧି ୭ରୁ ୪%କୁ ହ୍ରାସ

■ ନୂଆଦିଲ୍ଲୀ, ୨୭।୧୨ (ଏଜେନ୍ସି):ବାଂଲାଦେଶ ବର୍ତ୍ତମାନ ସବୁଠାରୁ କଷ୍ଟକର ଆର୍ଥିକ ସମୟ ଦେଇ ଗତି କରୁଛି । କିଛି ଦିନ ପୂର୍ବରୁ ଏସିଆର ଉଦୀୟମାନ ଅର୍ଥନୀତି ମଧ୍ୟରୁ ଗୋଟିଏ ଭାବରେ ବିବେଚିତ ଏହି ଦେଶ ଏବେ ଗମ୍ଭୀର ଅନିଶ୍ଚିତତା ଏବଂ ଆର୍ଥିକ ସମସ୍ୟାର ସମ୍ମୁଖୀନ ହେଉଛି । ରାଜନୈତିକ ଅସ୍ଥିରତା, ବର୍ଦ୍ଧିତ ବେକାରି ଏବଂ ଦୁର୍ବଳ ହେଉଥିବା ଅର୍ଥନୀତି ସେଠାରେ ସାଧାରଣ ଲୋକଙ୍କ ଜୀବନ କଷ୍ଟକର କରିଦେଇଛି । ରାଜନୈତିକ ପରିବର୍ତ୍ତନ ପରେ ଅନ୍ତରୀଣ ସରକାର ସ୍ଥିରତା ଏବଂ ସଂସ୍କାର ଆଣିବା ଆଶା କରାଯାଉଥିଲା । ହେଲେ ସେଠାର ବର୍ତ୍ତମାନ ପରିସ୍ଥିତି ଭିନ୍ନ । ନିରନ୍ତର ପ୍ରତିବାଦ, ହିଂସା ଏବଂ ଅନିଶ୍ଚିତ ନିଷ୍ପତ୍ତି ବାଂଲାଦେଶର ଅର୍ଥନୀତିକୁ ପଙ୍ଗୁ କରିଦେଇଛି । ନିବେଶକଙ୍କ ବିଶ୍ୱାସ ଦୁର୍ବଳ ହୋଇଛି ଏବଂ ଅନେକ କମ୍ପାନୀ ଦେଶ ଛାଡିବାକୁ ନିଷ୍ପତ୍ତି ନେଇଛନ୍ତି ।



### ଦେଶ ଛାଡିବେ ଅନେକ କମ୍ପାନୀ

ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍‌ଏଫ୍) ଅନୁଯାୟୀ, ବାଂଲାଦେଶର ଆର୍ଥିକ ଅଭିବୃଦ୍ଧି ହାର ଦ୍ରୁତ ହ୍ରାସ ପାଇଛି । ପୂର୍ବରୁ ୭ ପ୍ରତିଶତ ପାଖାପାଖି ରହୁଥିବା ଦେଶର ଜିଡିପି ଅଭିବୃଦ୍ଧି ଏବେ ୪ ପ୍ରତିଶତ ତଳକୁ ଖସିଆସିଛି । ଉତ୍ପାଦନରେ ବିଳମ୍ବ, କଠୋର ନୀତି ଏବଂ ରାଜନୈତିକ ଅନିଶ୍ଚିତତା ଏହାର ମୁଖ୍ୟ କାରଣ ବୋଲି ବିବେଚନା କରାଯାଉଛି । ଯଦିଓ ବର୍ତ୍ତମାନ ପୂର୍ବ ସମୟ ତୁଳନାରେ ମୁଦ୍ରାସ୍ଫୀତି କିଛି ମାତ୍ରାରେ ହ୍ରାସ ପାଇଛି, ତଥାପି ଅତ୍ୟାବଶ୍ୟକୀୟ ଖାଦ୍ୟ ସାମଗ୍ରୀ ମହଙ୍ଗା ରହିଛି । ଏହା ସିଧାସଳଖ ସାଧାରଣ ପରିବାରଗୁଡିକର କ୍ରୟ ଶକ୍ତିକୁ ପ୍ରଭାବିତ କରୁଛି । ଯେତେବେଳେ ଖର୍ଚ୍ଚ ବୃଦ୍ଧି ପାଏ ଏବଂ ଆୟ ହ୍ରାସ ପାଏ, ଘରୋଇ ଚାହିଦା ଦୁର୍ବଳ ହେବା ନିଶ୍ଚିତ । ସରକାରୀ ତଥ୍ୟ ଅନୁଯାୟୀ, ଦେଶରେ ବେକାରି ହାର ଉଲ୍ଲେଖନୀୟ ଭାବରେ ବୃଦ୍ଧି ପାଇଛି । ନିଯୁକ୍ତି ହ୍ରାସ ପାଉଛି, ଯାହା ବିଶେଷକରି ଯୁବପିଢ଼ି ଏବଂ ଶ୍ରମିକ ▶ପୃଷ୍ଠା-୭

## ଦୋକାନ ସହ ଦୋକାନୀଙ୍କୁ ଜାଳିଦେଲେ



ବାରେଣୀ ବଜାରରେ ଉତ୍ତେଜନା

■ କେନ୍ଦ୍ରାପଡ଼ା, ୨୭ ।୧୨ (ସମିସ): କେନ୍ଦ୍ରାପଡ଼ା ଜିଲ୍ଲା କୁଦାନଗରୀ ଥାନା ବାରେଣୀ ବଜାରରେ ଶୁକ୍ରବାର ବିଳମ୍ବିତ ରାତିରେ ଘଟିଥିବା ଏକ ହୃଦୟବିଦାରକ ଘଟଣା ସାରା ଅଞ୍ଚଳକୁ ସ୍ତବ୍ଧ କରିଦେଇଛି । ଦୋକାନ ଭିତରେ ଶୋଇଥିବା ବେଳେ ନିଆଁରେ ପୋଡ଼ି ଜଣେ ପରିବା ବ୍ୟବସାୟୀଙ୍କ ମୃତ୍ୟୁକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି । ମୃତ ବ୍ୟବସାୟୀ ହେଉଛନ୍ତି, ଗରଦପୁର ବ୍ଲକ୍ କଳାବୁଦା ପଞ୍ଚାୟତ ଗୋବିନ୍ଦପୁର ଗ୍ରାମର ସୁବାସ ମଳିକ (୪୬) । ବାରେଣୀ ବଜାରରେ ଥିବା ଏକ ଆଜବେଷ୍ଟସ ଘରେ ସେ ଭେରାଇଟି ଷ୍ଟୋରରେ ସମସ୍ତ ପ୍ରକାରର ଡ୍ରେସ, ପରିବା ଓ ଡେଜରାତି ବ୍ୟବସାୟ କରୁଥିଲେ । ଶୁକ୍ରବାର ରାତିରେ ସୁବାସ କଳାବୁଦା ନିକଟ ଏକ ମଣ୍ଡପରେ ଭୋଜି ଖାଇ ପ୍ରାୟ ସାଢ଼େ ୧୧ଟାରେ ଘରକୁ ଫେରିଥିଲେ । ଘରେ କିଛି ଖାଦ୍ୟ ଦେବା ପରେ ସେ ଦୋକାନକୁ ଶୋଇବାକୁ ଯାଇଥିଲେ । କିନ୍ତୁ ଭୋର ପ୍ରାୟ ୪ଟାରେ ମନ୍ଦିର ପୂଜକ ନଳିନୀକାନ୍ତ ପଣ୍ଡା ଦୋକାନରୁ ନିଆଁ ଓ ଧୂଆଁ ଉଠୁଥିବା ଦେଖି ସୁବାସଙ୍କ ବାପା ଅରକ୍ଷିତ ମଲ୍ଲିକଙ୍କୁ ଖବର ଦେଇଥିଲେ । ପରିବାରଲୋକେ ପହଞ୍ଚି ସୁବାସ ନିଆଁରେ ସମ୍ପୂର୍ଣ୍ଣ ଜଳିଯାଇଥିବା ଦେଖିବାକୁ ପାଇଥିଲେ । ଆଶ୍ଚର୍ଯ୍ୟଜନକ ଭାବେ ଦୋକାନ କବାଟ ବାହାରପଟୁ ବନ୍ଦ ଥିଲା । ଲୁହା ଗ୍ରୀଲ୍ ଭାଙ୍ଗି ପରିବାର ଲୋକ ଭିତରକୁ ପଶିଥିଲେ । ତେଣୁ ଏହା କୌଣସି ଦୁର୍ଘଟଣା ନୁହେଁ, ବରଂ ଯୋଜନାବଦ୍ଧ ହତ୍ୟା ବୋଲି ସନ୍ଦେହ ଉପୁଜିଛି ।

ଘଟଣାକୁ କେନ୍ଦ୍ର କରି ବାରେଣୀ ବଜାରରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା । ବ୍ୟବସାୟୀ ସଂଘ ଓ ସ୍ଥାନୀୟ ଲୋକେ ଏହାକୁ ହତ୍ୟା ବୋଲି ଅଭିଯୋଗ କରି ଗରଦପୁର-କୋରୁଆ ମୁଖ୍ୟ ରାସ୍ତାରେ ଟାୟାର ଜାଳି ଦୀର୍ଘ ସମୟ ଧରି ରାସ୍ତା ▶ପୃଷ୍ଠା-୭

## ନିତିନ ନବୀନ ହେବେ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ

■ ନୂଆଦିଲ୍ଲୀ, ୨୭ ।୧୨ (ଏଜେନ୍ସି): ବିଜେପିର କାର୍ଯ୍ୟକାରୀ ଅଧ୍ୟକ୍ଷ ନିତିନ ନବୀନ ପାର୍ଟିର ରାଷ୍ଟ୍ରୀୟ ଅଧ୍ୟକ୍ଷ ହେବା ସମ୍ଭାବନା ରହିଛି । ମିଳିଥିବା ସୂଚନା ଅନୁଯାୟୀ ବିଜେପିର ରାଷ୍ଟ୍ରୀୟ ଅଧ୍ୟକ୍ଷ ନିର୍ବାଚନ ପ୍ରକ୍ରିୟା ଜାନୁଆରୀ ୧୮ରୁ ଆରମ୍ଭ ହୋଇ ୨୦ ସୁଦ୍ଧା ସଂପନ୍ନ ହେବ । ନିର୍ବାଚନରେ ନବୀନ ବିନା ପ୍ରତିଦ୍ୱନ୍ଦ୍ୱିତାରେ ନିର୍ବାଚିତ ହେବାର ସମ୍ଭାବନା ରହିଛି । ଏହାହେଲେ ନବୀନ ବିଜେପିର ସବୁଠାରୁ କନିଷ୍ଠ ରାଷ୍ଟ୍ରୀୟ ଅଧ୍ୟକ୍ଷ ହେବେ । ୨୦୨୯ ପର୍ଯ୍ୟନ୍ତ ସେ ଏହି ଗୁରୁଦାୟିତ୍ୱ ବହନ କରିବେ । ୨୦୨୯ରେ ଲୋକସଭା ନିର୍ବାଚନ ହେବା ପର୍ଯ୍ୟନ୍ତ ସେ ଅଧ୍ୟକ୍ଷ ପଦରେ ରହିବେ । ଜାନୁଆରୀ ୧୫ ପରେ ପାର୍ଟିର ସବୁ ରାଜ୍ୟ ସଭାପତିଙ୍କୁ ନିର୍ବାଚନ ପ୍ରକ୍ରିୟାରେ ଅଂଶଗ୍ରହଣ କରିବାକୁ ଡକାଇବ । ଦେଶର ଅର୍ଦ୍ଧାଧିକ ରାଜ୍ୟରେ ରାଜ୍ୟ ସଭାପତିଙ୍କୁ ନିର୍ବାଚିତ କରାଯାଇଛି । ୩୭ଟି ରାଜ୍ୟ ୟୁନିଟରୁ ୨୯ଟିରେ ଅନ୍ତରୀଣ ନିର୍ବାଚନ ଶେଷ ହୋଇସାରିଛି । ନିତିନ ଏକମାତ୍ର ▶ପୃଷ୍ଠା-୭

### ୧୮ରୁ ନିର୍ବାଚନ ପ୍ରକ୍ରିୟା ଆରମ୍ଭ, ୨୦ରେ ଘୋଷଣା

## କଂଗ୍ରେସର ଅଡୁଆ ବଢ଼ାଇଲେ ଦିଗ୍‌ବିଜୟ

■ ନୂଆଦିଲ୍ଲୀ, ୨୭।୧୨ (ଏଜେନ୍ସି): ଆଜି ଏଠାରେ କଂଗ୍ରେସର ସର୍ବୋଚ୍ଚ ନୀତି ନିର୍ଦ୍ଧାରଣ ସଂସ୍ଥା ସିଡବ୍ଲ୍ୟୁସିର ବୈଠକ ଚାଲିଥିବା ବେଳେ ଦଳର ବରିଷ୍ଠ ନେତା ଦିଗବିଜୟ ସିଂହ ବିଜେପି ଏବଂ ଆରଏସଏସକୁ ପ୍ରଶଂସା କରି ପ୍ରଧାନମନ୍ତ୍ରୀ ନାରନ୍ଦ୍ର ମୋଦୀଙ୍କ ଫଟୋ ପୋଷ୍ଟ କରିଛନ୍ତି । ଏହାକୁ ନେଇ କଂଗ୍ରେସ ଆଜି ଅପ୍ରୀତିକର ପରିସ୍ଥିତିର ସମ୍ମୁଖୀନ ହୋଇଛି । କଂଗ୍ରେସ କାର୍ଯ୍ୟକାରିଣୀ ବୈଠକରେ ମଧ୍ୟ ଦିଗବିଜୟ ଆଜି ଏହି ପ୍ରସଙ୍ଗ ଉଠାଇବାକୁ ଉଦ୍ୟମ କରିଥିଲେ । କିନ୍ତୁ ଦଳୀୟ ସଭାପତି ଖଡ଼ଗେ ଏବଂ ଅନ୍ୟ ନେତାମାନେ ତାଙ୍କୁ ଅଟକାଇଥିଲେ । ପୂର୍ବରୁ ମୋଦୀଙ୍କୁ ପ୍ରଶଂସା କରି କଂଗ୍ରେସ ସାଂସଦ ଶଶୀ ଥରୁର ତାଙ୍କ ଦଳକୁ ଅଡୁଆରେ ପକାଇଥିବା ବେଳେ ସାମାଜିକ ଗଣମାଧ୍ୟମରେ ଦିଗବିଜୟଙ୍କ ଏଭଳି ପୋଷ୍ଟିଂ କଂଗ୍ରେସ ଭିତରେ ଚାଲିଥିବା ଆଭ୍ୟନ୍ତରୀଣ କନ୍ଦଳକୁ ପଦାରେ ପକାଇଦେଇଛି ।



### ବିଜେପି-ଆର୍‌ଏସ୍‌ଏସ୍‌କୁ ପ୍ରଶଂସା କରି ସିଡବ୍ଲ୍ୟୁସି ବୈଠକରେ ଅପଦସ୍ଥ

କଂଗ୍ରେସ କାର୍ଯ୍ୟକାରିଣୀ ବୈଠକ ଚାଲିଥିବା ବେଳେ ଦିଗବିଜୟ ସିଂହ ଆଜି ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ମୋଦୀଙ୍କ ଏକ ଫଟୋ ପୋଷ୍ଟ କରିବା ସହିତ ବିଜେପି ଏବଂ ଆର୍‌ଏସ୍‌ଏସ୍‌ର ସାଂଗଠନିକ ଦକ୍ଷତାର ପ୍ରଶଂସା କରିଥିଲେ । ୧୯୯୬ରେ ନିଆଯାଇଥିବା ଏହି ଫଟୋରେ ବିଜେପି ନେତା ଆଡ଼ଭାନୀ ଚୌକିରେ ବସିଥିବା ବେଳେ ତାଙ୍କ ସାମନାରେ ତଳେ ବସିଛନ୍ତି ମୋଦୀ । ଶଙ୍କର ସିଂହ ବାଘେଲା ଗୁଜରାଟ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଉତ୍ସବର ଥିଲା ଏହି ଫେଟୋ । ଏହି ଫଟୋକୁ ଚମତ୍କାର ଦର୍ଶାଇ ଦିଗବିଜୟ ଲେଖିଛନ୍ତି ଯେ ବିଜେପି ଓ ସଂଘର ଜଣେ ସାଧାରଣ କାର୍ଯ୍ୟକର୍ତ୍ତା ଯିଏକି ଆଡ଼ଭାନୀଙ୍କ ପାଦ ପାଖରେ ବସିଥିଲେ, ଆଜି ସେ ଦେଶର ପ୍ରଧାନମନ୍ତ୍ରୀ ହୋଇପାରିଛନ୍ତି । ଏହା ହେଉଛି ସଂଗଠନର ଶକ୍ତି । ଏହାକୁ ପୋଷ୍ଟ କରିବା ସହିତ ଏଥିରେ କଂଗ୍ରେସ ସଭାପତି ଖଡ଼ଗେ, ସୋନିଆ ଏବଂ ରାହୁଲ ଗାନ୍ଧୀଙ୍କୁ ଟାଗ୍ କରିଛନ୍ତି ଦିଗବିଜୟ । ତାଙ୍କର ଏହି ପୋଷ୍ଟ କଂଗ୍ରେସ ରାଜନୀତିରେ କଂପନ ସୃଷ୍ଟି କରିଛି । ଏହାକୁ ନେଇ କଂଗ୍ରେସ ନେତାମାନେ ନିରବ ରହିଥିବା ବେଳେ ବିଜେପି କଂଗ୍ରେସ ନେତା ▶ପୃଷ୍ଠା-୭

### ସୀମାନ୍ତରେ ମାଓବାଦୀଙ୍କ ବର୍ବର କାଣ୍ଡ

## ଆତ୍ମସମର୍ପଣକାରୀ ମାଓବାଦୀଙ୍କୁ ହତ୍ୟା

■ ମାଲକାନଗିରି, ୨୭ ।୧୨ (ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲ୍ଲାରେ ମାଓବାଦୀଙ୍କ ପୁଣି ବର୍ବରକାଣ୍ଡ ଦେଖିବାକୁ ମିଳିଛି । ଜଣେ ଆତ୍ମସମର୍ପଣ କରିଥିବା ପୂର୍ବତନ ମାଓବାଦୀଙ୍କୁ ଏକ ଧାରୁଆ ଅସ୍ତ୍ରରେ ହାଣି ହତ୍ୟା କରିଛନ୍ତି ମାଓବାଦୀ । ଯୁବକଙ୍କ ମୁଣ୍ଡ, ମୁହଁ ଏବଂ ଆଖିରେ ଗଭୀର ଆଘାତ ଲାଗିଥିବା ବେଳେ ଅତ୍ୟଧିକ ରକ୍ତସ୍ରାବ ଯୋଗୁଁ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି । ଘଟଣାଟି ପାମେଡ ଥାନା ଅଞ୍ଚଳରେ ଘଟିଛି । ମୃତକ ହେଲେ, ପୁନେମ ବୁଦରା । ସେ ୨୦୨୨ମସିହାରେ ମାଓ ସଂଗଠନ ଛାଡି ସୁକୁମା ଜିଲ୍ଲା ପୁଲିସ ନିକଟରେ ଆତ୍ମସମର୍ପଣ କରିଥିଲେ । ତେବେ ଏହାପରେ ସେ ପାମେଡ ଥାନା ଅଞ୍ଚଳରେ ନିଜ ଘରେ ରହିଆସୁଥିଲେ । ନିଜ ଘରେ ଶୋଇଥିବା ବେଳେ କିଛି ସଶସ୍ତ୍ର ମାଓବାଦୀ ଆସି ତାଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରି ହତ୍ୟା କରିଥିଲେ । ପୁନେମ ପୁଲିସ ସୂଚନାଦାତା ଭାବେ କାର୍ଯ୍ୟ କରୁଥିବା ଅଭିଯୋଗ କରି ମାଓବାଦୀମାନେ ଏହି ହତ୍ୟା କାଣ୍ଡ କରିଥିବା ଜଣାପଡ଼ିଛି । ଏହାପରେ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଛି । ଅଞ୍ଚଳରେ ପୁଲିସ ପକ୍ଷରୁ ତଲାସି ଅଭିଯାନ ଆରମ୍ଭ କରାଯାଇଛି । ପୁଲିସ ଘଟଣାର ତଦନ୍ତ ଜାରି ରଖିଛି । ପ୍ରକାଶ ଯେ, ଏହି ଘଟଣାକୁ ମିଶାଇ ଗତ ଏକ ସପ୍ତାହ ମଧ୍ୟରେ ଦୁଇଜଣଙ୍କୁ ମାଓବାଦୀମାନେ ହତ୍ୟା କରିଛନ୍ତି ।



## ସଶକ୍ତ ସଂଗଠନ ପାଇଁ ନବୀନ ଆଙ୍କିଲେ ରୋଡ୍‌ମ୍ୟାପ୍

### ପ୍ରଥମ ପର୍ଯ୍ୟାୟରେ ବିଜେଡିର ୧୧ ଜିଲ୍ଲା କମିଟି ପୁନର୍ଗଠିତ

■ ଭୁବନେଶ୍ୱର, ୨୭।୧୨ (ସମିସ): ଦଳର ପ୍ରତିଷ୍ଠା ଦିବସ ଉଦ୍‌ବୋଧନରେ ସଂଗଠନକୁ ନେଇ ବଡ଼ ସଙ୍କେତ ଦେଇଥିଲେ ବିଜୁ ଜନତା ଦଳର ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ଆଜି କିମ୍ବା କାଲି ନୁହେଁ; ଆସନ୍ତା ୧୦୦ ବର୍ଷ ଯାଏଁ ବିଜେଡିର ପ୍ରତିଟି କାର୍ଯ୍ୟକର୍ତ୍ତା ଓଡ଼ିଶାବାସୀଙ୍କ ସ୍ୱର ହୋଇ ରାଜ୍ୟର ସ୍ୱାର୍ଥ ପାଇଁ କାମ କରିବେ ବୋଲି ନବୀନ ଦମ୍ଭୋକ୍ତି ପ୍ରକାଶ କରିଥିଲେ । ନବୀନଙ୍କ ଗତକାଲିର ଭାଷଣରୁ ଦଳର ସାଂଗଠନିକ ବିନ୍ୟାସ ତଥା ସଂସ୍କାରକୁ ନେଇ ସ୍ପଷ୍ଟ ସୂଚନା ମିଳିଥିବା ବେଳେ ମାତ୍ର ଗୋଟିଏ ଦିନ ମଧ୍ୟରେ ଏହାର ପ୍ରତିଫଳନ ଦେଖିବାକୁ ମିଳିଛି । ତୃଣମୂଳ ସ୍ତରରେ ସଂଗଠନକୁ ମଜଭୂତ କରି ପଞ୍ଚାୟତ ଏବଂ ପୌର ନିର୍ବାଚନରେ ଦଳକୁ ପୁଣିଥରେ ଏକ ନମ୍ବର କରିବା ପାଇଁ ନବୀନ ନିଜେ ରୋଡମ୍ୟାପ୍ ପ୍ରସ୍ତୁତ କରିଛନ୍ତି ।

ଶନିବାର ନବୀନ ପ୍ରାଥମିକ ପର୍ଯ୍ୟାୟରେ ୧୧ଟି ଜିଲ୍ଲାରେ ନୂଆ ଜିଲ୍ଲା କମିଟି ଗଠନ କରିଛନ୍ତି । ଦଳର କାର୍ଯ୍ୟକ୍ରମ, ସରକାରଙ୍କ ବିଫଳତାକୁ ତୃଣମୂଳ ସ୍ତରରେ ପ୍ରତିଟି ଲୋକଙ୍କ ପାଖରେ ଏହି ନୂଆ କମିଟିର ସଦସ୍ୟମାନେ ପହଞ୍ଚାଇବେ ବୋଲି ଦଳ ପକ୍ଷରୁ କୁହାଯାଇଛି । ତୃଣମୂଳସ୍ତରରେ ସାଂଗଠନିକ ପୁନର୍ବିନ୍ୟାସ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା ବେଳେ ଆଗାମୀ ଦିନରେ ପଞ୍ଚାୟତରୁ ଶଙ୍ଖ ଭବନ ଯାଏଁ ଏକାଧିକ ନୂଆ କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ଦଳର ବରିଷ୍ଠ ନେତାଙ୍କ ପକ୍ଷରୁ ସୂଚନା ମିଳିଛି ।

ଶନିବାର ଯେଉଁ ୧୧ଟି ଜିଲ୍ଲାରେ ଜିଲ୍ଲା କମିଟିଗୁଡ଼ିକର ପୁନର୍ଗଠନ କରାଯାଇଛି, ସେଗୁଡ଼ିକ ମଧ୍ୟରେ ବୌଦ୍ଧ, କନ୍ଧମାଳ, ଦେବଗଡ, ଗଜପତି, କେନ୍ଦୁଝର, ଅନୁଗୋଳ, ମାଲକାନଗିରି, ସୁନ୍ଦରଗଡ଼, ଝାରସୁଗୁଡ଼ା, କଳାହାଣ୍ଡି ଓ ସୋନପୁର ଅନ୍ୟତମ । ଏହି ଜିଲ୍ଲା କମିଟିଗୁଡ଼ିକରେ ଉପସଭାପତି, ସାଧାରଣ ସମ୍ପାଦକ, ସମ୍ପାଦକ ଓ କୋଷାଧ୍ୟକ୍ଷଙ୍କୁ ନବୀନ ନୂଆକରି ନିଯୁକ୍ତି ପ୍ରଦାନ କରିଛନ୍ତି । ଖୁବ୍‌ଶୀଘ୍ର ଅବଶିଷ୍ଟ ଜିଲ୍ଲାରେ କମିଟିର ପୁନର୍ଗଠନ କରାଯିବ ବୋଲି ଦଳୀୟ ସୂତ୍ରରୁ ଜଣାପଡ଼ିଛି ।

### ଆଗକୁ ବ୍ଲକ ଓ ପଞ୍ଚାୟତ ସଂଗଠନର ପାଳି

### ନଜରରେ ରହିବ ପୌର ଓ ପଞ୍ଚାୟତ ନିର୍ବାଚନ



ପ୍ରତିଷ୍ଠା ଦିବସ ଅଭିଭାଷଣରେ ନବୀନ ମୁଖ୍ୟତଃ ୩ଟି ଦିଗକୁ ଇଙ୍ଗିତ କରିଥିଲେ । ଦୃଢ଼ ସଂଗଠନ ମାଧ୍ୟମରେ ବିରୋଧୀଙ୍କ ପ୍ରତିଟି 'ନେରେଟିଭ୍'ର ଉପଯୁକ୍ତ ମୁକାବିଲା ଏବଂ ରାଜ୍ୟ ସରାକାରଙ୍କ ବିଫଳତାକୁ ଲୋକଲୋଚନକୁ ▶ପୃଷ୍ଠା-୭

# ଆସାମରେ ୧୦.୫୬ ଲକ୍ଷ ଭୋଟରଙ୍କ ନାମ କଟିଲା

ଗୌହାଟୀ, ୨୭ ।୧୨(ଏଜେନ୍ସି): ଆସାମରେ ବିଧାନସଭା ନିର୍ବାଚନ ପୂର୍ବରୁ ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ ପ୍ରକ୍ରିୟା (ଏସଆଇଆର) ଶେଷ ହୋଇଛି । ଭୋଟର ତାଲିକାରୁ ୧୦, ୫୬, ୨୯୧ ଜଣଙ୍କ ନାମ ବାଦ୍ ଦିଆଯାଇଛି । ନିର୍ବାଚନ କମିଶନ ସ୍ୱତନ୍ତ୍ର ସଂଶୋଧନ ନାମରେ ଆସାମରେ ଭୋଟର ତାଲିକା ଯାଞ୍ଚ ପ୍ରକ୍ରିୟା ଆରମ୍ଭ କରିଥିଲେ । ଶନିବାର ପ୍ରକାଶିତ ଡ୍ରାଫ୍ଟ ତାଲିକା ଅନୁଯାୟୀ ଆସାମରେ ମୋଟ୍ ୨ କୋଟି ୫୧ ଲକ୍ଷ ୯ ହଜରା ୭୫୪ ଭୋଟର ଅଛନ୍ତି । ତେବେ ବାଦ୍ ପଡ଼ିଥିବା ଭୋଟରଙ୍କ ମଧ୍ୟରେ ୯୩ହଜାରରୁ ଅଧିକ ଡି ଭୋଟର ଅର୍ଥାତ ସନ୍ଦିଗ୍ଧ ଭୋଟର ଏଥିରେ ଅନ୍ତର୍ଭୁକ୍ତ ନୁହନ୍ତି । ମୃତ୍ୟୁ, ସ୍ଥାନାନ୍ତର ଓ ନକଲି ଏଣ୍ଟ୍ରି ପାଇଁ ୧୦.୫୬ ଲୋକଙ୍କ ଭୋଟରଙ୍କୁ ତାଲିକାରୁ ହଟାଯାଇଛି । ଆସାମରେ ଏହି ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ନଭେମ୍ବର ୨୨ରୁ ଡିସେମ୍ବର ୨୦ ମଧ୍ୟରେ କରାଯାଇଥିଲା । ଏହି ଅବସରରେ ଘରେ ଘରେ ଯାଇ ଯାଞ୍ଚ କରାଯାଇଥିଲା ଓ ଏହାପରେ ଡ୍ରାଫ୍ଟ ଭୋଟର ତାଲିକା ଜାରି କରାଯାଇଛି । ଜାନୁଆରୀ ୨୨ ପର୍ଯ୍ୟନ୍ତ ଭୋଟର ନିଜର ଦାବି ଓ ଆପତ୍ତି ଦାଖଲ କରିପାରିବେ । ଚୂଡାନ୍ତ ଭୋଟର ତାଲିକା ଫେବୃଆରୀ ୧୦ରେ ପ୍ରକାଶିତ ହେବ । ଉଲ୍ଲେଖଥାଉ କି, ଯେଉଁମାନଙ୍କ ନାଗରିକାତା ଉପରେ ସନ୍ଦେହ ଥାଏ, ସେମାନଙ୍କୁ ଡି- ଭୋଟର କୁହାଯାଇଥାଏ ଓ ଏମାନଙ୍କ ଉପରେ ସରକାର ସନ୍ଦେହ ପ୍ରକଟ କରିଥାନ୍ତି ଓ ଏମାନଙ୍କୁ ଭୋଟ୍ ଦେବାକୁ ଅନୁମତି ଦିଆଯାଏ ନାହିଁ ।

# ଟ୍ରମ୍ପ- ଜେଲେଁସ୍କି ବୈଠକ ପୂର୍ବରୁ କିଭ୍‌ରେ ରୁଷିଆର ଆକ୍ରମଣ

କିଭ୍, ୨୭ ।୧୨(ଏଜେନ୍ସି): ରୁଷିଆ- ୟୁକ୍ରେନ ମଧ୍ୟରେ ଚାଲିଥିବା ଯୁଦ୍ଧ ୪ ବର୍ଷ ପୂରଣ କରିଥିଲେ ମଧ୍ୟ ବନ୍ଦ ହେବାର ନାମ ନେଉନାହିଁ । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ୟୁକ୍ରେନ ରାଷ୍ଟ୍ରପତି ଭୋଲୋଦିମିର ଜେଲେଁସ୍କିଙ୍କ ବୈଠକର ଠିକ୍ ପୂର୍ବରୁ ହିଁ ରୁଷିଆ ୟୁକ୍ରେନ ରାଜଧାନୀ କିଭ୍ ଉପରେ ଆକ୍ରମଣ କରିଛି । ରବିବାର ଫ୍ଲୋରିଡାରେ ଦୁଇ ନେତାଙ୍କ ମଧ୍ୟରେ ଆଲୋଚନା ହେବାର କାର୍ଯ୍ୟକ୍ରମ ରହିଛି । ଏହି ବୈଠକରେ ୟୁକ୍ରେନ ଯୁଦ୍ଧ ବନ୍ଦ କରିବା ନେଇ ଆଲୋଚନା ହେବାର କାର୍ଯ୍ୟକ୍ରମ ରହିଛି । ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଏହି ଯୁଦ୍ଧ ସବୁଠାରୁ ଘାତକ ସାବ୍ୟସ୍ତ ହୋଇଛି । ରୁଷିଆ ଶନିବାର ସକାଳେ ୫୦୦ ଡ୍ରୋନ୍ ଓ ୪୦ ବାଲାଷ୍ଟିକ ମିସାଇଲ ସହ ଆକ୍ରମଣ କରିବା ସହ ଶକ୍ତି ଓ ନାଗରିକ ଭିତ୍ତିଭୂମିକୁ ଟାର୍ଗେଟ କରିଛି ବୋଲି ଜେଲେଁସ୍କି କହିଛନ୍ତି । ଯଦି ରୁଷିଆ ଖ୍ରୀଷ୍ଟମାସ୍ ଓ ନୂଆବର୍ଷର ସମୟରେ ଆକ୍ରମଣ କରି ଘର ଓ ଆପାର୍ଟମେଣ୍ଟଗୁଡିକୁ ଧ୍ୱଂସ କରେ ତେବେ ଏହାର ଦୃଢ ଜବାବ ଦିଆଯିବ ବୋଲି ସେ କହିଛନ୍ତି । ରୁଷିଆର ଏହି ଆକ୍ରମଣରେ ୮ ଜଣ ଲୋକ ଆହତ ହୋଇଛନ୍ତି । କିଭ୍‌ରେ ହୋଇଥିବା ଆକ୍ରମଣରେ କେହି ମୃତାହତ ହୋଇ ନଥିଲେ ମଧ୍ୟ ଭିତ୍ତିଭୂମି କ୍ଷତିଗ୍ରସ୍ତ ହୋଇଛି । ୧୮ ମହଲା କୋଠାରେ ନିଆଁ ଲାଗିଯାଇଛଇ ।

# ଜାନୁଆରୀ ୧ ନୂଆ ବର୍ଷକୁ ଛୁଟି ଘୋଷଣା କଲା ବାହାରିନ୍

ମାନାମା, ୨୭ ।୧୨(ଏଜେନ୍ସି): ପଶ୍ଚିମ ଏସିଆର ଦୀପ ଦେଶ ବାହାରିନ୍ ନୂଆ ବର୍ଷ ୨୦୨୬ ଜାନୁଆରୀ ପହିଲାକୁ ଛୁଟି ଘୋଷଣା କରିଛି । ଫଳରେ ଦେଶରେ ସବୁ ସରକାରୀ ବିଭାଗର କାର୍ଯ୍ୟାଳୟ ଓ ଶିକ୍ଷାନୁଷ୍ଠାନ ସେଦିନ ବନ୍ଦ ରହିବା ସ୍ପଷ୍ଟ ହୋଇଛି । ରାଜକୁମାର ସଲମାନ ବିନ୍ ହମାଦ ଅଲ ଖଲିଫା ଓ ପ୍ରଧାନମନ୍ତ୍ରୀ ଏ ନେଇ ଆନୁଷ୍ଠାନିକ ଭାବେ ନିର୍ଦ୍ଦେଶନାମା ଜାରି କରିଛନ୍ତି । ଏହି ନିର୍ଦ୍ଦେଶନାମା ଅନୁଯାୟୀ ଦେଶର ସବୁ ମନ୍ତ୍ରଣାଳୟ, ରାଜ୍ୟ ବିଭାଗ ଏବଂ ସାର୍ବଜନୀନ ପ୍ରତିଷ୍ଠାନଗୁଡିକ ଜାନୁଆରୀ ପହିଲାରେ ବନ୍ଦ ରହିବ ବୋଲି କୁହାଯାଇଛି । ଫଳରେ ସରକାରୀ କର୍ମଚାରୀ ଓ ନାଗରିକମାନେ ନୂଆବର୍ଷରେ ନିଜର ଯୋଜନା ଅନୁଯାୟୀ ଉତ୍ସବ ପାଳନ କରିପାରିବେ । ବାହରିନର ପରମ୍ପରା ସହିତ ଏହି ଛୁଟି ଘୋଷଣା ମେଳ ଖାଉଛି । ଛୁଟିଦିନ ସହ ନୂଆବର୍ଷ ଆରମ୍ଭ ହେବ ଓ ସମସ୍ତେ ନୂଆବର୍ଷକୁ ନୂତନ ଉଲ୍ଲାସ ଓ ଉତ୍ସାହର ସହ କାମ କରିବେ ।

# ଅସ୍ତ୍ରବିରତି ପାଇଁ ରାଜିହେଲେ ଥାଇଲାଣ୍ଡ- କାମ୍ବୋଡିଆ

ବ୍ୟାଙ୍କକ୍, ୨୭ ।୧୨(ଏଜେନ୍ସି): ଗତ କେତେ ସପ୍ତାହ ଧରି ସଂଘର୍ଷରେ ଲିପ୍ତ ଥିବା ଦୁଇ ଦକ୍ଷିଣପୂର୍ବ ଏସୀୟ ଦେଶ ଥାଇଲାଣ୍ଡ ଓ କାମ୍ବୋଡିଆ ଶେଷରେ ଅସ୍ତ୍ରବିରତି ପାଇଁ ରାଜି ହୋଇଛନ୍ତି । ଅବଶ୍ୟ ଦୁଇଦେଶ ମଧ୍ୟରେ ବର୍ଷ ବର୍ଷ ଧରି ଚାଲି ଆସୁଥିବା ଏହି ଯୁଦ୍ଧରେ ଲଢୁଆ ଜେଟ୍, ରକେଟ, ଗୁଳି ବିନିମୟ ଓ ତୋପ ମାଡ ଦେଖିବାକୁ ମିଳିଥିଲା । ଦୁଇ ଦେଶ ବର୍ତ୍ତମାନର ସୈନ୍ୟ ମୁତୟନକୁ ବଜାୟ ରଖିବାକୁ ଓ ଆଉ ଅଧିକ ଗତିବିଧି ନ କରିବାକୁ ରାଜି ହୋଇଛନ୍ତି । ଏ ନେଇ ଦୁଇ ଦେଶର ପ୍ରତିରକ୍ଷା ମନ୍ତ୍ରୀମାନେ ଯୁଦ୍ଧବିରତି ଉପରେ ଏକ ମିଳିତ ବିବୃତ୍ତି ଦେଇଛନ୍ତି । ଉଲ୍ଲେଖଥାଉ କି, ଚଳିତ ଡିସେମ୍ବର ଆରମ୍ଭରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ମାଲେସିଆ ପ୍ରଧାନମନ୍ତ୍ରୀ ଅନୱର ଇବ୍ରାହିମ୍ ପୂର୍ବରୁ ହୋଇଥିବା ଯୁଦ୍ଧକୁ ବନ୍ଦ କରିବାକୁ ମଧ୍ୟସ୍ଥତା କରିଥିଲେ ଓ ଅସ୍ତ୍ରବିରତି ହୋଇଥିଲା । କିନ୍ତୁ ଏହାପରେ ପୁଣି ଯୁଦ୍ଧ ଆରମ୍ଭ ହୋଇଥିଲା । ପ୍ରାୟ ଏକ ଶତାବ୍ଦୀରୁ ଅଧିକ ସମୟ ହେବ ଏହି ଦୁଇ ଦେଶ ମଧ୍ୟରେ ୮୧୭ କିମି ବିଶିଷ୍ଟ ସ୍ଥଳ ସୀମା ନେଇ ଏକାଧିକ ସଂଘର୍ଷର ସୂତ୍ରପାତ ହୋଇଛି ।

# ୫ ବର୍ଷ ପରେ ମ୍ୟାଁମାରରେ ହେବ ସାଧାରଣ ନିର୍ବାଚନ

ନେପିଡ, ୨୭ ।୧୨(ଏଜେନ୍ସି): ଗୃହଯୁଦ୍ଧ ଜର୍ଜରିତ ମ୍ୟାଁମାରରେ ଡିସେମ୍ବର ୨୮ ରେ ସାଧାରଣ ନିର୍ବାଚନ ହେବାକୁ ଯାଉଛି । ପାଖାପାଖି ୫ ବର୍ଷ ପରେ ସାଧାରଣ ନିର୍ବାଚନ ହେବାକୁ ଯାଉଛି । ଏହାପରେ ଜାନୁଆରୀ ୧୧ ଓ ୨୫ରେ ବାକି ଆଗାମୀ ପର୍ଯ୍ୟାୟରେ ମତଦାନ ହେବ । ୨୮ ଓ ୧୧ ତାରିଖ ନିର୍ବାଚନରେ ୨୦୨ ଆସନରେ ମତଦାନ ହେବ । ସେହିପରି ୨୫ ତାରିଖରେ ହେବାକୁ ଥିବା ଚୂଡାନ୍ତ ପର୍ଯ୍ୟାୟରେ ୬୩ ଟାଉନସିପ୍‌ରେ ମତଦାନ ହେବ ବୋଲି ସାମରିକ ସରକାରଙ୍କ ତରଫରୁ ସୂଚନା ଦିଆଯାଇଛି । ମୋଟ୍ ଉପରେ ୫୭ ରାଜନୈତିକ ଦଳ ସେମାନଙ୍କ ପ୍ରାର୍ଥୀଙ୍କୁ ଛିଡ଼ା କରିବେ । କିନ୍ତୁ ଅଧିକାଂଶ ଦଳ ନିଜର ଘରୋଇ ରାଜ୍ୟରେ ହିଁ ପ୍ରାର୍ଥୀ ଦେବେ । ତେବେ ୬ଟି ଦଳ ଦେଶ ବ୍ୟାପୀ ନିର୍ବାଚନରେ ଅବତୀର୍ଣ୍ଣ ହେବେ । ଭୋଟ ଗଣନା ଓ ନିର୍ବଚନ ଫଳାଫଳର ତାରିଖ ଘୋଷଣା କରାଯାଇନାହିଁ । ଏଥର ସେନା ସମର୍ଥକ ୟୁଏସ୍‌ଡିପି ପାର୍ଟି ହିଁ ସରକାର ଗଠନ କରବାର ସମ୍ଭାବନା ଅଧିକ ରହିଛି । ୧, ୧୦୦ ଆସନ ପାଇଁ ୫, ୦୦୦ ପ୍ରାର୍ଥୀ ନିର୍ବାଚନରେ ଅବତୀର୍ଣ୍ଣ ହେବେ । କିନ୍ତୁ ଦେଶର ପ୍ରମୁଖ ରାଜେନୈତିକ ନେତା ଆଙ୍ଗ ସା ସୁକି ଓ ତାଙ୍କ ଦଳ ନିର୍ବାଚନରେ ଭାଗ ନେବେ ନାହିଁ । ସୁକି ଏବେ ୨୭ ବର୍ଷର ଜେଲଦଣ୍ଡ ଭୋଗୁଛନ୍ତି ।

# ଆମେରିକାରେ ତୁଷାରଝଡ଼
# ଡେଭିଲ୍ ସାଜିଲା 'ଡେଭିନ୍'





ନ୍ୟୁୟର୍କ, ୨୭ ।୧୨(ଏଜେନ୍ସି): ଆମେରିକାରେ ଶୀତକାଳୀନ ତୁଷାର ଝଡ଼ ଡେଭିନ୍ ନାହିଁ ନଥିବା ସ୍ଥିତି ସୃଷ୍ଟିକରିଛି । ଫଳରେ ଖ୍ରୀଷ୍ଟମାସ ଓ ନୂଆବର୍ଷର ଛୁଟିଦିନର ଯାତ୍ରାକୁ ଏହି ଝଡ଼ ସାଂଘାତିକ ଭାବେ ବାଧାପ୍ରାପ୍ତ କରିଛି । ଫ୍ଲାଇଟ୍ ଟ୍ରାକିଂ ୱେବସାଇଟ୍ ଫ୍ଲାଇଟ୍ ଆୱେର ଅନୁସାରେ ଶୁକ୍ରବାର ସନ୍ଧ୍ୟା ପର୍ଯ୍ୟନ୍ତ ୧, ୮୦୨ ବିମାନ ବାତିଲ କରାଯାଇଥିଲା ଓ ୨୨, ୩୪୯ଟି ବିମାନ ବିଳମ୍ବିତ ହୋଇଥିଲା । କେବଳ ନ୍ୟୁୟର୍କ ବିମାନ ବନ୍ଦରରେ ୭୮୫ ବିମାନ ବାତିଲ ହୋଇଛି । ଏହି ସମୟ ହେଉଛି ଛୁଟିଦିନର ସବୁଠାରୁ ବଡ଼ ଋତୁ । ପାର୍ବଣର ଏହି ଋତୁରେ ରେକର୍ଡ ସଂଖ୍ୟକ ଆମେରିକୀୟ ଘରକୁ ଓ ବିଦେଶ ମଧ୍ୟ ଯାତ୍ରା କରିଥାନ୍ତି । ଏଥିପାଇଁ ଏକାଧିକ

- ୧୮୦୨ ବିମାନ ବାତିଲ
- ୨୨ ହଜାର ବିଳମ୍ବିତ
- ବହୁ ଏୟାରଲାଇନ୍ସ ଠପ୍

ଏୟାର ଲାଇନ୍ସ ପ୍ରଭାବିତ ଯାତ୍ରୀଙ୍କ ପାଇଁ ପରିବର୍ତ୍ତନ ଶୁଳ୍କ ଛାଡ଼ କରିଛନ୍ତି ଓ ପୁନଃ ବୁକିଂ ସହାୟତା ପ୍ରଦାନ କରୁଛନ୍ତି । ଯାତ୍ରୀମାନଙ୍କୁ ବିମାନ ସ୍ଥିତି ଯାଞ୍ଚ କରିବାକୁ ଓ ଅତିରିକ୍ତ ସମୟ ଦେବାକୁ କୁହାଯାଇଛି । ଏହି ଝଡ଼ ଡେଭିନ୍ ଯୋଗୁଁ ରାସ୍ତା ଓ ସଡ଼କ ଯାତ୍ରା ବିପଦପୂର୍ଣ୍ଣ ହୋଇଛି । ଅନେକ ଅଞ୍ଚଳରେ ବାଣିଜ୍ୟିକ ଓ ଯାନବାହାନ ଉପରେ କଟକଣା ଲାଗୁ କରାଯାଇଛି । ଝଡ଼ ଆହୁରି ତୀବ୍ର ହେବା ଆଶଙ୍କା କରାଯାଉଛି । ଜାତୀୟ ପାଣିପାଗ ସେବା ଶୀତକାଳୀନ ଝଡ଼ ଡେଭିନ୍ ନେଇ ଚେତାବନୀ ଜାରି କରିଛି । ଆଗକୁ ଗ୍ରେଟ ହ୍ରଦ, ଉତ୍ତର- ମଧ୍ୟ ଆଟଲାଣ୍ଟିକ ଓ ଦକ୍ଷିଣ ନ୍ୟୁ ଇଂଲଣ୍ଡରେ ଯାତ୍ରା ବିପଦପୂର୍ଣ୍ଣ ହେବ ବୋଲି କୁହାଯାଇଛି ।

**କୁହୁଡି ଯୋଗୁଁ ଜାପାନରେ ସିରିଜ୍ ଦୁର୍ଘଟଣା**

ଟୋକିଓ: ଜାପାନର ଗୁମ୍ମା ରାଜ୍ୟର ମିନାକାମୀ ସହରରେ କାନ୍-ଏତସୁ ଏକ୍ସପ୍ରେସ ୱେରେ ଶୁକ୍ରବାର ବିଳମ୍ବିତ ରାତିରେ ତୁଷାରପାତ ଓ ଘନ କୁହୁଡି ଯୋଗୁଁ ବଡ଼ ସଡ଼କ ଦୁର୍ଘଟଣା ଘଟିଛି । ଦୃଶ୍ୟମାନ କମ୍ ହେବା କାରଣରୁ ଦୁଇଟି ଟ୍ରକ୍ ପରସ୍ପରକୁ ଧକ୍କା ଦେଇଥିଲେ । ଫଳରେ ଏକ୍ସପ୍ରେସ ୱେର ଏକ ଅଂଶକୁ ଏହି ଦୁର୍ଘଟଣା ଅବରୋଧ କରିଥିଲା । କିନ୍ତୁ ସଡ଼କରେ ବରଫ ପଡ଼ିଥିବା କାରଣରୁ ପଛରୁ ଆସୁଥିବା ଗାଡିଗୁଡିକ ଠିକ୍ ସମୟରେ ବ୍ରେକ୍ ଲଗାଇପାରି ନଥିଲେ । ଫଳରେ ୫୦ରୁ ଅଧିକ ଗାଡ଼ି ପରସ୍ପରକୁ ଧକ୍କା ଦେଇଥିଲେ ଓ ସିରିଜ ଦୁର୍ଘଟଣା ହୋଇଥିଲା । ଏହି କାରଣରୁ କେତୋଟି ଗାଡ଼ିରେ ନିଆଁ ଲାଗିଯାଇଥିଲା । ଏଥିରେ ଜଣେ ୭୭ ବର୍ଷୀୟା ମହିଳା ମୃତ୍ୟୁବରଣ କରିଥିବା ବେଳେ ଅନ୍ୟ ୨୬ ଜଣ ଆହତ ହୋଇଛନ୍ତି । ଦୁର୍ଘଟଣା ସମୟରେ ବର୍ଷ ଶେଷ ଓ ନୂଆବର୍ଷ ଛୁଟି କାରଣରୁ ପ୍ରବଳ ଟ୍ରାଫିକ ଜାମ୍ ଦେଖିବାକୁ ମିଳିଥିଲା । ଏଥିରେ ଡଜନେରୁ ଅଧିକ ସଂଖ୍ୟକ ଗାଡ଼ି ଜଳି ପାଉଁଶ ହୋଇଯାଇଛି ।

# ନୂଆବର୍ଷ ପୂର୍ବରୁ ଦିଲ୍ଲୀରେ ଚଢ଼ଉ
## ଅସ୍ତ୍ରଶସ୍ତ୍ର, ଡ୍ରଗ୍ସ, ମଦ ଜବତ; ୬୦୦ ଗିରଫ

ନୂଆଦିଲ୍ଲୀ, ୨୭ ।୧୨(ଏଜେନ୍ସି): ଅପରାଧକୁ ନିୟନ୍ତ୍ରଣ କରିବା ପାଇଁ ଦିଲ୍ଲୀ ପୁଲିସର ଦକ୍ଷିଣପୂର୍ବ ଜିଲ୍ଲା ଟିମ୍ 'ଅପରେସନ ଆଘାତ ୩.୦' ଆରମ୍ଭ କରି ଶୁକ୍ରବାର ବିଳମ୍ବିତ ରାତିରେ ୬୦୦ ଜଣ ଅପରାଧୀଙ୍କୁ ଗିରଫ କରିଛି । ଏକ୍ସାଇଜ୍ ଆଇନ୍, ଏନ୍‌ପିଏସ୍ ଆଇନ୍ ଓ ଜୁଆ ଆଇନ୍ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ବୋଲି ଡେପୁଟି କମିଶନର ଅଫ ପୁଲିସ (ଡିସିପି) ହେମନ୍ତ ତିୱାରୀ କହିଛନ୍ତି । ଏହି ଗିରଫଦାରୀ ବ୍ୟତୀତ ୫୦୪ ଜଣଙ୍କ ବିରୋଧରେ ପ୍ରତିରୋଧମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ବେଳେ ଆଉ ୧୧୬ ଜଣ ଅପରାଧୀଙ୍କୁ ଗିରଫ କରାଯାଇଛି । ଏହି କାର୍ଯ୍ୟାନୁଷ୍ଠାନରେ ୧୦ ଜଣ



ପ୍ରପର୍ଟି ଅଫେଣ୍ଡର ଓ ୫ ଜଣ ଅଟୋ ଲିଫ୍ଟରଙ୍କୁ ମଧ୍ୟ ଗିରଫ କରାଯାଇଛି । ପୁଲିସ ଏହିକ୍ରମରେ ୨୧ଟି ଦେଶୀ ପିସ୍ତଲ, ୨୦ଟି ଜୀବନ୍ତ ଗୁଳି, ୨୭ଟି ଛୁରୀ ଜବତ କରିଛି । ସେହିପରି ୧୨,୨୮୫ ଲିଟର ବେଆଇନ୍ ମଦ, ୬.୦୧ ଗଞ୍ଜେଇ ଓ ୨,୩୦,୯୯୦ ନଗଦ ଟଙ୍କା ମଧ୍ୟ ଜବତ କରାଯାଇଛି । ଏଥିସହ ୩୧୦ ମୋବାଇଲ ଫୋନ, ୨୩୧ ଦୁଇଚକିଆ ଯାନ, ଗୋଟିଏ ୪ ଚକିଆ ଯାନ ମଧ୍ୟ ଅପରେସନରେ ଜବତ ହୋଇଛି । ୧,୩୦୬ ଜଣଙ୍କୁ ମଧ୍ୟ ପଚରାଉଚରା କରାଯାଇଛି । ଉଲ୍ଲେଖଥାଉ କି, ଅପରେସନ ଆଘାତ ହେଉଛି ଦିଲ୍ଲୀ ପୁଲିସ ଦ୍ୱାରା ଆରମ୍ଭ କରାଯାଇଥିବା ଏକ ସ୍ୱତନ୍ତ୍ର ପ୍ରବର୍ତ୍ତନ ଅଭିଯାନ । ଏହାର ମୂଳ ଲକ୍ଷ୍ୟ ହେଉଛି, ଦକ୍ଷିଣପୂର୍ବ ଦିଲ୍ଲୀରେ ସଂଗଠିତ ଅପରାଧ ଓ ଅଭ୍ୟାସଗତ ଅପରାଧୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା । ଏହି ଅଭିଯାନ ନିଶା କାରବାର, ବେଆଇନ ମଦ ବ୍ୟବସାୟ, ଜୁଆ ନେଟୱର୍କ, ଅସ୍ତ୍ରଶସ୍ତ୍ର ବହନ କରୁଥିବା ଅପରାଧୀଙ୍କୁ ନିୟନ୍ତ୍ରଣ କରିବା ଉଦ୍ଦେଶ୍ୟରେ ଆରମ୍ଭ କରାଯାଇଛି ।

# 'ମନରେଗା' ପାଇଁ ରାସ୍ତାକୁ ଓହ୍ଲାଇବ କଂଗ୍ରେସ

ନୂଆଦିଲ୍ଲୀ, ୨୭ ।୧୨(ଏଜେନ୍ସି): ମହାତ୍ମା ଗାନ୍ଧୀ ରାଷ୍ଟ୍ରୀୟ ଗ୍ରାମୀଣ ନିଶ୍ଚିତ ନିଯୁକ୍ତି ଯୋଜନା ବା ମନରେଗା ପାଇଁ ରାସ୍ତାକୁ ଓହ୍ଲାଇବ କଂଗ୍ରେସ । ଏହି ଯୋଜନାକୁ ଉଚ୍ଛେଦ କରି ଏହା ବଦଳରେ ଭିଜି ଜି-ରାମ-ଜି ଯୋଜନା ଆଣିଛନ୍ତି ମୋଦୀ ସରକାର । ପୁଣି ଏହି ଯୋଜନାରୁ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ନାମ ହଟାଇଦେଇଛନ୍ତି । ଏହାକୁ ନେଇ କଂଗ୍ରେସ ଉଦବେଗ ପ୍ରକାଶ କରିବା ସହିତ ଆସନ୍ତା ଜାନୁଆରୀ ୫ ତାରିଖରୁ ଦେଶବ୍ୟାପୀ ଆନ୍ଦୋଳନ କରିବାକୁ ଘୋଷଣା କରିଛି ।

ଆଜି ଏଠାରେ ଅନୁଷ୍ଠିତ କଂଗ୍ରେସର ସର୍ବୋଚ୍ଚ ନୀତି ନିର୍ଦ୍ଧାରଣ କମିଟି ସିବିଡବ୍ଲ୍ୟୁସି ବା କଂ।ଗ୍ରେସ କାର୍ଯ୍ୟକାରିଣୀ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି । ବୈଠକ ପରେ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ କହିଲେ ଯେ ମନରେଗା ଉଚ୍ଛେଦ କରି ମୋଦୀ ସରକାର ମହାତ୍ମା ଗାନ୍ଧୀଙ୍କୁ ଅପମାନ କରିଛନ୍ତି । ଏହା ବିରୋଧରେ ଦେଶବ୍ୟାପୀ ଆସନ୍ତା ୫ ତାରିଖରୁ ଆନ୍ଦୋଳନ କରିବାକୁ ବୈଠକରେ ଶପଥ ନିଆଯାଇଛି । ମନରେଗା ବଚାଓ ନାମରେ ଏହି ଆନ୍ଦୋଳନ କରାଯିବ ବୋଲି ସେ କହିଛନ୍ତି । ମନରେଗା ପାଇଁ ଆମେ ଯେକୌଣସି ମୂଲ୍ୟ ଦେବାକୁ ପ୍ରସ୍ତୁତ ଅଛୁ । ଏହା କେବଳ ଏକ ଯୋଜନା



ନୁହେଁ, ବରଂ ସମ୍ବିଧାନ ଦ୍ୱାରା ପ୍ରଦତ୍ତ ଶ୍ରମ ଅଧିକାର । ମନରେଗାରୁ ଗାନ୍ଧୀଙ୍କ ନାମ ହଟାଇବା ଲାଗି ହୋଇଥିବା ଷଡ଼ଯନ୍ତ୍ରର ଗଣତାନ୍ତ୍ରିକ ରୂପେ ବିରୋଧ କରାଯିବ ବୋଲି ସେ କହିଥିଲେ । ଏହି ଅବସରରେ ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀ କହିଲେ ଯେ ମନରେଗା ଉଚ୍ଛେଦ ପୂର୍ବରୁ କାହାରି ସହ କଥା ହୋଇ ନାହାନ୍ତି ପ୍ରଧାନମନ୍ତ୍ରୀ ମୋଦୀ । ଏପରିକି ତାଙ୍କର ଅଫିସ ଏସଂପର୍କରେ କୌଣସି କେନ୍ଦ୍ର ମନ୍ତ୍ରୀ କିମ୍ବା ଦଳୀୟ ନେତାଙ୍କ ସହିତ ମଧ୍ୟ ବିଚାରବିମର୍ଶ ମଧ୍ୟ କରିନାହିଁ । ଦେଶରେ କିପରି ୱାନ ମ୍ୟାନ୍ ସୋ ଚାଲିଛି, ଏହା ହେଉଛି ତାହାର ଉଦାହରଣ । କଂଗ୍ରେସ କାର୍ଯ୍ୟକାରିଣୀ ବୈଠକରେ ଖଡ଼ଗେଙ୍କ ସମେତ ସୋନିଆ ଗାନ୍ଧୀ, ରାହୁଲ ଗାନ୍ଧୀ ଏବଂ ଅସନ୍ତୁଷ୍ଟ ନେତା ଶଶୀ ଥରୁର ମଧ୍ୟ ଉପସ୍ଥିତ ଥିଲେ । ବୈଠକରେ ଏସ୍‌ଆଇଆର ଉପରେ ମଧ୍ୟ ଆଲୋଚନା ହୋଇଥିଲା ।

# ବାଂଲାଦେଶ ସ୍କୁଲ ସଙ୍ଗୀତ କାର୍ଯ୍ୟକ୍ରମ ।।ରେ ଆକ୍ରମଣ

ଢାକା, ୨୭ ।୧୨(ଏଜେନ୍ସି): ବାଂଲାଦେଶର ଫରିଦପୁର ଜିଲ୍ଲାରେ ଶୁକ୍ରବାର ରାତିରେ ସ୍କୁଲର ୧୮୫ତମ ବାର୍ଷିକ ଉତ୍ସବ ପାଳନ କରାଯାଉଥିବା ବେଳେ ହିଂସାକାଣ୍ଡ ଘଟିଛି । ପ୍ରସିଦ୍ଧ ଗାୟକ ଜେମ୍ସ (ନାଗର ବାଉଲ)ଙ୍କ ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମରେ କେତେକ ମୌଳବାଦୀ ଟେକାପଥର ମାଡ଼ କରିଥିଲେ । ରାତି ପ୍ରାୟ ୯.୩୦ରେ ଜେମ୍ସ ମଞ୍ଚ ଉପରକୁ ଯାଉଥିବା ସମୟରେ ହିଁ ଏହି ଆକ୍ରମଣ ହୋଇଥିଲା । ଆୟୋଜକଙ୍କ ଅନୁଯାୟୀ କିଛି ବାହାର ଲୋକ ଜୋରଜବରସ୍ତ ସଭା ସ୍ଥଳରେ ପଶିବାକୁ ଚେଷ୍ଟା କରିଥିଲେ । ସେମାନଙ୍କୁ ଅଟକାଇବାକୁ ପ୍ରୟାସ କରାଯାଇଥିଲା । ଏଥିରେ ଉତ୍‌କ୍ଷିପ୍ତ ହୋଇ ସେମାନେ ଇଟା, ପଥର, ଚେୟାର ଫିଙ୍ଗିବା ସହ ମଞ୍ଚ ଆଡକୁ ମାଡିଯାଇଥିଲେ । ଏହାପରେ ପ୍ରଶାସନର ନିର୍ଦ୍ଦେଶକ୍ରମେ ଏହି ସଙ୍ଗୀତ ଭିତ୍ତିକ କାର୍ଯ୍ୟକ୍ରମକୁ ବାତିଲ କରାଯାଇଥିଲା । ଏହି ଘଟଣାରେ ୨୦ଜଣ ଆହତ ହୋଇଥିଲେ ଓ ସେମାନଙ୍କ ମଧ୍ୟରେ ଅଧିକାଂଶ ଛାତ୍ର ଥିଲେ । ଘଟଣାସ୍ଥଳରେ ଉପସ୍ଥିତ ଛାତ୍ର ଓ ସ୍ୱେଚ୍ଛାସେବୀମାନେ ସ୍ଥିତି ନିୟନ୍ତ୍ରଣ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ଆକ୍ରମଣକାରୀ ପଛକୁ ହଟି ନଥିଲେ । ବ୍ରିଟିଶ ଶାସନ ବେଳେ ଏହି ସ୍କୁଲର ସ୍ଥାପନ ହୋଇଥିଲା ।


# ବ୍ରହ୍ମୋସର ନୂଆ ସଂସ୍କରଣ ବିକଶିତ କରୁଛି ଭାରତ

ନୂଆଦିଲ୍ଲୀ, ୨୭ ।୧୨(ଏଜେନ୍ସି): ଅପରେସନ ସିନ୍ଦୂରରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରି ଅନ୍ତର୍ଜାତୀୟସ୍ତରରେ ଦୃଷ୍ଟି ଆକର୍ଷଣ କରିଥିବା ଭାରତୀୟ କ୍ଷେପଣାସ୍ତ୍ର ବ୍ରହ୍ମୋସ ଆହୁରି ବିକଶିତ ହେବାକୁ ଯାଉଛି । ସେତେବେଳେ ଏହା ପାକିସ୍ତାନର ୬ଟି ବାୟୁସେନା ଆଡ୍ଡା ଓ ୯ଟି ଆତଙ୍କବାଦୀ ଆଡ୍ଡାକୁ ଧ୍ୱଂସ କରିଥିଲା । ଏହି ସୁପରସୋନିକ କ୍ଷେପଣାସ୍ତ୍ର ଆହୁରି ଶକ୍ତିଶାଳୀ ହେବାକୁ ଯାଉଛି । ଭାରତ ପ୍ରତିରକ୍ଷା ବିଭାଗ ବ୍ରହ୍ମୋସର ରେଞ୍ଜ, ଗତି, ଧ୍ୱଂସକରୀ କ୍ଷମତାକୁ ବଢ଼ାଇବା ପାଇଁ ପ୍ରସ୍ତୁତି କରୁଛି । ଏବେ ଏହାର ରେଞ୍ଜ ୩୦୦କିମି ପର୍ଯ୍ୟନ୍ତ ରହିଛି । କିନ୍ତୁ ବିକଶିତ ସଂସ୍କରଣର ରେଞ୍ଜ ୪୫୦ରୁ ୮୦୦ କିମି କରିବାକୁ କାର୍ଯ୍ୟ କରାଯାଉଛି । ନୂଆ ବ୍ରହ୍ମୋସ ଆସିବା ପରେ ଦିଲ୍ଲୀରୁ ଇସଲାମାବାଦ୍‌କୁ ସିଧା ଟାର୍ଗେଟ କରିହେବ । ଦିଲ୍ଲୀ ଓ ଇସଲାମାବାଦ ମଧ୍ୟରେ ବାୟୁରେ ଦୂରତା ୭୦୦ କିମି । ସେହିପରି ବ୍ରହ୍ମୋସର ହାଲକା ସଂସ୍କରଣ ମଧ୍ୟ ପ୍ରସ୍ତୁତ କରାଯିବ । ଏହି ଅଢେଇ ଟନ୍ ଓଜନ ବିଶିଷ୍ଟ ସ୍ୱତନ୍ତ୍ର ସଂସ୍କରଣ ସୁଖୋଇ ଏମ୍‌କେଆଇ-୩୦ ଲଢୁଆ ବିମାନର ଅଣ୍ଡରବେଲି ଅର୍ଥାତ ନିମ୍ନଭାଗରେ ଲଗାଯିବା ପାଇଁ ପ୍ରସ୍ତୁତ କରାଯାଇଛି ।

# ଇଣ୍ଡିଗୋ ସଙ୍କଟ ପଛରେ ରୋଷ୍ଟର ସମସ୍ୟା ହିଁ କାରଣ

ନୂଆଦିଲ୍ଲୀ, ୨୭ ।୧୨(ଏଜେନ୍ସି): କିଛି ଦିନ ଇଣ୍ଡିଗୋ ଏୟାର ଲାଇନ୍ସର ବିମାନ ଉଡାଣ ବାତିଲ ଓ ବ୍ୟାପକ ସମସ୍ୟା ନେଇ ସାରା ଦେଶରେ ହଇଚଇ ସୃଷ୍ଟି ହୋଇଥିଲ । ଏଥିପାଇଁ ସରକାରଙ୍କ ସମେତ ଏୟାର ଲାଇନ୍ସ ବେଶ୍ ସମାଲୋଚିତ ହୋଇଥିଲା । ଏବେ ଏହି ଘଟଣାର ଯାଞ୍ଚ କରୁଥିବା ପ୍ୟାନେଲ ତଥା କମିଟି ତା'ର ରିପୋର୍ଟ ବେସାମରିକ ବିମାନ ଚଳାଚଳ ନର୍ଦ୍ଦେଶାଳୟ (ଡିଜିସିଏ)କୁ ପ୍ରଦାନ କରିଛି । ଏହି ଯାଞ୍ଚ କମିଟି ୨୨ ଦିନ ପୂର୍ବରୁ ଡିସେମ୍ବର ୫ରେ ଗଠନ କରାଯାଇଥିଲା । ଅବଶ୍ୟ ରିପୋର୍ଟରେ କ'ଣ ଉଲ୍ଲେଖ କରାଯାଇଛି ତାହା ସାର୍ବଜନୀନ ହୋଇନାହିଁ । ଏବେ ସରକାର ଇଣ୍ଡିଗୋ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କୁହାଯାଉଛି । ଇଂରାଜୀ ଖବରକାଗଜ ଦେଇଥିବା ରିପୋର୍ଟ ଅନୁସାରେ ଡିଜିସିଏର ଏକ ପୃଥକ ସମୀକ୍ଷାର କୁହାଯାଇଛି ଯେ, ନଭେମ୍ବର ମାସରେ ଇଣ୍ଡିଗୋ

**ଯାଞ୍ଚ କମିଟି ରିପୋର୍ଟ**




ଏହାର ୩୦୭ ବିମାନ ପରିଚାଳନା ପାଇଁ ୪, ୫୭୫ ପାଇଲଟ ନିଯୁକ୍ତି କରିଥିଲା । ଏହା ବିଶ୍ୱସ୍ତରୀୟ ସର୍ବୋତ୍ତମ ସେବା ପାଇଁ ଆବଶ୍ୟକ ୩, ୬୮୪ ପାଇଲଟଙ୍କ ଅପେକ୍ଷା ୮୯୧ ଅଧିକ ଥିଲା । ଫଳରେ କ୍ରୁ ମେମ୍ବରଙ୍କ ଅଭାବ ପାଇଁ ଏହି ସଙ୍କଟ ସୃଷ୍ଟି ହୋଇନାହିଁ । କିନ୍ତୁ ରୋଷ୍ଟର ତଥା ସିଡ୍ୟୁଲିଂ ଯୋଗୁଁ ଏହି ସଙ୍କଟ ସୃଷ୍ଟି ହୋଇଥିଲା । ସେପଟେ ଇଣ୍ଡିଗୋ ଉଡାଣ ବାତିଲ କାରଣରୁ ପ୍ରଭାବିତ ଯାତ୍ରୀଙ୍କୁ ୧୦,୦୦୦ ଟଙ୍କାର ଭାଉଚର ପ୍ରଦାନ ପ୍ରକ୍ରିୟା ଆରମ୍ଭ ହୋଇଛି । ଏହି ଭାଉଚରଗୁଡିକ ୧୨ ମାସ ପାଇଁ ବୈଧ ରହିବ ଓ ଯେକୌଣସି ଇଣ୍ଡିଗୋ ବିମାନରେ ବ୍ୟବହାର କରାଯାଇପାରିବ ବୋଲି କୁହାଯାଇଛି ।

# ବିବାହର ୨୪ ଘଣ୍ଟା ଭିତରେ ଛାଡ଼ପତ୍ର

ପୁ।।ଣେ, ୨୭ ।୧୨(ଏଜେନ୍ସି): ମହାରାଷ୍ଟ୍ର ପୁଣେର ଏକ ନବବିବାହିତ ଦଂପତିଙ୍କ ଛାଡ଼ପତ୍ର ଘଟଣାକୁ ନେଇ ଚର୍ଚ୍ଚା ଜୋର ଧରିଛି । ବିବହାର ୨୪ ଘଣ୍ଟା ମଧ୍ୟରେ ସେମାନେ ଛାଡ଼ପତ୍ର ଦେଇଛନ୍ତି । ଉଭୟ ପତି ଓ ପତ୍ନୀ ଏକାଠି ରହିବାକୁ ନେଇ ବିବାଦ ହେବାରୁ ସେମାନେ ସହମତି ଭିତ୍ତିରେ ଛାଡ଼ପତ୍ର ଦେବାକୁ ସ୍ଥିର କରିଛନ୍ତି ।

ମିଳିଥିବା ସୂଚନା ଅନୁଯାୟୀ ପତ୍ନୀ ଜଣେ ଡାକ୍ତର ଥିବା ବେଳେ ପତି ହେଉଛନ୍ତି ଇଞ୍ଜିନିୟର । ସେମାନେ ପରସ୍ପରକୁ ତିନି ବର୍ଷ ହେଲା ଜାଣିଛନ୍ତି । ପରସ୍ପରକୁ ଭଲ ମଧ୍ୟ ପାଉଥିଲେ । ଏପରିକି ଏହି ସମୟରେ ସେମାନେ ସଂପର୍କରେ ମଧ୍ୟ ରହିଆସିଥିଲେ । କିନ୍ତୁ ବାହାଘର ଉତ୍ସବ ସରିବା ପରେ ସେମାନଙ୍କ ମଧ୍ୟରେ ଆରମ୍ଭ ହୋଇଥିଲା ମତଭେଦ । ପତି ଜଣକ ପାଣି ଜାହାଜରେ ଇଞ୍ଜିନିୟର ଭାବେ କାମ କରନ୍ତି । ସେମାନେ କେଉଁଠି ରହିବେ? ଏହାକୁ ନେଇ ଆରମ୍ଭ ହୋଇଥିଲା ଯୁକ୍ତିତର୍କ । ତାଙ୍କର କେଉଁଠି ପୋଷ୍ଟିଂ ହେବ ଏବଂ କେତେଦିନ ତାଙ୍କୁ ଘରୁ ବାହାରେ ରହିବାକୁ ପଡ଼ିବ ତାହା ସେ କହିପାରିବେ ନାହିଁ ବୋଲି ପତି କହିଥିଲେ । ଏଥିରେ ପତ୍ନୀ ଭୀଷଣ ଅସନ୍ତୋଷ ପ୍ରକାଶ କରିଥିଲେ । ବିବାଦ ବଢ଼ିବା ପୂର୍ବରୁ ସେମାନେ ଛାଡ଼ପତ୍ର ଲାଗି କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ସୁପ୍ରିମ କୋର୍ଟଙ୍କ ଗାଇଡଲାଇନ୍ସ ଅନୁଯାୟୀ କୋର୍ଟ ସେମାନଙ୍କ ଛାଡ଼ପତ୍ର ଆବେଦନକୁ ମଞ୍ଜୁର କରିଥିଲେ ।

# ଆଉଟ୍‌ସୋର୍ସିଂଙ୍କ କର୍ମଚାରୀଙ୍କ ପାଇଁ ବଦଳି ନିୟମ କେବେ

**ଭୁବନେଶ୍ୱର, ୨୭ ।୧୨(ସମିସ):** ସରକାରୀ ଚାକିରି କରୁଥିବା ବ୍ୟକ୍ତି ଗୋଟିଏ ସ୍ଥାନରେ ୩ ବର୍ଷରୁ ଅଧିକ ସମୟ ରହିପାରିବେ ନାହିଁ। ଦୁର୍ନୀତିକୁ ରୋକିବା ଓ ସ୍ୱଚ୍ଛ ଶାସନ ପାଇଁ ସରକାର ଏହି ନିୟମ ପ୍ରଣୟନ କରିଛନ୍ତି। ଅନେକ ସମୟରେ ଏହାର ଉଲଙ୍ଘନ ହେଲେ ବଦଳି କରିବାକୁ ଦାଗିଦ୍ ମଧ୍ୟ କରୁଛନ୍ତି। ମାତ୍ର ସେହି ସରକାରୀ କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିବା ଆଉଟସୋର୍ସିଂ କର୍ମଚାରୀଙ୍କ ବଦଳି ପାଇଁ କୌଣସି ନିୟମ ନାହିଁ। ଗୋଟିଏ କାର୍ଯ୍ୟଳୟରେ ଦୀର୍ଘ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟ କରୁଛନ୍ତି। ଏପରିକି ସେମାନଙ୍କ ବିଭାଗ ବଦଳ ମଧ୍ୟ କରାଯାଉ ନ ଥିବାରୁ ସରକାରୀ କାର୍ଯ୍ୟରେ ସ୍ୱଚ୍ଛତା ଓ ପାରଦର୍ଶିତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ବ୍ଲକ୍ ଠାରୁ ଆରମ୍ଭ କରି ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ଆଉଟସୋର୍ସିଂ କର୍ମଚାରୀ କାର୍ଯ୍ୟରତ ଅଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାକୁ କାର୍ଯ୍ୟକାରୀ କରୁଛନ୍ତି। ମନରେଗା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପରି ଅନେକ ଯୋଜନାରେ ଦୀର୍ଘ ବର୍ଷ ଧରି ନିୟୋଜିତ ହୋଇଛନ୍ତି। ହେଲେ ସେମାନଙ୍କ ଅନ୍ୟତ୍ର ବଦଳି କିମ୍ବା ସେହି କାର୍ଯ୍ୟାଳୟରେ ବିଭାଗ ଅଦଳବଦଳ କରିବାର କୌଣସି ପ୍ରାବଧାନ ନାହିଁ। ଦୀର୍ଘବର୍ଷରୁ ଗୋଟିଏ ଦାୟିତ୍ୱରେ

**ଗୋଟିଏ କାର୍ଯ୍ୟାଳୟରେ ଦୀର୍ଘକାଳ ଅବସ୍ଥାପନ ସ୍ୱଚ୍ଛତା ପ୍ରତି ପ୍ରଶ୍ନବାଚୀ**

ଥିବାରୁ ଅନେକ ସମୟରେ ସେମାନଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ହେଉଥିଲେ ମଧ୍ୟ ସରକାରୀ ଅଧିକାରୀ ହୋଇ ନ ଥିବାରୁ ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ହେଉନାହିଁ। ଅପରପକ୍ଷରେ ସରକାରୀ କର୍ମଚାରୀଙ୍କୁ ପ୍ରତି ୩ ବର୍ଷରେ ବାଧ୍ୟତାମୂଳକ ଭାବେ ବଦଳି କରାଯାଉଛି। କାର୍ଯ୍ୟକ୍ଷେତ୍ରରେ ଦୁର୍ନୀତିକୁ ରୋକିବା ସହ ସ୍ୱଚ୍ଛତା ରଖିବା ପାଇଁ ଏହି ପଦକ୍ଷେପ ନିଆଯାଉଛି। ସରକାରୀ ଅଧିକାରୀ ଯଦି ୩ ବର୍ଷରେ ଦୁର୍ନୀତି ଯୁକ୍ତ ହୋଇ ଯାଉଛନ୍ତି, ତା'ହେଲେ ଗୋଟିଏ ସ୍ଥାନରେ ଦୀର୍ଘ ବର୍ଷ ଧରି କାର୍ଯ୍ୟ କରୁଥିବା ଆଉଟସୋର୍ସିଂ କର୍ମଚାରୀମାନେ କିପରି ଦୁର୍ନୀତିମୁକ୍ତ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ବୁଦ୍ଧିଜୀବୀଙ୍କ ମତରେ, ଆଉଟସୋର୍ସିଂ କର୍ମଚାରୀଙ୍କ ବଦଳି ହେଉ ନ ଥିବାରୁ ଦୁର୍ନୀତିକୁ ପରୋକ୍ଷରେ ପ୍ରୋତ୍ସାହନ ମିଳୁଛି। ଗୋଟିଏ ପଦରେ ରହି ବ୍ୟାପକ ହେରଫେର୍ କରିବାକୁ ସମସ୍ତ ଗଳାବାଟ ବାହାର କରିବାରେ ସଫଳ ହେଉଛନ୍ତି। ସରକାରୀ କର୍ମଚାରୀଙ୍କ ପରି ଆଉଟସୋର୍ସିଂ କର୍ମଚାରୀଙ୍କ ମଧ୍ୟ ନିୟମିତ ବଦଳି କରାନଗଲେ ଦୁର୍ନୀତିର ମାତ୍ରା ବହୁ ଜୋରରେ ବ୍ୟାପିବାର ଆଶଙ୍କା ରହିଛି। ଏହାସହ ସରକାର ଦୁର୍ନୀତି ରୋକିବାକୁ ଲକ୍ଷ୍ୟ ରଖି ଯେଉଁ ବଦଳି ନିୟମ ପ୍ରଣୟନ କରିଛନ୍ତି, ତାହା ସମ୍ପୂର୍ଣ୍ଣ ବିଫଳ ହୋଇଯିବ ବୋଲି ସେମାନେ ଆଶଙ୍କା ପ୍ରକାଶ କରିଛନ୍ତି।

ଅପରପକ୍ଷରେ ଅନେକ ଜିଲ୍ଲାରେ ଆଉଟସୋର୍ସିଂ କର୍ମଚାରୀମାନେ ନିୟମିତ ଦରମା ପାଉ ନ ଥିବା ଅଭିଯୋଗ ହେଉଛି। ସଂଘବଦ୍ଧ ଭାବେ ନିୟମିତ ଦରମା ଦେବାପାଇଁ ନିଯୁକ୍ତି ଦେଇଥିବା ସଂସ୍ଥା ସମେତ ସରକାରଙ୍କ ପାଖରେ ଦାବି କରୁଛନ୍ତି। ଏପରିକି ଅନୁଗୋଳ, ବଲାଙ୍ଗିର ଜିଲ୍ଲା ସମେତ ବହୁ ଜିଲ୍ଲାରେ ମନରେଗା ଯୋଜନାରେ କାର୍ଯ୍ୟରତ କର୍ମଚାରୀମାନେ ୧୧ ମାସ ଏବଂ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କାର୍ଯ୍ୟରତ କର୍ମଚାରୀମାନେ ପ୍ରାୟ ୭ ମାସ ହେଲା ଦରମା ପାଇ ନ ଥିବା ଜଣାପଡ଼ିଛି। ନିୟମିତ ଦରମା ପାଉ ନ ଥିବା କର୍ମଚାରୀମାନେ କିପରି ପରିବାର ପ୍ରତିପୋଷଣ କରୁଥିବେ ବୋଲି ସ୍ୱତଃ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଏପରି ସ୍ଥିତିରେ ସେମାନେ ମଧ୍ୟ ଦୁର୍ନୀତି କରିବାକୁ ଏକପ୍ରକାର ବାଧ୍ୟ ହେଉଥିବା ବୁଦ୍ଧିଜୀବୀମାନେ ଅଭିଯୋଗ କରିଛନ୍ତି। ତେଣୁ ଆଉଟସୋର୍ସିଂ କର୍ମଚାରୀଙ୍କୁ ବଦଳି ସହ ନିୟମିତ ଦରମା ପ୍ରଦାନ କରା ନ ଗଲେ ଦୁର୍ନୀତିକୁ ପରୋକ୍ଷ ପ୍ରୋତ୍ସାହନ ପର୍ଯ୍ୟାୟକ୍ରମେ ବୃଦ୍ଧି ପାଇବ ବୋଲି ଆଶଙ୍କା ପ୍ରକାଶ ପାଇଛି।

# ସପରିବାର ସିଇସିଙ୍କ ପୁରୀ ଓ କୋଣାର୍କ ପରିଦର୍ଶନ

**ପୁରୀ/କୋଣାର୍କ,୨୭।୧୨(ସମିସ):** ତିନିଦିନିଆ ଓଡ଼ିଶା ଗସ୍ତରେ ଆସିଥିବା ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଜ୍ଞାନେଶ କୁମାର ସପରିବାର ମହାପ୍ରଭୁଙ୍କ



ଆଶୀର୍ବାଦ ନେବା ସହ ଐତିହାସିକ କୋଣାର୍କ ସୂର୍ଯ୍ୟ ମନ୍ଦିର ପରିଦର୍ଶନ କରିଛନ୍ତି। ସିଇସି ପତ୍ନୀ ଓ ପରିବାର ସଦସ୍ୟଙ୍କ ସହ ଶ୍ରୀମନ୍ଦିର ସିଂହଦ୍ୱାରରେ ପହଞ୍ଚିବା ପରେ ସେମାନଙ୍କୁ ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ, ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଏସ୍‌ପି ପ୍ରତୀକ୍ ସିଂଙ୍କ ସମେତ ପରିଚାଳନା କମିଟିର ସେବାୟତ ପ୍ରତିନିଧିମାନେ ସ୍ୱାଗତ କରିବା ସହ ଶ୍ରୀମନ୍ଦିରକୁ ପାଛୋଟି ନେଇଥିଲେ। ଭିତରକାଠ ନିକଟରୁ ସେମାନେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଦର୍ଶନ କରି ବେଶ୍ ଭାବବିହ୍ୱଳ ହୋଇଯାଇଥିଲେ। ପରେ ଆଦି ନୃସିଂହ, ମା' ବିମଳା, କାନପତା ହନୁମାନ, ମା' ଲକ୍ଷ୍ମୀଙ୍କ ସହିତ ଅନ୍ୟାନ୍ୟ ପାର୍ଶ୍ୱ ଦେବଦେବୀଙ୍କ ଦର୍ଶନ ସହିତ ପୂଜାର୍ଚ୍ଚନା କରିଥିଲେ। ଶ୍ରୀମନ୍ଦିରର ବରିଷ୍ଠ ଅଧିକାରୀ ଓ ସେବାୟତମାନେ ତାଙ୍କୁ ମହାପ୍ରଭୁଙ୍କ ଆଧ୍ୟାତ୍ମିକ ଓ ସାଂସ୍କୃତିକ ସ୍ୱତନ୍ତ୍ରତା, ନିଆରା ନୀତିକାନ୍ତି, ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଉପସ୍ଥିତିରେ ପ୍ରତିବର୍ଷ ଅନୁଷ୍ଠିତ ହେଉଥିବା ବିଶ୍ୱପ୍ରସିଦ୍ଧ ରଥଯାତ୍ରା, ମନ୍ଦିରର କାରୁକାର୍ଯ୍ୟ ଓ ଭାବଭକ୍ତି ସମ୍ପର୍କରେ ଅବଗତ କରାଇଥିଲେ।

ଦର୍ଶନ ସାରି ଫେରିବା ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ମୁଖ୍ୟ ନିର୍ବାଚନ କମିଶନର କହିଥିଲେ, 'ମୁଁ ମୋ ପରିବାର ସହିତ ମହାପ୍ରଭୁଙ୍କ ଦର୍ଶନ କରିବାର ସୁଯୋଗ ପାଇଲି। ମହାପ୍ରଭୁଙ୍କ ଆଶୀର୍ବାଦ ଯୋଗୁଁ ଏହା ଆଜି ମୋ ପାଇଁ ଶୁଭ ଅବସର ହୋଇପାରିଛି। ଓଡ଼ିଶାର କଳା, ସଂସ୍କୃତି, ଭାଷା ଭାରତର ସବୁଠାରୁ ପ୍ରାଚୀନ ଓ ଅନନ୍ୟ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ସାମ୍ବିଧାନିକ ଦାୟିତ୍ୱକୁ ଅଧିକ ଭଲ ଭାବେ କରିବା ପାଇଁ ପ୍ରୋତ୍ସାହିତ କରିବ।

ପରେ ମୁଖ୍ୟ ନିର୍ବାଚନ କମିଶନର ବିଶ୍ୱପ୍ରସିଦ୍ଧ କୋଣାର୍କ ସୂର୍ଯ୍ୟ ମନ୍ଦିରକୁ ଯାତ୍ରା କରିଥିଲେ। କୋଣାର୍କର ଅଦ୍ଭୁତ କଳାନୈପୁଣ୍ୟ ଓ ଇତିହାସ ସମ୍ପର୍କରେ ଜାଣି ସେ ଅଭିଭୂତ ହୋଇଥିଲେ। କୋଣାର୍କରେ ନିର୍ବାଚନ

**ମହାପ୍ରଭୁଙ୍କ ଆଶୀର୍ବାଦ ନେଲେ, ସୂର୍ଯ୍ୟ ମନ୍ଦିର ଦେଖିଲେ**

**ଓଡ଼ିଶାର କଳା, ସଂସ୍କୃତି, ଭାଷା ଭାରତର ସବୁଠାରୁ ପ୍ରାଚୀନ**

କମିଶନର ଶ୍ରୀ କୁମାର କହିଥିଲେ ଯେ କୋଣାର୍କ ସୂର୍ଯ୍ୟମନ୍ଦିର କେବଳ ଓଡ଼ିଶାର ନୁହଁ ବରଂ ଏହା ସମଗ୍ର ଭାରତର ମାନ ଓ ସମ୍ମାନ। ମନ୍ଦିରର କଳେବର ଓ କାରୁକାର୍ଯ୍ୟକୁ ଅନୁଧ୍ୟାନ କଲେ ଜଣାପଡ଼େ, ପ୍ରାଚୀନ ସମୟରେ ଆମ ଦେଶ ଧନ, ମାନ, ଜ୍ଞାନ ଓ ବିଜ୍ଞାନରେ କେତେଯେ ସମୃଦ୍ଧ ଥିଲା। ସେ କଥା କଳ୍ପନା କଲେ ହୃଦୟ ଗର୍ବ ଓ ଗୌରବରେ ପୂରିଉଠୁଛି। ପୁରୀ ଓ କୋଣାର୍କ ପରିଦର୍ଶନ ସମୟରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଗୋପାଳନଙ୍କ ସହିତ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶାନ୍ତ କୁମାର ମିଶ୍ର, ଅତିରିକ୍ତ ଶାସନ ସଚିବ ଗୋପୀନାଥ କଅଁର, ଉପ ମୁଖ୍ୟ ନିର୍ବାଚନ ଅଧିକାରୀ ଡ. ଲକ୍ଷ୍ମୀ ପ୍ରସାଦ ସାହୁ, ଅନାମିକା ସିଂ ପ୍ରମୁଖ ଉପସ୍ଥିତ ଥିଲେ।

# ଜାଡ଼ରେ ଥରୁଛି ଶିମିଳିପାଳ

**ପଦାକୁ ବାହାରୁନାହାନ୍ତି ବନ୍ୟଜନ୍ତୁ, ପର୍ଯ୍ୟଟକ ନିରାଶ**

**ବାରିପଦା, ୨୭।୧୨(ସମିସ):** ଜାଡ଼ରେ ଥରୁଛି ଜାତୀୟ ଉଦ୍ୟାନ ଶିମିଳିପାଳ। କିଛି ଦିନ ଧରି ସର୍ବନିମ୍ନ ତାପମାତ୍ରା ୫



ଡିଗ୍ରୀରୁ କମ୍ ରହୁଥିବା ବେଳେ ଗତ ୨୪ ଘଣ୍ଟା ମଧ୍ୟରେ ତାପମାତ୍ରା ୩ ଡିଗ୍ରୀକୁ ଖସି ଆସିଛି। ଫଳରେ ଶିମିଳିପାଳ ସମେତ ପୂରା ଜିଲ୍ଲାରେ ଶୀତର ପ୍ରକୋପ ବୃଦ୍ଧି ପାଇଛି। ପ୍ରବଳ ଶୀତ ସାଙ୍ଗକୁ କାଲୁଆ ପବନ ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଉଛି। ଶୀତର ପ୍ରଭାବ ଶିମିଳିପାଳର ବନ୍ୟଜନ୍ତୁଙ୍କ ଉପରେ ପଡ଼ିଥିବା ଦେଖାଯାଉଛି। ଶୀତ ଦାଉରୁ ରକ୍ଷା ପାଇବା ପାଇଁ ଜୀବଜନ୍ତୁମାନେ ସୁରକ୍ଷିତ ଆଶ୍ରୟସ୍ଥଳୀରେ ଆଶ୍ରୟ ନେଇଛନ୍ତି। ଏଥିଯୋଗୁଁ ଶିମିଳିପାଳ ବୁଲି ଆସୁଥିବା ପର୍ଯ୍ୟଟକମାନେ ମହାବଳ ବାଘ କିମ୍ବା କଳରାପତରିଆ ବାଘ ଦେଖିବାକୁ ସୁଯୋଗ ପାଇପାରୁନାହାନ୍ତି। ଅପରପକ୍ଷେ, ଦିନତମାମ ଜିଲ୍ଲାରେ ଘଣ୍ଟାକୁ ୧୩କିମି ବେଗରେ ଉତ୍ତରା ପବନ ପ୍ରବାହିତ ହେଉଥିବାରୁ ପ୍ରବଳ ଥଣ୍ଡା ଅନୁଭୂତ ହେଉଛି। ଲୋକେ ଦିନରାତି ଶୀତବସ୍ତ୍ର ଘୋଡ଼ାଇ ହୋଇ ରହୁଛନ୍ତି।

ସୂଚନାଯୋଗ୍ୟ, ଶନିବାର ସକାଳ ପ୍ରାୟ ୬ଟାରେ ଶିମିଳିପାଳ ଅଭୟାରଣ୍ୟ ଉତ୍ତର ବନଖଣ୍ଡର ଉପରବାରହାକାମୁଡା (ୟୁବିକେ) ରେଞ୍ଜରେ ୩ ଡିଗ୍ରୀ, ଚହଲା ରେଞ୍ଜରେ ୫ ଡିଗ୍ରୀ, ରାମତୀର୍ଥରେ ୧୦ ଡିଗ୍ରୀ, ଗୁଡୁଗୁଡିଆ ଓ ବରେହିପାଣିରେ ୬ ଡିଗ୍ରୀ, କିଆଝରୀରେ ୧୨ଡିଗ୍ରୀ ଓ ସାତକୋଶିଆରେ ୯ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ମାସକ ମଧ୍ୟରେ ପଞ୍ଚମଥର ସର୍ବନିମ୍ନ ତାପମାତ୍ରା ୩ ଡିଗ୍ରୀ ରହିଥିବାରୁ ଏହାର ପ୍ରଭାବରେ ଜିଲ୍ଲାରେ ତାପମାତ୍ରା ହ୍ରାସ ପାଇଛି।

**ଝାରପୋଖରିଆରେ କଙ୍ଗାରୁ କୋର୍ଟ**

# ନାବାଳକକୁ ଖୁଣ୍ଟରେ ବାନ୍ଧି ନିସ୍ତୁକ ପିଟିଲେ

**ବାରିପଦା, ୨୭ ।୧୨ (ସମିସ):** ଚୋର ସନ୍ଦେହରେ ଜଣେ ନାବାଳକକୁ ଖୁଣ୍ଟରେ ବାନ୍ଧି ନିସ୍ତୁକ ମାଡ଼ ମାରିବା ଘଟଣା ମୟୂରଭଞ୍ଜ ଜିଲ୍ଲାରେ ଆଲୋଡ଼ନ ସୃଷ୍ଟି କରିଛି। ବାଙ୍ଗିରିପୋଷି ରେଳଷ୍ଟେସନ୍‌ଠାରୁ ଅଳ୍ପ କିଛି ଦୂରତାରେ ଏହି ଘଟଣା ଘଟିଛି। ଏହାର ଏକ ଭିଡିଓ ଏବେ ଭାଇରାଲ ହେବାରେ ଲାଗିଛି। ନାବାଳକଜଣଙ୍କର ପରିଚୟ ଜଣାପଡ଼ିନାହିଁ। ବାଙ୍ଗିରିପୋଷି ଅଞ୍ଚଳର ଏକ ହଷ୍ଟେଲରୁ ମୋବାଇଲ ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଥିଲା। ଏହା ପଛରେ ସଂପୃକ୍ତ ନାବାଳକର ହାତ ଥିବା ସନ୍ଦେହ କରି କିଛି ସ୍ଥାନୀୟ ଲୋକ ତାକୁ ଧରିଥିଲେ। ପରେ ରାସ୍ତାକଡ଼ ଏକ ଖୁଣ୍ଟରେ ବାନ୍ଧି ନିସ୍ତୁକ ମାଡ଼ ମାରିଥିଲେ।

# ଶ୍ରୀମନ୍ଦିରରେ ମହିଳା ଶ୍ରଦ୍ଧାଳୁଙ୍କୁ ଅସଦାଚରଣ

**ଥାନାରେ ଏତଲା ଦେବାକୁ ମୁଖ୍ୟ ପ୍ରଶାସକଙ୍କ ନିର୍ଦ୍ଦେଶ**

**ପୁରୀ, ୨୭।୧୨(ସମିସ):** ଧାର୍ମିକସ୍ଥଳୀରେ ବି ଅନେକ ସମୟରେ ଲଜ୍ଜାଜନକ ଘଟଣା ଘଟୁଛି। ଭକ୍ତି ଓ ବିଶ୍ୱାସକୁ ନେଇ ଭକ୍ତମାନେ ଆସୁଥିବା ବେଳେ କିଛି ଲୋକ ଯେଉଁମାନେ ଭିଡ଼ର ସୁଯୋଗ ନେଇ ଘୃଣ୍ୟ କାମ କରିବାକୁ ପଛାନ୍ତି ନାହିଁ। ଏମିତି ଘଟଣା ଘଟିଛି ଶ୍ରୀମନ୍ଦିର ବେଢ଼ା ପରିସର ନିଶା ନୃସିଂହ ମନ୍ଦିରରେ। ଏହାକୁ ବେଶ୍ ଗମ୍ଭୀରତାର ସହ ନେଇଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ। ଅଭିଯୁକ୍ତଙ୍କ ବିରୋଧରେ ଥାନାରେ ଏତଲା ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଶନିବାର ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ପକ୍ଷରୁ ଏ ସମ୍ପର୍କିତ ସୂଚନା ପ୍ରଦାନ କରାଯାଇଛି। ଏହି ଘଟଣା ସମ୍ପର୍କରେ ମୁଖ୍ୟ ପ୍ରଶାସକ ଡ. ପାଢ଼ୀ ସ୍ପଷ୍ଟ କରିଛନ୍ତି ଯେ ନିଶା ନୃସିଂହ ମନ୍ଦିରରେ ସେବକଙ୍କ ଦ୍ୱାରା ନିୟୋଜିତ ଜଣେ କିଶୋର ଗତ ୨୪ ତାରିଖ ସନ୍ଧ୍ୟା ବେଳେ ଜଣେ ମହିଳା ଭକ୍ତଙ୍କ ପ୍ରତି ଅସଦାଚରଣ କରିଥିବା ସମ୍ପର୍କରେ ରିପୋର୍ଟ ପାଇଛନ୍ତି। ଏପରି ଘୃଣ୍ୟ ଓ ନିନ୍ଦନୀୟ କାର୍ଯ୍ୟକୁ କୌଣସି ପରିସ୍ଥିତିରେ ବରଦାସ୍ତ କରାଯିବ ନାହିଁ। ଏଥିପାଇଁ ସୁପରଭାଇଜରଙ୍କୁ ସ୍ଥାନୀୟ ଥାନାରେ ଏତଲା ଦାଖଲ କରିବା ଲାଗି ତୁରନ୍ତ ନିର୍ଦ୍ଦେଶ ଦିଆଯାଇଛି। ନିଜେ ସେବାପୂଜା କରିବା ପରିବର୍ତ୍ତେ ଅନ୍ୟ ଜଣଙ୍କୁ ନିୟୋଜିତ କରିଥିବା ସମ୍ପୃକ୍ତ ସେବକଙ୍କ ବିରୁଦ୍ଧରେ ସମ୍ପର୍କିତ ସେବକ ନିଯୋଗ ମାଧ୍ୟମରେ ଶାସନାତ୍ମକ କାର୍ଯ୍ୟାନୁଷ୍ଠାନ ନିଆଯିବା ସହ ଆଇନାନୁଯାୟୀ ଦଣ୍ଡ ଦିଆଯିବ। ନିଶା ନୃସିଂହ ମନ୍ଦିରରେ ସେବା ପୂଜାରେ ନିୟୋଜିତ ସେବକମାନଙ୍କ ବ୍ୟତୀତ ଅନ୍ୟ ସମସ୍ତ ଶ୍ରଦ୍ଧାଳୁମାନଙ୍କ ପାଇଁ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ମନ୍ଦିର ପ୍ରବେଶ ବନ୍ଦ ରହିବ। ଶ୍ରୀମନ୍ଦିରର ଗରିମା ଓ ପବିତ୍ରତା ଉପରେ ଆଞ୍ଚ ଆଣୁଥିବା କୌଣସି ବ୍ୟକ୍ତିଙ୍କୁ କ୍ଷମା କରାଯିବ ନାହିଁ। ମହାପ୍ରଭୁ ଏମାନଙ୍କୁ ସଦ୍‌ବୁଦ୍ଧି ପ୍ରଦାନ କରନ୍ତୁ ବୋଲି କହିଛନ୍ତି ମୁଖ୍ୟ ପ୍ରଶାସକ ଡ. ପାଢ଼ୀ।

**ଅଲ୍‌ଚିକି ଲିପି ଉଦ୍ଭାବନର ଶତବାର୍ଷିକୀ ଉତ୍ସବ**

# ପଣ୍ଡିତ ରଘୁନାଥ ମୁର୍ମୁ ସାନ୍ତାଳୀ ଅସ୍ମିତାର ପ୍ରତୀକ: ମୁଖ୍ୟମନ୍ତ୍ରୀ

**କେନ୍ଦୁଝର, ୨୭।୧୨ (ସମିସ):** ପଣ୍ଡିତ ରଘୁନାଥ ମୁର୍ମୁ କେବଳ ଜଣେ ବ୍ୟକ୍ତି ନୁହେଁ; ସେ ଏକ ଆନ୍ଦୋଳନ, ଏକ ଚେତନା, ଏକ ଅନୁଷ୍ଠାନ ଓ ସଂସ୍କୃତିର ଅଭିଜ୍ଞାନ। ସେ ଏମିତି ଜଣେ ଯୁଗପୁରୁଷ ଥିଲେ, ଯିଏ ଅନ୍ଧାର ଭିତରେ ଆଲୋକର ଜାଗରଣ କରିଥିଲେ। ଏକ ଅବହେଳିତ ଓ ଅନ୍ତର୍ଭୁକ୍ତ ହୋଇନଥିବା ସମାଜକୁ ଶିକ୍ଷା, ଅସ୍ମିତା ଓ ଗର୍ବର ଅନୁଭୂତି ଦେଇଥିଲେ। ସେ ଥିଲେ ସାନ୍ତାଳୀ ଅସ୍ମିତାର ପ୍ରତୀକ। ସାନ୍ତାଳୀ ଭାଷା ସାହିତ୍ୟର ଅଲଚିକି ଲିପି ଉଦ୍ଭାବନର ଶତବାର୍ଷିକୀ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଏପରି କହିଛନ୍ତି।



ଶନିବାର ସିଲିସୁଆଁଠାରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଥିଲେ, ପଣ୍ଡିତ ରଘୁନାଥ ମୁର୍ମୁଙ୍କ ସୃଷ୍ଟି ଅଲଚିକି ଲିପିର ପ୍ରସାର ଆମକୁ ଆମ ବର୍ତ୍ତମାନ ସହ ପରିଚୟ କରାଉଛି ଏବଂ ଭବିଷ୍ୟତ ପାଇଁ ବିଚାର କରିବାକୁ ପ୍ରେରଣା ଦେଉଛି। ପ୍ରକୃତରେ ଅଲଚିକି ଲିପି ଏବଂ ଗୁରୁ ଗୋମକେ ହେଉଛନ୍ତି ପରସ୍ପର ପରିପୂରକ। ତାଙ୍କ ଲିପି ଉଦ୍ଭାବନ କେବଳ ଶାବ୍ଦିକ ପରିବର୍ତ୍ତନ ନୁହେଁ, ତାହା ଥିଲା ଏକ ସଂସ୍କୃତି ଉନ୍ନତିର ନୂଆ ଅଧ୍ୟାୟ। ସେ ତାଙ୍କ ଶିକ୍ଷା ଓ ଚେତନା ଦ୍ୱାରା ସମାଜରେ ଶୋଷଣ ବିରୋଧରେ ଏକ ଶକ୍ତିଶାଳୀ ଜାଗରଣ ସୃଷ୍ଟି କରିଥିଲେ।

ମୁଖ୍ୟମନ୍ତ୍ରୀ କହିଥିଲେ, ପଣ୍ଡିତ ରଘୁନାଥ ମୁର୍ମୁ ଅଲଚିକିର ପ୍ରସାର ପାଇଁ ଓଡ଼ିଶା, ପଶ୍ଚିମବଙ୍ଗ ଓ ବିହାରର ସାନ୍ତାଳ ଅଧ୍ୟୁଷିତ ଅଞ୍ଚଳ ବୁଲି ଲିପିର ଆବଶ୍ୟକତା ସଂପର୍କରେ ଲୋକଙ୍କୁ ବୁଝାଇଥିଲେ। ସାନ୍ତାଳୀ ସାହିତ୍ୟର ପ୍ରଚାର ପାଇଁ ସେ 'ସାଗେନ୍ ସାକାମ୍' ନାମକ ଏକ ସାପ୍ତାହିକ ପତ୍ରିକା ପ୍ରକାଶ କରିଥିଲେ। ତାଙ୍କ ପ୍ରେରଣାରେ ବାବା ତିଲକା ମାଝୀ ପାଠାଗାର ମଧ୍ୟ ପ୍ରତିଷ୍ଠା ହୋଇଥିଲା।

୨୦୦୩ରେ ଭାରତ ସରକାର ସାନ୍ତାଳୀ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ କରିଥିଲେ। ଆଜି ଓଡ଼ିଶା, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଓ ବିହାରର ଆଦିବାସୀବହୁଳ ଅଞ୍ଚଳରେ ସାନ୍ତାଳୀ ଭାଷାରେ ସ୍କୁଲ ଶିକ୍ଷା ଦିଆଯାଉଛି। ଅନେକ କଲେଜ ଓ ବିଶ୍ୱବିଦ୍ୟାଳୟରେ ସାନ୍ତାଳୀ ଭାଷା ସାହିତ୍ୟ ପଢ଼ାଯାଉଛି। ରାଜ୍ୟ ସରକାର ହୋ, ମୁଣ୍ଡାରୀ, ଗାଦବା, କୁଇ, ଓରାଓଁ ଭଳି ଅନେକ ଆଦିବାସୀ ଭାଷାର ପ୍ରସାର ପାଇଁ କାର୍ଯ୍ୟ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

କାର୍ଯ୍ୟକ୍ରମରେ ଯାଦବ ଟୁଡୁ ଅତିଥି ପରିଚୟ ଓ ତହସିଲଦାର ହାଁସଦା ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ସାରସକଣା ବିଧାୟକ ଭାଦବ ହାଁସଦା, ବିଧାୟକ ସଞ୍ଜଲି ମୁର୍ମୁ, ଡକ୍ଟର ପ୍ରିୟଙ୍କା ମାର୍ଣ୍ଡି, ବିଧାୟକ ଡକ୍ଟର ଫକୀର ମୋହନ ନାଏକ, ବିଧାୟକ ଅଖିଳ ଚନ୍ଦ୍ର ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

# ନକଲି ନୋଟ୍ କାରବାର: ଆଉ ଦୁଇ ଗିରଫ

**ବିନିକା,୨୭ ।୧୨(ସମିସ):** ଦୁଇ ମାସ ତଳେ ନକଲି ନୋଟ କାରବାରରେ ଧରାପଡ଼ି ୩ ଅଭିଯୁକ୍ତ ଗିରଫ ହୋଇ ଜେଲରେ ଥିବା ବେଳେ ପୁଣି ଏହି କାରବାରରେ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ବିନିକା ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ, ବରଗଡ଼ ଜିଲ୍ଲା ବରପାଲି ମହତାପଡ଼ାର ବଳରାମ ମେହେର ଓ ଗାଇସିଲେଟ କେନ୍ଦୁଭଟା ଗ୍ରାମର ବଶ୍ୱପତି ସାହୁ। ସୂଚନାନୁସାରେ, ଗତ ଅକ୍ଟୋବର ୨୫ ତାରିଖରେ ଏହି ନକଲି ନୋଟ କାରବାରରେ ଜେଲରେ ଥିବା ବ୍ୟକ୍ତିମାନଙ୍କଠାରୁ ପୁଲିସ ୪ଲକ୍ଷ ୧୫ସହ ଟଙ୍କା ଜବତ କରିଥିବା ବେଳେ ବଜାରକୁ ୧ଲକ୍ଷ ୯୯ହଜାର ଟଙ୍କା ନକଟି ନୋଟ୍ ଛଡ଼ା ଯାଇଥିଲା। ତେବେ ଏହି କାରବାରରେ ଆଉ କିଏ କିଏ ସମ୍ପୃକ୍ତ ଅଛନ୍ତି ଜାଣିବା ପାଇଁ ସେହିଦିନ ଠାରୁ ପୁଲିସ ତଦନ୍ତ ଜାରି ରଖିଥିଲା। ଏଥିରେ ସମ୍ପୃକ୍ତ ଥିବା ଆଉ ୨ ଅଭିଯୁକ୍ତଙ୍କୁ ଗିରଫ କରିବାରେ ପୁଲିସ ସଫଳ ହୋଇଛି।



# ଡଙ୍ଗା ଓଲଟି ଶ୍ରମିକ ମୃତ

**ନନ୍ଦପୁର, ୨୭।୧୨(ସମିସ):** କୋରାପୁଟ ଜିଲ୍ଲାର ଜଳାପୁଟ ଜଳଭଣ୍ଡାରରେ ଆଜି ଏକ ଅଘଟଣ ଘଟିଛି। ଡଙ୍ଗା ଓଲଟି ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ, ରାମ ପାଙ୍ଗି(୩୦)। ତାଙ୍କ ଘର ନନ୍ଦପୁର ବ୍ଲକ୍ ବିଲାପୁଟ ଗ୍ରାମ ପଞ୍ଚାୟତର ଲାମଡୁର ଗ୍ରାମରେ। ରାମ ଶୁକ୍ରବାର ଦିନ ଏକ ଦେଶୀ ଡଙ୍ଗାରେ ଜଳବନ୍ଦୀ ସାବୁନ ଗ୍ରାମକୁ କାମ ପାଇଁ ଯାଇଥିଲେ। ସନ୍ଧ୍ୟା ହୋଇଯିବାରୁ ସେଠାରେ ରାତ୍ରିଯାପନ କରି ଆଜି ସକାଳୁ ଘରକୁ ଫେରୁଥିଲେ। ଜଳଭଣ୍ଡାର ମଧ୍ୟରେ ଦେଶୀ ଡଙ୍ଗାଟି ଭାରସାମ୍ୟ ହରାଇ ଓଲଟି ପଡ଼ିବାରୁ ରାମ ବୁଡ଼ି ଯାଇଥିଲେ। ଖବର ପାଇ ବିଲାପୁଟ ସରପଞ୍ଚ ରାଜୁ ଲେନ୍ଦୁ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ପୁଲିସ୍ ଓ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀମାନେ ରାମଙ୍କ ଶବକୁ ଉଦ୍ଧାର କରିଥିଲେ। ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିବା ଜଣାଯାଇଛି।

**ବିନା ଯାଞ୍ଚରେ ପ୍ରଦୂଷଣ ପ୍ରମାଣପତ୍ର**

# ୪୨ଟି ଯାଞ୍ଚ କେନ୍ଦ୍ରର ସ୍ୱୀକୃତି ରଦ୍ଦ

**କଟକ, ୨୭ ।୧୨ (ସମିସ):** ବିନା ଯାଞ୍ଚରେ ଗାଡ଼ିଗୁଡ଼ିକୁ ପ୍ରଦୂଷଣ ପ୍ରମାଣପତ୍ର ପ୍ରଦାନ ଅଭିଯୋଗରେ ରାଜ୍ୟର ୪୨ଗୋଟି ଯାଞ୍ଚ କେନ୍ଦ୍ରର ସ୍ୱୀକୃତିକୁ ରଦ୍ଦ କରିଛି ପରିବହନ ବିଭାଗ। ଅତିରିକ୍ତ ରାଜ୍ୟ ପରିବହନ କମିସନର୍ ଦୀପ୍ତିରଂଜନ ପାତ୍ର ଏହି ସୂଚନା ଦେଇଛନ୍ତି। ଏହି କେଳେଙ୍କାରୀର ଚେର ରାଜ୍ୟ ବାହାରକୁ ଲମ୍ବିଥିବାରୁ ପରିବହନ କମିସନରଙ୍କ ପକ୍ଷରୁ କ୍ରାଇମବ୍ରାଞ୍ଚର ସାଇବର ଥାନାରେ ମଧ୍ୟ ଏତଲା ଦିଆଯାଇଛି।

ସୂଚନାନୁସାରେ, ସାରା ରାଜ୍ୟରେ ୪୦ ଲକ୍ଷରୁ ଊର୍ଦ୍ଧ୍ୱ ଗାଡ଼ିର ବୈଧ ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର(ପିୟୁସିସି) ନାହିଁ। ନିକଟ ଅତୀତରେ ପିୟୁସିସିକୁ ସରକାର ବାଧ୍ୟତାମୂଳକ ଓ କଡ଼ାକଡ଼ି କରିବା ପରେ ଏବେ ରାଜ୍ୟର ପ୍ରଦୂଷଣ ଯାଞ୍ଚ କେନ୍ଦ୍ରଗୁଡ଼ିକରେ ନାହିଁ ନଥିବା ଭିଡ଼ ଦେଖିବାକୁ ମିଳୁଛି। ଯାଞ୍ଚ କେନ୍ଦ୍ର ଖୋଲିବା ପୂର୍ବରୁ ଲୋକଙ୍କ ଲମ୍ବା ଧାଡ଼ି ଲାଗି ଯାଉଛି। ରାଜ୍ୟ ରାଜଧାନୀ ଭୁବନେଶ୍ୱରଠାରୁ

■ **ରାଜ୍ୟ ବାହାରକୁ ଲମ୍ବିଛି କେଳେଙ୍କାରୀର ଚେର**

■ **ପରିବହନ କମିସନରଙ୍କ ପକ୍ଷରୁ ସାଇବର ଥାନାରେ ଏତଲା**

ଆରମ୍ଭ କରି ରାଜ୍ୟର ସବୁ ଜିଲ୍ଲାରେ ଏପରି ଦୃଶ୍ୟ ଦେଖିବାକୁ ମିଳୁଛି। ମାତ୍ର ୬୦୦ଟି ଯାଞ୍ଚ କେନ୍ଦ୍ରରେ ଏଗୁଡ଼ିକର ଯାଞ୍ଚ କରାଯାଇ ପ୍ରମାଣପତ୍ର ପ୍ରଦାନ ପ୍ରକ୍ରିୟା ଜାରି ରହିଛି। ଯାଞ୍ଚ କେନ୍ଦ୍ରଗୁଡ଼ିକ ଗାଡ଼ିରୁ ନିର୍ଗମନ ହେଉଥିବା ଧୂଆଁରେ ପ୍ରଦୂଷଣ ସୃଷ୍ଟିକାରୀ ଉପାଦାନର ମାତ୍ରା ଯାଞ୍ଚ କରି ପ୍ରମାଣପତ୍ର ପ୍ରଦାନ କରାଯିବା କଥା। ହେଲେ କେତେକ କେନ୍ଦ୍ର ଅଧିକ ଅର୍ଥ ରୋଜଗାର ଆଶାରେ ଗାଡ଼ିର ଯାଞ୍ଚ ନକରି ବେଆଇନ ଭାବେ ପ୍ରମାଣପତ୍ର ଦେଇଦେଉଛନ୍ତି। ଏପରିକି, ଗାଡ଼ି ମାଲିକଙ୍କୁ କେବଳ ସେମାନଙ୍କ ଗାଡ଼ି ନମ୍ବରପ୍ଲେଟ୍‌ର ଫଟୋ ଉଠାଇ ପଠାଇବାକୁ କୁହାଯାଉଛି। ଫଳରେ ଗାଡ଼ିମାଲିକ ଘରେ ବସି ପ୍ରମାଣପତ୍ର ହାସଲ କରୁଛନ୍ତି। ଏଥିପାଇଁ ସରକାରୀ ଧାର୍ଯ୍ୟ ମୂଲ୍ୟଠାରୁ ତିନିଗୁଣା ଅଧିକ ଟଙ୍କା ମଧ୍ୟ ନେଉଛନ୍ତି ଯାଞ୍ଚ କେନ୍ଦ୍ର। ଏପରି ଏକାଧିକ ଘଟଣା ପଦାକୁ ଆସିବା ପରେ ପରିବହନ ବିଭାଗ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି। ଏପରି ବେଆଇନ ଭାବେ ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର ପ୍ରଦାନ କରୁଥିବା ଯାଞ୍ଚ କେନ୍ଦ୍ରଗୁଡ଼ିକର ସ୍ୱୀକୃତି ରଦ୍ଦ କରୁଛି। କିନ୍ତୁ, ଏହି କେଳେଙ୍କାରୀ ଓଡ଼ିଶା ସମେତ ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା, ଝାଡ଼ଖଣ୍ଡ ଓ ନୂଆଦିଲ୍ଲୀକୁ ଲମ୍ବିଥିବାରୁ ପରିବହନ ବିଭାଗର ଚିନ୍ତା ବଢ଼ିଯାଇଛି। ଏହାକୁ ରୋକିବା ପାଇଁ ପରିବହନ କମିସନରଙ୍କ ପକ୍ଷରୁ କ୍ରାଇମବ୍ରାଞ୍ଚର ସାଇବର ଥାନାରେ ଏତଲା ଦିଆଯାଇଛି।

ଅପରପକ୍ଷେ, ଓଡ଼ିଶା ପରିବହନ ବିଭାଗରେ ଏବେ ବିପୁଳ ପରିମାଣରେ ଚାଲାଣ ପଇଠ ଚାଲିଥିବା ବେଳେ ସାଇବର ଅପରାଧୀମାନେ ବି ଲୋକଙ୍କୁ ଟାର୍ଗେଟ୍ କଲେଣି। ଚାଲାଣ ପୈଠ ନାଁରେ ମୋବାଇଲ୍‌କୁ ଫେକ୍ ମେସେଜ ଓ ଲିଙ୍କ୍ ପଠାଉଥିବା ଜଣାପଡ଼ିଛି। ତେଣୁ ଇ-ଚାଲାଣ ଅର୍ଥ ପୈଠ ବେଳେ ସାଇବର୍ ଅପରାଧୀଙ୍କଠାରୁ ସତର୍କ ରହିବାକୁ ପରିବହନ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି।

# ଏଣିକି ଅଫଲାଇନ୍‌ରେ ବି ପୈଠ କରିହେବ ଇ-ଚାଲାଣ

**କଟକ, ୨୭ ।୧୨(ସମିସ):** ଗାଡ଼ିର ଇ-ଚାଲାଣ ପଇଠ ହୋଇନଥିଲେ ପ୍ରଦୂଷଣ ପ୍ରମାଣପତ୍ର ମିଳୁନାହିଁ। ବକେୟା ଚାଲାଣ ରାଶି ପଇଠ କରିବା ପାଇଁ ପୂର୍ବରୁ କେବଳ ଅନଲାଇନ୍ ମାଧ୍ୟମ ଥିବା ବେଳେ ଏଣିକି ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ (ଆର୍‌ଟିଓ)ରେ ମୋଟରଯାନ ନିୟମ ଉଲ୍ଲଙ୍ଘନରେ ଜାରି ହୋଇଥିବା ଇ-ଚାଲାଣ ବାବଦରେ ନଗଦ ଅର୍ଥ ଗ୍ରହଣ କରାଯିବ। ଏନେଇ ସମସ୍ତ ଆରଟିଓଙ୍କୁ ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏ) ପକ୍ଷରୁ ନିର୍ଦ୍ଦେଶ ଜାରି କରାଯାଇଛି। ଇ-ଚାଲାଣ ଅର୍ଥ ପୈଠ ବେଳେ ଓଟିପି ସମସ୍ୟା ନେଇ ଅଭିଯୋଗ ହେଉଥିଲା।

ମୋବାଇଲ ନମ୍ବର ଲିଙ୍କ ନଥିବା ଚାଲାଣ ଦେବାକୁ ଇଚ୍ଛୁକ ଗାଡ଼ି ମାଲିକ ଚାଲାଣ ପଇଠ କରିପାରୁନଥିଲେ। ଜନସାଧାରଣଙ୍କ ଦାବି ତଥା ଦୁର୍ବଳ ଇଣ୍ଟରନେଟ୍ ଥିବା ଅଞ୍ଚଳର ଲୋକଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଅଫଲାଇନ୍‌ରେ ନଗଦ ଜରିମାନା ରାଶି ଗ୍ରହଣ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ତେବେ, ପୂର୍ବଭଳି ଅନଲାଇନ୍‌ରେ ମଧ୍ୟ ଇ-ଚାଲାଣ ପୈଠ କରାଯାଇପାରିବ। ଆର୍‌ଟିଓ କାର୍ଯ୍ୟାଳୟରେ ସ୍ୱତନ୍ତ୍ର ଭାବେ ଅଧିକାରୀଙ୍କୁ ଇ-ଚାଲାଣ ଅର୍ଥ ଗ୍ରହଣ

**ମୋବାଇଲ ନମ୍ବର ଲିଙ୍କ୍ ନଥିବା ଗାଡି ମାଲିକଙ୍କୁ ଆଶ୍ୱସ୍ତି**

ପାଇଁ ଦାୟିତ୍ୱ ପ୍ରଦାନ କରାଯାଇଛି। କେବଳ ଗାଡ଼ି ମାଲିକ କିମ୍ବା ଖିଲାପକାରୀଙ୍କଠାରୁ ସକ୍ରିୟ ବକେୟା ଇ-ଚାଲାଣ ବାବଦରେ ଅର୍ଥ ଗ୍ରହଣ କରାଯିବ। ଇ-ଚାଲାଣ ଗ୍ରହଣ ପରେ ରସିଦ୍ ପ୍ରଦାନ କରାଯିବ ଏବଂ ଅର୍ଥ ପୈଠ ହେଲା ବୋଲି ଅନଲାଇନ୍‌ରେ ମଧ୍ୟ ଅପଡେଟ୍ ହେବ। ଇ-ଚାଲାଣ ବାବଦରେ ଗ୍ରହଣ କରାଯାଇଥିବା ସମସ୍ତ ଅର୍ଥରାଶି ପରବର୍ତ୍ତୀ କାର୍ଯ୍ୟ ଦିବସରେ ସରକାରୀ କୋଷାଗାରରେ ଜମା କରାଯିବ।

# ମାଲକାନଗିରି ଜିଲ୍ଲା ବିଜେଡିର ସାଂଗଠନିକ କମିଟି ଘୋଷିତ

ମାଲକାନଗିରି,୨୭।୧୨(ସମିସ): ମାଲକାନଗିରି ଜିଲ୍ଲା ବିଜେଡିର ନୂତନ ସାଂଗଠନିକ କମିଟି ଘୋଷିତ ହୋଇଛି। ରାଜ୍ୟ ବିଜୁ ଜନତା ଦଳ ପକ୍ଷରୁ ଏହି ଚୟନ କରାଯାଇଥିବା ବେଳେ ମାଲକାନଗିରି ନିର୍ବାଚନ ମଣ୍ଡଳୀର ଉପସଭାପତି ଭାବେ ପ୍ରଫୁଲ୍ଲ କୁମାର ପଣ୍ଡାଙ୍କୁ ଦାଇତ୍ୱ ଦିଆଯାଇଛି। ସେହିପରି ଉଦୟନାଥ ମାଦ୍ରୀଙ୍କୁ ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀର ଉପସଭାପତି ଭାବେ ଦାଇତ୍ୱ ଦିଆଯାଇଛି। ସେହିପରି ମାଲକାନଗିରି ନିର୍ବାଚନ ମଣ୍ଡଳୀ ନିମନ୍ତେ ଡି. ବିଶ୍ୱନାଥ ରେଡ୍ଡୀ ଓ ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀ ପାଇଁ ସତ୍ୟନାରାୟଣ ପାଣିଗ୍ରାହୀଙ୍କୁ ସାଧାରଣ ସମ୍ପାଦକ ଭାବେ ଦାଇତ୍ୱ ଦିଆଯାଇଛି। ସମାନ ରୂପେ ଚିତ୍ରକୋଣ୍ଡା ବ୍ଲକ ସାଧାରଣ ସମ୍ପାଦକ ଭାବେ ରଘୁବୀର ଖରା, ପୋଡିଆ ବ୍ଲକ ସାଧାରଣ ସମ୍ପାଦକ ଭାବେ ନାକା ନକୁଲ ରାଜୁ, ମାଥିଲି ବ୍ଲକ ସାଧାରଣ ସମ୍ପାଦକ ଭାବେ କାନମ ରାଜୁ ନାୟକ, ମଙ୍ଗଳା ପାଙ୍ଗିଙ୍କୁ ବାଲିମେଲା ଏନଏସି ସାଧାରଣ ସମ୍ପାଦକ, ଲମ୍ବଦୋର ତୁରୁକଙ୍କୁ ମାଲକାନଗିରି ପୌର ପରିଷଦ ସାଧାରଣ ସମ୍ପାଦକ, ମୁକା ମାଡକାମିଙ୍କୁ ମାଲକାନଗିରି ବ୍ଲକ ସାଧାରଣ ସମ୍ପାଦକ, ଭଗବାନ ସାହୁ ଖଇରିପୁଟ ବ୍ଲକ ସାଧାରଣ ସମ୍ପାଦକ, ଦିବାସ ମିସ୍ତ୍ରୀ ମାଲକାନଗିରି ବ୍ଲକ କୋଷାଧକ୍ଷ, ଏମଡି ଫାରୁକ ପୋଡିଆ ବ୍ଲକ୍ ସମ୍ପାଦକ, କଣ୍ଠେଶ୍ୱର ପୋଟଲା, ମାଲକାନଗିରି ବିଏଲ୍‌କେ ସମ୍ପାଦକ, ପିତାମ୍ବର ଗୋଟେ ମାଲକାନଗିରି ବ୍ଲକ୍ ସମ୍ପାଦକ, ମାଧବ ସାବତ ଓ ସଦାନନ୍ଦ ମଣ୍ଡଳଙ୍କୁ କାରୁକୋଣ୍ଡା ବ୍ଲକ ସମ୍ପାଦକ, ସାରଥି ଚନ୍ଦ୍ର ବିଶ୍ୱାଳ, ଶମ୍ଭୁନାଥ ବକ୍ସି କାଲିମେଲା ବ୍ଲକ ସମ୍ପାଦକ, ଚିତ୍ରକୋଣ୍ଡା ବ୍ଲକ ସମ୍ପାଦକ କମଲୁ ହନ୍ତାଳ, ସମ୍ଭୁ ନାୟକ ଓ ବିଦ୍ୟାଧର ପୂଜାରୀ ମାଥିଲି ବ୍ଲକ ସମ୍ପାଦକ, ରାଜେନ୍ଦ୍ର ସୁଗ୍ରି ଖଇରପୁଟ ବ୍ଲକ ସମ୍ପାଦକ, ଟୁକୁଲୁ ପ୍ରଧାନ ବାଲିମେଲା ଏନଏସି ସମ୍ପାଦକ, କେ ରାହୁଲ ରାଓ, ମାଲକାନଗିରି ପୌର ପରିଷଦ ସମ୍ପାଦକ, ଚିତ୍ରାକୋଣ୍ଡା ବ୍ଲକ୍ ସମ୍ପାଦକ ଅର୍ଜୁନ କିରସାନି, ସଞ୍ଜୀବ ଦୋରା ବାଲିମେଲା ଏନଏସି ସମ୍ପାଦକ, ସଦାନନ୍ଦ ଖରା ମାଲକାନଗିରି ବ୍ଲକ ସମ୍ପାଦକ, ପୋଡିଆ ବ୍ଲକ ସମ୍ପାଦକ ସୁବାଷ ଚନ୍ଦ୍ର ଭୋମିକ, ପ୍ରୀତମ ଗୁରୁତାଲିଙ୍କୁ ଖଇରପୁଟ ବ୍ଲକ ସମ୍ପାଦକ, ବିକାଶ ମଣ୍ଡଳଙ୍କୁ ମାଲକାନଗିରି ପୌରପରିଷଦ ସମ୍ପାଦକ ଭାବେ ଦାଇତ୍ୱ ଦିଆଯାଇଛି।

## ବିଦେଶରେ ବଢୁଛି ଦେଶୀ ପରିବା ଚାହିଦା

# ଉମରକୋଟରୁ ଦୁବାଇ ଗଲା ପରିବା



ଉମରକୋଟ,୨୭।୧୨(ସମିସ): ନବରଙ୍ଗପୁର ଜିଲ୍ଲା ଉମରକୋଟ ଅଞ୍ଚଳରୁ ସପ୍ତାହକୁ ଦୁଇଦିନ ବିଦେଶକୁ ଯାଉଛି ଦେଶୀ ପରିବା। ପୂର୍ବରୁ ଭୁବନେଶ୍ୱର,କଟକ, ରାୟପୁର,ବ୍ରହ୍ମପୁର ସହରକୁ ପନିପରିବା ଯାଇ ସେଠାରେ ବିକ୍ରି ହେଉଥିଲା। କିନ୍ତୁ ବର୍ତ୍ତମାନ ଏହି ଅଞ୍ଚଳର ପନିପରିବା ଦୁବାଇରେ ବିକ୍ରି ଆରମ୍ଭ ହୋଇଛି। ଏହି ଅଞ୍ଚଳର ପନିପରିବା ଦୁବାଇରେ ପହଞ୍ଚିବା ମାତ୍ରେ ସଙ୍ଗେ ସଙ୍ଗେ ବିକ୍ରି ହୋଇଯାଉଥିବା ଜଣାପଡ଼ିଛି। ଉମରକୋଟ ଅଞ୍ଚଳର ୪ ଜଣ ଓ ରାଇଘର ଅଞ୍ଚଳର ଜଣେ ଏହିଭଳି ୫ ଜଣ ଚାଷୀ ଏଥିପୂର୍ବରୁ ଭୁବନେଶ୍ୱରର ବଡ଼ ବଡ଼ ମାର୍ଟ ସହ ଚୁକ୍ତି କରି ଏଠାରୁ ପରିବା ପଠାଇ ବିକ୍ରି କରୁଥିଲେ। ବର୍ତ୍ତମାନ ଏହି ଚାଷୀମାନେ ସୁଦୂର ଦୁବାଇକୁ ନିଜ ପରିବା ବିକ୍ରି କରି ଭଲ ଅର୍ଥ ରୋଜଗାର କରିବା ଆରମ୍ଭ କରିଛନ୍ତି। ବୁଧବାର ମୋଟ ୧ ହଜାର କେଜି ପନିପରିବା ଏଠାରୁ ବସ୍ ଯୋଗେ ଭୁବନେଶ୍ୱର ଯାଇଥିଲା ଏବଂ ସେଠାରୁ ଦୁବାଇ ପଠାଇଥିଲେ। ପରିବା ମଧ୍ୟରେ କୁନ୍ଦୁରୁ, ଛୋଟ ଆଳୁ ,ପୋଟଳ, ରସୁଣ, ଫ୍ରେଞ୍ଚ୍ ବିନସ ଓ କଞ୍ଚା ଅମୃତଭଣ୍ଡା ସମୁଦାୟ ଏକ ହଜାର କେଜି ଯାଇଥିଲା। ଭୁବନେଶ୍ୱର ଠାରେ ଭିଲାମାର୍ଟ ନାମକ ଗୋଟିଏ ସଂସ୍ଥା ଏହାର ସ୍ୱତନ୍ତ୍ର ପ୍ୟାକିଂ କରି ବିମାନରେ ଦୁବାଇ ପଠାଇଥିଲେ। ସେହି ସମସ୍ତ ପରିବା ବଜାରରେ ପହଞ୍ଚିବା କ୍ଷଣି ବିକ୍ରି ହୋଇ ଯାଇଥିଲା। ଆଗକୁ ଉମରକୋଟରୁ ଫୁଲକୋବି, ଟମାଟୋ, ମରିଚ, ଭେଣ୍ଡି, ଜହ୍ନି, ଲାଉ ଓ କାକୁଡି ଇତ୍ୟାଦି ପରିବା ଦୁବାଇକୁ ରପ୍ତାନି କରିବା ଆମର ଲକ୍ଷ୍ୟ ଅଛି ବୋଲି ଉମରକୋଟ ଅଞ୍ଚଳର ଚାଷୀ ସତ୍ୟଜିତ ଦାସ ଓ ସଞ୍ଜୟ ରାୟ ସୂଚନା ଦେଇଛନ୍ତି। ବର୍ତ୍ତମାନ ପ୍ରଥମ କରି ପଠାଯାଇଛି ଆଗାମୀ ଦିନରେ ସପ୍ତାହକୁ ଏକରୁ ଦୁଇ ଥର ପଠାଯିବ ବୋଲି କହିଛନ୍ତି। ସେଠାରେ ଗ୍ରାହକଙ୍କ ଚାହିଦା ଭଲ ରହିଛି ତେଣୁ ଏହି ଅଞ୍ଚଳରୁ ଆହୁରି ଅଧିକ ପରିବା ଦୁବାଇ ଭଳି ବଜାରକୁ ପଠାଯାଇ ପାରିବ ବୋଲି କହିଛନ୍ତି। ବର୍ତ୍ତମାନ ଉମରକୋଟଠାରେ ଚାଷୀ ମାନେ ନିଜ କ୍ଷେତରେ ଫୁଲକୋବି କିଲୋ ପିଛା ୧୦ ଟଙ୍କା, ବିନିସ ୨୫ ଟଙ୍କାରେ ବିକ୍ରି କରୁଥିବା ବେଳେ ଏହି ପରିବା ଦୁବାଇଠାରେ ୩୦୦ ରୁ ୩୫୦ ଟଙ୍କାରେ ବିକ୍ରି ହେଉଛି। ଭୁବନେଶ୍ୱର ଠାରୁ ଦୁବାଇ ଯିବା ପାଇଁ ବିମାନ ଭଡା କେଜି ପିଛା ୬୦ ଟଙ୍କା ଖର୍ଚ୍ଚ ହେଉଛି। କିନ୍ତୁ ଦୁବାଇକୁ ପଠାଇବାକୁ ହେଲେ ପରିବାର କ୍ୱାଲିଟି ଭଲ ରହିବା ସହ ପରିବା ଉପରେ କୌଣସି ଚିହ୍ନ ନଥିବା ଆବଶ୍ୟକ ବୋଲି କହିଛନ୍ତି ଚାଷୀ। ବର୍ତ୍ତମାନ ଏହି ୫ ଜଣ ଚାଷୀ ଅଞ୍ଚଳର ଅନ୍ୟ ଚାଷୀମାନଙ୍କୁ ମଧ୍ୟ ଏଭଳି ସମସ୍ତ ନିୟମ କୁ ଧ୍ୟାନରେ ରଖି ବିଦେଶକୁ ପଠାଇଲେ ଭଲ ରୋଜଗାର ହୋଇ ପାରିବ ବୋଲି କହିଛନ୍ତି। ତେବେ ଏହି ଅଞ୍ଚଳର ପନିପରିବା ଦୁବାଇରେ ଯାଇ ବିକ୍ରି ହେବା ଦ୍ୱାରା ଏହି ଅଞ୍ଚଳର ଚାଷୀଙ୍କ ଆର୍ଥିକ କ୍ଷେତ୍ରରେ ମଧ୍ୟ ପରିବର୍ତ୍ତନ ଆସିବ ବୋଲି ଅନୁମାନ କରାଯାଉଛି।

# ଡ଼ାକରି ଘାଟିରେ କାରକୁ ପଛରୁ ପିଟିଲା କାର୍

● ଅଳ୍ପକେ ବର୍ତ୍ତିଲେ ସମସ୍ତ ଯାତ୍ରୀ



ବୈପାରିଗୁଡ଼ା,୨୭।୧୨(ସମିସ): ବୈପାରୀଗୁଡା ବ୍ଲକ୍ ଅନ୍ତର୍ଗତ ଗୁପ୍ତେଶ୍ୱର ରାସ୍ତା ଡ଼ାକରି ଘାଟିରେ ପାର୍କିଂ କାରକୁ ପଛରୁ ପିଟିଲା କାର୍। ଏଥିରେ ଅଳ୍ପକେ ବର୍ତ୍ତିଯାଇଛନ୍ତି ସମସ୍ତ ଯାତ୍ରୀ। ଘଟଣା ଅନୁଯାୟୀ, କୋରାପୁଟ ଜିଲ୍ଲା ବୋରିଗୁମ୍ମା ଏସବିଆଇ ବ୍ୟାଙ୍କ ମ୍ୟାନେଜର ଆଜି ନିଜ ପରିବାର ଲୋକଙ୍କୁ ନେଇ ବୈପାରିଗୁଡ଼ା ବ୍ଲକର ଶୈବପୀଠ ଗୁପ୍ତେଶ୍ୱର ଦର୍ଶନ ନିମନ୍ତେ ବାହାରିଥିଲେ। ଡ଼କରିଘାଟି ଶୁକୁନାଳ ଘାଟି ନିକଟରେ ତାଙ୍କ ପରିବାର ସଦସ୍ୟ ଜଣକୁ ବାନ୍ତି ହେବାରୁ ନିଜ କାର (୨୫ ବିଏଚ୍ ୫ ୯୪୨୫) କୁ ରାସ୍ତା କଡ଼ରେ ପାର୍କିଂ କରିଥିଲେ। ଠିକ୍ ସେହି ସମୟରେ ପଛପଟୁ ଅନ୍ୟ ଏକ କାର୍ (ଓଡି ୩୩ କ୍ୟୁ ୭୦୮୮) ପଛପଟୁ ଧକ୍କା ଦେଇଥିଲା। ଫଳରେ ଦୁଇଟି କାର୍ ଚୁରମାର ହୋଇଯାଇଥିଲା। ସୌଭାଗ୍ୟବଶତଃ କାହାରି କିଛି କ୍ଷତି ହୋଇନଥିବା ଜଣାପଡିଛି। ଖବର ପାଇ ପାଟ୍ରୋଲିଂ ଦାୟିତ୍ୱରେ ଥିବା ରାମଗିରି ପୁଲିସ ଏଏସଆଇ ବିଷ୍ଣୁ ମାଡକାମୀ ଘଟଣାସ୍ଥଳରେ ପହଞ୍ଚି ଦୁଇଟି ଗାଡ଼ିକୁ ଜବତ କରିବା ସହ କାଗଜପତ୍ର ଥାନାକୁ ଆଣି ତଦନ୍ତ ଆରମ୍ଭ କରିଛନ୍ତି।

# ତାମିଲନାଡୁ କାମ କରିବାକୁ ଯାଇ ଶବ ହୋଇଗଲେ

● ମୃତଦେହକୁ ଚାହିଁବସିଛନ୍ତି ପରିବାର

ପାପଡାହାଣ୍ଡି,୨୭।୧୨(ସମିସ): ପରିବାର ପ୍ରତି ପୋଷଣ କରିବା ପାଇଁ ତାମିଲନାଡୁକୁ କାମ କରିବାକୁ ଯାଇ ଶବ ହୋଇଯାଇଛନ୍ତି ଜଣେ ଯୁବକ। ମୃତ ଯୁବକଙ୍କର ଶବ ଫେରିବା ବାଟକୁ ଚାହିଁ ବସିଛନ୍ତି ପରିବାର। ମୃତକ ହେଲେ ପାପଡାହାଣ୍ଡି ବ୍ଲକ ପାତ୍ରୀ ପଞ୍ଚାୟତ କୁମ୍ଭାର ମୁଣ୍ଡାଗୁଡା ଗ୍ରାମର ବୈକୁଣ୍ଠ ନାୟକ। ଏନେଇ ଡାବୁଗାଁ ଥାନାରେ ପରିବାର ବର୍ଗ ଏତଲା ଦେଇଛନ୍ତି। ସୂଚନାନୁଯାୟୀ, ତାମିଲନାଡୁର ଏକ କମ୍ପାନୀରେ ଇଲେକ୍ଟ୍ରିସିଆନ ଭାବେ କାମ କରୁଥିଲେ ବୈକୁଣ୍ଠ। ଶନିବାର ସକାଳ ୮.୩୦ସମୟରେ ତାଙ୍କର ହଠାତ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ପରିବାର ଲୋକଙ୍କ କହିବା ଅନୁଯାୟୀ, ସେ ସିକିଲିନ ରୋଗରେ ଆକ୍ରାନ୍ତ ଥିଲେ। ଯୁକ୍ତ ଦୁଇ ପାସ କରିବା ପରେ ଅଞ୍ଚଳରେ ଇଲେକ୍ଟ୍ରିସିଆନ ଭାବେ କାମ କରିଥିଲେ। ଭଲ ରୋଜଗାରକ୍ଷମ ହୋଇ ପରବାର ପ୍ରତିପୋଷଣ ଲାଗି ତାମିଲନାଡୁ ରାଜ୍ୟକୁ କାମ କରିବାକୁ ଯାଇଥିଲେ। ସେଠାରେ ଏକ କମ୍ପାନୀରେ ଇଲେକ୍ଟ୍ରିସିଆନ ଭାବେ ଗତ ୨ ବର୍ଷରୁ ଉର୍ଦ୍ଧ୍ୱ ହେବ କାମ କରୁଥିଲେ। ଗତ ବର୍ଷା ଦିନରେ ଚାଷ କାମ ପାଇଁ ସେ ଘରକୁ ଆସିଥିଲେ। କାମ ସାରି ତାମିଲନାଡୁ ଫେରିଥିଲେ। ଶୁକ୍ରବାର ସନ୍ଧ୍ୟାରେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଠିକ୍ ନ ଥିବା ଜଣାପଡିଥିଲା। ସକାଳୁ ସ୍ୱାସ୍ଥ୍ୟ ଅବସ୍ଥା ଖରାପ ହେବା ପରେ ତାଙ୍କୁ ନିକଟସ୍ଥ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ବୈକୁଣ୍ଠଙ୍କ ସାଙ୍ଗ ଏନେଇ ଫୋନରେ ପରିବାର ଲୋକଙ୍କୁ ଜଣାଇବା ପରେ ପରିବାର ସଦସ୍ୟ ଶୀଘ୍ର ବୈକୁଣ୍ଠଙ୍କ ଶବ ଗ୍ରାମକୁ ଫେରାଇ ଆଣିବା ଲାଗି ନିବେଦନ କରିଛନ୍ତି। ତାମିଲନାଡୁରେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି କମ୍ପାନୀ ତରଫରୁ ସୂଚନା ଦିଆଯାଇଥିବା ପରିବାର ଲୋକେ କହିଛନ୍ତି।

# ବେକରେ ଦଉଡି ବାନ୍ଧି ଯୁବକଙ୍କ ଆତ୍ମହତ୍ୟା

ଡାବୁଗାଁ,୨୭।୧୨(ସମିସ): ନବରଙ୍ଗପୁର ଜିଲ୍ଲା ଡାବୁଗାଁ ଥାନାର ଶିଂସାରି ଫାଣ୍ଡି ଅଧୀନ ରାଜପୁର ଗ୍ରାମରେ ଜଣେ ଯୁବକ ବେକରେ ଦଉଡି ବାନ୍ଧି ଆତ୍ମହତ୍ୟା କରିଥିବା ନେଇ ଶନିବାର ଡାବୁଗାଁ ଥାନାରେ ଅଭିଯୋଗ ହୋଇଛି। ମୃତକ ଶିଂସାରି ଫାଣ୍ଡି ଅଧୀନ ରାଜପୁର ଗ୍ରାମର ସଦା ଯାନୀ(୩୮)। ସୂଚନାନୁଯାୟୀ, ଶନିବାର ସକାଳୁ ରାଜପୁର ଗ୍ରାମର ଧନସାଏ ଜାନୀଙ୍କ ସାନ ପୁଅ ସଦା ଯାନୀ (୩୮) ଘରେ କେହି ନଥିବାର ସୁଯୋଗ ନେଇ ବେକରେ ଏକ ପ୍ଲାଷ୍ଟିକ ଦଉଡି ବାନ୍ଧି ନିଜ ଘରର ଦୁଲମରେ ଆତ୍ମହତ୍ୟା କରିଥିଲେ। ମଧ୍ୟାହ୍ନରେ ପରିବାର ଲୋକେ ସଦା ଆତ୍ମହତ୍ୟା କରିଥିବା ଦେଖିବା ପରେ ମୃତକର ବଡ ଭାଇ କୃଷ୍ଣ ଜାନୀ ଡାବୁଗାଁ ଥାନାରେ ଏତଲା ଦେଇଥିଲେ। ଏତଲାକୁ ଭିତ୍ତି କରି ସିଂସାରି ଫାଣ୍ଡି ଅଧିକାରୀ ହରିହର ଭତ୍ରା ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ଉମରକୋଟ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲେ। ରବିବାର ଶବ ବ୍ୟବଚ୍ଛେଦ କରାଯିବ ବୋଲି ସୂଚନା ମିଳିଛି। ଏନେଇ ଡାବୁଗାଁ ଥାନାରେ ଏକ ଅପମୃତ୍ୟୁ ମାମଲା(୪୫/୨୫) ରୁଜୁ ହୋଇଛି।

● ଜମି ବିବାଦକୁ ନେଇ ବଡ ଭାଇର ଆକ୍ରମଣ ଘଟଣା

# ଚିକିତ୍ସାଧୀନ ଅବସ୍ଥାରେ ସାନ ଭାଇ ମୃତ

କାଲିମେଲା,୨୭।୧୨(ସମିସ): ମାଲକାନଗିରି ଜିଲ୍ଲା କାଲିମେଲା ଥାନା ଅନ୍ତର୍ଗତ ଏମ୍‌ଭି-୭୪ ଗ୍ରାମରେ ବୁଧବାର ଜମି ବିବାଦକୁ କେନ୍ଦ୍ର କରି ବଡ ଭାଇର ଆକ୍ରମଣରେ ଗୁରୁତର ସାନ ଭାଇର ଶନିବାର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ସୂଚନା ମୁତାବକ, ବୁଧବାର ରାତିରେ କାଲିମେଲା ଥାନା ଅନ୍ତର୍ଗତ ଏମଭି-୭୪ ଗାଁରେ ଜମି ବିବାଦକୁ ନେଇ ବଡ଼ ଭାଇ ତାପସ ମଲ୍ଲିକ (୭୫) ଗ୍ରାମର କିଛି ବ୍ୟକ୍ତିଙ୍କ ସହ ମିଶି ସାନ ଭାଇ ରବୀନ୍ଦ୍ର ମଲ୍ଲିକ (୭୦)ଙ୍କୁ ମରଣାତ୍ମକ ଆକ୍ରମଣ କରିଥିଲେ। ଆକ୍ରମଣରେ ରବୀନ୍ଦ୍ର ମଲ୍ଲିକ ଗୁରୁତର ଆହତ ହେବାରୁ ପ୍ରଥମେ ତାଙ୍କୁ କାଲିମେଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପଠାଯାଇଥିବା ବେଳେ ଡ଼ାକ୍ତର ଜରୁରୀକାଳୀନ ଚିକିତ୍ସା ପରେ ତାଙ୍କୁ ମାଲକାନଗିରି ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରିଥିଲେ। ସେଠାରେ ମଧ୍ୟ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ବିଗିଡିବାରୁ ଡ଼ାକ୍ତର ତାଙ୍କୁ କୋରାପୁଟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରିଥିଲେ। ଶନିବାର ସକାଳେ ସେଠାରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି। ଜମିବାଡ଼ି ବିବାଦକୁ ନେଇ ମୃତକ ରବୀନ୍ଦ୍ର ମଲ୍ଲିକ ଏବଂ ବଡ ଭାଇ ତାପସ ମଲ୍ଲିକଙ୍କ ମଧ୍ୟରେ ଦୀର୍ଘଦିନ ହେବ ବିବାଦ ଲାଗି ରହିଥିଲା। ଏହା ମଧ୍ୟରେ ଗ୍ରାମରେ କିଛି ଦିନ ଧରି ଚାଲିଥିବା ଭାଗବତ ପାଠ ଶୁଣିବାକୁ ଉଭୟ ବୁଧବାର ରାତିରେ ଯାଇଥିଲେ ଏବଂ ଭାଗବତ ପାଠ ଶୁଣି ଘରକୁ ଫେରୁଥିବା ବେଳେ ଉଭୟ ଭାଇଙ୍କ ମଧ୍ୟରେ ବଚସା ହୋଇଥିଲା। ଏହି ବଚସା ଉଗ୍ର ରୂପ ନେଇଥିଲା। ଏଥିରେ ବଡ ଭାଇ ତାପସ ମଲ୍ଲିକ ରାଗି ଯାଇ ଗ୍ରାମର କିଛି ବ୍ୟକ୍ତିଙ୍କ ସହ ମିଶି ସାନ ଭାଇ ରବିନ୍ଦ୍ରଙ୍କୁ ମରଣାତ୍ମକ ଆକ୍ରମଣ କରିଥିଲେ। ଏସମ୍ପର୍କରେ ମୃତ ରବୀନ୍ଦ୍ରଙ୍କ ପୁଅ ତରୁଣ ମଲ୍ଲିକ କାଲିମେଲା ଥାନାରେ ଶୁକ୍ରବାର ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ପୋଲିସ ଉକ୍ତ ଗ୍ରାମରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି।

# ବାଇକ ଦୁର୍ଘଟଣାରେ ଆହତ ଯୁବକ ମୃତ

ଜୟପୁର,୨୭ ।୧୨(ସମିସ): କୋରାପୁଟ ଜିଲ୍ଲା ଜୟପୁର-ବୈପାରୀଗୁଡ଼ା ୩୨୬ ନମ୍ବର ଜାତୀୟ ରାଜପଥ ରାସ୍ତା ଜବାକନାଡି ଗ୍ରାମ ନିକଟରେ ଗତ ୧୪ ତାରିଖରେ ବାଇକ ଦୁର୍ଘଟଣାରେ ଦୁଇ ଭାଇ ଆହତ ହୋଇଥିଲେ। ଏଥିରେ ଜଣେ ଭାଇ ତଥା ସ୍ଥାନୀୟ ଜୟପୁର ସହର ଟାଉନଥାନା ହାତୀଶାଳର ବାସିନ୍ଦା ଶୁଭମ ଦୋରାଙ୍କ ଆଜି ସକାଳେ ସ୍ଥାନୀୟ ଏକ ଘରୋଇ ଚିକିତ୍ସାଳୟରେ ମୃତ୍ୟୁ ହୋଇଯାଇଛି। ଏନେଇ ପରିବାର ପକ୍ଷରୁ ବିନା ଶବ ବ୍ୟବଚ୍ଛେଦରେ ମୃତଦେହ ହସ୍ତାନ୍ତର ପାଇଁ ଅନୁରୋଧ କରାଯାଇଥିଲା, କିନ୍ତୁ ଦୁର୍ଘଟଣା ଜନିତ ମାମଲା ରୁଜୁ ହୋଇଥିବା ଯୋଗୁଁ ପୁଲିସ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରିଥିବା ଜଣାପଡ଼ିଛି। ପ୍ରକାଶ ଯେ, ଦୁର୍ଘଟଣା ଦିନ ମୃତକ ଶୁଭମ ଏବଂ ତାଙ୍କ ଭାଇ ସୂରଜ ବାଇକ (ଓଡି ୧୦ୱାଇ-୦୫୧୩) ଯୋଗେ ଜୟପୁର ଆସୁଥିବା ବେଳେ ଭାରସାମ୍ୟ ହରାଇ ରାସ୍ତା ଉପରେ ତାଙ୍କ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ଶୁଭମର ଗୁରୁତର ଆହତ ହୋଇଥିବା ବେଳେ ସୁରଜ ସାମାନ୍ୟ ଆହତ ହୋଇଥିଲେ। ତାଙ୍କୁ ପରିବାର ଲୋକ ଉଦ୍ଧାର କରି ପ୍ରଥମେ ସ୍ଥାନୀୟ ଜିଲ୍ଲା ଚିକିତ୍ସାଳୟ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କ ଅବସ୍ଥା ଗୁରୁତର ରହିଥିବା ଯୋଗୁଁ କୋରାପୁଟ ମେଡିକାଲ କଲେଜକୁ ସ୍ଥାନାନ୍ତରିତ କରିବାକୁ ଜିଲ୍ଲା ଚିକିତ୍ସାଳୟ ଡାକ୍ତର ପରାମର୍ଶ ଦେଇଥିଲେ। ପରିବାର ପକ୍ଷରୁ ଉତ୍ତମ ଚିକିତ୍ସା ନେଇ ସ୍ଥାନୀୟ ଏକ ଘରୋଇ ଚିକିତ୍ସାଳୟରେ ତାଙ୍କୁ ଭର୍ତ୍ତି କରାଯାଇଥିଲା।

# ୧୩ ସରକାରୀ ଓକିଲ ନିଯୁକ୍ତ

ଗୁଣପୁର,୨୭।୧୨(ସମିସ): ରାୟଗଡ଼ା ଜିଲ୍ଲା ଗୁଣପୁରର ବିଭିନ୍ନ କୋର୍ଟ ପାଇଁ ବିଜେଡ଼ି ସରକାର ସମୟରେ ନିଯୁକ୍ତି ପାଇଥିବା ୪ ସରକାରୀ ଓକିଲଙ୍କୁ ମିଶାଇ ୧୩ ଜଣଙ୍କୁ ଗୁଣପୁରର ବିଭିନ୍ନ କୋର୍ଟ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସରକାରୀ ଓକିଲ ଭାବେ ନିଯୁକ୍ତି ଦିଆଯାଇଛି। ସେମାନଙ୍କ ମଧ୍ୟରେ ଗଣେଷ ପଣ୍ଡା, ମନୋଜ ରତ୍ନାଲୁ, ବିଶ୍ୱନାଥ ସାହୁ ଏବଂ ରାଜେନ୍ଦ୍ର ପାଢ଼ୀଙ୍କ ସମେତ ଏଜିପି ଭାବେ ଏସ୍. ଗଣପତି ରାଓ, ଅତିରିକ୍ତ ପିପି ଭାବେ ଈଶ୍ୱର ଚନ୍ଦ୍ର ଗମାଙ୍ଗ (ଏଡିଜେ କୋର୍ଟ), ଏଡିଜେ କୋର୍ଟର ଏସ୍‌ସି, ଏସ୍‌ଟି ମାମଲାର ସ୍ୱତନ୍ତ୍ର ପିପି ଭାବେ ପ୍ରଦୀପ କୁମାର ଦାସ, ସିଭିଲ ଜଜ ସିନିୟର୍ ଡିଭିଜନ କୋର୍ଟ ପାଇଁ ଆସୋସିଏଟ ଲାୟର ଭାବେ ପ୍ରଦୀପ କୁମାର ପାଢ଼ୀ, ଗୁଣପୁର ଏସଡିଜେଏମ କୋର୍ଟରେ ହିମ କାନ୍ତ ମହାପାତ୍ର, ଗଣେଶ ସାହୁ, ଇନ୍ଦ୍ରାକ୍ଷୀ ପ୍ରସାଦ ଦାସ, ଜେଏମ୍‌ଏଫସି କୋର୍ଟ ପାଇଁ ସୁନୀତା ପଣ୍ଡା, ବିଶ୍ୱନାଥ ସାହୁ ଏବଂ ରାଜେନ୍ଦ୍ର ପ୍ରସାଦ ପାଢ଼ୀଙ୍କୁ ଏପିପି ଭାବେ ସରକାରଙ୍କ ପକ୍ଷରୁ ନିଯୁକ୍ତି ପ୍ରଦାନ କରାଯାଇଛି। ସେହିପରି ବିଭିନ୍ନ କାର୍ଯ୍ୟ ନିର୍ବାହୀ ମାଜିଷ୍ଟ୍ରେଟଙ୍କ କୋର୍ଟରେ ଏପିପି ଭାବେ ଦେବେନ୍ଦ୍ର ଗୌଡ଼, ଗଣେଶ କୁମାର ପଣ୍ଡା, ମନୋଜ କୁମାର ରତ୍ନାଲୁଙ୍କୁ ଏପିପି ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି।

● ଶିଶୁପୁତ୍ରକୁ ମାରି ପୋଖରୀରେ ଫିଙ୍ଗିଥିଲା ବାପା

# ପୋଖରୀରୁ ଶିଶୁପୁତ୍ରର ମୃତଦେହ ଉଦ୍ଧାର କଲା ପୁଲିସ

ଡାବୁଗାଁ,୨୭।୧୨(ସମିସ): ନବରଙ୍ଗପୁର ଜିଲା ଡାବୁଗାଁ ଥାନାର ଶିଂସାରି ଫାଣ୍ଡି ଅଧୀନ ଓଲମାଗୁଡା ଜଙ୍ଗଲ ମଧ୍ୟରେ ଥିବା ପୋଖରୀରୁ ୩ ବର୍ଷର ଶିଶୁ ପୁତ୍ରର ଶବ ଶନିବାର ପୋଲିସ ଉଦ୍ଧାର କରିଛି। ସୂଚନାନୁଯାୟୀ, ଛତିଶଗଡ ରାଜ୍ୟର କୋଣ୍ଡାଗାଁ ଜିଲା ପରଶଗାଁ ଥାନା ଗୁହାବରନ ଗ୍ରାମର ରୋହିତ ସେଠିଆଙ୍କ ୩ ବର୍ଷର ଶିଶୁ ପୁତ୍ର ହଜି ଯାଇଥିବା ନେଇ ଗତ ନଭେମ୍ବର ୨୨ରେ ଏକ ନିଖୋଜ ମାମଲା ରୁଜୁ ହୋଇଥିଲା। ଏନେଇ ପରଶଗାଁ ପୋଲିସ ଥାନାରେ ଏକ ନିଖୋଜ ମାମଲା(୪୯/୨୫) ରୁଜୁ କରି ଦଦନ୍ତ ଆରମ୍ଭ କରିଥିଲା। ଏହାପରେ ମୃତ ଶିଶୁର ବାପା ରୋହିତ ସେଠିଆଙ୍କୁ ଥାନାକୁ ଆଣି ପଚରାଉଚରା କରିବା ପରେ ରୋହିତ ସେଠିଆ ଓ ତାଙ୍କର ୨ ଜଣ ସାଥିଙ୍କ ସହ ମିଶି ନିଜ ଶିଶୁ ପୁତ୍ରକୁ ମାରି ଶିଶୁର ଦେହରେ ପଥର ବାନ୍ଧି ଛତିଶଗଡ ଓ ଓଡିଶାର ସୀମାନ୍ତରେ ଏକ ଜଙ୍ଗଲ ମଧ୍ୟରେ ଥିବା ଏକ ପୋଖରୀରେ ପକାଇ ଦେଇଥିବା ମାନିଥିଲା। ଶନିବାର ଛତିଶଗଡ଼ ରାଜ୍ୟର ପରଶଗାଁ ଥାନା ପୋଲିସ ଡାବୁଗାଁ ଥାନାର ସିଂସାରି ପୋଲିସ, ସିଂସାରି ବନ କର୍ମଚାରୀ, ଉମରକୋଟ ଅଗ୍ନିଶମ ବିଭାଗ କର୍ମଚାରୀ ଓ ସ୍ଥାନୀୟ ଲୋକଙ୍କ ସହାୟତାରେ ଡାବୁଗାଁ ଥାନାର ସିଂସାରି ଫାଣ୍ଡି ଅଧୀନ ଓଲମାଗୁଡା ଗ୍ରାମ ଜଙ୍ଗଲ ମଧ୍ୟରେ ଥିବା ପୋଖରୀରୁ ଶନିବାର ଅପରାହ୍ନରେ ଶିଶୁ ପୁତ୍ରର ମୃତଦେହ ଉଦ୍ଧାର କରିଛି। ଏହାପରେ ସିଂସାରି ଫାଣ୍ଡି ଅଧିକାରୀ ହରିହର ଭତ୍ରା ମୃତଦେହର ପଞ୍ଚନାମା କରି ବ୍ୟବଚ୍ଛେଦ ପାଇଁ ଉମରକୋଟ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲେ। ରବିବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ସୂଚନା ମିଳିଛି। ଏନେଇ ଡାବୁଗାଁ ଥାନାରେ ଏକ ଅପମୃତ୍ୟୁ ମାମଲା(୪୪/୨୫) ରୁଜୁ କରାଯାଇଛି।

# ସଞ୍ଚିତା ମହାନ୍ତିଙ୍କ ବିୟୋଗରେ ଶୋକସଭା



ରାୟଗଡା,୨୭।୧୨(ସମିସ): ଜଗନ୍ନାଥ ସାଂସ୍କୃତିକ ପରିଷଦ ଓଡିଶା ପ୍ରଦେଶ ସଭାନେତ୍ରୀ ତଥା ପୂର୍ବତନ ବିଧାୟିକା ସ୍ୱର୍ଗତଃ ସଞ୍ଚିତା ମହାନ୍ତିଙ୍କ ବିୟୋଗରେ ରାୟଗଡା ଜିଲ୍ଲା ଜଗନ୍ନାଥ ସାଂସ୍କୃତିକ ପରିଷଦ ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ସ୍ଥାନୀୟ ଜଗନ୍ନାଥ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଥିଲା। ଶୋକସଭା ଜିଲ୍ଲା ସଭାପତି କିଶୋର ଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଶୋକସଭାରେ ଅନୁଷ୍ଠାନର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଶିଷ୍ଟ ଶିକ୍ଷାବିତ ଡଃ ଦୁଷ୍ମନ୍ତ କୁମାର ମହାନ୍ତି, ସମ୍ପାଦକ ପ୍ରଶାନ୍ତ କୁମାର ତ୍ରିପାଠୀ, ସଭ୍ୟ ବରିଷ୍ଠ ଆଇନଜୀବୀ ମଦନ ମୋହନ ପାଢୀ, ବ୍ରଜ ସୁନ୍ଦର ନାୟକ, ଅରୁଣ ପାଣିଗ୍ରାହୀ, ଲାଲବିହାରି ଲେଙ୍କା, ପ୍ରତାପ ଚନ୍ଦ୍ର ବାଉରୀ, ରାଜୁ ସାହୁ, ସୁଦର୍ଶନ ପାଢ଼ୀ, ରାମଚନ୍ଦ୍ର ସାହୁକାର ପ୍ରମୁଖ ଯୋଗଦେଇ ଜଗନ୍ନାଥ ସଂସ୍କୃତିର ପ୍ରଚାର, ପ୍ରସାର ଦିଗରେ ସ୍ୱର୍ଗତ ମହାନ୍ତିଙ୍କ ଅବଦାନର ସ୍ମୃତି ଚାରଣ କରିବା ସହ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରିଥିଲେ।

## ଆଦିବାସୀଙ୍କ ବିଶ୍ୱାସର ପ୍ରତୀକ 'କାନ୍ଦୁଲ ପର୍ବ'

# ଗ୍ରାମଦେବୀଙ୍କୁ ପ୍ରଥମେ ଭୋଗ ଲାଗି ପରେ ହୁଏ ନୂଆଖିଆ



ରାମନାଗୁଡା,୨୭।୧୨(ସମିସ): ରାୟଗଡା ଜିଲ୍ଲା ରାମନାଗୁଡା ବ୍ଲକର ଗ୍ରାମାଞ୍ଚଳର ଆଦିବାସୀ ସମ୍ପ୍ରଦାୟ କାନ୍ଦୁଲ ପର୍ବ ପାଳିଛନ୍ତି। ଏହି ପର୍ବ ସଉରା, ଆଦିବାସୀଙ୍କର ମୁଖ୍ୟ ପର୍ବ। ଏହି ପର୍ବକୁ କେତେକ ଅଞ୍ଚଳରେ ମେରିଆ ପର୍ବ ଏବଂ କାନ୍ଦୁଲ ପର୍ବ ବୋଲି ମଧ୍ୟ କୁହାଯାଏ। ଏହି ପର୍ବ ପ୍ରତ୍ୟେକ ବର୍ଷ ମାର୍ଗଶିର ମାସ ଶେଷ ଆଡକୁ ଆରମ୍ଭ ହୋଇଥାଏ। ଏହି କାନ୍ଦୁଲ ପର୍ବକୁ ଆଦିବାସୀ ଲୋକମାନେ ପାଞ୍ଚ ଦିନ ବହୁ ଧୁମଧାମରେ ପାଳନ କରିଥାନ୍ତି। ପ୍ରଥମ ଦିନରେ ଗ୍ରାମର ଝାଙ୍କିରି ମା'ଙ୍କ ପୂଜାର୍ଚ୍ଚନା ସହ ଛତର, ଟାଙ୍ଗି ମା'ଙ୍କ ସହ ଭେଟ କରାଯାଇଥାଏ। ସେହିପରି ଦ୍ୱିତୀୟ ଏବଂ ତୃତୀୟ ଦିନରେ ଟାଙ୍ଗି ମା' ଗ୍ରାମ ପରିକ୍ରମା କରି ପ୍ରତ୍ୟେକ ଭକ୍ତଙ୍କ ଘରକୁ ଯାଇ ନୂଆ ପ୍ରସାଦ ସେବନ କରି ଆଶୀର୍ବାଦ ପ୍ରଦାନ କରିଥାନ୍ତି। ତୃତୀୟ ଏବଂ ଚତୁର୍ଥ ଦିନରେ ଟାଙ୍ଗି ମାଁ ଯାଆନ୍ତି ପଡୋଶୀ ଗ୍ରାମକୁ। ଶେଷ ଦିନ ଅର୍ଥାତ ପଞ୍ଚମ ଦିନରେ ଗ୍ରାମର ମୁଖିଆ କିମ୍ବା ଯାନୀଙ୍କ ଘର ଚାଳରେ ନୂଆ ଛଣରେ ବାନ୍ଧି ରଖାଯାଇଥାଏ। ଅଧିକାଂଶ ଗ୍ରାମରେ ଗ୍ରାମର ଶେଷ ମୁଣ୍ଡରେ ଥିବା ନିର୍ଦ୍ଦିଷ୍ଟ ଏକ ଗଛରେ ମଧ୍ୟ ଏହି ଟାଙ୍ଗୀ ମା'ଙ୍କୁ ବର୍ଷେ ପର୍ଯ୍ୟନ୍ତ ରଖାଯାଇ ସେଠାରେ ପୂଜାର୍ଚ୍ଚନା ପରେ ବିଦାୟ ଦିଆଯାଏ। ଗ୍ରାମର ଶେଷ ମୁଣ୍ଡରେ ବର୍ଷ ସାରା ରହି ଗ୍ରାମବାସୀଙ୍କୁ ବିପଦରୁ ରକ୍ଷା କରନ୍ତି ବୋଲି ମଧ୍ୟ ବିଶ୍ୱାସ ରହିଛି। ଗ୍ରାମଦେବୀ ଙ୍କୁ ନୂଆ କରି ଅମଳ କରିଥିବା ଶସ୍ୟକୁ ମାଁ ଙ୍କ ନିକଟରେ ଲାଗି କରି ଭକ୍ଷଣ ନ କରିଲେ ବାଘ ରୂପରେ ମାଁ ଆସି ଦର୍ଶନ ଦେଇଥାନ୍ତି ବୋଲି ଲୋକ କଥାରୁ ଜଣାପଡିଛି। ଲୋକେ ଭୟରେ ଆତଙ୍କିତ ହେବାରୁ ବନଦେବୀ ସ୍ୱପ୍ନା ଦେଶ ଦେଲେ। ସେହି ଦିନ ଠାରୁ ଆଦିବାସୀ ସମ୍ପ୍ରଦାୟର ଲୋକମାନେ ନିଜ ଜମିରେ ଚାଷ ହେଉଥିବା ଅମଳ ଯଥା ଶିମ୍ବ, ବିରି, କୋଳଥ, ମାଣ୍ଡିଆ, କାନ୍ଦୁଲ, ମୁଗ ଆଦିକୁ ପ୍ରଥମେ ଗ୍ରାମ ଦେବୀ ଓ ଟାଙ୍ଗି ମା'ଙ୍କ ପାଖରେ ଲାଗି କରିଥାନ୍ତି ବୋଲି ବିଶ୍ୱାସ ରହିଛି। ଦେବୀ ଦେବତାଙ୍କୁ ପ୍ରଥମେ ଭୋଗ ଲାଗି କରି ନୂଆ ଖାଇଥାନ୍ତି ଏହି ଆଦିବାସୀ। ଗ୍ରାମରେ ସାମୂହିକ ଭାବେ ଇଷ୍ଟ ଦେବା ଦେବୀଙ୍କ ନିକଟରେ ପରମ୍ପରା ଅନୁଯାୟୀ ପୂଜାର୍ଚ୍ଚନା କରି ଚାଙ୍ଗୁ, ଢାପ ଓ ଡୁଡୁମ ବଜେଇ ମନଭରି ନୃତ୍ୟଗୀତର ଆସର ଜମେଇଥାନ୍ତି। ଯାହାକି ନୂଆଖାଇ ବା କାନ୍ଦୁଲ ପର୍ବ ନାମରେ ଏହି ଅଞ୍ଚଳରେ ପରିଚିତ। ଏହା ଛଡା ଟାଙ୍ଗୀ ମାଁ ଏବଂ ଛତର ମାଁ ଙ୍କୁ ଗ୍ରାମ ପରିକ୍ରମା କରିବା ସମୟରେ ପୁରୁଷ, ଯୁବକମାନେ ବାଜା ବଜାଉଥିବା ବେଳେ ବାଜାର ତାଳେ ତାଳେ ମହିଳା ଏବଂ ଯୁବତୀ, ଛୋଟ ଛୋଟ ଶିଶୁ ମାନେ ଅଣ୍ଟାକୁ ଅଣ୍ଟା ଓ କାନ୍ଧକୁ କାନ୍ଧ ମିଳାଇ ନାଚ କରୁଥିବା ଦୃଶ୍ୟ ବେଶ ମନ ମୁଗ୍ଧକର ପରିବେଶ ସୃଷ୍ଟି ହୋଇଥାଏ। ଏବେ କିଛି ଦିନ ପରେ ଶସ୍ୟ ପୂର୍ଣ୍ଣ ମାତ୍ରାରେ ଅମଳ ହେବାକୁ ଥିବାରୁ କୃଷିଭିତ୍ତିକ ପର୍ବ କାନ୍ଦୁଲ ପର୍ବ ବିଭିନ୍ନ ଆଦିବାସୀ ଗ୍ରାମରେ ଆରମ୍ଭ ହୋଇଛି। ଏହି କାନ୍ଦୁଲ ପର୍ବରେ ଦୂରରେ ଥିବା ସମସ୍ତେ ଘରକୁ ଫେରିଥାନ୍ତି। ଆଧୁନିକ ଯୁଗରେ ଆଦିବାସୀ ସମ୍ପ୍ରଦାୟର ଲୋକ ମାନେ ଯେତେ ଉନ୍ନତି ଦିଗରେ ଆଗେଇଥିଲେ ମଧ୍ୟ ନିଜ ପରମ୍ପରା, ସଂସ୍କୃତିକୁ ଭୁଲି ନଥାନ୍ତି ଏହି ଶବର, ଜାତାପୁ ସମ୍ପ୍ରଦାୟର ଆଦିବାସୀ ଲୋକମାନେ। ଆଦିବାସୀ ସମ୍ପ୍ରଦାୟ ପରିବାରମାନଙ୍କ ସହିତ ଗ୍ରାମାଞ୍ଚଳରେ ଯେଉଁ ଅନ୍ୟାନ୍ୟ ଜାତିର ଲୋକମାନେ ବସବାସ କରନ୍ତି ସେହିମାନେ ମଧ୍ୟ ଏହି ପରମ୍ପରାକୁ ଆପଣେଇ ଭାଇଚାରାକୁ ବଜାୟ ରଖିବା ପାଇଁ ଆଦିବାସୀମାନଙ୍କ ସହିତ ଏକାଠି ହୋଇ ଏହି କାନ୍ଦୁଲ ପର୍ବରେ ବିଭିନ୍ନ ପ୍ରକାରର ଅମଳ ହୋଇଥିବା ଶସ୍ୟକୁ ଗ୍ରାମଦେବୀ ନିକଟରେ ପୂଜାର୍ଚ୍ଚନା କରି ଭକ୍ଷଣ କରିଥାନ୍ତି। ରାୟଗଡା ଜିଲ୍ଲା ରାମନାଗୁଡା ବ୍ଲକ ଅଧୀନରେ ଥିବା ଗ୍ରାମାଞ୍ଚଳ ଗୁଡିକରେ ଏହି କାନ୍ଦୁଲ ପର୍ବ ପାଳନ ହୋଇଥିବା ଦେଖିବାକୁ ମିଳିଛି। ଗ୍ରାମର ଯାନୀ, ଦିଶାରୀ, ମୁଖିଆମାନେ ଏହାକୁ ପରିଚାଳନା କରିଥାନ୍ତି। ଏହାକୁ ଯୁବକ, ଯୁବତୀ ପ୍ରମୁଖ ଉପସ୍ଥିତ ରହି ପର୍ବକୁ ପରିଚାଳନାରେ ସହଯୋଗ କରିଥାନ୍ତି।

ଏକାଦଶାହ ଉପଲକ୍ଷେ



ଏସନ୍ତୋଷ କୁମାର ମହାନ୍ତି
୧୦୮/ଏ, ଲୋଟସ୍ ହାଉସ୍, ଷ୍ଟେସନ ସ୍କୋୟାର, ୟୁନିଟ୍-୩, ଖାରବେଳ ନଗର, ଭୁବନେଶ୍ୱର
ଆବିର୍ଭାବ - ୨୬.୦୬.୧୯୫୫
ତିରୋଧାନ - ୧୮.୧୨.୨୦୨୫
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଦପଦ୍ମରେ ଭକ୍ତିପୂତ ନିବେଦନ କରୁଅଛୁ।
-: ଶୋକାସନ୍ତପ୍ତ :-
ଝିଅ-ଜ୍ୱାଇଁ : ପ୍ରଜ୍ଞାସ୍ମିତା-ଡା. ଦିପ୍ତିକାନ୍ତ, ସୁଚିସ୍ମିତା-ଜ୍ୟୋତି ରଞ୍ଜନ
ନାତି ଓ ନାତୁଣୀ- ଲକ୍ଷଜିତ, ଜାନ୍‌ଭି, ଇଳିତେଶ
ଏବଂ ବନ୍ଧୁ ଓ ପରିବାର ବର୍ଗ



# ନୂତନ ସରକାରୀ ଓକିଲଙ୍କୁ ଶୁଭେଚ୍ଛା ଜଣାଇଲେ ବିଧାୟକ



କୋରାପୁଟ,୨୭।୧୨(ସମିସ): ଭାରତୀୟ ଜନତା ପାର୍ଟି ସରକାର ଗଠନ ହେବାର ଦୀର୍ଘ ଦିନ ପରେ କୋରାପୁଟ ଜିଲ୍ଲାର ବିଭିନ୍ନ ଅଦାଲତରେ ସରକାରୀ ଓକିଲ ନିଯୁକ୍ତି ହୋଇଛନ୍ତି। ଶନିବାର ପୂର୍ବାହ୍ନରେ କୋରାପୁଟ ବିଧାୟକ ରଘୁରାମ ମାଛଙ୍କ ବାସଭବନରେ ନବ ନିଯୁକ୍ତ ସରକାରୀ ଓକିଲମାନେ ପହଞ୍ଚି ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ନବ ନିଯୁକ୍ତ ସରକାରୀ ଓକିଲମାନଙ୍କୁ ବିଧାୟକ ଶ୍ରୀ ମାଛ ଶୁଭେଚ୍ଛା ଜଣାଇବା ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ନବ ନିଯୁକ୍ତ ସରକାରୀ ଓକିଲମାନେ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ବିଧାୟକ ଶ୍ରୀ ମାଛଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ। ନିଯୁକ୍ତି ପାଇଥିବା ସରକାରୀ ଓକିଲ ମାନେ ତଳସ୍ତରର ଲୋକମାନଙ୍କୁ ସହଯୋଗ କରିବାକୁ ବିଧାୟକ ଶ୍ରୀ ମାଛ ପରାମର୍ଶ ଦେଇଛନ୍ତି। ସରକାରୀ ପ୍ରୋସିକ୍ୟୁଟର ଭାବେ ଭୁବନ ମୋହନ ପଟ୍ଟନାୟକଙ୍କୁ ନିଯୁକ୍ତ କରାଯାଇଥିବା ବେଳେ ସୁଦର୍ଶନ ଗୌଡ଼ଙ୍କୁ କୋରାପୁଟ ଏଡିଜେ କୋର୍ଟ ଏଜିପି ଭାବେ ନିଯୁକ୍ତ କରାଯାଇଛି। ସେହିଭଳି ସୁଦର୍ଶନ ମାଝୀ ଏଜିପି କୋରାପୁଟ ସିଭିଲ ଜଜ( ସିନିୟର ଡିଭିଜନ), ଚିତ୍ତରଞ୍ଜନ ଶତପଥି ଏବଂ ପ୍ରଶାନ୍ତ କୁମାର ପାତ୍ର ଏଜିପି କୋରାପୁଟ ସିଭିଲ ଜଜ (ଜୁନିୟର ଡିଭିଜନ), କେପି ସାହୁ ଏପିପି ଏଡିଜେ ପୋକ୍ସୋ, ସସ୍ମିତାରାଣୀ ସାହୁ ଏଡିଜେ ଆସୋସିଏଟ ଓକିଲ, ଶରତ କୁମାର ଆଚାର୍ଯ୍ୟ ସ୍ୱତନ୍ତ୍ର ପିପି ଏନଡିପିଏସ, ନୃପେନ୍ଦ୍ର ନାରାୟଣ ବାଘ ସ୍ୱତନ୍ତ୍ର ପିପି ଏସର୍ଟି ଏବଂ ଏସ୍‌ସି ଆକ୍ଟ, ଅଶ୍ୱିନୀ ପଟ୍ଟନାୟକ, କେଦାର ସେନାପତି ଏବଂ ପ୍ରଭାତ କୁମାର ମହାପାତ୍ର ଏପିପି କୋରାପୁଟ ଏସଡିଜେଏମ କୋର୍ଟ, ରମେଶ କହଁର, ସଂଜୟ ଝା ଏବଂ ପ୍ରମୋଦ ମହାପାତ୍ର ପ୍ରମୁଖ କୋରାପୁଟ ଜେଏମଏଫସି ଏପିପି ଭାବେ ନିଯୁକ୍ତ ପାଇଛନ୍ତି। ସେହିଭଳି ଲମତାପୁଟ ଜେଏମଏଫସି ଏପିପି ଭାବେ କାମାକ୍ଷା ପ୍ରସାଦ ମାଝୀ, ସେମିଳିଗୁଡା ଜେଏମଏଫସି ଏପିପି ଭାବେ ପିତାମ୍ବର ସାହୁ, ସେମିଳିଗୁଡା ଗ୍ରାମ୍ୟ ନ୍ୟାୟାଳୟ ଏପିପି ଭାବେ ଟଙ୍କଧର ନାଗ, ଦଶମନ୍ତପୁର ଜେଏମଏଫସି ଏପିପି ଭାବେ ଡମ୍ବରୁ ପଟ୍ଟନାୟକ, ଲକ୍ଷ୍ମୀପୁର ଜେଏମଏଫସି ଏପିପି ଭାବେ କପିଳେଶ୍ୱର ବିଶୋଇ ଓ ଦିଲ୍ଲିପ ବିଡ଼ିକାଙ୍କୁ ନିଯୁକ୍ତ କରାଯାଇଥିବା ଜଣାପଡିଛି।

# ରାଣୀ ଡୁଡୁମା ରାସ୍ତା ମରାମତିକୁ ନେଇ ବିବାଦ

## ପାର୍କିଂ ଅର୍ଥ ଖର୍ଚ୍ଚ ଉପରେ ପ୍ରଶ୍ନ କଲେ ଜଗନ୍ନାଥ ପାଙ୍ଗି



ନନ୍ଦପୁର,୨୭।୧୨(ସମିସ): ନନ୍ଦପୁର ପର୍ଯ୍ୟଟନ ବିକାଶ ପରିଷଦର ନୂତନ କମିଟି ପକ୍ଷରୁ ପାର୍କିଂ ଶୁଳ୍କ ଆଦାୟ ଅର୍ଥରେ ରାଣୀ ଡୁଡୁମା ରାସ୍ତା ମରାମତି କରାଯାଇଥିବା ଘଟଣାକୁ ନେଇ ଏବେ ପରିଷଦ ମଧ୍ୟରେ ବିବାଦ ସୃଷ୍ଟି ହୋଇଛି। ପରିଷଦର ପ୍ରତିଷ୍ଠାତା ଜଗନ୍ନାଥ ପାଙ୍ଗି ଏହି ଖର୍ଚ୍ଚକୁ ନେଇ ସାର୍ବଜନିକ ଭାବେ ପ୍ରଶ୍ନ ଉଠାଇଛନ୍ତି। ଶ୍ରୀ ପାଙ୍ଗିଙ୍କ କହିବା ଅନୁଯାୟୀ, ପର୍ଯ୍ୟଟନ ସ୍ଥଳୀ ରାଣୀ ଡୁଡୁମାକୁ ଯାଉଥିବା ରାସ୍ତା ଦୀର୍ଘଦିନ ଧରି ଖାଲ ଖମା ଅବସ୍ଥାରେ ରହିଥିଲା। ଏନେଇ ପ୍ରଶାସନଙ୍କୁ ବାରମ୍ବାର ଗୁହାରି କରାଯାଇଥିଲେ ମଧ୍ୟ କୌଣସି ସଫଳତା ମିଳିନଥିଲା। ଏହି ପରିପ୍ରେକ୍ଷୀରେ ପରିଷଦର ନୂତନ କର୍ମକର୍ତ୍ତାମାନେ ନିଜ ପକ୍ଷରୁ ପାର୍କିଂ ଶୁଳ୍କ ମାଧ୍ୟମରେ ସଂଗୃହୀତ ଅର୍ଥ ବ୍ୟବହାର କରି ରାସ୍ତା ମରାମତି କରିଥିବା ନେଇ ସୂଚନା ମିଳିଛି। ତେବେ ଏହି ଖର୍ଚ୍ଚ କାହା ଆଦେଶରେ ଓ କେଉଁ ରେଜ୍ୟୁଲେସନ ଅନୁସାରେ କରାଗଲା, ସେନେଇ ପ୍ରତିଷ୍ଠାତା ପ୍ରଶ୍ନ କରିଛନ୍ତି। ପାର୍କିଂ ଆଦାୟ ଅର୍ଥ ପରିଷଦର ନିୟମ ଅନୁଯାୟୀ କିଭଳି ଖର୍ଚ୍ଚ ହେବା ଉଚିତ ସେଥିରେ ଉଲଂଘନ ହୋଇଥିବା ଅଭିଯୋଗ ମଧ୍ୟ ସେ ଆଣିଛନ୍ତି। ଶ୍ରୀ ପାଙ୍ଗି କହିଛନ୍ତି, ପରିଷଦର ନିୟମକୁ ଉଲଂଘନ କରି କିଏ ଓ କାହା ନିର୍ଦ୍ଦେଶରେ ଏହି ଅର୍ଥ ବିନିଯୋଗ କରାଗଲା ସେଥିପାଇଁ ସ୍ୱଷ୍ଟତା ଆବଶ୍ୟକ। ଏହା ସହ ତାଙ୍କୁ ଯେଉଁ କାର୍ଯ୍ୟ ଲାଗି ପରିଷଦ ମଧ୍ୟରେ କୋଣଠେସା କରାଯାଇଥିଲା ସେହି କାର୍ଯ୍ୟର ପୁନରାବୃତ୍ତି କେଉଁ ବଳରେ ହେଉଛି ବୋଲି ସେ ବଡ଼ ପ୍ରଶ୍ନ ଉଠାଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଗତ କିଛି ଦିନ ପୂର୍ବେ ରାଣୀ ଡୁଡୁମା ରାସ୍ତା ମରାମତି, ବସ କଟିଂ ଓ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ମୋଟ ୫୪,୯୦୦ ଟଙ୍କା ଖର୍ଚ୍ଚ ହୋଇଥିବା ଖର୍ଚ୍ଚବିବରଣୀ ସାମ୍ନାକୁ ଆସିଛି। ଏହି ଖର୍ଚ୍ଚକୁ ନେଇ ଏବେ ପରିଷଦ ଓ ସ୍ଥାନୀୟ ମହଲରେ ଚର୍ଚ୍ଚା ଜୋର ଧରିଛି।

# ସୁନାବେଡାରେ ଉଦ୍ୟୋଗୀ ପ୍ରେରଣା ସଚେତନତା



ସୁନାବେଡା,୨୭।୧୨(ସମିସ): ଶନିବାର ସୁନାବେଡା -୩ ସ୍ଥିତ ଶାଶ୍ୱତୀ ଏବଂ ଜାଗୃତି ମହିଳା ମହାସଂଘର ସହଯୋଗରେ ଏମ୍‌ଏସ୍‌ଏମଏମଇ, ରାୟଗଡା, କୋରାପୁଟ, ଭୁବନେଶ୍ୱର, ଦିଲ୍ଲୀର ଯୁଗ୍ମ ପ୍ରୟାସରେ ଉଦ୍ୟୋଗୀ ପ୍ରେରଣା ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏଥିରେ ସୁନାବେଡାର ପ୍ରାୟ ୯୦୦ରୁ ଉର୍ଦ୍ଧ୍ୱ ଅନୁସୂଚୀତ ଜାତି ଓ ଜନଜାତି ମହିଳାମାନେ ଉପସ୍ଥିତ ଥିଲେ। ମୁଖ୍ୟଅତିଥି ଭାବେ କୋରାପୁଟ ବିଧାୟକ ରଘୁରାମ ମାଛ ଯୋଗ ଦେଇଥିଲେ। ଅନୁସୂଚୀତ ଜାତି, ଜନଜାତି ଓ ମହିଳାମାନଙ୍କ ଆର୍ଥିକ ସଶକ୍ତିକରଣ, ସରକାରୀ ବିଭିନ୍ନ ଯୋଜନା ଏବଂ ବିଭିନ୍ନ ବ୍ୟବସାୟ ପ୍ରକଳ୍ପ ସମ୍ପର୍କିତ ମହତ୍ତ୍ୱପୂର୍ଣ୍ଣ ଉପରେ ଏଥିରେ ଆଲୋଚନା କରାଯାଇଥିଲା। ଜାତୀୟ ସଭାପତି ଆଇ ସିସିଏସଟିଡବ୍ଲୁଇର ସୁବିର ପାଉଲ୍ , ଜାତୀୟ ସାଧାରଣ ସଂପାଦକ ଆଇ ସିସିଏସଟିଡବ୍ଲ୍ୟୁଇ ହେମା ଏକକା, ଆଇଏସ ଆଇସିଏଆର୍ ସୁନାବେଡ଼ା କେନ୍ଦ୍ରର ମୁଖ୍ୟ ଡଃ. ରାମ ଜୟମ ଦେବରଞ୍ଜନ, ପିଏମଇଜିପି ଓ ପିଏମଇଏମ୍‌ଇ ବିଭାଗର ସହାୟକ ଶିଳ୍ପ ଅଧିକାରୀ ବନ୍ଦନା ପରିଡ଼ା, ଏମଏସଏମଇ ବିଭାଗର ସହାୟକ ଶିଳ୍ପ ଅଧିକାରୀ ଜୟନ୍ତ କୁମାର ନାୟକ, ଶିଳ୍ପ ଅଧିକାରୀ ଆଶିଷ କୁମାର ସାହୁ, ରାଜ୍ୟ ସଂଯୋଜକ ଆଇ ସିସିଏସଟିଡବ୍ଲ୍ୟୁଇ ଓଡ଼ିଶା ମିଥୁନ ସେଠୀ, ପୌରପରିଷଦ ଅଧ୍ୟକ୍ଷ ଡ଼ଃ ରାଜେନ୍ଦ୍ର କୁମାର ପାତ୍ର, ଉପାଧ୍ୟକ୍ଷ ରତ୍ନୁ କଣ୍ଟା, ସମାଜସେବୀ ମନୋଜ କୁମାର ରଥ, ଏମ୍‌ଏସଏମଇ ରାୟଗଡ଼ା କାର୍ଯ୍ୟାଳୟର ସହାୟକ ନିର୍ଦ୍ଦେଶକ ଏନକେ ରତ୍ନମ, ଉଦ୍ୟାନ କୃଷି ଭିଭଗର ଅଧିକାରୀ ଶ୍ରୀ ପାଣିଗ୍ରାହୀ , ଜାଗୃତିର ପରାମର୍ଶଦାତ୍ରୀ ସ୍ୱର୍ଣ୍ଣପ୍ରଭା ପଟ୍ଟନାୟକ ଏବଂ ଶାଶ୍ୱତୀ ମହିଳା ମହାସଂଘର ପରାମର୍ଶଦାତା ଅଶ୍ୱିନୀ କୁମାର ପଟ୍ଟନାୟକ ଉପସ୍ଥିତ ଥିଲେ। ଅତିଥି ମାନେ ମହିଳା ଉଦ୍ୟୋଗୀମାନଙ୍କ ପାଇଁ କାର୍ଯ୍ୟକାରୀ ହେଉଥିବା ସରକାରୀ ଯୋଜନା, ଆର୍ଥିକ ପରିଚାଳନା, ଏବଂ ବିଭିନ୍ନ ପ୍ରକଳ୍ପରେ କିପରି ଆବେଦନ କରାଯାଏ, ସେସବୁ ବିଷୟରେ ବିସ୍ତୃତ ବ୍ୟାଖ୍ୟା କରିଥିଲେ। ସଭାରେ ଉଦ୍ୟୋଗୀ ମାନଙ୍କ ସମସ୍ୟା, ସରକାରୀ ଫାଇଦା, ବ୍ୟବସାୟିକ ଦକ୍ଷତା ଏବଂ ସ୍ୱୟଂ ସହାୟିକା ଗୋଷ୍ଠୀ ମାନଙ୍କ ଭୂମିକା ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ସ୍ୱର୍ଣ୍ଣପ୍ରଭା ପଟ୍ଟନାୟକଙ୍କୁ ରାଜ୍ୟ ସ୍ତରୀୟ 'ଶ୍ରେଷ୍ଠ ମହିଳା ଉଦ୍ୟୋଗୀ ' ଭାବେ ଏମଏସଏମଇ ପକ୍ଷରୁ ପଦବୀ ଦେବାପାଇଁ ଜାତୀୟ ସଭାପତି ଆଇ ସିସିଏସଟିଡବ୍ଲୁ ସୁବିର ପାଉଲ୍ କହିଥିଲେ। ଏହି କାର୍ଯ୍ୟକ୍ରମକୁ ଶିବାନୀ ଲେଙ୍କା ପରିଚାଳନା କରିବା ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ଶାସ୍ୱତୀ ମହିଳା ସଂଘର ସଭା ଗୃହ ପାଇଁ ଆବେଦନ କରିଥିବାରୁ କୋରାପୁଟ ବିଧାୟକ ଆସନ୍ତା ଦିନରେ ନୂତନ ସଭା ଗୃହ ନିର୍ମାଣ କରାଯିବ ବୋଲି ପ୍ରତିଶୃତି ଦେଇଛନ୍ତି। ଶାଶ୍ୱତୀ ମହାସଂଘ ସଭାପତି ଗୀତା ସେଠୀ, ସମ୍ପାଦିକା ପ୍ରଭାସିନୀ ଜେନା ଏବଂ ଜାଗୃତି ମହିଳା ମହାସଂଘର ସଭାପତି ନିଳେନ୍ଦ୍ରୀ ତୁରୁକ୍, ସମ୍ପାଦିକା ରୂପାଲି ହିୟାଲ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଖାଦ୍ୟ ଅନ୍ୱେଷଣରେ ସହର ମୁହାଁ ଭାଲୁ



ଉମରକୋଟ,୨୭।୧୨(ସମିସ): ନବରଙ୍ଗପୁର ଜିଲ୍ଲା ଉମରକୋଟ ପୌରପରିଷଦର ୧ ନଂ ୱାର୍ଡ ଦୁର୍ଗାଗୁଡ଼ା ମଧ୍ୟରେ କିଛି ଦିନ ହେଲା ଜଙ୍ଗଲି ଭାଲୁର ଆତଙ୍କ ଦେଖାଦେଇଛି। ଜଙ୍ଗଲ ମଧ୍ୟରେ ଖାଦ୍ୟ ନ ମିଳିବାରୁ ସହର ମଧ୍ୟରେ ଖାଦ୍ୟ ଅନ୍ୱେଷଣରେ ପଶି ଆସୁଛନ୍ତି। ଫାର୍ମ ହାଉସରେ ପସି ଭାଲୁ ଫସଲ ନଷ୍ଟ କରୁଥିବା ଦେଖିବାକୁ ମିଳିଛି। ୧୫ ଦିନ ହେବ ବନ ବିଭାଗ କୌଣସି ପଦକ୍ଷେପ ନେଉ ନ ଥିବା କହିଛନ୍ତି ସ୍ଥାନୀୟ ବାସିନ୍ଦା ଜଙ୍ଗଲ ମଧ୍ୟରୁ ୪ ରୁ ୫ ଟି ଭାଲୁ ବୁଲୁଥିବା ସ୍ଥାନୀୟ ବାସିନ୍ଦା କହିଛନ୍ତି। ଅଧା ରାତିରେ ଭାଲୁ ଆସି ସକାଳ ୫ ସମୟରେ ଜଙ୍ଗଲକୁ ମଧ୍ୟକୁ ଚାଲିଯାଉଛନ୍ତି। କାହାର ଫୁଲକୋବି ବାଡ଼କୁ ଯାଇ ନଷ୍ଟ କରୁଛନ୍ତି ତ କାହା ଘର ଭିତରକୁ ପଶି ଯାଉଥିବା ଅଭିଯୋଗ କରିଛନ୍ତି ୱାର୍ଡବାସୀ।

# ଡାକ୍ତରଙ୍କ ଘଣ୍ଟିକିଆ କାର୍ଯ୍ୟ ବନ୍ଦ ଆନ୍ଦୋଳନ




ବୈପାରୀଗୁଡା,୨୭।୧୨(ସମିସ ): ବୈପାରୀଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଜାରି ରହିଛି ଡାକ୍ତର ଆନ୍ଦୋଳନ। ଦ୍ୱିତୀୟ ଦିନରେ ପହଞ୍ଚିଛି ଡାକ୍ତରଙ୍କ ଘଣ୍ଟିକିଆ କାର୍ଯ୍ୟ ବନ୍ଦ ଆନ୍ଦୋଳନ। ସକାଳ ଦଶଟା ଠାରୁ ଏଗାରଟା ପର୍ଯ୍ୟନ୍ତ ଓପିଡି ବନ୍ଦ ରହୁଛି। ଗତକାଲି ମଧ୍ୟ ସମାନ ପରିସ୍ଥିତି ଥିଲା। ଡାକ୍ତରଙ୍କ ଅଭିଯୋଗ ଅନୁଯାୟୀ, ପଦୋନ୍ନତି, କାର୍ଯ୍ୟକ୍ଷେତ୍ରରେ ସୁରକ୍ଷା, ମୂଳ ଦରମା ବୃଦ୍ଧି, ପଦବୀ ପୂରଣ ଭଳି ୧୦ଦଫା ଦାବି ନେଇ ଆନ୍ଦୋଳନ ଡାକରା ଦେଇଛି ଓମ୍‌ସା। ଏହି ପେରିପେକ୍ଷୀରେ ଆଜି ମେଡ଼ିକାଲରେ ଡାକ୍ତରମାନେ ଘଣ୍ଟିକିଆ କାର୍ଯ୍ୟ ବନ୍ଦ କରିଛନ୍ତି। ଜରୁରୀ ସ୍ୱାସ୍ଥ୍ୟ ସେବା ଜାରିରହିଛି। ଦାବି ପୂରଣ ନ ହେଲେ ଜାନୁଆରୀରୁ ସମ୍ପୂର୍ଣ୍ଣ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛି ସଙ୍ଘ। ଏହି ଆନ୍ଦୋଳନରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ କାର୍ଯ୍ୟରତ ଦଶ ଜଣ ଡାକ୍ତର ସାମିଲ ହୋଇଥିବା ବେଳେ ରୋଷ୍ଟର ଡ୍ୟୁଟିରେ ଥିବା ଡାକ୍ତର ମଧ୍ୟରୁ ଆଶୁତୋଷ ଅଧିକାରୀ, ଆଶିଷ କମାର ସାହୁ, ସୁକନ୍ୟା ମଜୁଦର ପ୍ରମୁଖ ଉପସ୍ଥିତ ଥିଲେ।

**ଉମରକୋଟ:** ନବରଙ୍ଗପୁର ଜିଲ୍ଲା ଉମରକୋଟ ଉପଖଣ୍ଡ ଚିକିତ୍ସାଳୟରେ ଆଜି ଡାକ୍ତର ମାନେ ୧୩ ଦଫା ଦାବି ନେଇ ଏକ ଘଣ୍ଟା ପାଇଁ କାର୍ଯ୍ୟ ବନ୍ଦ କରିଥିଲେ। ଏହି ଆନ୍ଦୋଳନରେ ଡା. ପିକେ ନାୟକ, ଡା. ଅଭୟ କୁମାର ଦେ, ଡା. ଉତ୍ଶବ ମିଶ୍ର, ଡା. ତିଳୋତ୍ତମା ମହାନ୍ତି, ଡା. ଅଭିନବ ରଥ, ଡା. ସୁପ୍ରଭା ଦେବୀ, ଡା. ଆୟୁଷୀ ମଣ୍ଡଳ ପ୍ରମୁଖ ସାମିଲ ହୋଇଥିଲେ।

# ଶ୍ରୀଅରବିନ୍ଦ ପାଠାଗାରରେ ବାଜପେୟୀଙ୍କ ଜୟନ୍ତୀ



ସେମିଳିଗୁଡ଼ା,୨୭।୧୨(ସମିସ): ସେମିଳିଗୁଡ଼ା ଶ୍ରୀ ଅରବିନ୍ଦ ପାଠାଗାରରେ ଅଟଳ ବିହାରୀ ବାଜପେୟୀଙ୍କ ୧୦୧ତମ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି। ପାଠାଗାରର ସଂଚାଳିକା ଡ. ଝାନ୍‌ସି ସିଂହ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସଭାରେ ବଦ୍ରିନାରାୟଣ ପାତ୍ର, ଉମାଶଙ୍କର, ସୋନାଲିକା ପାଢ଼ୀ, ସଂଚିତା ପାଢ଼ୀ,ପ୍ରଶାନ୍ତି ବୁରୁଡ଼ି, ସୁନୀତା କାଡମ୍, ଅଜିତ ଲେଙ୍କା, ଏସ୍. ତୁଷାର, ଇ. ଶୁଭଙ୍କର ସ୍ୱର୍ଣ୍ଣାପତି ପ୍ରମୁଖ ଯୋଗଦେଇଥିଲେ।

# ପୁଷ୍‌ପୁନି ଭେଟ୍‌ଘାଟ ପ୍ରସ୍ତୁତି ବୈଠକ

କୁନ୍ଦୁରା,୨୭।୧୨(ସମିସ): ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ କୁନ୍ଦୁରାଠାରେ ଅନୁଷ୍ଠିତ ହେବ ପୁଷପୁନି ଭେଟଘାଟ। ଏଥିଲାଗି କୁନ୍ଦୁରା ସ୍ଥିତ ସହିଦ ଲକ୍ଷ୍ମଣ ନାୟକ ମୂଳ ଅଧିବାସୀ ସଂଘ ପରବ ପଡ଼ିଆଠାରେ ପୁଷ୍‌ପୁନି ଭେଟଘାଟ ପରବ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ତ୍ରିନାଥ ସମରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସଂଘର ପରିଚାଳନା କମିଟି ସଦସ୍ୟ ଓ କର୍ମକର୍ତ୍ତା, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ରାଧା ବିନୋଦ ସାମନ୍ତରାୟ, ଜିଲ୍ଲା ପରିଷଦ ସଭ୍ୟା କନକଲତା ପେଣ୍ଡିଆ, କଗ୍ରେସ ବ୍ଲକ୍ ସଭାପତି ଗୋକୁଳ ଚନ୍ଦ୍ର ପଟ୍ଟନାୟକ, ସମ୍ପାଦକ ଦୈତାରୀ ମଲ୍ଲିକ, ବିଜେଡି ବ୍ଲକ୍ ସଭାପତି ବୃନ୍ଦାବନ ମଲ୍ଲିକ, ସଂସାଦ ପ୍ରତିନିଧି ଅମ୍ବୁ ପାତ୍ର, ବିଧାୟକ ପ୍ରତିନିଧି ବଦ୍ରୀ ନାରାୟଣ ଆଚାର୍ଯ୍ୟ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୁରେନ୍ଦ୍ର ପରଜା, ଆମ୍ମା ଅଧ୍ୟକ୍ଷ ବଳଭଦ୍ର ଆଚାର୍ଯ୍ୟ, ସଂଘ ଉପଦେଷ୍ଟା ତ୍ରିନାଥ ହରିଜନ, ସଂଘର ବରିଷ୍ଠ ସଭାପତି ଚନ୍ଦ୍ର ସଗରିଆ,କୋଷାଧ୍ୟକ୍ଷ ମାଳି ନାୟକ,ବରିଷ୍ଠ ସାମ୍ବାଦିକ ଅକ୍ଷୟ କୁମାର ପଟ୍ଟନାୟକ, ସାମ୍ବାଦିକ ସଂଘ ବ୍ଲକ ସଭାପତି ସନ୍ତୋଷ କୁମାର ପ୍ରହରାଜ,ସମସ୍ତ ରାଜନୈତିକ ଦଳର କର୍ମକର୍ତ୍ତା,ସମସ୍ତ ଜାତି ମୁଖିଆ,ବିଭିନ୍ନ ଲୋକ ସଂଗଠନର ମୁଖ୍ୟ, କୁନ୍ଦୁରା ଯୁବକ ସଂଘ ସଭାପତି ସବୁଜ ଦାସ, କୁଡୁମ୍ ପଦର ଯୁବକ ସଂଘ ସଭାପତି ରାଜେଶ ଗୁରୁ, ସମସ୍ତ ସରପଞ୍ଚ,ସମିତି ସଭ୍ୟସଭ୍ୟା ଓ ବୁଦ୍ଧିଜୀବୀ ପ୍ରମୁଖ ଯୋଗଦେଇଥିଲେ ଓ ଚଳିତ ବର୍ଷ ମଧ୍ୟ ବହୁ ଆଡ଼ମ୍ବରରେ ପୁଷ୍ ପୁନି ଭେଟଘାଟ ପାଳନ କରାଯିବ। ଆସନ୍ତା ୬ ଏବଂ ୭ ତାରିଖ ଦୁଇଦିନ ଧରି ପାଳନ କରାଯିବା ପାଇଁ କମିଟି ନିଷ୍ପତି ନେଇଛି। ଶେଷରେ କାର୍ଯ୍ୟକାରୀ ସଭାପତି ଭଜମନ ସାନ୍ତା ଉପସ୍ଥିତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଜାତୀୟ ରାଜପଥର ଗର୍ତ୍ତକୁ ସମତଳ କଲେ ସରପଞ୍ଚ, ସ୍ଥାନୀୟ ଯୁବକ



ମାଲକାନଗିରି,୨୭ ।୧୨(ସମିସ): ଜିଲ୍ଲା ଦେଇ ଯାଇଥିବା ୩୨୬ ନମ୍ବର ଜାତୀୟ ରାଜପଥର ଅନେକ ସ୍ଥାନରେ ବଡବଡ ଗର୍ତ୍ତ ଓ ରାସ୍ତା ଉପରୁ ପିଚୁ ଉଠି ଯାଇଥିବା ବେଳେ ଏହା ଅନେକ ସମୟରେ ଦୁର୍ଘଟଣାର କାରଣ ପାଲଟିଛି। ତେବେ ବିଶେଷକରି ଜିଲ୍ଲା ସଦରରୁ ମୋଟୁକୁ ସଂଯୋଗ କରିଥିବା ରାସ୍ତା ମଧ୍ୟରେ ଏହିପରି ଅନେକ ଗର୍ତ୍ତ ରହିଛି। ଆଉ ଏହି କାରଣରୁ ଅନେକ ଦୁର୍ଘଟଣା ଘଟି ବହୁ ପଥଚାରୀ ମୃତାହତ ମଧ୍ୟ ହୋଇଛନ୍ତି। ତେବେ ଏହାର ମରାମତି ପାଇଁ ଅନେକ ଥର ଜନ ସାଧାରଣ ଦାବିକରି ଆସୁଥିଲେ ମଧ୍ୟ ଏହାର ବିଶେଷ ସୁଫଳ ମିଳିନାହିଁ। ଫଳରେ ଦୁର୍ଘଟଣା ସଂଖ୍ୟା ବଢୁଥିବାରୁ ମାଲକାନଗିରି ଜିଲ୍ଲାର ଏମଭି-୧୭ ଗ୍ରାମ ଦେଇ ଯାଇଥିବା ରାସ୍ତାରେ ହୋଇଥିବା ବିଶାଳ ଗର୍ତ୍ତକୁ ମରାମତି କରିଛନ୍ତି ସ୍ଥାନୀୟ ସରପଞ୍ଚ ବିଜୟ କବାସୀ ଓ ଅଞ୍ଚଳର ଯୁବପିଢୀ। ଶ୍ରୀ କବାସୀ ନିଜସ୍ୱ ଖର୍ଚ୍ଚରେ ଓ ଉଦ୍ୟମରେ ଏମ୍‌ଭି ୧୭ ଗ୍ରାମ ନିକଟ ରାସ୍ତାରେ ଥିବା ଉକ୍ତ ଗର୍ତ୍ତ ସ୍ଥାନରେ ସିମେଣ୍ଟ ଓ ବାଲି ଭରି ତାହାକୁ ସମତଳ କରିଥିଲେ। ରାସ୍ତାଟି ସମତଳ କରିଥିବାରୁ ସ୍ଥାନୀୟ ସରପଞ୍ଚ ଓ ଯୁବ ପିଢୀଙ୍କୁ ସ୍ଥାନୀୟବାସୀନ୍ଦା ପ୍ରଶଂସା କରିଛନ୍ତି।

# ଆଟିଗାଁରେ ଧାନ ମଣ୍ଡି ଉଦ୍‌ଘାଟିତ



କୋଷାଗୁମୁଡା,୨୭।୧୨(ସମିସ): ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକ୍‌ର ଆଟିଗାଁ ଠାରେ ଧାନ ମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। କୋଷାଗୁମୁଡା ସଦର ମହକୁମା ଠାରୁ ପ୍ରାୟ ୩୦କିଲୋମିଟର ଦୂରରେ ଏହି ଆଟିଗାଁ ପଞ୍ଚାୟତ ଥିବାବେଳେ ପାଖକୁ ଲାଗି ଡାବୁଗାଁ ବ୍ଲକ ସୀମା ସହ ଲାଗିରହିଛି। ପୂର୍ବରୁ ସମସ୍ତ ଚାଷୀ ତାରାଗାଁର ଧାନ ମଣ୍ଡିଠାରେ ଆଣି ଧାନ ବିକ୍ରି କରୁଥିଲେ। ଏହି ଧାନ ମଣ୍ଡିର ଶୁଭ ଉଦଘାଟନ କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ଭଗବତୀ ମାଝୀ, ସମିତିସଭ୍ୟ ବେଲ ପୂଜାରୀ, ଡାବୁଗାଁ ବିଧାୟକ ପ୍ରତିନିଧି ଈଶ୍ୱର ପୂଜାରୀ, ଈଶ୍ୱର ମାଝୀ, ଗୁରୁବାରୁ ମାଝୀ, ଚିତ୍ତରଞ୍ଜନ ଗୌଡ଼, ସାଂସଦ ପ୍ରତିନିଧି ମହେଶ୍ୱର ଭତ୍ରା, କୋଡ଼ିଙ୍ଗା ଲେମ୍ପସ ଏମ୍‌ଡି ସୁଶାନ୍ତ ଖରା, ଯୁଗଧର ଭତ୍ରା, କନର ମାଝୀ, ଗୁରୁବାରୁ ମାଝୀ, ଡମ୍ବରୁ ଭତ୍ରା, ବୈଦ୍ୟ ଭତ୍ରା, ଡମ୍ବରୁଧର ଭତ୍ରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଧାନ ମଣ୍ଡିଠାରେ ପ୍ରାୟ ୩ଟି ପଞ୍ଚାୟତର ଚାଷୀ ଉପକୃତ ହେବେ।

## ୧୫ତମ ଅଲ ଇଣ୍ଡିଆ ଓପନ୍ କରାଟେ ଚାମ୍ପିଅନସିପ୍

# ସେମିଳିଗୁଡ଼ାର ୩୮ ଛାତ୍ରଛାତ୍ରୀଙ୍କ ଅଂଶଗ୍ରହଣ



ସେମିଳିଗୁଡ଼ା,୨୭।୧୨(ସମିସ): ଭୁବନେଶ୍ୱରର ଉତ୍କଳ କରାଟେ ସ୍କୁଲ୍‌ରେ ଆୟୋଜିତ ହେଉଥିବା ୧୫ତମ ଅଲ ଇଣ୍ଡିଆ ଓପନ୍ କରାଟେ ଚାମ୍ପିଅନ୍‌ସିପ୍ ଡିସେମ୍ବର ୨୭ରୁ ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଚାମ୍ପିଅନସିପ୍‌ରେ ଉତ୍କଳ କରାଟେ ସ୍କୁଲ୍, ସେମିଳିଗୁଡ଼ା ଶାଖାର ୩୮ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଛନ୍ତି। କରାଟେ ଇଣ୍ଡିଆ ଅର୍ଗାନାଇଜେସନ୍ (କେ ଆଇ ଓ) ଦ୍ୱାରା ଅନୁମୋଦିତ ଏବଂ ଶୁକୋକାଇ କରାଟେ ଡୋ ୟୁନିଅନ୍ ଇଣ୍ଡିଆ ଦ୍ୱାରା ଆୟୋଜିତ ଏହି ପ୍ରତିଯୋଗିତାରେ ସାରା ଭାରତରୁ ବିଭିନ୍ନ ବୟସ ବର୍ଗର ପ୍ରାୟ ୧୦୦୦ ପ୍ରତିଯୋଗୀ ଭାଗ ନେଇଛନ୍ତି। ସେମିଳିଗୁଡ଼ାରୁ ଅଂଶଗ୍ରହଣ ପ୍ରତିଯୋଗୀମାନେ ମଧ୍ୟରୁ ଶରତ ଖୋସଲା (ଟିମ୍ ମ୍ୟାନେଜର), ଏଞ୍ଜାଲ ବେନିଆ, ଜନସନ ବେନିଆ, ଓମ୍ ସାଇ ସାମନ୍ତରା, ପପୁନା ଗରାଡା, ଆରାଧ୍ୟା ପତି, ଏ .ମଣ୍ଡଳ, ନିୟାଜ ତୁରିଆ, ସ୍ୱପ୍ନା ମାଝୀ, ଆଶିଷ ମାଝୀ, ମନସ୍ୱୀ ବେହେରା, ଅନସୁମାନ ରାଉତ, ଅମୃତ ତୁରିଆ, ପ୍ରିନ୍ସ ଅଡ଼କଟିଆ, ଅରମାନ ଟାକ୍ରି, ସମ୍ପୂର୍ଣ୍ଣା ଦାସ, ଜଗଜିତ୍ ଦାସ, ଆକାଂକ୍ଷା ମହାନ୍ତି, ଶ୍ରୀୟଂସୀ ପଣ୍ଡା,ଐଷିକ ମଣ୍ଡଳ, ତୃପ୍ତି ରାଣୀ ମହାନ୍ତି, କେ. ଭେଙ୍କଟ ସାତ୍ତ୍ୱିକ, ସିବାର୍ପିତ ଚନ୍ଦନ ସ୍ୱାଇଁ, ପି.ପି ଶୌମିକ ଚୌଧୁରୀ, ପ୍ରିୟଂଶୁ ମହାରଣା, ବିଦିଶା ବେହେରା, ଅନ୍ୱେଷା ପାତ୍ର, ପ୍ରତ୍ୟୁଷା ପ୍ରିୟଦର୍ଶିନୀ ପ୍ରଧାନ, ଜ୍ୟୋତି ରଞ୍ଜନ ଖରା, ଅଙ୍କିତ ଖରା,ସୂର୍ଯ୍ୟାଂଶ ପଣ୍ଡା, ଆଞ୍ଜେଲ ଅଭିଷିକ୍ତା ମିନିଆକା, ଅଂଶୁମାନ ସିଆଲ୍, ଲତାଶା ମଣ୍ଡଳ,ଅନୁସ୍କା ରାଉତ,ଦିବେଶ ବାରାଡ଼ (ସହକାରୀ ପ୍ରଶିକ୍ଷକ),ରୁଦ୍ରାଂଶ କୁମାର ସାମଲ,ଦେବାଂଶୀ ମହାନ୍ତି, ଦିବେଶ ବାରାଡ଼ ଏବଂ ଶୁଭମ୍ ନାୟକ ସହକାରୀ ପ୍ରଶିକ୍ଷକ ଭାବେ ଦାୟିତ୍ୱ ତୁଲାଉଛନ୍ତି। ଟିମ୍ ମ୍ୟାନେଜର ଭାବେ ଶରତ ଖୋସଲା ରହିଛନ୍ତି। ଉତ୍କଳ କରାଟେ ସ୍କୁଲ୍, ସେମିଳିଗୁଡ଼ା ଶାଖାର କୋଚ୍ ରାଜେନ୍ଦ୍ର ସାମଲ ଏବଂ ସଭାପତି ମନୋଜ ପଟ୍ଟନାୟକ ସମସ୍ତ ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



ସୃଜନିକା
ସକାଳ
THE SAKALA
www.sakalaepaper.com





# ଦାନର ସ୍ୱରୂପ

ମୂଳ ଇଂରାଜୀ : ସୁଧା ମୂର୍ତ୍ତି
ଅନୁସୃଜନ : ବଙ୍ଗାଳୀ ନନ୍ଦ

ପ୍ରତିବର୍ଷ ଆମଦେଶକୁ ପ୍ରାକୃତିକ ବିପତ୍ତିର ସାମନା କରିବାକୁ ପଡ଼ିଥାଏ । ସେ ହୋଇପାରେ ଗୁଜୁରାଟର ଭୂମିକମ୍ପ, ଓଡ଼ିଶାର ବନ୍ୟା କିମ୍ବା କର୍ଣ୍ଣାଟକର ମରୁଡ଼ି । ଆମ ଦେଶ ଭଳି ଏକ ଗରିବ ଦେଶକୁ ଏପରି ଦୁର୍ଗତିମାନଙ୍କର ସାମନା କରି ଅନେକ କ୍ଷୟକ୍ଷତି ସହିବାକୁ ପଡ଼ିଥାଏ ।

ମୁଁ କାମ କରୁଥିବା ସମୟରେ ଦେଖିଛି - ଏପରି ବିପତ୍ତି ସମୟରେ ଅନେକ ବଦାନ୍ୟ ବ୍ୟକ୍ତି ଟଙ୍କା ପଇସା ଆକାରରେ କିମ୍ବା ଜିନିଷ ପତ୍ର ଇତ୍ୟାଦି ସାହାଯ୍ୟକାରୀ ସଂଗଠନଗୁଡ଼ିକକୁ ଦାନ କରିଥାନ୍ତି । ଆମେ ଧରି ନେଇଥାଉ ଯେ ସେମାନଙ୍କ ମଧ୍ୟରେ ଅଧିକାଂଶ ଧନୀ ସମ୍ପ୍ରଦାୟର ଲୋକ ଥିବେ । କିନ୍ତୁ ତାହା ସତ୍ୟ ନୁହେଁ । ଅପରପକ୍ଷେ ମଧ୍ୟବିତ୍ତ ପରିବାରର ଲୋକ ଓ ନିମ୍ନ ମଧ୍ୟବିତ୍ତ ପରିବାରର ଲୋକ ବେଶୀ ସାହାଯ୍ୟ କରିଥାନ୍ତି । ଖୁବ୍ କମ୍ ଧନୀ ପରିବାର ଲୋକ ଆନ୍ତରିକ ସହଯୋଗ କରିଥାନ୍ତି ।

କିଛି ବର୍ଷ ତଳେ, ବେଙ୍ଗାଲୁରୁର ଏକ ସୁଖ୍ୟାତ କମ୍ପାନୀ 'ବ୍ୟବସାୟ କ୍ଷେତ୍ରର ସାମାଜିକ ଦାୟିତ୍ୱ' ଉପରେ ଏକ ଭାଷଣ ପ୍ରଦାନ କରିବାକୁ ମୋତେ ନିମନ୍ତ୍ରଣ କରିଥିଲେ । ଭାଷଣ ଦେବା ସହଜ, କିନ୍ତୁ ମୋ ଭାଷଣ ଶୁଣି କେତେଜଣ ପ୍ରଭାବିତ ହେବେ ସେଥିପ୍ରତି ମୋର ସନ୍ଦେହ ଥିଲା ।

ଭାଷଣ ସରିଲାପରେ, ମୁଁ ଅନେକ ଯୁବକ ଓ ଯୁବତୀଙ୍କ ସହିତ ବାର୍ତ୍ତାଳାପ କଲି । ତାହା ଏକ ସମୃଦ୍ଧଶାଳୀ କମ୍ପାନୀ ଥିଲା ଓ କର୍ମଚାରୀମାନେ ବେଶ୍ ସ୍ୱଚ୍ଛଳ ଏବଂ ଭଲ ପୋଷାକ ସବୁ ପିନ୍ଧିଥିଲେ । ଭାଷଣ ଶୁଣି ସେମାନେ ଭାବପ୍ରବଣ ହୋଇପଡ଼ିଥିଲେ ।

ସେମାନେ କହିଲେ,-"ମାଡାମ୍! ଆମେ ପ୍ରତିମାସରେ ଅନେକ ପୋଷାକ କିଣିଥାଉ, ସେ ଭିତରୁ କିଛି ଭୂମିକମ୍ପ ଦୁର୍ଦ୍ଦଶାଗ୍ରସ୍ତ ଲୋକମାନଙ୍କୁ ଦେବୁ । ଆପଣ ସହଯୋଗ କରି ସେମାନଙ୍କ ନିକଟରେ ପହଞ୍ଚାଇ ଦେଇପାରିବେ ?

ଆଉ କେତେଲୋକ ଅନ୍ୟ ଜିନିଷ ପତ୍ର ଦେବାକୁ କହିଲେ ।

"ଆମ ପିଲାମାନେ ବଡ଼ ହୋଇଗଲେଣି । ଆମେ ସେମାନଙ୍କର ପୁରୁଣା, ଖେଳନା ଓ ଗିନା , କଂସା କିଛି ଦେବାକୁ ଚାହୁଁଛୁ ।"

ସେମାନଙ୍କର ପ୍ରତିକ୍ରିୟା ଶୁଣି ମୋତେ ଖୁସି ଲାଗିଲା । ମନେ ପଡ଼ିଗଲା ରାମାୟଣ କଥା । ସେତୁବନ୍ଧ ବାନ୍ଧିବା ସମୟରେ ଗୁଣ୍ଡୁଚି ମୂଷା ମଧ୍ୟ ରାମଙ୍କୁ ସାହାଯ୍ୟ କରିବାକୁ ମୁଠେ ବାଲିଆଣି ବନ୍ଧ ବାନ୍ଧିବାରେ ସହଯୋଗ କରିଥିଲା ।

"ତୁମେ ଯାହା ଦେବା କଥା ସେସବୁ ମୋ ଅଫିସ୍‌କୁ ପଠାଇ ଦିଅ । ଠିକ୍ ଲୋକଙ୍କ ପାଖରେ ସେସବୁ ପହଞ୍ଚାଇ ଦେବି ।" ବୋଲି କହିଲି ।

ସପ୍ତାହକ ଭିତରେ ଶହ ଶହ ବ୍ୟାଗ୍ ଓ ଗଣ୍ଠିଲି ମୋ ଅଫିସ୍‌ରେ ଆସି ଗଦା ହୋଇଗଲା । ମୁଁ ଗର୍ବ ଅନୁଭବ କଲି ଯେ, ମୋ' ଭାଷଣ ସେମାନଙ୍କ ଉପରେ ଗଭୀର ପ୍ରଭାବ ପକାଇଛି ।

ଦିନେ ରବିବାର ଦେଖି ମୋ ସହଯୋଗୀଙ୍କୁ ନେଇ ବ୍ୟାଗ୍ ସବୁ ଖୋଲି ଦେଖିଲୁ । ଯାହା ଦେଖି ଆମେ ତଟସ୍ଥ ହୋଇଗଲୁ । ବ୍ୟାଗ୍‌ଗୁଡ଼ିକ ପରିତ୍ୟକ୍ତ ଜିନିଷ, ଛିଣ୍ଡା କପଡ଼ା ଓ ଭଙ୍ଗା ଫଟା ରସ ବାସନରେ ଭର୍ତ୍ତି ହୋଇଥିଲା । ଛିଣ୍ଡା ହାଇହିଲ୍, ଚପଲ (ସେଥିରୁ କେବଳ ଗୋଟିଏ) ମଇଳା ଲୁଗାପଟା, ଚିରା ଅଣ୍ଡର୍ ଗାର୍‌ମେଣ୍ଟ, ଭଙ୍ଗା କ୍ୟାସେଟ୍ ଇତ୍ୟାଦି ପର୍ବତ ଆକାରରେ ଆମ ଆଗରେ ପଡ଼ିଥିଲା । ତା' ଭିତରେ ଅଳ୍ପ କେତୋଟି, ଭଲ ସାର୍ଟ, ଶାଢ଼ି ବ୍ୟବହାର ଯୋଗ୍ୟ ଜିନିଷ ପାଇଲୁ । ଏଥିରୁ ପ୍ରତୀୟମାନ ହେଲା ଯେ, ଅଳିଆଗଦାରେ ଫିଙ୍ଗି ନ ଦେଇ କିମ୍ବା କବାଡ଼ିବାଲାକୁ ନ ଦେଇ ସେଗୁଡ଼ିକୁ ମୋ ଅଫିସ୍‌କୁ ପଠେଇ ଦେଇଛନ୍ତି, ଅଭାବୀ ଲୋକଙ୍କୁ ଦାନ କରିବା ସକାଶେ । ସେଦିନ ମୁଁ ସାକ୍ଷାତ କରିଥିବା ପୁରୁଷ ଓ ନାରୀ ସମସ୍ତେ ଖୁବ୍ ସମ୍ଭ୍ରାନ୍ତ ଦେଖାଯାଉଥିଲେ । ଭଲ ପୋଷାକ ପିନ୍ଧିଥିଲେ । ଅନେକ ଜାଗା ବୁଲିଆସିଥିବେ ମଧ୍ୟ । ଯଦି ଶିକ୍ଷିତ ଲୋକମାନେ ଏଭଳି ବ୍ୟବହାର କରନ୍ତି, ତା' ହେଲେ ଅଶିକ୍ଷିତ ଲୋକଙ୍କ କଥା କାହିଁକି ଚିନ୍ତା କରିବା?

ସେତେବେଳେ ମୋର ପିଲାବେଳର କଥା ମନେପଡ଼ିଲା । ମୁଁ କର୍ଣ୍ଣାଟକରେ ହାଭେରି ଜିଲ୍ଲାର ସିଗ୍‌ଗାଓଁ ନାମକ ଏକ ପଲ୍ଲୀ ଗାଁରେ ଜନ୍ମ ହୋଇ ବଢ଼ିଥିଲି । ମୋ ଜେଜେ ଜଣେ ଅବସରପ୍ରାପ୍ତ ସ୍କୁଲ ଶିକ୍ଷକ ଥିଲେ । ମୋ ଜେଜି ମା' - ନାଁ ତା'ର 'କ୍ରିଷ୍ଣାକ୍କା' ଜୀବନରେ କେବେ ସ୍କୁଲ ପିଣ୍ଡା ମାଡ଼ି ନଥିଲା । ସେମାନେ କର୍ଣ୍ଣାଟକ ଛାଡ଼ି ବାହାରକୁ କେବେ ଯାଇନାହାନ୍ତି । କିନ୍ତୁ ସେମାନେ କଠିନ ପରିଶ୍ରମ କରୁଥିଲେ । ସେମାନେ ଯାହା କରୁଥିଲେ ଆନ୍ତରିକତାର ସହ କରୁଥିଲେ । କେବେହେଲେ କାହାର ସାହାଯ୍ୟ ଚାହୁଁନଥିଲେ । ସେମାନଙ୍କ ଫଟୋ କେବେ କୌଣସି ଖବର କାଗଜରେ ଛପା ହୋଇନଥିଲା । ସେମାନେ ପୁରସ୍କାର କିମ୍ବା ସମ୍ବର୍ଦ୍ଧନା ପାଇବାକୁ କେବେ କୌଣସି ମଞ୍ଚରେ ଚଢ଼ି ନଥିଲେ । ସେମାନେ ଜଙ୍ଗଲର ଫୁଲ ପରି ସୁବାସ ବିତରଣ କରୁଥିଲେ । ସେମାନଙ୍କ କଥାରେ ଅନ୍ୟମାନଙ୍କୁ ମୁଗ୍ଧ କରୁଥିଲେ । ହେଲେ ବାହାର ଦୁନିଆ ସେମାନଙ୍କୁ ଆଦୌ ଜାଣି ନଥିଲା ।

ଗାଁରେ ଆମର ଧାନଜମି ଥିଲା । ଧାନ ଆସି ଆମ ଅମାରରେ ବୋଝେଇ ହେଉଥିଲା । ଆମଘରେ ଦୁଇଟି ଅମାର ଥିଲା । ଗୋଟିଏ ଦାଣ୍ଡଘରେ, ଆରଟି ବାରିପଟେ । ଭଲ ଚାଉଳ ଯାହା ଧଳା ଓ ସରୁ, ସେସବୁ ଦାଣ୍ଡ ଅମାରରେ ରହେ । ଅପେକ୍ଷାକୃତ ନିମ୍ନମାନର ଚାଉଳ, ଯେଉଁଗୁଡ଼ିକ ଟିକେ ମୋଟା ଓ ନାଲିରଙ୍ଗର ସେଗୁଡ଼ିକ ପଛପଟ ଅମାରରେ ରହେ ।

ସେ ଦିନଗୁଡ଼ିକରେ ସାମ୍ପ୍ରଦାୟିକ ବିଭାଜନ ଆଦୌ ନ ଥିଲା । ଭିନ୍ନ ଭିନ୍ନ ବର୍ଗର ଲୋକ ମିଳିମିଶି ଶାନ୍ତିରେ ଗାଁରେ ଚଳୁଥିଲେ । କେତେଜଣ ଭିକ୍ଷା ମାଗିବାକୁ ଆମ ଘରକୁ ଆସୁଥିଲେ । ସେମାନଙ୍କ ଭିତରେ ଥାଆନ୍ତି ମୁସ୍‌ଲିମ୍ ଫକୀର, ହିନ୍ଦୁ ଦାସିଆ ଇତ୍ୟାଦି । ସେମାନେ ଭକ୍ତି ଗୀତ ଗାଇ ଗାଇ ଗାଁରେ ବୁଲନ୍ତି । ଏଲ୍ଲାମା ଯୋଗୀମାନେ ମୁଣ୍ଡରେ ଏଲ୍ଲାମ୍ମା ଠାକୁରାଣୀଙ୍କୁ ଧରି ଓ ଠାକୁର ଫଟୋମାନ ଧରି ସାହିରେ ଭିକ୍ଷାଟନ କରନ୍ତି । ଗରିବ ଛାତ୍ରମାନେ ଓ ଅକର୍ମଣ୍ୟ ଲୋକମାନେ ମଧ୍ୟ ଭିକ୍ଷା ମାଗନ୍ତି ।

ଆମ ଘରମାନଙ୍କରେ ସେ ସମୟରେ ଟଙ୍କା-ପଇସା ବେଶି ନ ଥାଏ । ଆମ ଜେଜେ ସେମାନଙ୍କୁ ତେଣୁ ପଇସା ନ ଦେଇ ଚାଉଳ ଦେଇ ସନ୍ତୋଷ କରୁଥିଲେ । ସାହାଯ୍ୟ ପାଉଥିବା ଲୋକମାନେ ବେଶି କଥାବାର୍ତ୍ତା କରୁନଥିଲେ । ସେମାନେ ଚାଉଳ ପାଇ ହସି ଦେଉଥିଲେ ଓ ଡାହାଣ ହାତ ଉଠେଇ ଆମକୁ ଆଶୀର୍ବାଦ କରୁଥିଲେ । ଜାତି, ଧର୍ମ ନିର୍ବିଶେଷରେ ଆଶୀର୍ବାଦ କେବଳ ଥିଲା "ଭଗବାନ ତୁମର ମଙ୍ଗଳ କରନ୍ତୁ ।" ମୋ ଜେଜେ ସେମାନଙ୍କୁ ଦାନ ଦେଇସାରିବା ପରେ ଖୁବ୍ ଖୁସି ଜଣାପଡୁଥାନ୍ତି ।

ସେତେବେଳେ ମୁଁ ଛୋଟିଆ ଝିଅଟିଏ । ବେଶୀ ଉଚ୍ଚ ନଥାଏ । ଯେହେତୁ ଆଗଘର ଅମାରଟିର ପ୍ରବେଶ ପଥଟି ଛୋଟ ଥିଲା, ତେଣୁ ବଡ଼ ଲୋକମାନେ ସେ ଭିତରକୁ ଯିବା ସହଜ ନଥିଲା । ତେଣୁ ମୋତେ ଗୋଟିଏ ଛୋଟ ବାଲଟି ଦେଇ ଭିତରକୁ ପଠାଯାଉଥିଲା । ସେଥିରେ ଚାଉଳ ଭରି ମୁଁ ବାହାର ଲୋକଙ୍କୁ ଦେଉଥିଲି । କେତେ ଚାଉଳ ଦରକାର ସେମାନେ ମୋତେ କହୁଥିଲେ ।

ସଞ୍ଜବେଳେ ଆମ ଜେଜି ମା' ସମସ୍ତଙ୍କ ପାଇଁ ରୋଷେଇ କରେ । ସେତିକି ବେଳେ ସେ ମୋତେ ବାରିପଟରେ ଥିବା ଅମାର ଭିତରକୁ ଯିବାକୁ କହେ ଯେଉଁଥିରେ ନାଲି ରଙ୍ଗର ମୋଟା ଚାଉଳ ରହେ । ଯେତିକି ଚାଉଳ ଦରକାର ମୋତେ କହିଲେ, ମୁଁ ସେଥିରୁ କାଢ଼ି ଦିଏ ଓ ରାତ୍ରି ଭୋଜନପାଇଁ ସେ ଚାଉଳ ରନ୍ଧାଯାଏ ।

ଏମିତି ବର୍ଷ ବର୍ଷ ଧରି ଚାଲିଥାଏ । ମୁଁ ଟିକିଏ ବଡ଼ ହେଲାପରେ ଜେଜେବାପା ଓ ଜେଜିମା'ଙ୍କୁ ଅନେକ ଦିନଧରି ମୋ ମନଭିତରେ ଥିବା ସନ୍ଦେହ ଦୂର କରିବା ପାଇଁ ଦିନେ ପଚାରିଲି- "ଆମେ ସବୁବେଳେ ନାଲି ଚାଉଳ କାହିଁକି ଖାଉଛେ ଯେଉଁଗୁଡ଼ିକ ଭଲ ନୁହେଁ, ଆଉ ଭଲ ଚାଉଳ ଗରିବ ଲୋକଙ୍କୁ ଭିକ୍ଷା ଦେଉଛେ କାହିଁକି?"

ମୋ ଜେଜିମା' ହସିଲା ଓ ଯାହା କହିଲା, ସାରା ଜୀବନ କେବେ ମୁଁ ସେ କଥା ଭୁଲି ପାରିବି ନାହିଁ ।

"ଝିଅ! ଯଦି ତୁ କାହାକୁ କିଛି ଦେବାକୁ ଚାହୁଁଛୁ, ତେବେ ତୋ' ନିକଟରେ ଥିବା ଭଲ ଜିନିଷଟି ସେମାନଙ୍କୁ ଦେବା ଉଚିତ । ଖରାପ ଜିନିଷ କେବେ କାହାକୁ ଦେବା ଉଚିତ୍ ନୁହେଁ । ଜୀବନରେ ମୁଁ ସେ କଥାଟି ଶିଖିଛି । ଭଗବାନ ମନ୍ଦିର, ଚର୍ଚ୍ଚ କିମ୍ବା ମସ୍‌ଜିଦ୍‌ରେ ନ ଥାନ୍ତି । ସେ ଗରିବ ଓ ଅସହାୟ ରୂପେ ଆମ ନିକଟକୁ ଆସିଥାନ୍ତି । ତୁ ଯଦି ସେମାନଙ୍କୁ ଭଲ ଜିନିଷ ଦେବୁ, ତେବେ ତାହା ଭଗବାନ ପାଇବେ ।"

ମୋ ଜେଜେବାପା ମୋ ପ୍ରଶ୍ନର ଆଉ ଏକ ପ୍ରକାର ଉତ୍ତର ଦେଇଥିଲେ । କହିଥିଲେ- ଆମ ପୂର୍ବପୁରୁଷମାନେ ବେଦରେ ଆମ ପାଇଁ କହିଯାଇଛନ୍ତି, - "ଦାନ ଦେଲା ବେଳେ,ବିନୟ ସହକାରେ ଦାନ ଦିଅ । ଦାନ ଆନନ୍ଦରେ ଦିଅ । ଆନ୍ତରିକ ଭାବେ ଦାନ ଦିଅ । ଅଭାବୀ ଲୋକଙ୍କୁ ଦାନ ଦିଅ । ପ୍ରତ୍ୟାଶା ନ ରଖି ଦାନ ଦିଅ । କାରଣ ଦାନ ଉପହାର ନୁହେଁ, ଏହା ଏକ କର୍ତ୍ତବ୍ୟ । ତୁମ ଘର ଲୋକଙ୍କ ସମ୍ମତିରେ ଦାନ ଦିଅ । ତୁମକୁ ଆଶ୍ରା କରି ବଞ୍ଚୁଥିବା ଲୋକଙ୍କୁ ଅଣଦେଖା କରି ଦାନ ଦିଅ ନାହିଁ । ଜାତି, ଧର୍ମ, ସମ୍ପ୍ରଦାୟକୁ ନେଇ ଦାନ କର ନାହିଁ । ଏମିତି ଦାନ କର ଯାହା ଦ୍ୱାରା ଗ୍ରହୀତାର କିଛି ଉପକାର ହେବ ।"

ମୁଁ ଯେତେବେଳେ ଛୋଟ ଝିଅ ଟିଏ ଥିଲି, ସେତେବେଳେ ମୋର ଗୋସେଇଁ ବାପା ଓ ଗୋସେଇଁ ମା' - ଏକଥା ମତେ କହିଥିଲେ । ଯାହା ଏ ପର୍ଯ୍ୟନ୍ତ ମୋ ମନରେ ରହିଛି । ଯଦି କାହାକୁ ମୁଁ କିଛି ସାହାଯ୍ୟ କରିବାକୁ ଯାଏ । ସେହି ସରଳ ଓ ନିଷ୍ପାପ ଲୋକମାନଙ୍କର ଉପଦେଶ ମତେ ସାହାଯ୍ୟ କରେ । ଏସବୁ କଥା ମୁଁ କୌଣସି ସ୍କୁଲ କିମ୍ବା କଲେଜରୁ ଶିଖି ନଥିଲି ।

ପ୍ଲଟ ନଂ- ୬୨୦୨-୧୧୬୦୪
ଲୋକନାଥ ବିହାର
ଭୋଟପଡ଼ା, ମଞ୍ଚେଶ୍ୱର ରେଳବାଇ କଲୋନୀ
ଭୁବନେଶ୍ୱର- ୭୫୧୦୧୭
ମୋ: ୯୪୩୮୦୩୬୦୩୭

## ପତ୍ରିକା ପରିଚୟ

### ରେବତୀ

ସଂପାଦିକା: ସୁବାସିନୀ ଜେନା





ଓ.ଟି. ରୋଡ୍
ବାଲେଶ୍ୱର-୭୫୬୦୦୧
ମୂଲ୍ୟ ୭୦ ଟଙ୍କା

ସୃଜନର କିଛି ନୂତନ ସମ୍ଭାର ନେଇ ପ୍ରକାଶ ପାଇଛି 'ରେବତୀ'ର ଡିସେମ୍ବର-୨୦୨୫ ସଂଖ୍ୟା । ସୁବାସିନୀ ଜେନାଙ୍କ ସଂପାଦନାରେ ପ୍ରକାଶିତ ସଂପୂର୍ଣ୍ଣ ରଙ୍ଗିନ 'ରେବତୀ' ପତ୍ରିକା ବେଶ୍ ଆକର୍ଷଣୀୟ ହୋଇଛି । ଚଳିତ ସଂଖ୍ୟାରେ ଡକ୍ଟର ରାଧାରଞ୍ଜନ ପଟ୍ଟନାୟକଙ୍କ 'ମାଣବସାର ମହକ', ମନୋଜ ମେହେରଙ୍କ 'ଶବ୍ଦର ଇନ୍ଦ୍ର ରାଜେନ୍ଦ୍ର', ମମତା ଦାଶଙ୍କ 'ପୁଣି ଫେରିବେ ରାଜେନ୍ଦ୍ର', ଦାଶ ବେନହୁରଙ୍କ 'ଶରତ ସନ୍ଦେଶ', ପ୍ରଫୁଲ୍ଲ କୁମାର ପଣ୍ଡାଙ୍କ 'ପୁଷ୍ପୁନିର ପୁଲକ' ଆଦି ଲେଖାଗୁଡ଼ିକ ତଥ୍ୟ ଭିତ୍ତିକ ଓ ହୃଦୟସ୍ପର୍ଶୀ ହୋଇଛି । ସେହିପରି ଅକ୍ଷୟ ସ୍ୱାଇଁଙ୍କ 'ପତ୍ର ଝଡ଼', ଗୌତମ ଜେନାଙ୍କ 'ସମୟ ସରିଆସିବା ବେଳକୁ', ଡକ୍ଟର ସିନ୍ଧୁ ସେନ୍‌ଙ୍କ 'କାନ୍ଥ', ନନ୍ଦ କିଶୋର ସିଂହଙ୍କ 'କେତୋଟି ଝିଅ କଥା' ପ୍ରଭୃତି କବିତାଗୁଡ଼ିକର ଭାବ ଓ ଭାଷା ମାର୍ମିକ ହୋଇଛି । ସେଭଳି 'କଥା-କାହାଣୀ'ରେ ଡକ୍ଟର ଉଷାରାଣୀ ଦାଶଙ୍କ 'ଉଖୁଡ଼ା', ବିଜୟ ପଟ୍ଟନାୟକଙ୍କ 'ଆଜି ନଈବଢ଼ି ପୁଣି ଆସିଛି', ବସନ୍ତ ମଞ୍ଜରୀ ମିଶ୍ରଙ୍କ 'ଆଲୋ ସଖି', ରଞ୍ଜନ କୁମାର ଦାସଙ୍କ 'ଶେଷଇଚ୍ଛା' ଗପ ମନଛୁଆଁ ହୋଇଛି । ସେହିପରି 'ଧାରାବାହିକ କାବ୍ୟ', 'ଧାରାବାହିକ ଆତ୍ମଜୀବନୀ', 'ଲୋକକଥା', 'ରୋଷେଇଶାଳ', 'ଶେଷପୃଷ୍ଠା' ଆଦି ନିୟମିତ ବିଭାଗର ଲେଖାଗୁଡ଼ିକ ମଧ୍ୟ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ ।

### ଶୋଭନା


ସଂପାଦକ: ବିଧୁଭୂଷଣ ପଟ୍ଟନାୟକ





୨ଆର୍.ଏ.-୬୦, ରୋଡ୍-୭
ୟୁନିଟ୍- ୯, ଭୁବନେଶ୍ୱର-୨୨
ମୂଲ୍ୟ ୪୦ ଟଙ୍କା

ମହିଳା ପତ୍ରିକାର ନବଦିଗନ୍ତ 'ଶୋଭନା'ର ଡିସେମ୍ବର -୨୦୨୫ ସଂଖ୍ୟା ବରିଷ୍ଠ ଓ ଯୁବ ଲେଖକଙ୍କ ଉଚ୍ଚକୋଟୀର ଲେଖାରେ ସମୃଦ୍ଧଶାଳୀ ହୋଇଛି । ବିଧୁଭୂଷଣ ପଟ୍ଟନାୟକଙ୍କ ସଂପାଦନାରେ ପ୍ରକାଶିତ 'ଶୋଭନା'ର ଚଳିତ ସଂଖ୍ୟାରେ ବୀରେଶ୍ୱର ମହାନ୍ତିଙ୍କ 'ଦ୍ୱନ୍ଦ୍ୱ', ସୁଶୀଳ କୁମାର ନନ୍ଦଙ୍କ 'ଜଣେ ରାଜନେତାଙ୍କ ଶେଷ କଥା', ସୁଷମା ଚୌଧୁରୀଙ୍କ 'ଗାନ୍ଧାରୀଙ୍କ ଅନାବୃତ ଚକ୍ଷୁ', ରୋଜାଲିନ୍ ମିଶ୍ରଙ୍କ 'ଜାନୁଘଣ୍ଟ', ବିଜୟ ପ୍ରଧାନଙ୍କ 'ଆଖି ଦିଶୁ ନଥିବା ଦୃଶ୍ୟ', ଶଶିଭୂଷଣ ମହାନ୍ତିଙ୍କ 'ପିପାସା', ବନସ୍ମିତା ପତିଙ୍କ 'ସବାରିର ବୋଝ' ଆଦି ଗଳ୍ପଗୁଡ଼ିକରେ ମାନବୀୟ ଭାବାବେଗ, ସାମାଜିକ ବାସ୍ତବତାର ଚିତ୍ର ଅତ୍ୟନ୍ତ ପ୍ରଭାବଶାଳୀ ଭାବେ ପ୍ରତିଫଳିତ ହୋଇଛି । ସେହିପରି 'ଅନନ୍ୟ ପରମ୍ପରା'ରେ ଡକ୍ଟର ଭାସ୍କର ମିଶ୍ରଙ୍କ 'ଶ୍ରୀମନ୍ଦିରରେ ମାହାରୀ ପରମ୍ପରା'ରେ ଶ୍ରୀମନ୍ଦିରରେ ଦେବଦାସୀ ପରମ୍ପରାର ଇତିହାସ, ତାତ୍ପର୍ଯ୍ୟ ଆଦି ସଂପର୍କରେ ତଥ୍ୟଭିତ୍ତିକ ଆଲୋଚନା କରାଯାଇଛି । 'ସ୍ୱତନ୍ତ୍ର ପ୍ରସଙ୍ଗ'ରେ ଜାନକୀଶ ବଡ଼ପଣ୍ଡାଙ୍କ 'ନୋବେଲ ବିଜୟିନୀ ମାରିଆ'ରେ ନୋବେଲ ଶାନ୍ତି ପୁରସ୍କାର ପ୍ରାପ୍ତ ସାମାଜିକ କର୍ମୀ ମାରିଆ କୋରିନା ମାଚାଡୋଙ୍କ ସଂଘର୍ଷମୟ ଜୀବନ କଥା ବର୍ଣ୍ଣନା କରାଯାଇଛି । 'ସ୍ୱାସ୍ଥ୍ୟ ସନ୍ଦେଶ'ରେ ଡା. ମଦନ ମୋହନ ପାଢ଼ୀଙ୍କ 'ଅମ୍ଳପିତ୍ତ ରୋଗର ପ୍ରତିକାର'ରେ ଅମ୍ଳପିତ୍ତ ରୋଗର କାରଣ ଓ ନିରାକରଣ ସଂପର୍କରେ ଆଲୋଚନା କରାଯାଇଛି । 'ଶୋଭନା'ର ଡିସେମ୍ବର ସଂଖ୍ୟାଟି ପାଠକୀୟ ଆଦୃତି ଲାଭ କରିବ ବୋଲି ଆଶା କରାଯାଏ ।

## ଗୋଟେ କଣ୍ଢେଇ ପରି ପୃଥିବୀ





ମୂଳ ହିନ୍ଦୀ: ଅଶୋକ ବାଜପେୟୀ
ଅନୁସୃଜନ: ପ୍ରବାସିନୀ ମହାକୁଡ଼

ପୃଥିବୀର ଆଖପାଖରେ
ଘୂରି ବୁଲନ୍ତି ଦେବତା
ନକ୍ଷତ୍ର ଆଉ ଗନ୍ଧର୍ବ ।

ପୃଥିବୀକୁ ପରିକ୍ରମା କରନ୍ତି
ପ୍ରାଚୀନ ସନ୍ଥ, ରାକ୍ଷସ
ଆଉ ଇତିହାସଠୁ ଅଦୃଶ୍ୟ ସମୟ ।

ଯେଉଁ ପୃଥିବୀ ବସୁନ୍ଧରା ଥିଲା,
ଯେଉଁ ପୃଥିବୀ ଉଠିଥିଲା ସମୁଦ୍ରରୁ
ସେଇ ପୃଥିବୀକୁ
ଗୋଟେ କଣ୍ଢେଇ ପରି
ଗହଣାଗାଣ୍ଠି ପିନ୍ଧେଇ କରି
ନିଜ ପାଖ ବିଛଣାରେ ଶୁଆଏ
ନିଦରେ ନିମଗ୍ନ
ସ୍ୱପ୍ନ–ପରି ମୋ ଝିଅ ।

## କେହି କବୀର ନୁହଁନ୍ତି

କେବେକେବେ କ୍ଲାନ୍ତ ହୋଇ ମୁଁ
ନିଜର ମଇଳା ଲୋଚୋକୋଚା ଚାଦର ବିଷୟରେ ଭାବେ
ମନେନାହିଁ କେବେ, କେଉଁଠି ଏଇ ଚାଦର ପାଇଥିଲି
କିନ୍ତୁ ପୂର୍ବଜ ଦେଇଥିଲେ ବିଲ୍‌କୁଲ୍ ଧଳା ତ
ପ୍ରଥମରୁ ହିଁ ନଥିଲା ।

ମୁଁ ପ୍ରତି ମୁହୂର୍ତ୍ତରେ ଚେଷ୍ଟା କଲି
ଯେ ତାକୁ ସଫା ରଖେ
ନା ଦାଗହୀନ ଥିଲା ନା ରହିପାରିଲା
ଦେହରେ ଗୁଡ଼ାଏ
ଉପରକୁ ଟାଣି
ଖୁଣ୍ଟିରେ ଟାଙ୍ଗି ଦିଏ
ନ ହେଲେ ଯତ୍ନରେ କେଉଁଠି ରଖିଦିଏ
ତା' ଦାଗ ବି ଚିହ୍ନ ଲାଗି ହିଁ ଯାଏ
ଗୁଡ଼ ପାଖକୁ ଆସୁଥିବା ପିମ୍ପୁଡ଼ିଙ୍କ ପରି
ଜାଣେନା କେଉଁଠୁ-କେଉଁଠୁ
ଦାଗ ଚାଦର ଆଡ଼କୁ ଟାଣି ହୋଇଯାଆନ୍ତି
ପୁଣି ସଫାସୁତୁରା ରହିଲାଣି ଜୀବନ
ପ୍ରେମ ଆଉ ଈର୍ଷାରେ
ଲୋଭ ଆଉ ଚାହିଁବାରେ
ଅନ୍ୟର ଉତ୍ତମ ଜୀବନରୁ ଜନ୍ମିଥିବା ଜ୍ୱଳନ
ଶବ୍ଦଠୁ ବାରମ୍ବାର ବାହାରି ଯିବାର ଭାଗ୍ୟ
ଜୀବନକୁ ଏତେ ଆଉ ଏତେଥର ମଇଳା କରି ଦେଇଛି
ଯେ ବିଚାରୀ ଏଇ ଚାଦରର କ'ଣ ସାଧ
ଯେ ସିଏ ସଫାସୁତୁରା ରହିପାରିଥାନ୍ତା
ପାଖ ପଡ଼ିଶାରେ କେହି କବୀର ନଜରକୁ ଆସନ୍ତିନି
ଯାହାକୁ ଏଇ ଚାଦର ଦେଇ ଆସନ୍ତି ଯେ
ସମୟ ପାଇଲେ ଯା'କୁ ରଫୁ କରି ଦିଅନ୍ତା
ନ ହେଲେ କୌଣସି ବିଶ୍ୱାସଯୋଗ୍ୟ ସାବୁନରେ ଧୋଇ
କିଛି ତ ଚକ୍ ଚକ୍ କରିବ ।

ଷ୍ଟେସନ୍ ବଜାର, ଢେଙ୍କାନାଳ

# ଆଣ୍ଡରସନ୍‌ଙ୍କ ପରୀ କାହାଣୀରେ କାରୁଣ୍ୟ



ଡକ୍ଟର ବିଶ୍ୱନାଥ ସାହୁ

ହାନ୍‌ସ କ୍ରିଷ୍ଟିଆନ ଆଣ୍ଡରସନ୍ ହେଉଛନ୍ତି ଊନବିଂଶ ଶତାବ୍ଦୀର ଜଣେ ବିଖ୍ୟାତ କାହାଣୀକାର । ସେ ୧୮୦୫ ମସିହାରେ ଡେନମାର୍କରେ ଜନ୍ମଗ୍ରହଣ କରିଥିଲେ । ପିଲାଟି ଦିନରୁ ପିତାଙ୍କୁ ହରାଇଥିବାରୁ ଘୋର ଦାରିଦ୍ର୍ୟ ମଧ୍ୟରେ ତାଙ୍କର ଶୈଶବ ଓ କୈଶୋର ଜୀବନ ବିତିଥିଲା । ସ୍କୁଲ, କଲେଜରେ ପାଠ ପଢ଼ିବାର ସୁଯୋଗ ସେ ପାଇପାରିନାହାନ୍ତି । ଏକ ଥିଏଟର ଦଳ ସହ ମିଶି କିଛିଦିନ ନାଚ, ଗୀତ ଓ ଅଭିନୟ କରିଥିଲେ ହେଁ ତାଙ୍କୁ ଏହା ଭଲ ନ ଲାଗିବାରୁ ପରବର୍ତ୍ତୀ ସମୟରେ ସେ ଲେଖାଲେଖି ଆଡ଼କୁ ମନ ବଳାଇଥିଲେ ।

ସେ ଅନେକ ନାଟକ, ଉପନ୍ୟାସ, କବିତା, ଯାତ୍ରା ପୁସ୍ତକ ତଥା ଆତ୍ମକଥାର ଲେଖକ ହୋଇଥିଲେ ହେଁ କାହାଣୀ ଲେଖକ ଭାବରେ ତାଙ୍କର ସୁଖ୍ୟାତି ରହିଛି । ପରୀ କାହାଣୀର (Fairy Tales) ଲେଖକ ଭାବରେ ସେ ସମଗ୍ର ପୃଥିବୀରେ ସୁପରିଚିତ । ତାଙ୍କ ଲିଖିତ ପରୀ କାହାଣୀ ଶିଶୁମାନଙ୍କ ପାଇଁ ବେଶ୍ ଉପଯୋଗୀ ହୋଇଥିବାରୁ ତାଙ୍କୁ 'ଶିଶୁର ବନ୍ଧୁ' ବୋଲି କୁହାଯାଉଥିଲା । କିନ୍ତୁ ଏହା କେବଳ ଶିଶୁମାନଙ୍କ ପାଇଁ ଉଦ୍ଦିଷ୍ଟ ନଥିଲା; ବରଂ କିଶୋର ଓ ଯୁବକମାନଙ୍କ ପାଇଁ ମଧ୍ୟ ଏହା ଏକ ପଠନୀୟ ସାହିତ୍ୟକୃତି ।

ଆଣ୍ଡରସନ୍ ଏହି କାହାଣୀଗୁଡ଼ିକୁ ଡେନିଶ୍ ଭାଷାରେ ଲେଖିଛନ୍ତି । ଉଭୟ ଶୈଳୀ ଓ ବିଷୟବସ୍ତୁ ଦୃଷ୍ଟିରୁ ସେ ସମୟରେ ଉକ୍ତ କାହାଣୀଗୁଡ଼ିକ ସ୍ୱତନ୍ତ୍ର ଥିଲା । ୧୮୩୦ ଦଶକର ଶେଷ ଆଡ଼କୁ ଆଣ୍ଡରସନ୍‌ଙ୍କୁ ସରକାରଙ୍କ ତରଫରୁ ଏକ ଷ୍ଟାଇପେଣ୍ଡ ମିଳିଥିଲା, ଯାହା ତାଙ୍କ ଆର୍ଥିକ ଅବସ୍ଥାରେ ସୁଧାର ଆଣିଥିଲା । ଏହା ପରେ ପରେ ତାଙ୍କ କାହାଣୀ ସବୁ ୟୁରୋପ ଏବଂ ଜର୍ମାନୀରେ ବିଶେଷ ଲୋକପ୍ରିୟତା ହାସଲ କରିଥିଲା । ୧୮୩୧ରୁ ୧୮୭୩ ମସିହା ପର୍ଯ୍ୟନ୍ତ ସେ ସମଗ୍ର ୟୁରୋପ୍, ଏସିଆ ଓ ଆଫ୍ରିକା ଭ୍ରମଣରେ ବାହାରିଥିଲେ । ସେହି ଯାତ୍ରାକାଳୀନ ଅନୁଭୂତିକୁ ତାଙ୍କ ଯାତ୍ରା ପୁସ୍ତକଗୁଡ଼ିକରେ ଉଲ୍ଲେଖ କରିଥିଲେ । ବିଶେଷ କରି 'En digtens bazar', 'I sverrig' ଏବଂ 'I Sparian' ଆଦି ଲେଖାରେ ଏହା ଦୃଶ୍ୟମାନ । ଲେଖକ ନିଜର ଲେଖା ଓ ଜିନିଷଗୁଡ଼ିକୁ ସାଇତି ରଖୁଥିଲେ । ତେଣୁ ଆଜି ମଧ୍ୟ ତାଙ୍କ ଡାଏରି ଓ ହଜାର ହଜାର ପତ୍ର ସଂରକ୍ଷିତ ରହିଛି ।

ଆଣ୍ଡରସନ୍ ମୋଟ ୧୫୬ଟି (କେତେକ ତଥ୍ୟାନୁସାରେ ୧୬୮ଟି) ପରୀ କାହାଣୀ ରଚନା କରିଥିଲେ । ଏହା ୯ଟି ଭାଗରେ ବିଭକ୍ତ ଏବଂ ୧୨୫ରୁ ଅଧିକ ଭାଷାରେ ଅନୂଦିତ । ୧୮୩୫ ମସିହାରେ ତାଙ୍କର ପ୍ରଥମ ପରୀ କାହାଣୀ ସଂଗ୍ରହ 'ଫେୟାରି ଟେଲ୍ସ ଟୋଲ୍ଡ ଫର୍ ଚିଲଡ୍ରେନ୍' ପ୍ରକାଶିତ ହୋଇଥିଲା । ଦାରିଦ୍ର୍ୟ, ପ୍ରେମ, ବିଶ୍ୱାସଘାତକତା, ଆତ୍ମ-ଆବିଷ୍କାର ଏବଂ ସାମାଜିକ ବ୍ୟଙ୍ଗ ହେଉଛି ତାଙ୍କ କାହାଣୀଗୁଡ଼ିକର ପ୍ରମୁଖ ଭାବବସ୍ତୁ । ତାଙ୍କର 'ଦ ଲିଟଲ୍ ମର୍ମେଡ୍' କାହାଣୀରେ ପ୍ରେମ ଓ ବଳିଦାନର ଚିତ୍ର, 'ଦ ଅଗ୍ଲି ଡକ୍ଲିଙ୍ଗ୍' କାହାଣୀରେ ଆତ୍ମ-ଆବିଷ୍କାର ତଥା ଆତ୍ମସମ୍ମାନର କଥା ଏବଂ 'ଦ ଏମ୍ପରର୍ସ ନ୍ୟୁ କ୍ଲୋଥ୍ସ'ରେ ଅହଂକାର ଏବଂ ସତ୍ୟତାର ବ୍ୟଙ୍ଗାତ୍ମକ ଚିତ୍ରଣ ଅତ୍ୟନ୍ତ ଆକର୍ଷଣୀୟ ଢଙ୍ଗରେ ବର୍ଣ୍ଣିତ । ପୁଣି ସାତ ଭାଗରେ ବିଭକ୍ତ 'ଦ ସ୍ନୋ କ୍ୱିନ୍' କାହାଣୀ ପାଠକଙ୍କୁ ମିତ୍ରତା ଓ ସାହସର ଚିରନ୍ତନ ବାର୍ତ୍ତା ପ୍ରଦାନ କରେ ।

ସେ ଜଣେ ଦରଦୀ ଲେଖକ ଥିଲେ । ଜୀବନର କଠୋର ସତ୍ୟକୁ ଦର୍ଶାଉଥିବା ତାଙ୍କର କାହାଣୀଗୁଡ଼ିକ ସୁଖାନ୍ତକ ନୁହେଁ । କବିତ୍ୱପୂର୍ଣ୍ଣ ଶୈଳୀରେ ରଚିତ ଅଧିକାଂଶ କାହାଣୀ ଦୁଃଖଦ ଅନ୍ତରେ ପାଠକଙ୍କୁ ଆର୍ଦ୍ର କରେ । ଦେଖିବାକୁ ଗଲେ ଦାରିଦ୍ର୍ୟ ଓ ଅପମାନରେ ଭରା ନିଜ ଜୀବନର ଅନୁଭବ ତାଙ୍କ ରଚନାକୁ ଅଧିକ ପ୍ରାଣବନ୍ତ ଓ ବାସ୍ତବବାଦୀ କରିଅଛି ।

'ଦ ଲିଟିଲ୍ ମର୍ମେଡ୍' ହେଉଛି ତାଙ୍କର ଏକ ଲୋକପ୍ରିୟ କାହାଣୀ । କାହାଣୀ ଅନୁସାରେ ଛୋଟ ଜଳପରୀଟିଏ ଭଲପାଇ ବସେ ଏକ ମାନବ ରାଜକୁମାରକୁ । ଏଥିରେ ତା'ର ସ୍ୱର ନଷ୍ଟ ହୋଇଯାଏ, ତଥାପି ସେ ପ୍ରେମରେ ପଛଘୁଞ୍ଚା ଦିଏନି । ଏପଟେ ରାଜକୁମାର ତାକୁ ଆଦୌ ପସନ୍ଦ କରେ ନାହିଁ । ତେଣୁ ସେ ଆଉ ଜଣେ ରାଜକୁମାରୀ ସହ ବିବାହ ବନ୍ଧନରେ ବାନ୍ଧିହୁଏ । ଜଳପରୀ ପାଖରେ ରାଜକୁମାରକୁ ମାରି ନିଜର ପୂର୍ବ ଜୀବନ ଫେରି ପାଇବାର ସୁଯୋଗ ଥିବା ସତ୍ତ୍ୱେ ସେ ମାରିପାରେ ନାହିଁ । ମୃତ୍ୟୁକୁ ଆଦରି ନେଇ ସେ ସମୁଦ୍ର ଫେଣରେ ମିଳେଇ ଯାଏ । ଆଣ୍ଡରସନ୍ ବ୍ୟକ୍ତିଗତ ଜୀବନରେ ଯେଉଁ ଅପୂର୍ଣ୍ଣ ପ୍ରେମ, ତ୍ୟାଗ ତଥା ମରଣପ୍ରାୟ-ବିରହ ଭୋଗିଥିଲେ, ତାହା ଏହି ଗଳ୍ପରେ ଦର୍ଶାଇବାକୁ ଚେଷ୍ଟା କରିଛନ୍ତି ।

'ଦ ଲିଟିଲ୍ ମ୍ୟାଚ୍ ଗାର୍ଲ'ର କାହାଣୀ ଦାରିଦ୍ର୍ୟ ତଥା ଗରିବ ପ୍ରତି ସମାଜର ଉପେକ୍ଷାକୁ ଉଜାଗର କରେ । ନୂତନ ବର୍ଷର ଏକ ଶୀତରାତିରେ ଗରିବ ଝିଅଟିଏ ମାଚିସ୍ ବିକୁ ଥାଏ; କିନ୍ତୁ କେହି ବି ତା'ର ମାଚିସ୍ କିଣୁ ନଥାନ୍ତି । ଶୀତ ଦାଉରୁ ରକ୍ଷା ପାଇବା ପାଇଁ ସେ ଗୋଟେ ପରେ ଗୋଟେ ମାଚିସ୍ ଜାଳିବା ଆରମ୍ଭ କରେ । ପ୍ରତ୍ୟେକ ଜଳନ୍ତା ଶିଖା ସହ ସେ ସ୍ୱପ୍ନ ଦେଖେ ଗରମ ଗରମ ଭୋଜନ, ସୁନ୍ଦର କ୍ରିସ୍‌ମାସ୍ ଟ୍ରି ଓ ତା'ର ମୃତ ଜେଜେମାଙ୍କ ସମ୍ପର୍କରେ । ଶେଷ ମାଚିସ୍ ବେଳକୁ ତା'ର ଜେଜେମା ଆସି ତାକୁ ସ୍ୱର୍ଗକୁ ନେଇଯାନ୍ତି । ପରଦିନ ଲୋକମାନେ ପାଆନ୍ତି ସେ ଝିଅଟିର ମୃତ ଶରୀର । ଥଣ୍ଡା ଓ ଭୋକରେ ଝିଅଟି ଆରପାରିକୁ ଚାଲିଯିବା ପରେ ବି ତା' ମୁହଁରେ ଲାଖିରହିଥାଏ ହସଟିଏ । ବାସ୍ତବରେ ନିରୀହ ଶିଶୁକନ୍ୟାର ମୃତ୍ୟୁ ସତେ ଯେମିତି ସମାଜର ଉଦାସୀନତା ଉପରେ ଏକ ତୀର୍ଯ୍ୟକ୍ ବ୍ୟଙ୍ଗ । ଏହାର କାରୁଣ୍ୟରେ ପାଠକ ବିମୋହିତ ହେବା ସ୍ୱାଭାବିକ ।

ସେହିପରି 'ଦ ଷ୍ଟେଡଫାଷ୍ଟ ଟିନ୍ ସୋଲଜର୍' କାହାଣୀରେ ଗୋଟିଏ ଗୋଡ଼ ଥିବା ସୈନିକଟିଏ ପ୍ରେମ କରେ ଏକ କାଗଜ-ନର୍ତ୍ତକୀ(ବେଲେରିନା)କୁ । ଘଟଣାକ୍ରମେ ଦୁର୍ଭାଗ୍ୟକୁ ସୈନିକଟି ଚିମିନି ନିଆଁରେ ପଡ଼ି ଜଳି ଯାଇ ମୃତ୍ୟୁବରଣ କରେ । ଏପଟେ ନର୍ତ୍ତକୀ ମଧ୍ୟ ପବନର ପ୍ରବାହରେ ଉଡ଼ିଯାଇ ସେହି ନିଆଁରେ ପଡ଼ି ଜଳିଯାଏ । ଶେଷରେ ରହିଯାଏ କେବଳ ଟିଣର ଏକ ଛୋଟ ହୃଦୟ ଓ ଜଳିସାରିଥିବା କଳା ଗୋଲାପର ଏକ ଆକୃତି । ପ୍ରେମ ଏଠି ଅସଫଳ । ତେଣୁ ଏକ କ୍ରୂର ବିୟୋଗାତ୍ମକ ପରିଣତିରେ ସରୁଛି ଏ କାହାଣୀ ।

'ଦ ଅଗ୍ଲି ଡକଲିଙ୍ଗ' କାହାଣୀ ସେତେ ଦୁଃଖାନ୍ତକ ନ ହେଲେ ବି ଅବହେଳା, ତିରସ୍କାର ଓ ଏକାକୀତ୍ୱର ଭାବ ଏଥିରେ ବିଦ୍ୟମାନ । ଏହା ମଧ୍ୟ ଊଣା ଅଧିକେ ବିରହାତ୍ମକ ଓ ଦୁଃଖପ୍ରଧାନ । ଏହିପରି ଆଣ୍ଡରସନ୍‌ଙ୍କ ଅଧିକାଂଶ କାହାଣୀ କେବଳ ମନୋରଞ୍ଜନ ପାଇଁ ଲେଖା ଯାଇନାହିଁ; ବରଂ ଜୀବନର କଠୋର ସତ୍ୟକୁ ସେ କଳ୍ପନାର ପୁଟ ଦେଇ ଅତି ଜୀବନ୍ତ ଭାବରେ ପାଠକ ପାଖରେ ପହଞ୍ଚାଇଛନ୍ତି । ଆଜି ମଧ୍ୟ ଏହି କାହାଣୀଗୁଡ଼ିକ ନୂଆ ପିଢ଼ିଙ୍କୁ ପ୍ରେରଣା ଦିଏ । ତେଣୁ ହାନ୍‌ସ କ୍ରିଷ୍ଟିଆନ୍ ଆଣ୍ଡରସନ୍ ବିଶ୍ୱ ସାହିତ୍ୟର ଏକ ଉଜ୍ଜ୍ୱଳ ନକ୍ଷତ୍ର ଭାବେ ଚିରକାଳ ଜୀବନ୍ତ ହୋଇ ରହିବେ ।

ବରପାଲି ମହାବିଦ୍ୟାଳୟ
ବରପାଲି, ବରଗଡ଼

## ପ୍ରଭୁଜୀ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ବାର୍ଷିକ ଉତ୍ସବ

# ଅଭିଭାବକମାନେ ପିଲାଙ୍କ ଉପରେ ଭରସା କରନ୍ତୁ




**ଭୁବନେଶ୍ୱର, ୨୭ ।୧୨(ସମିସ):** ଛୋଟ ଛୋଟ ଛୁଆମାନେ ସାନ ହେଲେ ବି ସେମାନଙ୍କଠାରୁ ବହୁତ କିଛି ଶିଖିବାକୁ ମିଳିଥାଏ । ଶ୍ରେଣୀରେ ପ୍ରଥମ ହେବା ଜରୁରୀ ନୁହେଁ; ସବୁ କ୍ଷେତ୍ରରେ ଭାଗ ନେବା ଜରୁରୀ । ଅଭିଭାବକମାନେ ସେମାନଙ୍କ ପିଲା ଉପରେ ଭରସା କରନ୍ତୁ । ପରିବାର ହେଉ ଅବା ପାଠଶାଳା, ଏହିଠାରୁ ଯେଉଁ ଶିକ୍ଷା ଆମେ ପାଇଥାଉ, ଏହାକୁ ଜୀବନ ମାର୍ଗରେ କାମରେ ଲଗାଇବା, ତେବେ ସମାଜରେ ଏହି ସବୁଥିରୁ ମିଳିଥିବା ସଂସ୍କାର ଓ ଶୃଙ୍ଖଳାର ଉଚିତ୍ ମୂଲ୍ୟ ରହିବ ବୋଲି ଶନିବାର ଭିଏସ୍‌ଏସ୍ ନଗରସ୍ଥିତ ପ୍ରଭୁଜୀ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ବାର୍ଷିକୋତ୍ସବରେ ଯୋଗଦେଇ ଅତିଥିମାନେ ଏହି ମତବ୍ୟକ୍ତ କରିଥିଲେ ।

ଏହି ବାର୍ଷିକୋତ୍ସବ ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହୋଇଥିଲା । କ୍ରିୟା ଯୋଗ ଆଧାରିତ ବିଦ୍ୟାଳୟର ପ୍ରତିଷ୍ଠାତା ସ୍ୱାମୀ ଶଙ୍କରାନନ୍ଦ ଗିରି ମହାରାଜଙ୍କ ଆଶୀର୍ବାଦରେ ଅନୁଷ୍ଠିତ ଉତ୍ସବର ପ୍ରଥମ ଅଧିବେଶନରେ ମୁଖ୍ୟ ଅତିଥିଭାବେ ବାଣିଜ୍ୟ, ପରିବହନ ଓ ଇସ୍ପାତ ଏବଂ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା ଯୋଗଦେଇ ପିଲାମାନଙ୍କୁ ସାମଗ୍ରିକ ଶିକ୍ଷା ଓ ବିଜ୍ଞାନ କ୍ଷେତ୍ରରେ ଯଶସ୍ୱୀ ହେବା ପାଇଁ ଆହ୍ୱାନ ଦେଇଥିଲେ ।

ସମ୍ମାନିତ ଅତିଥିଭାବେ ବିଶିଷ୍ଟ କବି ତଥା ସୋଆ ବିଶ୍ୱବିଦ୍ୟାଳୟ 'ପ୍ରାଚୀନ' ମୁଖ୍ୟ ପ୍ରଫେସର ଡ. ଗାୟତ୍ରୀବାଳା ପଣ୍ଡା ଯୋଗଦେଇ ଶିଶୁ ଓ ଅଭିଭାବକ ମଧ୍ୟରେ ସୁସମ୍ପର୍କ ରହିଲେ ପିଲାମାନେ ଆଗକୁ ବଢ଼ିପାରିବା ସହ ଛୋଟ ପିଲାମାନଙ୍କୁ ମୋବାଇଲଠାରୁ ଦୂରରେ ରଖିବାକୁ ପରାମର୍ଶ ଦେଇଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭାବେ ଓଡ଼ିଶୀ ନୃତ୍ୟଗୁରୁ ପଦ୍ମଶ୍ରୀ ଗୁରୁ ଦୁର୍ଗା ଚରଣ ରଣବୀର ଉପସ୍ଥିତ ରହିଥିଲେ ।

ସେହିପରି ଦ୍ୱିତୀୟ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ପ୍ରସ୍ତର ଶିଳ୍ପୀ ପଦ୍ମଶ୍ରୀ ଅଦ୍ୱୈତ ଚରଣ ଗଡ଼ନାୟକ, ସମ୍ମାନିତ ଅତିଥି ରୂପେ ରମାଦେବୀ ମହିଳା ମହାବିଦ୍ୟାଳୟର କୁଳପତି ପ୍ରଫେସର ଚଣ୍ଡୀ ଚରଣ ରଥ ଛାତ୍ରଛାତ୍ରୀମାନଙ୍କୁ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ ଉତ୍ସାହିତ କରିଥିଲେ । ଅନୁଷ୍ଠାନର କୋଷାଧ୍ୟକ୍ଷ ଶୋଭାକର ଦାସ ଫତେସିଂହ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷାକ୍ଷେତ୍ରରେ ପାରଦର୍ଶିତା ହେବାପାଇଁ ଆଶୀର୍ବଚନ ରଖିଥିଲେ । ବିଦ୍ୟାଳୟର ଅଧକ୍ଷ ଅଲେଖ ଚରଣ ନାୟକ ସ୍ୱାଗତ ଭାଷଣ ସହ ଅତିଥିମାନଙ୍କ ପରିଚୟ ପ୍ରଦାନ ଏବଂ ବାର୍ଷିକ ବିବରଣୀ ପାଠ କରିଥିଲେ ।

ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷ ଲାଭ କରିଥିବା ବିଜ୍ଞାନ, କଳା ଓ ବାଣିଜ୍ୟ କ୍ଷେତ୍ରରେ ଶ୍ରେଷ୍ଠତା ପ୍ରତିପାଦନ କରିଥିବା ଛାତ୍ରଛାତ୍ରୀ ଓ ପୁରାତନ ଛାତ୍ରଛାତ୍ରୀମାନଙ୍କୁ ସମ୍ମାନିତ କରାଯାଇଥିଲା । ବିଘ୍ନଜିତ ନାୟକ ଚଳିତ ବର୍ଷର ଶ୍ରେଷ୍ଠ ଛାତ୍ର ଭାବେ ପୁରସ୍କୃତ ହୋଇଥିଲେ । ବିଦ୍ୟାଳୟ ପରି.ଳନା ସମିତିର ସଂପାଦିକା ପ୍ରୀତିନନ୍ଦା ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ କିଷୁଚାନ୍ଦ ପୃଷ୍ଟି, ଶିକ୍ଷୟିତ୍ରୀ ଏନ୍.ପ୍ରମିଳା ନାଗରାଣୀ, ବାରିଜା ପଶୁପାଳକ, ରେଶମୀ ସାହା ଓ ପ୍ରତ୍ୟାଶା ମହାନ୍ତି ପ୍ରମୁଖ ମଞ୍ଚ ପରି.ଳନା କରିଥିଲେ । ସାଂସ୍କୃତିକ ମୁଖ୍ୟ ତପସ୍ୱିନୀ ମହାପାତ୍ର ଉତ୍ସବର ସମ୍ପୂର୍ଣ୍ଣ ଦାୟିତ୍ୱ ତୁଲାଇଥିଲେ । ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଶିବ ତାଣ୍ଡବ, ରାଜସ୍ଥାନୀ ନୃତ୍ୟ, ରାମାୟଣ, ସମ୍ବଲପୁରୀ ନୃତ୍ୟ, ଅପରେସନ ସିନ୍ଦୂର ଆଦି ସାଂସ୍କୃତିକ ବିଚିତ୍ରା ଚିତ୍ତାକର୍ଷକ ହୋଇଥିଲା । ଶିକ୍ଷୟିତ୍ରୀ ଇନ୍ଦିରା ପଟ୍ଟନାୟକ ଓ ଶିକ୍ଷକ ରମେଶ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## କଂସରରେ ଟୁରିଷ୍ଟ ବସ୍ ଦୁର୍ଘଟଣା: ୧୮ ଆହତ

**ସମ୍ବଲପୁର, ୨୭।୧୨(ସମିସ):** ସମ୍ବଲପୁର ଜାତୀୟ ରାଜପଥ ନଂ. ୫୫ର ଯୁଯୋମୁରା ଥାନା କଂସର ନିକଟରେ ଶନିବାର ଭୋର୍‌ରେ ଏକ ଟୁରିଷ୍ଟ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି । ବସ୍‌ରେ ଥିବା ସମସ୍ତ ୧୮ ଜଣ ଯାତ୍ରୀ ଆହତ ହୋଇଥିବା ବେଳେ ସେମାନଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ବୁର୍ଲା ଭିମସାରକୁ ସ୍ଥାନାନ୍ତରିତ କରାଯାଇଥିଲା । ସେଠାରେ ସାମାନ୍ୟ ଆହତମାନଙ୍କୁ ପ୍ରାଥମିକ ଚିକିତ୍ସା ପରେ ଛାଡ଼ି ଦିଆଯାଇଥିବା ବେଳେ ୨ଜଣଙ୍କୁ ଭୁବନେଶ୍ୱର ନେଇଯିବାକୁ ପରାମର୍ଶ ଦିଆଯାଇଥିବା ଜଣାପଡ଼ିଛି ।

ସୂଚନା ଅନୁଯାୟୀ, ଟୁରିଷ୍ଟ ବସ୍ ନମ୍ବର ଓଡି-୦୨ସିଏଲ୍-୦୮୫୦ ଗୋଟିଏ ପରିବାରର ୧୮ ଜଣ ସମ୍ପର୍କୀୟଙ୍କୁ ନେଇ ସମଲେଶ୍ୱରୀ ଦର୍ଶନ ସକାଶେ ଭୁବନେଶ୍ୱରରୁ ଶୁକ୍ରବାର ରାତି ସମ୍ବଲପୁର ଅଭିମୁଖେ ବାହାରିଥିଲା । ଶନିବାର ଭୋର ପ୍ରାୟ ସାଢ଼େ ୫ଟା ବେଳକୁ ବସ୍‌ଟି ରାସ୍ତାକଡ଼ରେ ଥିବା ଏକ ପୋଲ ଗାଡ୍‌ୱାଲ୍‌କୁ ଧକ୍କାଦେଇ ଗୋଟିଏ କଡ଼କୁ ଝୁଲି ରହିଥିଲା । ଦୁର୍ଘଟଣା ଯୋଗୁଁ ସମସ୍ତ ଯାତ୍ରୀ ଆହତ ହୋଇଥିଲେ । ଖବରପାଇ ଯୁଯୋମୁରା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ଉଦ୍ଧାରକରି ପ୍ରଥମେ ଯୁଯୋମୁରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲା । ସେଠାରେ ପ୍ରାଥମିକ ଚିକିତ୍ସା ପରେ ପରାମର୍ଶକ୍ରମେ ସମ୍ବଲପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ ବୁର୍ଲା ଭିମସାରକୁ ସ୍ଥାନାନ୍ତରିତ କରାଯାଇଥିଲା । ସାମାନ୍ୟ ଆହତଙ୍କୁ ପ୍ରାଥମିକ ଚିକିତ୍ସା ପରେ ଛାଡ଼ି ଦିଆଯାଇଥିବାବେଳେ ଗୁରୁତର ୨ ଜଣଙ୍କୁ ଭୁବନେଶ୍ୱରକୁ ପଠାଯାଇଥିବା ଜଣାପଡ଼ିଛି । ପୁଲିସର ସୂଚନା ଅନୁଯାୟୀ, ବସ୍‌ର ଯାତ୍ରୀମାନେ ହେଲେ- ରୋଜାଲିନ ଭୋଇ, ବିଜୟ ଭୋଇ, ସଂମ୍ୟୁକ୍ତା ଭୋଇ, ସାଇଲିସ୍ମା ଭୋଇ, ସୌମ୍ୟଶ୍ରୀ ଭୋଇ, ଶାନ୍ତି ଦାସ, ରାଜୁ ଦାସ, ସୁଷମା ଦାସ, ମଞ୍ଜୁ ଦାସ, ବିପ୍ର ଦାସ, ଝୁମ୍‌କି ଦାସ, କୁମାରୀ ଦାସ, ରଶ୍ମି ଦାସ, ଶମ୍ଭୁ ଦାସ, ରଞ୍ଜୁ ଦାସ, ରାଧାରାଣୀ ଦାସ, ପୂଜା ଦାସ ଓ ସନ୍ତୋଷ ଦାସ । ସେମାନେ ସମସ୍ତେ ସମ୍ପର୍କୀୟ ହୋଇଥିବାବେଳେ ପୁରୀ, ଖୋର୍ଦ୍ଧା ଓ ଯାଜପୁରରେ ରହନ୍ତି । ସେମାନଙ୍କ ମଧ୍ୟରେ ସର୍ବକନିଷ୍ଠ ଜଣେ ୩ ବର୍ଷର ଶିଶୁ କନ୍ୟା ରହିଛି ।

# ଲୁଟେରା ଶଶୂର-ଜ୍ୱାଇଁ ଗିରଫ | ପିସ୍ତଲ ସହ ଡିକି ଭଙ୍ଗା ସାମଗ୍ରୀ ଜବତ





**ବଲାଙ୍ଗିରି,୨୭ ।୧୨(ସମିସ):** ବଲାଙ୍ଗିର ପୁଲିସ ଲୁଟେରା ଶଶୂର, ଜ୍ୱାଇଁକୁ ଗିରଫ କରିଛି । ଗିରଫ ଦୁଇ ଅଭିଯୁକ୍ତ ହେଲେ, ଛତିଶଗଡ଼ ରାୟଗଡ଼ ଜିଲ୍ଲା କପୁ ଥାନା ଅଧୀନ ପନ୍ଦରପାଟ ଗାଁର ପ୍ରମୋଦ ସିଂ(୪୬) ଓ ପ୍ରିତମ ସିଂ (୨୯) । ଉଭୟଙ୍କ ପାଖରୁ ପିସ୍ତଲ, ଡିକି ଭାଙ୍ଗିବା ସାମଗ୍ରୀ ଜବତ ହୋଇଛି । ସେମାନଙ୍କ ଜମା ଖାତାରେ ପ୍ରାୟ ୨୫ ଲକ୍ଷ ଟଙ୍କା ଥିବାବେଳେ ତାକୁ ଅଚଳ କରାଯାଇଥିବା ବଲାଙ୍ଗିର ଏସ୍‌ପି ଅଭିଲାଷ ଜି.ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ଏସଡିପିଓ ସରୋଜ ଉପାଧ୍ୟାୟ, ଟାଉନ ଥାନା ଅଧିକାରୀ ଅବନୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

ଏସପି କହିଛନ୍ତି ଯେ ଗତ ଅଗଷ୍ଟରେ ହୋଇଥିବା ଏକ ଲୁଟ୍ ଘଟଣାର ତଦନ୍ତ କରି ଲୁଟେରା ଶଶୂର ଜ୍ୱାଇଁ ଗ୍ୟାଙ୍ଗକୁ ପୁଲିସ ଧରିଛି । ସେମାନେ କିଭଳି ଲୁଟ୍ କରୁଥିଲେ, ସେନେଇ ସିସିଟିଭି ଫୁଟେଜ ସାମ୍ନାକୁ ଆଣି ଲୋକଙ୍କୁ ସଚେତନ କରିବାକୁ ପୁଲିସ ଉଦ୍ୟମ କରିଛି । ଏହି ଶଶୂର ଜ୍ୱାଇଁ ବଲାଙ୍ଗିର, ଟିଟିଲାଗଡ଼, କଳାହାଣ୍ଡି, ନୂଆପଡ଼ା ଜିଲ୍ଲା ସହ ରାଜ୍ୟ ବାହାରେ ମଧ୍ୟ ଲୁଟ୍ କରିଛନ୍ତି । ଗତ କିଛି ମାସ ହେଲା ବଲାଙ୍ଗିରରେ

### ବୁଲି ବୁଲି କରୁଥିଲେ ଲୁଟ୍
### ଟାଉନ ଥାନାରେ ୪ ମାମଲା
### ରାଜ୍ୟ ବାହାରେ ବି ରହିଛି ମାମଲା

ଲୁଟେରା ଶଶୂର ଜ୍ୱାଇଁ ଗ୍ୟାଙ୍ଗ ମାତିଥିଲେ । ବ୍ୟାଙ୍କ, ଏଟିଏମ୍‌କୁ ଯାଇ ଛକି ବସୁଥିଲେ । ପରେ ଟାର୍ଗେଟ କରି ପିଛା କରୁଥିଲେ । ସୁଯୋଗ ଦେଖି ଡିକି ଭାଙ୍ଗି ଲୁଟ୍ କରୁଥିଲେ ।

ବଲାଙ୍ଗିର ଟାଉନ୍ ଥାନାରେ ଅଗଷ୍ଟ ୪ ତାରିଖରେ ଏକ ଲୁଟ୍ ମାମଲା ରୁଜୁ ହୋଇଥିଲା । ସ୍ଥାନୀୟ ଗେଟ୍ ସରୋବରପଡ଼ାର ତରଣୀ ସେନ କୁମ୍ଭାର ବ୍ୟାଙ୍କରୁ ୩ ଲକ୍ଷ ଟଙ୍କା ଉଠାଇ ସ୍କୁଟିରେ ବାହାରିଥିଲେ । ରାସ୍ତାରେ ଏକ ଦୋକାନକୁ ଯାଇଥିଲେ । ଏହି ସମୟରେ ଜଣେ ଯୁବକ ଡିକିରୁ ଟଙ୍କା ଭର୍ତ୍ତି ବ୍ୟାଗ୍ ନେଇ ଫେରାର ହୋଇଯାଇଥିଲା । ଏନେଇ ସେ ଟାଉନ ଥାନାରେ ଅଭିଯୋଗ କରିଥିଲେ । ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ଏହି ଘଟଣାରେ ତଦନ୍ତ ଚାଲିଥିଲା । ମାମଲା ରୁଜୁ ହେବାର ପ୍ରାୟ ସାଢ଼େ ୪ମାସ ପରେ ୨ ଅଭିଯୁକ୍ତକୁ ପୁଲିସ ଧରିଛି । ଉଭୟ ବାଇକ୍‌ରେ ବୁଲି ବୁଲି ଏହି ଲୁଟ୍ କରୁଥିଲେ । ଲୁଟ୍ ପରେ ଟଙ୍କାକୁ ବ୍ୟାଙ୍କ ଖାତାରେ ଜମା କରୁଥିଲେ । ଉଭୟ ଟାଉନ ଥାନା କେସ ନଂ ୪୫୪/୨୦୨୫ରେ ୧ଲକ୍ଷ ୨୦ ହଜାର ଟଙ୍କା, ୭୦୫/୨୦୨୫ରେ ୩ ଲକ୍ଷ ଟଙ୍କା ,୧୯୨/୨୦୨୪ରେ ଲକ୍ଷ ଟଙ୍କା, ଟିଟିଲାଗଡ ଥାନା କେସ ନଂ ୪୨୧/୨୦୨୫ରେ ୩ ଲକ୍ଷ ୮୩ ହଜାର ଟଙ୍କା, କଳାହାଣ୍ଡି ଟାଉନ ଥାନା କେସ ନଂ ୨୮୭/୨୦୨୫ରେ ୫ ଲକ୍ଷ ଟଙ୍କା, ଜୁନାଗଡ଼ ଥାନା କେସ ନଂ ୩୯୪/୨୦୨୫ରେ ୩ ଲକ୍ଷ ୫୦ ହଜାର ଟଙ୍କା ଲୁଟ୍ ମାମଲାରେ ସଂପୃକ୍ତ ଥିବା ଜଣାପଡିଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ବିଶ୍ୱର ସବୁଠାରୁ ଧନୀ...

ଏବଂ ସୁନ୍ଦର ପିଚାଇଙ୍କୁ ଟପି ସେ ବିଶ୍ୱର ସବୁଠାରୁ ଧନୀ ଭାରତୀୟ ବଂଶୋଦ୍ଭବ ସିଇଓ ପାଲଟିଛନ୍ତି । ସତ୍ୟ ନାଡେଲାଙ୍କ ମୋଟ ସମ୍ପତ୍ତି ପ୍ରାୟ ୯,୭୭୦ କୋଟି ଏବଂ ସୁନ୍ଦର ପିଚାଇଙ୍କ ସମ୍ପତ୍ତି ପ୍ରାୟ ୫,୮୧୦ କୋଟି ଟଙ୍କା । ଉଲ୍ଲାଲ ୨୦୦୮ ରୁ କମ୍ପ୍ୟୁଟର ନେଟୱାର୍କିଂ କମ୍ପାନୀ ଆରିଷ୍ଟା ନେଟୱାର୍କସର ମୁଖିଆ ରହିଛନ୍ତି ।। ଫୋର୍ବସ୍ ରିପୋର୍ଟ ଅନୁଯାୟୀ, ତାଙ୍କ ନେତୃତ୍ୱରେ କମ୍ପାନୀ ୨୦୨୪ରେ ୭ ବିଲିୟନ ଡଲାରର ରାଜସ୍ୱ ହାସଲ କରିଛି । ଏହା ପୂର୍ବ ବର୍ଷ ତୁଳନାରେ ପ୍ରାୟ ୨୦ ପ୍ରତିଶତ ଅଧିକ ।

### ୭ ନଦୀରୁ ମାତ୍ରାଧିକ...

ଜଣାପଡ଼ିଥାଏ । ଯଦି ଚୁକ୍ତିଠାରୁ ଅଧିକ ଜଳ ନିଆଯାଏ, ତେବେ ଛଅ ଗୁଣ ଦଣ୍ଡ ସମାନ ଅର୍ଥ ମଧ୍ୟ ଉକ୍ତ ସଂସ୍ଥାଠାରୁ ଅସୁଲ କରାଯିବାର ପ୍ରାବଧାନ ରହିଛି । ଏପରିକି ୨୦୨୧ ମସିହାରେ ଜଳସଂପଦ ବିଭାଗ ସମସ୍ତ ଶିଳ୍ପକୁ ସେନ୍ସର-ଭିତ୍ତିକ 'ଫ୍ଲୋ ମିଟର' ଲଗାଇବାକୁ ନିର୍ଦ୍ଦେଶ ଦେଇଥିଲା । ଏହା ଦ୍ୱାରା ପ୍ରକୃତ ଜଳ ବ୍ୟବହାର ମାପି ହୋଇପାରିଥାନ୍ତା । ମାତ୍ର ତମାମ୍ ନିର୍ଦ୍ଦେଶ, ଶିଳ୍ପ ସଂସ୍ଥାଙ୍କ ସହ ଚୁକ୍ତି ପରେ ମଧ୍ୟ ଏହି ନିୟମକୁ ସଂସ୍ଥାଗୁଡ଼ିକ ମାନୁନାହାନ୍ତି । ଚୁକ୍ତିନାମାଠାରୁ ସେମାନେ କେଇଗୁଣ ଅଧିକ ଜଳ ଉଠାଇ ନଦୀଗୁଡ଼ିକୁ ଶୋଷି ଚାଲିଛନ୍ତି ।

ସରକାରଙ୍କଠାରୁ ପ୍ରାପ୍ତ ତଥ୍ୟ ଅନୁଯାୟୀ ରାଜ୍ୟର ୭ଟି ନଦୀ ଅବବାହିକାରୁ ଶିଳ୍ପ ସଂସ୍ଥାମାନଙ୍କୁ ଜଳ ଉଠାଣର ଅନୁମତି ମିଳିଛି । ସେଗୁଡ଼ିକ ହେଲା ମହାନଦୀ, ବୈତରଣୀ, ବ୍ରାହ୍ମଣୀ, ଇନ୍ଦ୍ରାବତୀ, କୋଲାବ, ନାଗାବଳୀ ଓ ଋଷିକୁଲ୍ୟା । ଏହି ନଦୀ ଅବବାହିକାରୁ କେତେ ପରିମାଣରେ ଜଳ ଉତ୍ତୋଳନ କରାଯିବ ତାହା ଜଳସମ୍ପଦ ବିଭାଗ ସ୍ଥିରୀକୃତ ହୋଇଛି । ତେବେ ପ୍ରାୟ ୧୨୨ଟି ଶିଳ୍ପ ସଂସ୍ଥା ଜଳଉଠାଇବାକୁ ସରକାରଙ୍କ ସହ ଚୁକ୍ତି କରିଥିଲେ ହେଁ, ସେମାନଙ୍କ ମଧ୍ୟରୁ କେତେକ ସଂସ୍ଥା ଆବଶ୍ୟକତାଠାରୁ ଅଧିକ ଜଳ ଉତ୍ତୋଳନ କରୁଥିବା ବିଭାଗର ଦୃଷ୍ଟିଗୋଚର ହୋଇଛି । ଯାହାଫଳରେ ବିଭାଗ ୩୧ଟି ଜଳସମ୍ପଦ ଡିଭିଜନର ଅଧିକ୍ଷଣ ଯନ୍ତ୍ରୀକୁ ଚିଠି ଲେଖି ସଂପୃକ୍ତ ସଂସ୍ଥାଗୁଡ଼ିକୁ ନୋଟିସ ଜାରି କରିବାକୁ କହିଛି । ଯଦି ସେମାନେ ୩ ମାସ ମଧ୍ୟରେ 'ଫ୍ଲୋ-ମିଟର' ଲଗାଇବାରେ ବିଫଳ ହୁଅନ୍ତି, ତାହେଲେ ସେମାନଙ୍କଠାରୁ ଚୁକ୍ତି ହୋଇଥିବା ଜଳ ବାବଦୀୟ ଅର୍ଥର ୬ ଗୁଣ ଆଦାୟ କରିବାକୁ ବିଭାଗ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛି ।

ଶିଳ୍ପ ସଂସ୍ଥାଙ୍କ ଜଳ ଶୋଷଣ ଏଇଠି ସରୁନାହିଁ । ରାଜ୍ୟରେ ପ୍ରାୟ ୫୭ଟି ଶିଳ୍ପ ସଂସ୍ଥା ଉପରେ ୫୮୯୦ କୋଟି ଟଙ୍କାର ଜଳକର ବକେୟା ରହିଥିବା ଜଣାପଡ଼ିଛି । ମାତ୍ର ସରକାର ଏହି ରାଶିକୁ ଆଦାୟ କରିପାରୁ ନାହାନ୍ତି । ଗୋଟିଏ ପଟେ ଛତିଶଗଡ଼ ଉପରମୁଣ୍ଡରେ ବେଆଇନ ନିର୍ମାଣ କରି ଚାଲିଥିବା ବେଳେ ମହାନଦୀ ଅବବାହିକାରେ ଜଳସ୍ତର ଲଗାତାର ଭାବେ ହ୍ରାସ ପାଉଛି । ସେହିପରି ଅନ୍ୟ ନଦୀ ଅବବାହିକାରେ ମଧ୍ୟ କ୍ରମାଗତ ବାବେ ଜଳସ୍ତର ହ୍ରାସ ପାଉଥିବା ଲକ୍ଷ୍ୟ କରାଯାଉଛି । ସମାନ ସମୟରେ ଶିଳ୍ପ ସଂସ୍ଥାଗୁଡ଼ିକ ମନଇଚ୍ଛା ଜଳଶୋଷଣ କରିବା ଆଗାମୀ ଦିନରେ ଓଡ଼ିଶା ପାଇଁ ବିପଦ ସୃଷ୍ଟି କରିପାରେ । ଏହାଦ୍ୱାରା କୃଷି, ମତ୍ସ୍ୟପାଳନ ସହ ପରିବେଶ ଉପରେ ସର୍ବାଧିକ କୁପ୍ରଭାବ ପଡ଼ିବାରେ ଆଶଙ୍କା ଥିବାରୁ ସରକାର ଏବେଠାରୁ ସମ୍ପୂର୍ଣ୍ଣ ସଜାଗ ହେବାକୁ ବିଶେଷଜ୍ଞ ମହଲ ଦାବି କରିଛନ୍ତି ।

### ଜିଡିପି ଅଭିବୃଦ୍ଧି...

ବର୍ଗଙ୍କ ମଧ୍ୟରେ ଚିନ୍ତାର କାରଣ ହୋଇଛି । ଛୋଟ ବ୍ୟବସାୟ ପ୍ରତିଷ୍ଠାନଗୁଡ଼ିକରେ କାର୍ଯ୍ୟ ବନ୍ଦ ରହୁଥିବାରୁ ନୂତନ ନିଯୁକ୍ତି ସୁଯୋଗ ସଙ୍କୁଚିତ ହେଉଛି ।

ଅପରପକ୍ଷେ ବାଂଲାଦେଶର ବ୍ୟାଙ୍କିଂ କ୍ଷେତ୍ରର ଅବସ୍ଥା ମଧ୍ୟ ଚିନ୍ତାର ବିଷୟ । ବହୁ ସଂଖ୍ୟକ ଋଣ ପୁନରୁଦ୍ଧାର ବାହାରେ । ଏହି ସମସ୍ୟାଗୁଡ଼ିକୁ ଦୀର୍ଘ ସମୟଧରି ଲୁଚାଇ ରଖାଯାଇଥିଲା, ଯାହା ପରିସ୍ଥିତିକୁ ଆହୁରି ଖରାପ କରୁଛି । ବର୍ତ୍ତମାନ, ବ୍ୟାଙ୍କଗୁଡ଼ିକ ନୂତନ ଋଣ ପ୍ରଦାନ କରିବାରେ ସତର୍କ ହୋଇପଡୁଛନ୍ତି, ଯାହା ବ୍ୟବସାୟକୁ ପ୍ରଭାବିତ କରିଛି । ବିକାଶର ମେରୁଦଣ୍ଡ ଭାବରେ ବିବେଚିତ ଦେଶରେ ଘରୋଇ କ୍ଷେତ୍ରର ନିବେଶ ଅତ୍ୟନ୍ତ ମନ୍ଥର ହୋଇଛି । ହେଲେ, ରାଜନୈତିକ ସଙ୍କଟ ସତ୍ତ୍ୱେ କିଛି ବିଦେଶୀ ନିବେଶ ବୃଦ୍ଧି ପାଇଛି । ବିଶେଷକରି ଶକ୍ତି କ୍ଷେତ୍ରରେ ଅନିଶ୍ଚିତତା ନିବେଶକୁ ପ୍ରଭାବିତ କରିଛି । ୨୦୨୬ ପ୍ରାରମ୍ଭରେ ହେବାକୁ ଥିବା ନିର୍ବାଚନ ଆଶା ସୃଷ୍ଟି କରିଛି ଯେ ଏକ ନିର୍ବାଚିତ ସରକାର ଗଠନ ହେବା ସହିତ ପରିସ୍ଥିତିରେ ଉନ୍ନତି ଆସିପାରେ । ବାଂଲାଦେଶର ଯୁବ ଜନସଂଖ୍ୟା ହେଉଛି ଦେଶର ସବୁଠାରୁ ବଡ଼ ଶକ୍ତି, ଏବଂ ସଠିକ୍ ନୀତି ସହିତ, ଏହା ଅର୍ଥନୀତିକୁ ପୁନର୍ଜୀବିତ କରିପାରିବ । ବାଂଲାଦେଶର ଅର୍ଥନୀତି ସମ୍ପୂର୍ଣ୍ଣ ଭାବରେ ନଷ୍ଟ ହୋଇ ନ ଥିବାବେଳେ, ଏହା ଏକ ଦୀର୍ଘକାଳୀନ ସାରଞ୍ଜନିକ ସଙ୍କଟ ଦେଇ ଗତି କରୁଛି । ଏକ ଦୁର୍ବଳ ବ୍ୟାଙ୍କିଙ୍ଗ ବ୍ୟବସ୍ଥା, ବର୍ଦ୍ଧିତ ବେକାରି ଏବଂ ମନ୍ଥର ଅଭିବୃଦ୍ଧି ହାର ଏହି ବାସ୍ତବତାକୁ ସ୍ପଷ୍ଟ କରୁଛି ।

### ବିଜେପିର ରାଷ୍ଟ୍ରୀୟ...

ପ୍ରାର୍ଥୀ ଭାବେ ନାମାଙ୍କନ ପତ୍ର ଦାଖଲ କରିବେ । ଫଳରେ ବିଜେପିର ମୁଖ୍ୟ ନିର୍ବାଚନ ଅଧିକାରୀ କେ ଲକ୍ଷ୍ମଣ ଔପଚାରିକ ଭାବେ ନିତିନଙ୍କୁ ରାଷ୍ଟ୍ରୀୟ ଅଧକ୍ଷ ଘୋଷଣା କରିବେ ବୋଲି କୁହାଯାଉଛି । ସୂଚନାଯୋଗ୍ୟ ଯେ ନିତିନ ଡିସେମ୍ବର ୧୪ ।।ରେ ବିଜେପିର କାର୍ଯ୍ୟକାରୀ ଅଧକ୍ଷ ଭାବେ ନିଯୁକ୍ତି ହୋଇଥିଲେ । ୪୫ ବର୍ଷୀୟ ନିତିନ ବିହାରର ବାଙ୍କିପୁରରୁ ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି । ସେ ୨୦୧୦ରୁ ଏହି ନିର୍ବାଚନ ମଣ୍ଡଳୀରୁ ନିର୍ବାଚିତ ହୋଇ ଆସୁଛନ୍ତି । ଗତ ବିହାର ବିଧାନସଭା ନିର୍ବାଚନରେ ତାଙ୍କ ସଂଗଠନିକ ଦକ୍ଷତା କେନ୍ଦ୍ରୀୟ ନେତୃତ୍ୱକୁ ବେଶ୍ ପ୍ରଭାବିତ କରିଥିଲା ।

### କଂଗ୍ରେସର ଅଡୁଆ...

ରାହୁଲ ଗାନ୍ଧୀଙ୍କୁ ଟାର୍ଗେଟ କରିଛି । ବିଜେପି ମୁଖପାତ୍ର କେଶବନ କହିଛନ୍ତି ଯେ ଗାନ୍ଧୀ ପରିବାର କଂଗ୍ରେସରେ କିପରି ଏକପାଖିଆ ରାଜୁତି ଚଳାଇଛନ୍ତି, ଏହା ହେଉଛି ତାର ପ୍ରମାଣ ।

ଦିଗବିଜୟ ସିଂହଙ୍କ ଏହି ପୋଷ୍ଟକୁ ନେଇ କଂଗ୍ରେସ ନେତାମାନେ ମୁହଁ ଖୋଲୁ ନାହାନ୍ତି । ତେବେ ଆଜି ଚାଲିଥିବା କଂଗ୍ରେସ କାର୍ଯ୍ୟକାରିଣୀ ବୈଠକରେ ଦିଗବିଜୟ ସଂଗଠନ ବିଷୟରେ କିଛି କହିବାକୁ ଚାହିଥିଲେ । କିନ୍ତୁ ପାଖରେ ବସିଥିବା ଅନ୍ୟ ନେତାମାନେ ତାଙ୍କୁ ଚୁପ ହୋଇ ବସିବାକୁ କହିଥିଲେ । ଏହାସତ୍ତ୍ୱେ ସେ ସାଂଗଠନିକ କଥା ଉଠାଇଥିଲେ । ସେ କହିଥିଲେ ଯେ ବିଜେପିକୁ ହରାଇବାକୁ ହେଲେ କଂଗ୍ରେସ ସଂଗଠନକୁ ତୃଣମୂଳ ସ୍ତରରୁ ମଜବୁତ କରିବାକୁ ହେବ । ତେବେ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ ତାଙ୍କୁ ଏଥିରୁ ବାରଣ କରିଥିଲେ । ସେ କହିଥିଲେ ଯେ ମନରେଗା ଛଡ଼ା ଆଜିର ବୈଠକରେ ଅନ୍ୟ କୌଣସି ପ୍ରସଙ୍ଗରେ ଆଲୋଚନା ହେବନାହିଁ । ବୈଠକରେ ଅନ୍ୟ ନେତାମାନେ ଅଛନ୍ତି । ସେମାନେ ମନରେଗା ଉପରେ ମତାମତ ଦେବାକୁ ଚାହୁଁଛନ୍ତି । ତେଣୁ ଦିଗବିଜୟଙ୍କୁ ଆଉ କିଛି କହିବାକୁ ଦେଇନଥିଲେ । ଏହାସତ୍ତ୍ୱେ ସେ ବାରମ୍ବାର ସଂଗଠନ କଥା ଉଠାଇବାକୁ ଉଦ୍ୟମ କରୁଥିଲେ । କିନ୍ତୁ ଅନ୍ୟ ନେତାମାନେ ତାଙ୍କୁ ଚୁପ ରହିବାକୁ ପରାମର୍ଶ ଦେଇଥିଲେ । ବୈଠକରେ ତାଙ୍କର ଏଭଳି ଆଚରଣ ଅଡୁଆ ପରିସ୍ଥିତି ସୃଷ୍ଟି କରିଥିଲା ।

ତେବେ ବୈଠକ ପରେ ସଫେଇ ଦେଇ ଦିଗବିଜୟ ସିଂହ କହିଥିଲେ ଯେ ସେ ଏବେ ବି ବିଜେପି ଏବଂ ଆରଏସଏସକୁ ଦୃଢ଼ ବିରୋଧ କରୁଛନ୍ତି । ଆରଏସଏସ ଆଦର୍ଶର ସେ ଘୋର ବିରୋଧୀ । ଏହି ସଂଗଠନ କୋ।।ବେହେଲେ ସମ୍ବିଧାନକୁ ସମ୍ମାନ ଦିଏନାହିଁ । ସେ କେବଳ ଆରଏସଏସର ସାଂଗଠନିକ ଦକ୍ଷତାର ପ୍ରଶଂସା କରିଛନ୍ତି । ଏହାକୁ ଭିନ୍ନ ଅର୍ଥରେ ନେବା ଉଚିତ ନୁହେଁ ବୋଲି ସେ କହିଥିଲେ ।

### ସଶକ୍ତ ସଂଗଠନ ପାଇଁ...

ଆଣିବା ସହ ଆଗାମୀ ଦିନରେ ବିଜେଡିକୁ ପୁଣିଥରେ କ୍ଷମତାକୁ ଫେରାଇ ଆଣିବାକୁ ଦଳର କର୍ମକର୍ତ୍ତା ସମ୍ପୂର୍ଣ୍ଣ ନିଷ୍ଠାର ସହ କାମ କରିବାକୁ ଆହ୍ୱାନ ଦେଇଥିଲେ ନବୀନ । ଲକ୍ଷ ଲକ୍ଷ କର୍ମୀ ଭାଇଭଉଣୀମାନଙ୍କ କଠିନ ପରିଶ୍ରମ ଓ ପ୍ରତିବଦ୍ଧତା ଉପରେ ତାଙ୍କର ଗଭୀର ବିଶ୍ୱାସ ରହିଛି, ତେଣୁ ବର୍ତ୍ତମାନର ଆହ୍ୱାନକୁ ଭବିଷ୍ୟତ ପାଇଁ ସୁଯୋଗରେ ରୂପାନ୍ତରିତ କରି ଏକ ସଶକ୍ତ ଓଡିଶା ଗଠନ ଦିଗରେ ବ୍ରତୀ ହେବାକୁ ନବୀନ ପରାମର୍ଶ ଦେଇଥିଲେ । ଏଥିପାଇଁ ତୃଣମୂଳ ସ୍ତରରେ ଏକ ସଶକ୍ତ ସଂଗଠନର ଆବଶ୍ୟକତା ଥିବାବେଳେ ମାତ୍ର ୨୪ ଘଣ୍ଟାରେ ନବୀନ ତୃଣମୂଳ ସଂଗଠନକୁ ସଜାଡ଼ିବାକୁ ପଦକ୍ଷେପ ଆରମ୍ଭ କରିଛନ୍ତି ।

ରାଜନୈତିକ ବିଶ୍ଳେଷକଙ୍କ ମତ ଅନୁଯାୟୀ, ଆଗାମୀ ଦିନରେ ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ହାତରେ ଦେଢ଼ ବର୍ଷରୁ କମ୍ ସମୟ ରହିଛି । ରାଜ୍ୟ ସରାକାରଙ୍କ ଶାସନ ପ୍ରଣାଳୀ ତଥା ବିଭିନ୍ନ ନୀତିକୁ ନେଇ ଗାଁ ଗହଳିରେ ଜନଅସନ୍ତୋଷ ଦାନା ବାନ୍ଧିଲାଣି । ତେଣୁ ରାଜ୍ୟ ସରକାରଙ୍କ ବିରୋଧରେ ଏକ ମାହୋଲ ସୃଷ୍ଟି କରିବା ସହ ଏକ ଆଞ୍ଚଳିକ ଦଳ ଭାବେ କେବଳ ବିଜେଡି ଯେ ରାଜ୍ୟବାସୀଙ୍କୁ ପ୍ରକୃଷ୍ଟ ଶାସନ ଦେଇପାରିବ, ତାହା ପ୍ରମାଣିତ କରିବାକୁ ଦଳ ପାଖରେ ବଡ଼ ସୁଯୋଗ ରହିଛି । ଏହାକୁ ବାସ୍ତବରେ ପରିଣତ କରିବାକୁ ତୃଣମୂଳ ସ୍ତରରେ ଏକ ସଶକ୍ତ ଏବଂ ସଂଗଠିତ ସଂଗଠନର ଆବଶ୍ୟକତା ଥିବାବେଳେ ନବୀନ ଏଥିପାଇଁ ତ୍ୱରିତ୍ ଢଙ୍ଗରେ ଜିଲ୍ଲା କମିଟି ଗଠନ ଉପରେ ଗୁରୁତ୍ୱ ଦେଇଛନ୍ତି । ସମସ୍ତ ଜିଲ୍ଲାରେ କମିଟି ଗଠନ ପରେ ଖୁବ୍‌ଶୀଘ୍ର ବ୍ଲକ ଏବଂ ପଞ୍ଚାୟତସ୍ତରୀୟ କମିଟି ମଧ୍ୟ ପୁନର୍ଗଠନ କରାଯିବ ବୋଲି ଜଣାପଡ଼ିଛି । କେବଳ କମିଟି ପୁନର୍ଗଠନ ନୁହେଁ; ଦଳକୁ କ୍ରିୟାଶୀଳ କରିବା ପାଇଁ ନିୟମିତ ବ୍ୟବଧାନରେ ବିଭିନ୍ନ ସାଂଗଠନିକ କାର୍ଯ୍ୟକ୍ରମ କରାଯିବବୋଲି ଦଳର ବିଶ୍ୱସ୍ତ ମହଲରୁ ଜଣାପଡ଼ିଛି ।

### ଦୋକାନ ସହ ଦୋକାନୀଙ୍କୁ...

ଅବରୋଧ କରିଥିଲେ । ପରେ କୁଦାନଗରୀ ଥାନା ଘେରଉ କରି ଦୋଷୀଙ୍କୁ ତୁରନ୍ତ ଗିରଫ ଦାବି କରିଥିଲେ । ଅନ୍ୟପଟେ ପୁଲିସ ଘଟଣାସ୍ଥଳରେ ବିଳମ୍ବରେ ପହଞ୍ଚିବାରୁ ଲୋକଙ୍କ ମଧ୍ୟରେ ଚରମ ଅସନ୍ତୋଷ ପ୍ରକାଶ ପାଇଥିଲା । ପରେ କୁଦାନଗରୀ ଓ ପାଟକୁରା ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ନିୟନ୍ତ୍ରଣକୁ ଆସିଥିଲା । ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପଠାଇଛି । ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ କରିଛି । ମୃତ ସୁବାସଙ୍କ ପୁଅ ଓମ୍ ଏ ନେଇ ଥାନାରେ ଅଭିଯୋଗ କରିଛନ୍ତି । ବାହାର ପଟୁ ଦୋକାନ କବାଟ ବନ୍ଦ କରି ନିଆଁ ଲଗାଯାଇ ବାପାଙ୍କୁ ହତ୍ୟା କରାଯାଇଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି । ଅଭିଯୋଗ ଆଧାରରେ ମାମଲା ରୁଜୁ କରାଯାଇଛି । ସମସ୍ତ ଦିଗକୁ ଦୃଷ୍ଟିରେ ରଖି ତଦନ୍ତ ଚାଲିଥିବା କୁଦାନଗରୀ ଥାନାଧିକାରୀ ଅରବିନ୍ଦ ଶରଣ ମହାନ୍ତି କହିଛନ୍ତି ।

**AFFIDAVIT**

I, Jayantilal Somaji Patel, S/o- Somji Jivraj Patel, R/O - H No. 5-5-39/2/2, Patel Hardware Ajab Nagar, Jalna Road, Kranti Chowk, Aurangabad, Po-Aurangabad (MH), Ps-Mukundwadi, Dist-Aurangabad, Maharashtra, Pin- 431005, declare by this affidavit No- 2386, dtd-23/12/2025 that now onwards I shall be known as **JAYANTILAL SOMJI PATEL** for all future purposes.

**AFFIDAVIT**

I, Vimla Jayantilal Patel, D/O- Manilal Khinji Patel, R/O - H No. 5-5-39/2/2, Patel Hardware, Ajab Nagar, Jalna Road, Kranti Chowk, Aurangabad, Po-Aurangabad (MH), Ps-Mukundwadi, Dist-Aurangabad, Maharashtra, Pin- 431005, declare by this affidavit No- 2385, dtd-23/12/2025 that now onwards I shall be known as **VIMALABEN JAYANTILAL PATEL** for all future purposes.

**AFFIDAVIT**

I, Gautami Jayantilal Patel, D/o- Jayantilal Somaji Patel, R/O - Flat No- 301, Royal Residency, Forest Park, Bhubaneswar, Po- Ashok Nagar, Ps-Capital, Dist-Khordha, Odisha, Pin-751009 declare by this affidavit No- 2387, dtd-23/12/2025 that now onwards I shall be known as **GAUTAMI PATEL** for all future purposes.

**AFFIDAVIT**

By virtue of an affidavit sworn before Executive Magistrate Bhubaneswar dated 20-12-2025 (CF No-89). I PRAKASH KUMAR PATRA, S/o- Akuli Charan Patra on behalf of my (minor) son AURNOV ROSAN PATRA (old name) Resident of LC124/23, Sailashree Vihar, Ps.-Chandrasrkharpur, Bhubaneswar, Khordha, Pin-751024 declare that, I have changed my son's name from **AURNOV ROSAN PATRA** to **ARNAV ROSHAN PATRA.** Henceforth my son shall be known as **ARNAV ROSHAN PATRA** for all purposes.

**AFFIDAVIT**

By virtue of an Affidavit before Notary Public, Malkangiri, **I, Madhab Dura**, aged about 32 years, S/o.: Laichan Dura resident of Village: Katameta, PO.: Bhejaguda, P.S./Dist.: Malkangiri, Odisha, declare by this Affidavit No.: 807/25, Dated: 03.07.2025 that I have changed my name & my father's name from Madhab Dora, S/o.: Laichan Dora to **Madhab Dura, S/o.: Laichan Dura.** Henceforth I shall be known as **Madhab Dura, S/o.: Laichan Dura** for all future purposes.

**AFFIDAVIT**

By virtue of an affidavit sworn before the Executive Magistrate, Bargarh, vide no.1325 dated 21.11.2025, I Pushparaj Deheri, S/o- Barun Deheri resident of At-Badmal, Po.- Dunguri, Ps./Tah.- Ambhabhona, Dist.-Bargarh, Pin- 768052 state that, I have changed my name from **Pushpak Deheri to Pushparaj Deheri**. Henceforth I shall be knoen as **Pushparaj Deheri** for all future purposes.

**AFFIDAVIT**

I SRINIVASU RAO, S/o JAMI SURYA RAO resident of At - Bhupathi Street, Po/Ps - Jeypore, DT- Koraput - 764001, Odisha declare by this Affidavit No.2961 Dated - 24/12/2025, that now onwards I shall be known as JAMI SRINUVASU RAO For all future purpose.

**AFFIDAVIT**

I MONORAMA PUJARI, W/o Mono Mohan Pujari, resident of At- Bikram Nagar, Po/Ps- Jeypore, Dist- Koraput - 764001, Odisha declare by this Affidavit No.5553 Dated - 25/12/2025, that now onwards I shall be known as MANORAMA PUJARI For all future purpose.

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar, Dist: Khordha dated 21.11.2025, I, Ganga Biswas, W/o- Bhaba Ranjan Biswas, At- Gobardhan Colony, Bhusandpur Sasan, District - Khordha, Pin-752021, Odisha declare that I have changed my daughter's name from Sidhi Biswas to Shriti Biswas. Henceforth, she shall be known as **Shriti Biswas** for all purposes.
**Ganga Biswas**

**OFFICE OF THE PRINCIPAL**
**Eklavya Model Residential School, Nuapada**
(A unit of NESTS) Ministry of Tribal Affairs Govt. of India
(Affiliated to CBSE, Delhi, Affiliation No. 1520009 & School No. 17097)
At – Sakhatara, Po – Maulibhatta, Ps – Nuapada, Dist – Nuapada, 766105 (Odisha)
Email id: emrs.nuapada@gmail.com

**Letter No.: EMRS/NPD/OFF/523/2025-26** **Date: 27.12.2025**

**WALK-IN-INTERVIEW**

A Walk-in-Interview for the Guest Faculties will be conducted at 11.00 AM on 6th January 2026 for Eklavya Model Residential School, Nuapada, in the Office of the Principal, EMRS Nuapada. Eligible candidates having the requisite qualification as mentioned below may appear walk-in-interview with their Biodata along with a set of self-attested photo copies of mark sheet and experience certificate (if any) and one passport sized photograph at EMRS Nuapada. For further details visit Nuapada District Website- http://www.nuapada.odisha.gov.in. This engagement is purely need based, part time & temporary.

| SL NO | Discipline | Essential Qualification | Interview Date & Time | Remuneration |
|---|---|---|---|---|
| 1 | PGT Biology (Guest Faculty ) for EMRS Nuapada | 1. MSC in Biology /Zoology / Botany or any specialization in Biology/ zoology / Botany. Provided the candidates has studied Biology/ Zoology / Botany at graduation level with 50% marks in concerned subject and B.Ed from NCTE recognized institute / University<br>2. Proficiency in Hindi & English<br>3. Computer Knowledge | Date - 06.01.2026 from 11 AM onwards<br>Place - EMRS Nuapada | With Qualifications as per RR of NESTS Rs. 35,000/- & Without Qualification as per RR of NESTS Rs. 31,000/-) |
| 2 | TGT Hindi (Guest Faculty ) for EMRS Nuapada | 1. Bachelor / Honours degree from a recognized university with at least 50 % marks in concerned subject , combination of subjects and in aggregate with B.Ed degree from NCTE recognized institute / University with at least 50% marks<br>2. Qualified in CTET - (Paper- II)<br>3. Computer Knowledge | Date - 06.01.2026 from 11 AM onwards<br>Place - EMRS Nuapada | With Qualifications as per RR of NESTS Rs. 33,000/- & Without Qualification as per RR of NESTS Rs. 29,000/-) |

1. No TA / DA will be paid for attending the interview.
2. Authorities reserve the right to cancel / modify / postpone the Walk-in-Interview without assigning any reason thereof.

SD/- Principal, EMRS, Nuapada

### ଜାତୀୟ ରାଜପଥ ପାର୍ଶ୍ୱରେ ବଢୁଛି ଭାରିଯାନ ବେଆଇନ୍ ପାର୍କିଂ

# ଜଟିଳ ହେଉଛି ସେମିଳିଗୁଡ଼ା ଟ୍ରାଫିକ ସମସ୍ୟା



ସେମିଳିଗୁଡା,୨୭।୧୨(ସମିସ): କୋରାପୁଟ ଜିଲ୍ଲା ସେମିଳିଗୁଡ଼ା ସହର ଦେଇ ଛତିଶଗଡ ଓ ଆନ୍ଧ୍ରପ୍ରଦେଶକୁ ସଂଯୋଗ କରୁଥିବା ୨୬ ନମ୍ବର ଜାତୀୟ ରାଜପଥର ପ୍ରାୟ ୩ ରୁ ୪ କିମି ରାସ୍ତା ସେମିଳିଗୁଡା ସହର ମଧ ଭାଗ ଦେଇ ଯାଇଛି। ଏହି ରାସ୍ତାର ଉଭୟ ପାଶ୍ୱର୍ରେ ଟ୍ରକ୍,ବାଇକ୍ ଅଟୋ, ଭାରିଯାନ ଗୁଡ଼ିକ ବେଆଇନ୍ ପାର୍କିଂ କରି ଜାତୀୟ ରାଜପଥ ଅବରୋଧ କରୁଥିବା ଅଭିଯୋଗ ହେଉଛି। ଯାହାଦ୍ୱାରା ଅନେକ ସମୟରେ ସହରର ବିଭିନ୍ନ ସ୍ଥାନରେ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇ ଛଟବଡ଼ ଦୁର୍ଘଟଣାମାନ ଘଟୁଛି। ସେମିଳିଗୁଡା ସହର ଜିଲ୍ଲାର ଏକ ମୁଖ୍ୟ ବ୍ୟବସାୟିକ ସହର। ଆଖପାଖ ଗାଁ ଲୋକେ ଏହି ସହର ଉପରେ ନିର୍ଭର କରିଥାନ୍ତି। ଅଞ୍ଚଳରେ କେତେ ଜଣ ବେପାରୁଆ ଗାଡ଼ି ମାଲିକ, ଗାଡ଼ି ମୋଟର ନିଜ ଘର ସମ୍ମୁଖରେ ରଖୁଛନ୍ତି। ସହରର ଫାଷ୍ଟ ପେଟ୍ରୋଲ ପମ୍ପ ନିକଟରେ, ଟ୍ରାଫିକ ଛକ ଠାରୁ କାକି ଗାଁ ଯିବା ରାସ୍ତାରେ, ରେଲିଆନ୍ସ ଷ୍ଟୋର ନିକଟରେ, ରାମ ମନ୍ଦିର ଯିବା ରାସ୍ତା ସହ ଆଇସିଆଇ ବ୍ୟାଙ୍କ ନିକଟରେ ଜାତୀୟ ରାଜପଥର ଉଭୟ ପାଶ୍ୱର୍ରେ ଗାଡ଼ି ମାଲିକମାନେ ସେମାନଙ୍କ ଗାଡ଼ିକୁ ବେଆଇନ୍ ଭାବେ ପାର୍କିଂ କରି ସାଧାରଣ ଲୋକଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଛନ୍ତି। ରବିବାର ଦିନ ବହୁତ ସମୟ ଟ୍ରାଫିକ ସମସ୍ୟା ଦେଖାଦେଇଥିବା ବେଳେ ଗତ ସପ୍ତାହେ ରୁ ଅଧିକାଂଶ ସମୟରେ ଟ୍ରାଫିକ ସମସ୍ୟା ଦେଖାଯାଉଛି। ପୌର ପରିଷଦର, ପୋଲିସ ବିଭାଗର ଅଧିକାରୀମାନେ ଦୃଷ୍ଟି ଦେଉନଥିବା ଅବହେଳା କରିଥିବା ଅଭିଯୋଗ ହୋଇଛି। ଟ୍ରାଫିକ ସମସ୍ୟା ସମାଧାନ ପାଇଁ ପଦକ୍ଷେପ ନେବା ପାଇଁ ଦାବି ହେଉଛି।

# ହିନ୍ଦୁଙ୍କ ପ୍ରତି ଅତ୍ୟାଚାର ବିରୋଧରେ ପ୍ରତିବାଦ ସଭା



ଉମରକୋଟ,୨୭।୧୨(ସମିସ):

ବଙ୍ଗଳା ଦେଶରେ ହିନ୍ଦୁଙ୍କ ପ୍ରତି ହେଉଥିବା ଅନ୍ୟାୟ ଓ ଅତ୍ୟାଚାରକୁ ବିରୋଧ କରି ହିନ୍ଦୁ ସଂଘଠନ ପକ୍ଷରୁ ଉମରକୋଟ ଡିଏନକେ ସ୍ଥିତ ଗୋପବନ୍ଧୁ ଛକଠାରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ବିଶ୍ୱହିନ୍ଦୁ ପରିଷଦ, ବଜରଙ୍ଗ ଦଳ, ଦୁର୍ଗାବାହିନୀ ଓ ମାତୃଶକ୍ତି, ହିନ୍ଦୁ ସୁରକ୍ଷା ବାହିନୀ, ନୂତନ ଭାରତ, ଜଗୋ ଔର ଜଗାଓ, ଓ କିନ୍ନର ହିନ୍ଦୁ ସମାଜର ସଦସ୍ୟମାନେ ଉପସ୍ଥିତ ଥିଲେ। ଏହି ସଭାରେ ବିଶ୍ୱହିନ୍ଦୁ ପରିଷଦର ଜିଲା ସଭାପତି କୃପାରାମ ସାହୁ, ଜିଲା ସମ୍ପାଦକ ବାଳକୃଷ୍ଣ ପଟ୍ଟନାୟକ, କାର୍ଯ୍ୟକାରୀ ସଭାପତି ସୁନୀଲ କୁମାର ବେହେରା, ଉମରକୋଟ ପ୍ରଖଣ୍ଡ ବିଶ୍ୱହିନ୍ଦୁ ପରିଷଦର ବଜରଙ୍ଗ ଦଳର ସମସ୍ତ କାର୍ଯ୍ୟକର୍ତ୍ତା, ହିନ୍ଦୁ ସୁରକ୍ଷାବାହିନୀର ଅନେକ ସଦସ୍ୟ ସହ ଅବସର ପ୍ରାପ୍ତ ଶିକ୍ଷକ ସଙ୍ଘ ଓ ଉତ୍କଳୀୟ ବଙ୍ଗ ସମାଜର ତପନ ପାଲ ସହ ଅନେକ ସଦସ୍ୟ, ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ସଭାରେ ସମ୍ପ୍ରତି ଭାରତ ବର୍ଷରେ ବାଂଲାଦେଶୀଙ୍କ ପ୍ରାଦୁର୍ଭାବ ବଢୁଥିବା, ବିଭିନ୍ନ ଅସାମାଜିକ କାର୍ଯ୍ୟକଳାପରେ ଲିପ୍ତ ରହିବା ଘଟଣାକୁ ଘୋର ନିନ୍ଦା କରାଯିବା ସହ ଏହାକୁ ତୁରନ୍ତ ରୋକିବା ପାଇଁ ଦାବି କରାଯାଇଥିଲା। ଏହି ଅବସରରେ ବାଂଲାଦେଶଠାରେ ହିନ୍ଦୁ ଯୁବକ ଦିପୁ ଦାସଙ୍କ ସମସ୍ତ ହତ୍ୟାକାରୀଙ୍କୁ ଗିରଫ କରି ତୁରନ୍ତ ଫାଶୀ ଦଣ୍ଡ ଦିଆଯାଉ ବୋଲି ଦାବି କରାଯାଇଥିଲା।

# ଓଡ଼ିଶା ଖଣି ନିର୍ଦ୍ଦେଶକଙ୍କ ଲକ୍ଷ୍ମୀପୁର ଗସ୍ତ



ଲକ୍ଷ୍ମୀପୁର,୨୭।୧୨(ସମିସ):

କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ୍ ଗସ୍ତରେ ଆସି ଫେରିଛନ୍ତି ଓଡିଶା ଖଣି ନିର୍ଦ୍ଦେଶକ ସୁଧାଂଶୁ ମୋହନ ସାମଲ । ଶୁକ୍ରବାର ସକାଳୁ ୧୧ ଟା ସମୟରେ ଲକ୍ଷ୍ମୀପୁର ସ୍ଥିତ ସାଙ୍ଗାନା ଉଚ୍ଚ ବିଦ୍ୟାଳୟରେ ପହଞ୍ଚି ସମସ୍ତ ବିଷୟ ଉପରେ ଅବଗତ ହୋଇ ଥିଲେ । ସାଙ୍ଗାନା ଉଚ୍ଚ ବିଦ୍ୟାଳୟ ଯେଉଁ ଆକାରରେ ହୋଇଛି ସେହି ଅନୁସାରେ ଛାତ୍ରଛାତ୍ରୀଙ୍କ ସଂଖ୍ୟା କମ୍ ରହୁଛି ଏବଂ ଅଷ୍ଟମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପିଲା ପାଠ ପଢୁଛନ୍ତି, ଆଉ ଅନେକ କକ୍ଷ ଖାଲି ମଧ ରହୁଛି। ତେଣୁ ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପାଠପଢ଼ା ହେଲେ ଠିକ ହୁଅନ୍ତା ବୋଲି ଅଭିଯୋଗ ହୋଇଥିଲା। ଏହା ସହ ମେଡିକାଲ ଓ ଆଇଟିଆଇ ବୁଲି ଦେଖି କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। ମେଡିକାଲରେ ଲିଫ୍ଟ ଅଚଳ ଓ ଓଏମସି ଦ୍ୱାରା ଲଗାଯାଇଥିବା ଷ୍ଟ୍ରିଟ୍ ଲାଇଟ୍ ବିଲ ଅଧିକା ଆସୁଥିବା ହେତୁ ପଞ୍ଚାୟତ ପାଖରେ ବିଲ୍ ପୈଠ ପାଇଁ ସେତିକି ଟଙ୍କା ନ ଥିବାରୁ ଲାଇଟ୍ ଜଳୁ ନାହିଁ, ବର୍ତ୍ତମାନ ସବୁ ଆଡେ ଅନ୍ଧାର ରହୁଛି ଏବଂ ଲକ୍ଷ୍ମୀପୁରରେ ଆବଶ୍ୟକତା ଅନୁସାରେ ଉନ୍ନତି ହୋଇ ନ ଥିବା ପ୍ରଭୃତି ଅଭିଯୋଗ ହୋଇଥିଲା। ସରକାରଙ୍କ ଯୋଜନା ଗୁଡିକ କିପରି କାର୍ଯ୍ୟକାରୀ ହେଉଛି ସେସବୁ ଅନୁଧାନରେ ଆସିଥିବା ଖଣି ନିର୍ଦ୍ଦେଶକ ସମସ୍ତ ବିଷୟ ଉପରେ ଅନୁଧାନ କରି ସରକାରଙ୍କ ନିକଟରେ ପହଞ୍ଚାଇ କିପରି ସମାଧାନ ହୋଇ ପାରିବ ତାର ଖସଡ଼ା ପ୍ରସ୍ତୁତ କରାଯିବ ବୋଲି କହିଛନ୍ତି। ଏହାସହ ଆଇଟିଆଇରୁ ଉତ୍ତୀର୍ଣ୍ଣ ହେବା ପରେ ପିଲା କିପରି ନିଯୁକ୍ତି ପାଇ ପାରିବେ ଓ କେବିକେ ଅଞ୍ଚଳର ପିଲାଙ୍କୁ କେମିତି ଏଠି ଅଗ୍ରାଧିକାର ଦିଆଯାଇ ପାରିବ ସେନେଇ ଏକ ଆଲୋଚନା ହୋଇଥିବା ଜଣାପଡ଼ିଛି। କୋଡ଼ିଙ୍ଗା ମାଳି ପାହାଡକୁ ମଧ ଯାଇ ଅନୁଧାନ କରିବା ପରେ ଡୁମୁରୀପଦର ଗାଁକୁ ଯାଇ ସେଠାରୁ ଖଣି ନିର୍ଦ୍ଦେଶକ ଶ୍ରୀ ସାମଲ କୋରାପୁଟ ଅଭିମୁଖେ ବାହାରଥିଲେ। ଏହି ସମୟରେ କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ବେଣୁଧର ଶବର, ଜିଲ୍ଲା ଉନ୍ନୟନ ଅଧିକାରୀ, ଆଞ୍ଚଳିକ ଖଣି ପରିଚାଳକ ଚିନ୍ମୟ ପରିଡ଼ା, ଶାଖା ପରିଚାଳକ ବିଭୀଷଣ ମାଝୀ, ଜିଲ୍ଲା ଶିକ୍ଷାଧିକାରୀ କରୁଣାକର ଭୋଇ, ବିଡିଓ ସବ୍ୟସାଚୀ ବେହେରା, କନିଷ୍ଠ ଯନ୍ତ୍ରୀ ଏମ୍. ପାୱାନ କୁମାର ଓ ଅନ୍ୟ କର୍ମଚାରୀ ସାଥିରେ ରହି ବ୍ଲକ୍ ସମସ୍ତ ବିଷୟରେ ଅବଗତ କରାଇଥିଲେ।

# ପାରାଦୀପ ଫସଫେଟ ଲିମିଟେଡ୍ ପକ୍ଷରୁ ଚାଷୀଙ୍କୁ ମାର୍ଗ ଦର୍ଶନ କାର୍ଯ୍ୟକ୍ରମ



ଉମରକୋଟ,୨୭।୧୨(ସମିସ): ପାରାଦୀପ ଫସଫେଟ ଲିମିଟେଡ଼ ପକ୍ଷରୁ ଚାଷୀଙ୍କୁ ମାର୍ଗ ଦର୍ଶନ କାର୍ଯ୍ୟକ୍ରମ ନବରଙ୍ଗପୁର ଜିଲା ଉମରକୋଟ ବ୍ଲକର ଯୁଭି-୧୧ ନାୟକଗୁଡାଠାରେ ଅନୁଷ୍ଠିତ ହୋଇଥିଲା। ନବରଙ୍ଗପୁର ଜିଲା ଏକ କୃଷି ପ୍ରଧାନ ଜିଲା ଭାବେ ପରିଗଣିତ ଏଠାରେ ଶିଳ୍ପର କୌଣସି ଅସ୍ତିତ୍ୱ ନାହିଁ। ଅନ୍ୟପଟେ ଶତକଡା ୭୦ ଭାଗ ଲୋକ କୃଷି ଉପରେ ନିର୍ଭର କରନ୍ତି। ଏଠାକାର ମାଟି ଚାଷ ପାଇଁ ବେଶ ଉପଯୋଗୀ ହୋଇଥିବା ବେଳେ ରାସାୟନିକ ସାର ବ୍ୟବହାର କରିବା ଯୋଗୁଁ ମାଟିର ଉର୍ବରତା ଧୀରେ ଧୀରେ ନଷ୍ଟ ହେବାରେ ଲାଗିଲାଣି। ତେଣୁ ଏହାକୁ ଦୃଷ୍ଟିରେ ରଖି ପାରାଦୀପ ଫସଫେଟ ଲିମିଟେଡ଼ କମ୍ପାନୀ ପକ୍ଷରୁ ଚାଷୀଙ୍କୁ ମାର୍ଗ ଦର୍ଶନ ପାଇଁ ଏକ କାର୍ଯ୍ୟକ୍ରମ ରଖା ଯାଇଥିଲା। ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଲା ଲୋକଙ୍କ ମନରେ ସଚେତନ ସୃଷ୍ଟି କରିବା ଓ ମାଟି ପରୀକ୍ଷା, ସନ୍ତୁଳିତ ସାର ଉପଯୋଗ, କମ୍ପାନୀ ପକ୍ଷରୁ ନାନୋଶକ୍ତି ନାନୋଡିଏପି, ନାଇଟ୍ରୋନିକ-୩୨ ଏବଂ ଟିଏସପି-୪୬କୁ ବ୍ୟବହାର ବିଷୟରେ ଆଲୋଚୋନା ହୋଇଥିଲା। ଅଣୁ ସାର ନାନୋ ଡିଏପି, ନାନୋ ୟୁରିଆର ଉପକାରିତା ଏବଂ ତାର ବ୍ୟବହାର ଦ୍ୱାରା ଆଗାମୀ ଦିନରେ ମାଟିର ଉର୍ବରତକୁ ସୁରକ୍ଷିତ ରଖିବାରେ ସକ୍ଷମ ହୋଇପାରିବ ବୋଲି କହିଛନ୍ତି। ପାରାଦୀପ ଫସଫେଟ ପକ୍ଷରୁ କମ ଦାମରେ ବିଭିନ୍ନ ପ୍ରକାର ସାର ଯୋଗାଇ ଦିଆଯାଉଛି, ଯାହା ବ୍ୟବହାର ଦ୍ୱାରା ଧାନ, ମକା ଓ ପନିପରିବା ଅଧିକ ଅମଳ ହୋଇପାରିବ ଓ ଚାଷୀ ମଧ ଅଧିକ ଲାଭବାନ ହୋଇପାରିବେ ବୋଲି କାର୍ଯ୍ୟକ୍ରମରେ କମ୍ପାନୀ ପକ୍ଷରୁ ଯୋଗ ଦେଇଥିବା ଅଧିକାରୀ ସୂଚନା ଦେଇଛନ୍ତି। ପୂର୍ବରୁ ପିପିଏଲ ପକ୍ଷରୁ ଆସୁଥିବା ସାର ବ୍ୟବହାର କରିଥିବା ନିଖିଳ ମିସ୍ତ୍ରୀ, ତ୍ରିଭୁବନ ସାହୁ, ମନିମନ ରାୟ,ଯଗ ସାନ୍ତା, ଅନ୍ତ ସାନ୍ତା, ହେମନ୍ତ ରାଏଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପିପିଏଲ ପକ୍ଷରୁ ରିଜିଓନାଲ ମ୍ୟାନେଜର ଅତୁଲ ପାଣ୍ଡେ, ମାର୍କେଟିଂ ଅଧିକାରୀ ଜ୍ୟୋତି ରଞ୍ଜନ ସିଂ, ଜୁନିଅର ଏଗ୍ରୋନୋମିଷ୍ଟ ସୁଧୀର କୁମାର ନାୟକ, ନୀଳମାଧାବ ସେଠି, ସାଜନ ସରକାର, ଲିଟୁ ପଣ୍ଡା, ସଂଜିତ ମଣ୍ଡଳଙ୍କ ସହ ଶତାଧିକ ଚାଷୀ ଉପସ୍ଥିତ ଥିଲେ।

## ଧର୍ମ ପରାୟଣ ମହିଳାଙ୍କ ପରଲୋକ



ଉମରକୋଟ,୨୭।୧୨(ସମିସ): ଉମରକୋଟ ସହରର ଗୁଳିପାଟଣା ନିବାସୀ ତଥା ବରିଷ୍ଠ ସାମ୍ବାଦିକ ଓ ସମାଜସେବୀ ଦୁଷ୍ମନ୍ତ କୁମାର ପଟ୍ଟନାୟକଙ୍କ ମା' ମନୋରମା ପଟ୍ଟନାୟକଙ୍କ ୭୭ ବର୍ଷ ବୟସରେ ଗୁରୁବାର ସକାଳେ ପରଲୋକ ହୋଇଛି। ସେ ବହୁଦିନ ଧରି ଶଯ୍ୟାଶାୟୀ ଥିଲେ। ଆଜି ଭୋର ସକାଳ ୪ଟା ବେଳେ ପୁରୀ ସ୍ୱର୍ଗଦ୍ୱାରଠାରେ ଅନ୍ତ୍ୟେଷ୍ଟିକ୍ରିୟା ସମାପନ କରାଯାଇଥିଲା ବଡ଼ ପୁଅ ଦୁଷ୍ମନ୍ତ ମୁଖାଗ୍ନି ଦେଇଥିଲେ। ଅନ୍ତ୍ୟେଷ୍ଟି କାର୍ଯ୍ୟ ସମୟରେ ମଝିଆ ପୁଅ ଦିଲ୍ଲୀପ, ସାନପୁଅ ଲଣ୍ଡା, ଦୁଇ ଝିଅ କଳ୍ପନା, ରଚି, ଦୁଇ ଜ୍ୱାଇଁ, ସାନ ବହୁ ଓ ମଝିଆ ବହୁ ସୁନିତା ଅନ୍ୟ ବନ୍ଧୁ ବାନ୍ଧବଙ୍କ ଉପସ୍ଥିତିରେ ଅନ୍ତିମ ସଂସ୍କାର ସମାପନ ହୋଇଥିଲା। ତାଙ୍କ ବାସଭବନରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯାଇ ଶେଷ ଦର୍ଶନ କରିଥିଲେ।

# ଲମତାପୁଟରେ ଏସ୍‌ବିଆଇ ଶାଖା ଉଦ୍‌ଘାଟିତ



ଲମତାପୁଟ,୨୭।୧୨(ସମିସ): ଦୀର୍ଘ ଦିନର ଅପେକ୍ଷା ପରେ କୋରାପୁଟ ଜିଲ୍ଲା ଲମତାପୁଟ ବ୍ଲକ୍ କାର୍ଯ୍ୟାଳୟ ପାଶ୍ୱର୍ରେ ଗତ ବୁଧବାର ଦିନ ଏସ୍‌ବିଆଇ ଶାଖା ଉଦ୍‌ଘାଟିତ ହୋଇଯାଇଛି। ଏସ୍‌ବିଆଇ ସିଜିଏମ ଭୁବନେଶ୍ୱର ଏଡି ରତ୍ନା ତେଜା ପ୍ରସ୍ତର ନିର୍ମିତ ଶିଳାର ନାମ ଫଳକକୁ ରିବନ କାଟି ଉଦ୍‌ଘାଟନ କରିଥିଲେ। ଶାଖାର ଶୁଭାରମ୍ଭରେ କିଛି ବଣ୍ଡା ସମ୍ପ୍ରଦାୟର ମହିଳାମାନଙ୍କୁ ନୂତନ ଜମା ଖାତା ପ୍ରଦାନ କରାଯାଇଥିଲା । ଲମତାପୁଟ ବଜାରର କିଛି ବ୍ୟବସାୟୀଙ୍କୁ ମୁଦ୍ରାଋଣ ପ୍ରଦାନ କରାଯାଇଥିଲା। ପୂର୍ବରୁ ଏହି ଶାଖା ପାଇଁ ଜନ ପ୍ରତିନିଧି, ଅଞ୍ଚଳବାସୀ ଏବଂ ବ୍ଲକର ଗଣମାଧମ ପ୍ରତିନିଧିମାନେ ରାଜ ରାସ୍ତାକୁ ଓହ୍ଲାଇଥିଲେ। ଏହି ଶାଖାଟି ଖୋଲିବା ଯୋଗୁଁ ବର୍ତ୍ତମାନ ଅଞ୍ଚଳବାସିଙ୍କ ଖୁସି ବହୁଗୁଣିତ ହୋଇଯାଇଛି। ଲମତାପୁଟ ବ୍ଲକରୁ ୧୮ କିଲୋମିଟର ଦୂର ମାଛକୁଣ୍ଡ ଗ୍ରାମରେ ଏସ୍‌ବିଆଇ ଶାଖାଟି ଥିବା ଯୋଗୁଁ ଅଞ୍ଚଳବାସୀ ବ୍ୟାଙ୍କ୍ ସେବା ପାଇବାରେ ବଞ୍ଚିତ ହେଉଥିଲେ। ନେଟୱର୍କ ସମସ୍ୟା ଲିଙ୍କ୍ ଫେଲ୍ୟୁର ଏବଂ ଯାତାୟାତ ସମସ୍ୟା ସକାସେ ଅଞ୍ଚଳବାସୀ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଅନ୍ୟପକ୍ଷରେ ଲମତାପୁଟ ବ୍ଲକକୁ ଲାଗିରହିଥିବା କୋଲାବ ଜଳଭଣ୍ଡାର ଆରପାରିରେ ଥିବା ଚାରୋଟି ପଞ୍ଚାୟତବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏହି ଶାଖାର ଉଦ୍‌ଘାଟନ ସମୟରେ ଡିଜିଏମ ବ୍ରହ୍ମପୁର ଆଲୋକ କୁମାର ସିହ୍ନା, ଆରଏମ୍ ଜୟପୁର ସୁବାଶ ଚନ୍ଦ୍ର ବେହେରା, ଲମତାପୁଟ ଶାଖା ପରିଚାଳକ ରାଜାରାମ ପାଢୀ, ଲମତାପୁଟ ଶାଖା କୋଷାଧକ୍ଷ ବିଶାଲ ସାହା ଏବଂ ଲମତାପୁଟ ଅଞ୍ଚଳର ଜନ ସାଧାରଣ ଉପସ୍ଥିତ ଥିଲେ। ସମସ୍ତଙ୍କ ଉପସ୍ଥିତିରେ ଶାଖାର ଚର୍ତୁଃପାଶ୍ୱର୍ରେ ବୃକ୍ଷରୋପଣ କରାଯାଇଥିଲା।

# ଡ଼ଙ୍ଗରପାଉଁଶିରେ ଖରିଫ ମଣ୍ଡି ଶୁଭାରମ୍ଭ



କୁନ୍ଦୁରା,୨୭।୧୨(ସମିସ): କୁନ୍ଦୁରା ବ୍ଲକ୍ ଅନ୍ତର୍ଗତ ଡ଼ଙ୍ଗରପାଉଁଶିଠାରେ ଧାନ କିଣା ଆରମ୍ଭ ହୋଇଛି। ବହୁ ବାଦ ବିବାଦ ପରେ ଆରମ୍ଭ ହୋଇଛି ଖରିଫ ଧାନ ମଣ୍ଡି। ଡଙ୍ଗର ପାଉଁଶି ଏବଂ ଫୁପୁଗାଁ ଧାନ ମଣ୍ଡି ଗୋଟିଏ ସ୍ଥାନରେ ହେଉଥିବାବେଳେ ଆରଏମ୍‌ସି ବଜାର ଗୃହଠାରେ କ୍ରୟକାରୀ ସଂସ୍ଥା, ଯୋଗାଣ ବିଭାଗ, ମିଲର୍ସ ଏବଂ ଚାଷୀମାନଙ୍କ ଉପସ୍ଥିତିରେ ଶୁଭାରମ୍ଭ ହୋଇଛି। ଜିଲ୍ଲା ପରିଷଦ ଉପାଧକ୍ଷ ରାଧାବିନୋଦ ସାମନ୍ତରାୟ ଦ୍ୱାରା ନଡ଼ିଆ ଭାଙ୍ଗିଥିବାବେଳେ ଲ୍ୟାମ୍ପ ପରିଚାଳନା ନିର୍ଦ୍ଦେଶକ ପର୍ଶୁରାମ ମହାରଣା, ଯୋଗାଣ ନିରୀକ୍ଷକ ପ୍ରଦୀପ ସେଠୀ, ନିୟନ୍ତ୍ରିତ ବଜାର କମିଟି ମାନ ପରୀକ୍ଷକ ଡମ୍ବୁରୁ ସାଆନ୍ତା, ବରିଷ୍ଠ ଚାଷୀ ରାଧାନାଥ ଭଞ୍ଜ ପ୍ରମୁଖ ଉପସ୍ଥିତ ରହିଥିଲେ। କୁନ୍ଦୁରା ବ୍ଲକରେ ସମୁଦାୟ ୧୨ଟି ମଣ୍ଡି ରହିଥିବା ବେଳେ ପ୍ରଥମେ ଏହି ମଣ୍ଡିର ଶୁଭାରମ୍ଭ କୌଣସି ବିଭ୍ରାଟ ନ ହେଉଣୁ ଶୁଭାରମ୍ଭ ହେବା ଯୋଗୁଁ ଅନ୍ୟ ଗୁଡ଼ିକ ମଧ ସୁଚାରୁରୂପେ ହୋଇଯିବ ବୋଲି ଚାଷୀକୁଳ ପକ୍ଷରୁ ମଧ ଆଶା କରାଯାଉଛି। ସରକାର ବିଭିନ୍ନ ସ୍ଥାନରେ କଟନୀ ଛଟନୀ ବନ୍ଦ କରିବା ନେଇ ଡିଣ୍ଡିମ ପିଟୁଥିବା ବେଳେ ପ୍ରଶାସନ ଏବଂ ମିଲର୍ସ ସଲାସୁତୁରା ହୋଇ ଶୁକ୍ରବାର ଦୁଇ କିଲୋ ପାଞ୍ଚ ଶହ ଗ୍ରାମ କଟନୀ ଛଟନୀ ପରେ ଧାନ ଉଠିବାନେଇ ସ୍ଥିର ହୋଇଥିବା ଚାଷୀଙ୍କ ସୂତ୍ରରୁ ଖବର ମିଳିଛି। ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ଚାଷୀଙ୍କ ଧାନ ନିରୂପଣ କରିବା ନିମନ୍ତେ ଯେଉଁ ମେସିନ ଆସିଥିଲା କଟନୀ ଛଟନୀ ନିଷ୍ପତି ହେବା ପରେ ତାହାର ଦରକାର ମଧ ଆସିଲାଣି। ଏହି ଦୁଇଟି ଧାନ ମଣ୍ଡିରୁ ଟୋକନ ଅନୁସାରେ ୪୦୦୦ କ୍ୟୁଣ୍ଟାଲ ଧାନ ପ୍ରଥମ ତାଲିକାରେ କ୍ରୟ କରିବା ନେଇ ରହିଥିବା ବେଳେ ୯ ଟି ମିଲର୍ସ ସୀତାରାମ ଇଣ୍ଡଷ୍ଟ୍ରିଜ, ଭୁବନେଶ୍ୱରୀ ରାଇସ ମିଲ, ଗୀତାଞ୍ଜଳି ରାଇସ ମିଲ,ଶ୍ରୀ ଲକ୍ଷ୍ମୀ ଶ୍ରାଭଣି ଏଣ୍ଟର ପ୍ରାଇଜେସ, ଶ୍ରୀ ଭିଘ୍ନେଶ୍ୱର ମଡ଼େର୍ଣ୍ଣ ରାଇସ ମିଲ, ଶ୍ରୀ ଦୁର୍ଗା ରାଇସ ମିଲ, ଦନ୍ତେଶ୍ୱରୀ ମିଲ ଏବଂ ଗୋପୀନାଥ ରାଇସ ମିଲ ଦାୟିତ୍ୱରେ ରହିଛନ୍ତି।

# ଜୟପୁର ଯୁବ ରାଜକୁମାରଙ୍କ ଜନ୍ମଦିନ ପାଳିତ



ନନ୍ଦପୁର,୨୭।୧୨(ସମିସ): ଦୀର୍ଘ ବର୍ଷ ପରେ ନନ୍ଦପୁର ରାଜବଂଶୀୟ ଯୁବରାଜ କୁମାର ବିଶେଶ୍ୱର ଚନ୍ଦ୍ରଚୁଡ଼ ଦେଓ ନିଜ ଜନ୍ମଦିନ ନନ୍ଦପୁର ପ୍ରଜାଙ୍କ ମେଳିରେ ପାଳନ କରିଛନ୍ତି। ସେପଟେ ନିଜ ଅଞ୍ଚଳର ରାଜା ବଂଶୀୟ ଯୁବ ମହାରାଜ କୁମାରଙ୍କ ଜନ୍ମ ଦିନ ସାମିଲ ହୋଇ ଖୁସି ହେବା ସହ ଯୁବରାଜ କୁମାର ବିଶେଶ୍ୱର ଚନ୍ଦ୍ରଚୁଡ଼ ଦେଓଙ୍କୁ ଜନ୍ମ ଦିନର ଶୁଭେଛା ଶୁଭକାନ ସହ ତୁମ ଜୀଓ ହଜାର ଶାଲ, ଏ ଦୂଆ ହେ ହମାରୀ ବୋଲି କହିଛନ୍ତି। ସେପଟେ ଯୁବ ରାଜ କୁମାର ମଧ ନନ୍ଦପୁର ପ୍ରଜାମେଳିରେ ପ୍ରଥମ ଥର ଜନ୍ମ ଦିନ ପାଳନ କରି ଆନନ୍ଦ ଉପଭୋଗ କରିଛନ୍ତି। ନନ୍ଦପୁରବାସୀଙ୍କ ପକ୍ଷରୁ ପୂର୍ବତନ ସରପଞ୍ଚ ଜଗନ୍ନାଥ ପାଙ୍ଗି, ସାମାଜିକ କର୍ମୀ ମୁନା ଦଳପତି, ସୂର୍ଯ୍ୟ ନାରାୟଣ ଖେମୁଣ୍ଡୁ, ସଞ୍ଜୟ ଦିଆରି, ବୁଦ୍ଧୁ ପୂଜାରୀ, ମଧୁସୂଦନ ଦୋରା, ଗୋବର୍ଦ୍ଧନ ପାଲି, ରବି ଖରା, ମନ ଉଦୁଲିଆ, ଭୁବନେଶ୍ୱର ଦଳପତି, ଗଙ୍ଗାଧର ନାୟକ, ବସା ନାୟକ, ସଦାଶିବ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ବାଂଲାଦେଶ ବିରୁଦ୍ଧରେ ହିନ୍ଦୁ ଆକ୍ରୋଶ ବିକ୍ଷୋଭ



ବୈପାରୀଗୁଡା,୨୭।୧୨(ସମିସ): ବୈପାରୀଗୁଡାଠାରେ ବାଂଲାଦେଶ ବିରୁଦ୍ଧରେ ହିନ୍ଦୁ ଆକ୍ରୋଶ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବିଶ୍ୱହିନ୍ଦୁ ପରିଷଦ ଏବଂ ବଜରଙ୍ଗ ଦଳ ପକ୍ଷରୁ ଏହି ବିକ୍ଷୋଭ କରାଯାଇଛି। ସ୍ଥାନୀୟ ହନୁମାନ ବାଟିକାଠାରୁ ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ ସଂଗଠନର କର୍ମକର୍ତ୍ତା। ବାଂଲାଦେଶରେ ଇସଲାମିକ୍ କଟର ପନ୍ଥୀମାନଙ୍କ ଦ୍ୱାରା ହିନ୍ଦୁମାନଙ୍କ ପ୍ରତି କରାଯାଉଥିବା ନିର୍ମମ ହତ୍ୟା ପ୍ରତିବାଦରେ ବିଭିନ୍ନ ସ୍ଥାନରେ ପ୍ରତିବାଦ ପ୍ରଦର୍ଶନ ହେଉଥିବାବେଳେ ଶୁକ୍ରବାର ବୈପାରୀଗୁଡା ବିଶ୍ୱହିନ୍ଦୁ ପରିଷଦ ତରଫରୁ ଏକ ବିକ୍ଷୋଭ ପ୍ରଦର୍ଶନ ସହ ରାଲି ଅନୁଷ୍ଠିତ ହୋଇଯାଇଛି। ଶହୀଦ ଲକ୍ଷ୍ମଣ ନାୟକ ମୁଖ୍ୟ ଚାରି ଛକରେ ବାଂଲାଦେଶ ପ୍ରଧାନମନ୍ତ୍ରୀ ମହମଦ ୟୁନୁସଙ୍କ ହିନ୍ଦୁ ବିରୋଧୀ ଚିନ୍ତାଧାରା ଓ କାର୍ଯ୍ୟ ପାଇଁ ତାଙ୍କ ପ୍ରତିଚିତ୍ର ଜଳାଯିବା ସହିତ ଜୋତା ମାଡ଼ କରାଯାଇଥିଲା। ଭାରତରୁ ବାଂଲାଦେଶୀମାନଙ୍କୁ ଦେଶରୁ ବିତାଡିତ କରିବା ପାଇଁ ଏକ ସ୍ୱରରେ ନାରାବାଜି କରାଯାଇଥିଲା।

# ଅସହାୟଙ୍କୁ ଶୀତବସ୍ତ୍ର ବାଣ୍ଟିଲେ ଖୀଷ୍ଟ ଦାସ



ନାରାୟଣପାଟଣା,୨୭।୧୨(ସମିସ): ନାରାୟଣପାଟଣା ପୂର୍ବତନ ସାଂସଦ ପ୍ରତିନିଧି ଖ୍ରୀଷ୍ଟ ଦାସ ଗରଡା ବଡ଼ଦିନ ଅବସରରେ ଶୁକ୍ରବାର ଖଣ୍ଡିଆ ସାହି ଗାରିଆ ଘାଟ ସହ ପାଖଆଖ ଗାଁର ଗରିବ ଶ୍ରେଣୀର ଅସହାୟ ବୃଦ୍ଧବୃଦ୍ଧାଙ୍କୁ କମ୍ବଳ ବଣ୍ଟନ କରିଛନ୍ତି। ଶୀତର ପ୍ରକୋପ ବୃଦ୍ଧି ପାଉଥିବା ବେଳେ ଏହାକୁ ଦୃଷ୍ଟିରେ ରଖି ଏପରି ବଣ୍ଟନ କରିଥିବା ସେ ପ୍ରକାଶ କରିଛନ୍ତି। ତେବେ ଆଜିକୁ ବହୁ ବର୍ଷ ହେବ ଗରଡା ପରିବାର ପ୍ରତ୍ୟେକ ଡିସେମ୍ବର ୨୫ ବଡଦିନ ଅବସରରେ କିଛି ନା କିଛି ଦାନ କରିଥାନ୍ତି। ଏଥିସହ ଚର୍ଚ୍ଚରେ କ୍ୟାଣ୍ଡେଲ ଲଗାଇ ଅଞ୍ଚଳ ପାଇଁ ସୁଖ ସବୃଦ୍ଧି ପ୍ରାଥନାମଧ କରିଛନ୍ତି। ଚଳିତ ବର୍ଷ ୩୦ ଜଣ ଅସହାୟଙ୍କୁ ଶୀତ ବସ୍ତ୍ର ବଣ୍ଟନ କରାଯାଇଛି। ଏପରି ମହତ କାମକୁ ବିଭିନ୍ନ ଦିଗରୁ ପ୍ରଶଂସା କରାଯାଇଛି।

# ରାଜ୍ୟ ଜାମ୍ବୋରେଟରେ କୋରାପୁଟର ସଫଳତା



ସେମିଳିଗୁଡା/ସେମିଳିଗୁଡା,୨୭।୧୨(ସମିସ) : ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସ ଓଡ଼ିଶା ରାଜ୍ୟ ଶାଖାର ବିଂଶତମ ଜାମ୍ବୋରେଟ୍ ଓ ସ୍ୱତନ୍ତ୍ର ଜନଜାତି ଜାମ୍ବୋରେଟ୍‌ରେ କୋରାପୁଟ ଜିଲ୍ଲାକୁ ସଫଳତା ମିଳିଛି। ଖୋର୍ଦ୍ଧାର ବରୁଣେଇ ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସ ଓଡ଼ିଶା, ଜାତୀୟ ପ୍ରଶିକ୍ଷଣ କେନ୍ଦ୍ରଠାରେ ଚଳିତ ମାସ ୨୨ ତାରିଖରୁ ଶନିବାର ୨୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ରାଜ୍ୟ ଜାମ୍ବୋରେଟ ଓ ସ୍ୱତନ୍ତ୍ର ଜନଜାତି ଜାମ୍ବୋରେଟ୍ ରେ କୋରାପୁଟ ଜିଲ୍ଲା ତରଫରୁ ସୁନାବେଡାର ପିଏମ ଶ୍ରୀ ଉଚ୍ଚମାଧମିକ ବିଦ୍ୟାଳୟ ( ଜନଜାତି ଓ ଜାତି ଉନ୍ନୟନ ବିଭାଗ )ରୁ ୨୦ ଜଣ ସ୍କାଉଟ୍ସ ଏବଂ ଗାଇଡ୍ସ ଙ୍କ ସହିତ ସେହି ବିଦ୍ୟାଳୟର ଗାଇଡ କ୍ୟାପଟେନ୍ ରୂପମ୍ବିକା ରାଉତରାୟ ଓ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ ରେଙ୍ଗାର ସ୍କାଉଟ ମାଷ୍ଟର ତ୍ରିନାଥ ବେହେରା ଯୋଗଦେଇଥିଲେ। ଏଥିରେ ବିଦ୍ୟାଳୟର ସ୍କାଉଟ୍ସ ଏଣ୍ଡ ଗାଇଡ୍ସମାନେ ବ୍ୟାଣ୍ଡ ଡିସ୍ ପ୍ଲେ ଓ ମାର୍ଚ୍ଚ ପାଷ୍ଟରେ ପ୍ରଥମ, ଫୁଡ଼ଭିଲ୍ଲା, ଡିସଟ୍ରିକ୍ଟ ଗେଟ, ପିଜାଂଟସୋ, କଲର ପାର୍ଟିରେ ଦ୍ୱିତୀୟ, ଏବଂ କ୍ୟାମ୍ପ ଫାୟାର୍ ଓ ଫୋକ୍ ଡେନ୍ସ ରେ ତୃତୀୟ, ଟ୍ରେଡିସିନାଲ୍ ୱାର୍କରେ ଗୋଲ୍ଡ, କୁଇଜରେ ସିଲଭର୍ ମେଡାଲ ହାସଲ କରି ସମଗ୍ର ଜିଲ୍ଲା ପାଇଁ ଗୌରବ ଆଣି ପାରିଛନ୍ତି। ଜିଲ୍ଲା ମଙ୍ଗଳ ଅଧିକାରୀ ସୁନୀଲ ତାଣ୍ଡି, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଅର୍ଜୁନ ନାୟକ, ପ୍ରଧାନ ଶିକ୍ଷୟିତ୍ରୀ ମମତା ପାତ୍ର ଟିମକୁ ଅଭିନନ୍ଦନ ଜଣାଇଛନ୍ତି। ଆଗକୁ ଯେମିତି ରାଜ୍ୟର ଜନଜାତି ଓ ଜାତି ଉନ୍ନୟନ ବିଭାଗର ସମସ୍ତ ଜିଲ୍ଲା ଏହି ଜାମ୍ବରେଟରେ ଯୋଗଦେଇପାରିବେ ସେଥିପାଇଁ ବ୍ୟବସ୍ଥା କରାଯିବ ବୋଲି ରାଜ୍ୟ ସଂଗଠନ କମିଶନର ଅନାମିକା ଦାସ ମତ ପ୍ରକାଶ କରିଛନ୍ତି।

# ଦିଆଳି ପର୍ବ ପାଇଁ ସାପ୍ତାହିକ ହାଟରେ ଭିଡ଼



**କୋଷାଗୁମୁଡ଼ା,୨୭।୧୨(ସମିସ):** ଶୁକ୍ରବାର କୋଷାଗୁମୁଡ଼ା ସଦର ସାପ୍ତାହିକ ହାଟରେ ସ୍ଥାନୀୟ “ଦିଆଳି ପର୍ବ” ପାଳନ ପାଇଁ ପ୍ରବଳ ଭିଡ ପରିଲକ୍ଷିତ ହୋଇଛି। କୋଷାଗୁମୁଡ଼ା ବ୍ଲକ୍‌ର ୨୬ ଗୋଟି ପଞ୍ଚାୟତରେ ଏହି ଡିସେମ୍ବର ମାସର ତୃତୀୟ ସପ୍ତାହ ଓ ଜାନୁଆରୀ ମାସର ଦ୍ୱିତୀୟ ସପ୍ତାହ ପର୍ଯ୍ୟନ୍ତ ଦିନ, ବାର, ତିଥିକୁ ଦେଖି ପାଳନ କରନ୍ତି। ବର୍ଷକୁ ଥରେ ନୂଆଁ ଫସଲକୁ ନିଜ ଅଧିଷ୍ଠାତ୍ରୀ ଦେବୀ ଓ ଦେବତାଙ୍କ ନିକଟରେ ପୂଜାର୍ଚ୍ଚନା କରିବା ସହ ଗୋମାତା ଙ୍କୁ ପୂଜାର୍ଚ୍ଚନା, ବନ୍ଧାପନା କରି ପ୍ରାୟ ତିନିଦିନ ପର୍ଯ୍ୟନ୍ତ ବହୁ ଆଡମ୍ବରରେ ନିଜ ନିଜ ସମ୍ପର୍କୀୟଙ୍କ ସହ ମିଶି ଅଧିବାସୀମାନେ ପାଳନ କରନ୍ତି। ତିନିଦିନ ପର୍ଯ୍ୟନ୍ତ କୌଣସି କାମ ନ କରିବା ସହ ବିଭିନ୍ନ ସ୍ଥାନରେ ରହି କାମ କରୁଥିବା ତଥା ଆନ୍ଧ୍ର, ତେଲେଙ୍ଗାନା, କେରଳ, ତ୍ରିପୁରାରୁ ଦାଦନ ଲୋକମାନେ ମଧ ଘରକୁ ଆସି ପରିବାର ଲୋକଙ୍କ ସହ ଦିଆଳି ପର୍ବ ମନାନ୍ତି। ଏହି ଦିଆଳି ପର୍ବ ଆଦି ଅନ୍ତ କାଳରୁ ଅଧିବାସୀଙ୍କ ମୁଖ୍ୟ ପର୍ବ ରୂପେ ପାଳିତ ହୋଇଅସୁଛି। ଏହି ପର୍ବର ଦ୍ୱିତୀୟ ଦିନରେ ବିଭିନ୍ନ ରଙ୍ଗ ବେରଙ୍ଗ ସାଜସଜ୍ଜା ହୋଇ ପ୍ରତ୍ୟେକ ଘର ଘର ବୁଲି ପାରମ୍ପରିକ ଗୀତ, ନାଚ କରି ଚାଉଳ, ଧାନ, ଟଙ୍କା, ପରିବା ଚେର୍ଚେରା ମାଗି ଥାନ୍ତି। ଏହି ଦିଆଳି ପର୍ବଟି ପାଳନ ଅବସରରେ ସ୍ଥାନୀୟ କାର୍ଯ୍ୟକ୍ରମ ସବୁ ବନ୍ଦ ରହିଥାଏ। ଦିନକୁ ଦିନ ଆଧୁନିକତାର ବଶବର୍ତ୍ତୀ ସହ ଶିକ୍ଷିତ ହେବା ଯୋଗୁଁ ପୂର୍ବଭଳି ଆଉ ଏତେ ନାଚ, ଗୀତ, ପଟୁଆର କମିବାରେ ଲାଗିଛି। ତେଣୁ ଏହାକୁ ବଞ୍ଚେଇ ରଖିବା ପାଇଁ କିଛି ଅଧିବାସୀ ସମାଜସେବୀ, ନେତାମାନେ ବିଭିନ୍ନ ସଂଗଠନ ଗଠନ କରି ବର୍ତ୍ତମାନ ଚେଷ୍ଟା ଚଳାଇବା ସହ ଏଭଳି ପାରମ୍ପରିକ ପର୍ବକୁ ଅନୁଷ୍ଠିତ କରୁଥିବା ଜଣାପଡିଛି।

‘ଚଇତି’ ଦ୍ୱିତୀୟ ସନ୍ଧ୍ୟା

# ନାଚିଲେ, ନଚାଇଲେ ରକ୍‌ଷ୍ଟାର ରୁକୁ ସୁନା







ରାୟଗଡ଼ା,୨୭।୧୨(ସମିସ): ଶନିବାର ‘ଚଇତି’ ମହୋତ୍ସବର ଦ୍ୱିତୀୟ ସଂଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମର ମୁଖ୍ୟ ଆର୍କଷଣ ଥିଲେ କଣ୍ଠଶିଳ୍ପୀ ରକଷ୍ଟାର ରୁକୁ ସୁନା। ତାଙ୍କର ସମ୍ବଲପୁରୀ ଓ ଆଧୁନିକ ଗୀତ ପରିବେଷଣରେ ନାଚି ଝୁମିଲେ ଦର୍ଶକ। ପ୍ରଥମ ଥର ଚଇତି ମହାମଞ୍ଚରେ ରୁକୁ ସୁନା ଗୀତ ପରିବେଷଣ କରି ସମସ୍ତ ବର୍ଗର ସଂଗୀତ ପ୍ରେମୀଙ୍କୁ ଭରପୁର ନଚାଇଥିଲେ। ଶନିବାର ଚଇତି ମଞ୍ଚରେ ଜିଲ୍ଲା ସଂସ୍କୃତି ପରିଷଦ ଅଧ୍ୟକ୍ଷ ତଥା ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ସଭାପତିତ୍ୱରେ ଆୟୋଜିତ ଦ୍ୱିତୀୟ ସଂଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟସଭା ସାଂସଦ ସୁଜିତ କୁମାର ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁଶ୍ରୀ ସରସ୍ୱତୀ ମାଝି, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସନ୍ତୋଷ ସୁନାଙ୍କ ସମେତ ଜିଲ୍ଲାର ୧୧ଗୋଟି ବ୍ଲକ୍‌ର ପଞ୍ଚାୟତ ସମିତି ଅଧ୍ୟକ୍ଷ ଅଧ୍ୟକ୍ଷାମାନେ ଏବଂ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ ଯୋଗ ଦେଇଥିଲେ। ସଂଧ୍ୟାରେ ଅଧିଷ୍ଠାତ୍ରୀ ଦେବୀ ମା’

## ଢେମସା ଓ ସମ୍ବଲପୁରୀ ନୃତ୍ୟରେ ଦର୍ଶକ ବିଭୋର

ମଝିଘରିଆଣୀ ଓ ଚତୁର୍ଦ୍ଧାମୂର୍ତ୍ତିଙ୍କ ଠାରେ ଦୀପ ପ୍ରଜ୍ୱଳନ ପୂର୍ବକ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା ବେଳେ ମ୍ୟୁଜିକ୍ ଗ୍ୟାଲେକ୍ସି ଅନୁଷ୍ଠାନ ପକ୍ଷରୁ ବନ୍ଦେ ଉତ୍କଳ ଜନନୀ ସଂଗୀତ ଗାନ କରାଯାଇଥିଲା। ଜିଲ୍ଲା ପରିଷଦ ସିଡିଓ ଶ୍ରୀ ଖେମୁଣ୍ଡୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଜିଲ୍ଲାର କଳା, ସଂସ୍କୃତି,ପରମ୍ପରା ଓ ସ୍ଥାପତ୍ୟକୁ ନେଇ ରାଜ୍ୟ ତଥା ଜାତୀୟ ଓ ଆର୍ନ୍ତଜାତୀୟ ସ୍ତରରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିବା ଆଦିବାସୀ ବହୁଳ ରାୟଗଡ଼ା ଜିଲ୍ଲାର ଲୋକ ମହୋତ୍ସବ “ଚଇତି ଓ ପଲ୍ଲିଶ୍ରୀ ମେଳା’ ସବୁକ୍ଷେତ୍ରରେ ଜିଲ୍ଲାର ବିକାଶର କଥା କହୁଛି ବୋଲି ମୁଖ୍ୟଅତିଥି ରାଜ୍ୟସଭା ସାଂସଦ ସୁଜିତ କୁମାର ନିଜ ଅଭିଭାଷଣରେ କହିଥିଲେ। ପରେ ଜିଲ୍ଲାର ୭ଜଣ ପ୍ରତିଭାମାନ ବ୍ୟକ୍ତିବିଶେଷଙ୍କୁ ଚଇତି ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଦ୍ୱିତୀୟ ସଂଧ୍ୟାର ସମସ୍ତ ଅତିଥିଙ୍କୁ ଜିଲ୍ଲା ସଂସ୍କୃତି ପରିଷଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଚଇତି ମଞ୍ଚରେ ଗୁଣପୁର ପୌର ପାଳିକାର ସସ୍ମିତା ପଣ୍ଡା ଏବଂ ଟିମଙ୍କ ଦ୍ୱାରା ଓଡିଶୀ ନୃତ୍ୟ ପରିବେଷଣ କରାଯାଇଥିବା ବେଳେ ସୋନପୁର ଜିଲ୍ଲା ସଂସ୍କୃତି ପରିଷଦ ଦ୍ୱାରା ପାନେରୀ, କୋଟପାଡର ସାଗର ନୃତ୍ୟ ଅନୁଷ୍ଠାନର ଢେମସା ନୃତ୍ୟ, ନବରଙ୍ଗପୁର ଡିସିସ ଦ୍ୱାରା ମାଦିଆ ଢେମସା, ରାୟଗଡ଼ା ଜିଲ୍ଲା ଗୁଡାରୀ ବ୍ଲକ କଳା ସାଂସ୍କୃତିକ ସଂଘ ଦ୍ୱାରା ଢେମସା, କାଶିପୁର ବିକେଏସଏସ ଦ୍ୱାରା ଆଦିବାସୀ ଢେମସା ନୃତ୍ୟ, ରାୟଗଡ଼ା ପୌରପାଳିକାର ପିଡିସି ନୃତ୍ୟ ଗ୍ରୁପ ଦ୍ୱାରା ସାଇଲୋଡି ନୃତ୍ୟ ଓ ରାଜୁ ଡ୍ୟାନ୍ସ ଗ୍ରୁପ ଦ୍ୱାରା ଢେମସା ନୃତ୍ୟ ପରିବେଷଣ କରାଯାଇଥିଲା। ଜେକେପୁର ନୃତ୍ୟ ସଦନ ଦ୍ୱାରା ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଇଥିଲା। ପରେ ରକଷ୍ଟାର ରୁକୁ ସୁନା ନିଜ ଗୀତରେ ନିଜେ ନାଚିବା ସହ ଉପସ୍ଥିତ ଦର୍ଶକ ତଥା ଯୁବ



ଶ୍ରୋତାଗଣଙ୍କୁ ନଚାଇଥିଲେ। ଚଇତି ମହୋତ୍ସବରେ ଆଇନ ଶୃଙ୍ଖଳା ବଜାୟ ରଖିବା ପାଇଁ ଜିଲ୍ଲା ପୋଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି ।

## ସଡ଼କ ଦୁର୍ଘଟଣାରେ ନାବାଳକ ମୃତ

ରାୟଗଡ଼ା,୨୭।୧୨(ସମିସ): ରାୟଗଡ଼ା ଜିଲ୍ଲା ସଦର ବ୍ଲକ୍ ଅନ୍ତର୍ଗତ ୩୨୬ ନଂ ଜାତୀୟ ରାଜପଥର ଗୁମ୍ମା ଘାଟିରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ନାବାଳକର ମୃତ୍ୟୁ ହୋଇଛି। ଗତକାଲି ରାୟଗଡା ଗୌତମ ନଗର ଅଞ୍ଚଳର ସୀମାଞ୍ଚଳ ନାପାଡୁଙ୍କ ପରିବାର ରାୟଗଡାରୁ କାଶିପୁର ଯାଉଥିଲେ। ଗୁମ୍ମା ଘାଟିରେ ପରିବାର ସହ ଫୋଟ ଉଠାଇବା୍ ବେଳେ ଏକ ଅଜଣା ଗାଡି ଧକାରେ ନାବାଳକ ପୁଅ ନାପାଡୁ ଅରୁଣ ୭ ବର୍ଷ ଗୁରୁତର ହୋଇଥିଲେ। ତାଙ୍କୁ ତୁରନ୍ତ ପରିବାର ଲୋକ ରାୟଗଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ସ୍ୱାସ୍ଥ୍ୟବସ୍ଥା୍ ଗୁରୁତର ହେବାରୁ ତାଙ୍କୁ ବିଶାଖାପାଟଣା ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ବିଶାଖାପାଟଣା ପହଁଚିବା ପୂର୍ବରୁ ଅରୁଣର ମୃତ୍ୟ ହୋଇଯାଇଥିଲା। ଏନେଇ ରାୟଗଡା ଥାନାରେ ପରିବାର ତରଫରୁ ଏତାଲା ଦିଆହୋଇଛି।ଖବରପାଇଆଜିକୁମ୍ଭିକୋଟା ଫାଣ୍ଡି ପୁଲିସ ମୃତ୍ୟଦେହକୁ ଜବତ କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଶବ ବ୍ୟବଚ୍ଛେଦ କରିବା ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ପୁଲିସ ସିସିଟିଭି ସହାୟତାରେ ଯାଞ୍ଚ କରୁଥିବା ଜଣାପଡିଛି। ପରିବାରବର୍ଗ ଦୁର୍ଘଟଣା ଘଟାଇବାଥିବା କାରଟି ଧଳାରଙ୍ଗର ଓ ଦୁର୍ଘଟଣା ସ୍ଥଳରୁ କାରଟି ଦୃତ ବେଗରେ ଚାଲିଯାଇଥିବା ପ୍ରକାଶ କରିଛନ୍ତି ।

● ବୃଦ୍ଧାଙ୍କୁ ମାରଣାସ୍ତ୍ର ଦେଖାଇ ଲୁଟ୍

## ଘରୁ ଲୁଟିନେଲେ ସୁନା, ରୁପା, ଟଙ୍କା

ରାୟଗଡ଼ା,୨୭।୧୨(ସମିସ): ଗତ କିଛି ଦିନର ବ୍ୟବଧାନ ପରେ ପୁଣି ରାୟଗଡା ସହରରେ ଚୋରି, ଡକାୟତି ମାମଲା ସାମ୍ନାକୁ ଆସୁଛି। ଶୁକ୍ରବାର ବିଳମ୍ବିତ ରାତିରେ ଜଣେ ବୃଦ୍ଧା ଘରେ ଏକା ଥିବା ବେଳେ ତାଙ୍କୁ କଟୁରୀ ଭଳି ମରଣାସ୍ତ୍ର ଦେଖାଇ ଜୀବନରେ ମାରିଦେବାର ଭୟ ଦେଖାଇ ଚୋରି କରିଥିବା ଜଣାପଡ଼ିଛି। ରାୟଗଡ଼ା ସହରର ସାଇଲକ୍ଷ୍ମୀ ନଗରର ପି. ବାସୁଙ୍କ ଘରେ ଶୁକ୍ରବାର ବିଳମ୍ବିତ ରାତିରେ ଡକାୟତି ଭଳି କାଣ୍ଡ ଭିଆଇଛନ୍ତି କିଛି ଦୁର୍ବୃତ୍ତ। ଏନେଇ ବାସୁଙ୍କ ସୂଚନା ଅନୁଯାୟୀ, ସେ ଏକ ଟ୍ରକ ମରାମତି ପାଇଁ ଜେକେପୁର ଯାଇଥିଲେ।ହେଲେ ରାତି ଅଧିକ ହେବାରୁ ସେଠାରେ ରହିଯାଇଥିବା ବେଳେ ତାଙ୍କ ଅନ୍ୟ ଏକ ଭାଇ ଟ୍ରକ ରଖି ବିଶାଖାପାଟଣା ଚାଲିଯାଇଛନ୍ତି। ଘରେ ତାଙ୍କ ମାଆ ଏକା ଶୋଇଥିଲେ। ରାତି ପ୍ରାୟ ୨ଟା ସମୟରେ କିଛି ଦୁର୍ବୃତ ଘର କବାଟ ଭାଙ୍ଗି ଭିତରେ ପଶି ବାସୁଙ୍କ ମାଆଙ୍କୁ ଭୟଭୀତ କରି ଘରୁ ସମସ୍ତ ସୁନାଗହଣା ଓ ଟଙ୍କା ଲୁଟି ନେଇଛନ୍ତି। ବାସୁଙ୍କ ସୂଚନା ଅନୁସାରେ ପ୍ରାୟ ୩ ଭରି ସୁନା ଓ ୭୦ ହଜାର ଟଙ୍କା ଲୁଟି ନେଇଛନ୍ତି ଦୁର୍ବୃତ୍ତ। ଏନେଇ ବାସୁ ଶନିବାର ସକାଳେ ଘରେ ପହଞ୍ଚିବା ପରେ ଚାନ୍ଦିଲି ଥାନାକୁ ସୂଚନା ଦେଇଥିଲେ। ସୂଚନା ପାଇ ଚାନ୍ଦିଲି ଆଇଆଇସି ଉତମ କୁମାର ସାହୁ, ଏସଡିପିଓ ଗୌରହରି ସାହୁ ଓ ପୁଲିସ ଡଗ୍ ସ୍କାଡ ଟିମ୍ ପହଞ୍ଚି ତଦନ୍ତ କରିଥିଲେ। ତଦନ୍ତ ବେଳେ ଦୁର୍ବୃତ୍ତ ଚୋରି ପରେ ରେଳ ଲାଇନ୍ କଡ଼ରେ ଥିବା କାନ୍ଥ ଡେଇଁ ପଳାଇଥିବା ଜଣାପଡ଼ିଛି। ଏନେଇ ପୁଲିସ ଅଧିକା ତଦନ୍ତ ଜାରି ରଖିଥିବା ଚାନ୍ଦିଲି ଆଇଆଇସି ଶ୍ରୀ ସାହୁ ସୂଚନା ଦେଇଛନ୍ତି।

● ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲା

## ଜେଲ୍ ଗଲେ କୋଟିପତି କନିଷ୍ଠ ଯନ୍ତ୍ରୀ

ଜୟପୁର,୨୭ ।୧୨(ସମିସ): କୋରାପୁଟ ଜିଲ୍ଲା ଜୟପୁରସ୍ଥିତ ଭିଜିଲାନ୍ସ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଗତକାଲି ଭିଜିଲାନ୍ସ ବିଭାଗର ୪ଟି ଦଳ ଆୟବର୍ହିଭୁôତ ସମ୍ପତ୍ତି ଠୁଳ କରିଥିବା ଅଭିଯୋଗରେ ମାଲାକାନିଗିରି ଜିଲ୍ଲା ସଦର ବ୍ଲକରେ କାର୍ଯ୍ୟରତ କନିଷ୍ଠ ଯନ୍ତ୍ରୀ ନିହାର ରଞ୍ଜନ ସରକାରଙ୍କୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଛନ୍ତି। ତାଙ୍କ ଓକିଲ ପକ୍ଷରୁ କରାଯାଇଥିବା ଜାମିନ ଆବେଦନର ଶୁଣାଣିକୁ କୋର୍ଟ ଆସନ୍ତା ୯ ତାରିଖକୁ ଧାର୍ଯ୍ୟ କରିବା ପରେ ଅଭିଯୁକ୍ତଙ୍କୁ ଜେଲ ହାଜତକୁ ପଠାଯାଇଛି। ଜୟପୁର ଭିଜିଲାନ୍ସ ଏସ୍‌ପି ରବିନ୍ଦ୍ର କୁମାର ପଣ୍ଡା ନିର୍ଦ୍ଦେଶକ୍ରମେ ବିଭାଗର ଡିଏସ୍‌ପି ସଦାନନ୍ଦ ପାଣି, ଜୟଶ୍ରୀ ପ୍ରଧାନ, ସୂର୍ଯ୍ୟକାନ୍ତି ଟାକ୍ରୀ ଏବଂ ଇନ୍ସପେକ୍ଟର ସାବିତ୍ରୀ ପ୍ରଧାନଙ୍କୁ ନେଇ ଗଠିତ ୪ଟି ଦଳ ଅଭିଯୁକ୍ତଙ୍କ ନିଜ ଘର ମାଲାକାନଗିରି ସହର , ଏମଭି-୧୦, ନବରଙ୍ଗପୁର ଜିଲ୍ଲା ରାଇଘର ଶଶୁର ଘର, ଅଫିସ କାର୍ଯ୍ୟାଳୟ ଉପରେ ଏକ କାଳୀନ ଚଢ଼ଉ କରାଯାଇଥିଲା। ଏଥିରେ ମାଲାକାନଗିରି ଜିଲ୍ଲାରେ ୨ କୋଟି ଟଙ୍କାର ୨ ମହଲା କୋଠା, ୬ଟି ନାମିଦାମୀ ପ୍ଲଟ, ୨୫ ଲକ୍ଷ ଟଙ୍କାର ବିଭିନ୍ନ ବ୍ୟାଙ୍କ ଜମାଖାତା। ଏହିପରି ଭିଜିଲାନ୍ସର ମୂଲ୍ୟାୟନ ବେଳେ ତାଙ୍କ ଚାକିରି କ୍ଷେତ୍ରରେ ଯେତେ ଟଙ୍କା ଆୟ କରିବା ଠାରୁ ୪୪୪ ପ୍ରତିଶତ ଅଧିକ ଅଧିକ ବେଆଇନ ସମ୍ପତ୍ତି ଠୁଳ କରିଥିଲେ ବୋଲି ଭିଜିଲାନ୍ସ ଏସ୍‌ପି ଶ୍ରୀ ପଣ୍ଡା ପ୍ରକାଶ କରିଛନ୍ତି। ଏନେଇ ଭିଜିଲାନ୍ସ ବିଭାଗ ପକ୍ଷରୁ ବେଆଇନ ଆୟବର୍ହିଭୁତ ସମ୍ପତି ଠୁଳ ନେଇ ଏକ ମାମଲା (୪୦/୨୫) ରୁଜୁ ହୋଇଛି।

● ରାଜ୍ୟ ଯୁବ ମହୋତ୍ସବ

## ଲୋକନୃତ୍ୟରେ ରାୟଗଡ଼ା ଚାମ୍ପିଅନ

ରାୟଗଡା,୨୭।୧୨(ସମିସ): ଭୁବନେଶ୍ୱର ସ୍ଥିତ କଳିଙ୍ଗ ଷ୍ଟାଡିୟମଠାରେ ଓଡ଼ିଶାର ଯୁବପିଢ଼ିଙ୍କ ପ୍ରତିଭା ଓ ଉତ୍ସାହର ପ୍ରତୀକ ସାଜିଥିବା ‘ରାଜ୍ୟ ଯୁବ ମହୋତ୍ସବ-୨୦୨୫’ରେ ଅନୁଷ୍ଠିତ ହୋଇଥିବା ଲୋକନୃତ୍ୟରେ ରାୟଗଡ଼ାର ଯୁବ ଟିମ୍ ଚାମ୍ପିଅନ୍ ହେବା ସହ ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ଗତ ୨୪ ଡିସେମ୍ବରରୁ ଆରମ୍ଭ ହୋଇଥିବା ଏହି ତିନି ଦିନିଆ ମହୋତ୍ସବରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ଆସିଥିବା ଯୁବ ପ୍ରତିଭାମାନେ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ରାଜ୍ୟ ଯୁବ ମହୋତ୍ସବର ବିଜୟୀ ପ୍ରତିଭାମାନେ ଆଗାମୀ ଦିନରେ



ନୂଆଦିଲ୍ଲୀରେ ଅନୁଷ୍ଠିତ ହେବାକୁ ଥିବା “ବିକଶିତ ଭାରତ ଯୁବ ନେତୃତ୍ୱ ସଂଳାପ’ ରେ ଓଡ଼ିଶାର ପ୍ରତିନିଧିତ୍ୱ କରିବେ। ଉଦ୍‌ଯାପନୀ ସମାରୋହରେ ପର୍ଯ୍ୟଟନ ବିଭାଗର କମିଶନର-ତଥା-ଶାସନ ସଚିବ ବଲୱନ୍ତ ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ଆଜିର ଯୁବପିଢ଼ି ହିଁ ଆଗାମୀ କାଲିର ଭବିଷ୍ୟତ। ଯୁବପିଢ଼ି ହେଉଛନ୍ତି ବିକଶିତ ଓଡ଼ିଶାର ମୂଳଦୁଆ। ରାଜ୍ୟ ଯୁବ ମହୋତ୍ସବର କୃତୀ ପ୍ରତିଭାମାନେ ନିଶ୍ଚିତ ରୂପେ ଜାତୀୟ ସ୍ତରରେ ଓଡ଼ିଶା ପାଇଁ ଗର୍ବ ଓ ଗୌରବ ଅର୍ଜନ କରିବେ ବୋଲି ମୁଁ ଆଶା କରୁଛି। ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକ କାଳୀ ପ୍ରସନ୍ନ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଯୁବକମାନଙ୍କ ମଧ୍ୟରେ ଥିବା ପ୍ରତିଭାକୁ ଲୋକଲୋଚନକୁ ଆଣିବାରେ ରାଜ୍ୟ ଯୁବ ମହୋତ୍ସବ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି ବୋଲି ମତପ୍ରକାଶ କରିଥିଲେ। ଆଜିର ଉଦଯାପନୀ ସମାରୋହରେ କ୍ରୀଡ଼ା ଓ ଯୁବସେବା ବିଭାଗର କମିଶନର-ତଥା-ଶାସନ ସଚିବ ସଚିନ ରାମଚନ୍ଦ୍ର ଯାଦବ, କ୍ରୀଡ଼ା ନିର୍ଦ୍ଦେଶକ ଡ଼ା. ୟେଦୁଲା ବିଜୟ, ଅତିରିକ୍ତ ଶାସନ ସଚିବ ବିଜୟ କୁମାର ସ୍ୱାଇଁ ଏବଂ ଅଶୋକ କୁମାର ପଣ୍ଡାଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ରାଜ୍ୟ ଯୁବ ମହୋତ୍ସବରେ ଆୟୋଜିତ ହୋଇଥିବା ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କୃତ କରିଥିଲେ।

## ଚଇତି ଫୁଡ ଷ୍ଟଲରେ ପୌର ପ୍ରଶାସନର ଚଢ଼ଉ

ରାୟଗଡ଼ା,୨୭।୧୨(ସମିସ): ରାୟଗଡା ଜିଲ୍ଲା ସଦର ମହାକୁମାର ସ୍ଥାନୀୟ ଜିସିଡ଼ି ହାଇସ୍କୁଲ ପଡିଆରେ ଅନୁଷ୍ଠିତ ହେଉଥିବା ଜିଲ୍ଲାସ୍ତରୀୟ ଲୋକ ମହୋତ୍ସବ ‘ଚଇତି-୨୦୨୫’ ଅବସରରେ ଜନସାଧାରଣଙ୍କ ସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି ରାୟଗଡ଼ା ପୌରପାଳିକା ପକ୍ଷରୁ ଏକ ବିଶେଷ ଏନ୍‌ଫୋର୍ସମେଣ୍ଟ ଡ୍ରାଇଭ୍ ବା ଯାଞ୍ଚ ଅଭିଯାନ ଅନୁଷ୍ଠିତ




ହୋଇଯାଇଛି। ମହୋତ୍ସବ ପଡ଼ିଆରେ ଥିବା ବିଭିନ୍ନ ଖାଦ୍ୟ ଷ୍ଟଲଗୁଡ଼ିକରେ ଖାଦ୍ୟର ଗୁଣବତ୍ତା ଏବଂ ସ୍ୱଚ୍ଛତା ପରଖିବା ପାଇଁ ପୌରପାଳିକାର ଏକ ସ୍ୱତନ୍ତ୍ର ଟିମ୍ ଆଜି ଚଢ଼ାଉ କରିଥିଲେ। ରାୟଗଡ଼ା ପୌରପାଳିକାର କାର୍ଯ୍ୟ ନିର୍ବାହୀ ଅଧିକାରୀ କୁଳଦୀପ କୁମାର ଏବଂ ଖାଦ୍ୟ ନିରୀକ୍ଷକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଯାଞ୍ଚ କରାଯାଇଥିଲା। ଏହି ଅଭିଯାନ ସମୟରେ ବିଭିନ୍ନ ଷ୍ଟଲରେ ବିକ୍ରି ହେଉଥିବା ଖାଦ୍ୟର ମାନ, ବ୍ୟବହୃତ ହେଉଥିବା ତେଲ, ପାନୀୟ ଜଳ ଏବଂ ପରିବେଶର ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଜନସାଧାରଣ ସ୍ୱଚ୍ଛ ସ୍ଥାନରୁ ଖାଦ୍ୟ ଗ୍ରହଣ କରିବାକୁ ପୌରପାଳିକା ପକ୍ଷରୁ ନିବେଦନ କରାଯାଇଥିଲା।

## ଜିଲ୍ଲାରେ ୩୧ ସରକାରୀ ଆଇନଜୀବୀ ନିଯୁକ୍ତ

ରାୟଗଡ଼ା,୨୭।୧୨(ସମିସ): ରାୟଗଡ଼ା ଜିଲ୍ଲାର ବିଭିନ୍ନ କୋର୍ଟରେ ବଦଳିଲେ ସରକାରୀ ଆଇନଜୀବୀ। ୩୧ଜଣ ଆଇନଜୀବୀ ବିଭିନ୍ନ କୋର୍ଟରେ ନୂତନ ଭାବେ ସରକାରୀ ଆଇନଜୀବୀ ଭାବେ ଦାୟିତ୍ୱ ପାଇଛନ୍ତି। ବରିଷ୍ଠ ଆଇନଜୀବୀ ପଦ୍ମନାଭ ଦାସ ସରକାରୀ ପ୍ଲିଡର(ଜିପି) ଭାବେ ନିଯୁକ୍ତି ପାଇଥିବାବେଳେ ଦୁଇ ଜଣ ଏଜିପି ଭାବେ ନିଯୁକ୍ତି ପାଇଛନ୍ତି। ସେହିଭଳି ଜିଲ୍ଲା ଦୌରାଜଜ୍‌ଙ୍କ କୋର୍ଟରେ ସ୍ୱତନ୍ତ୍ର ପିପି ଭାବେ କିଶୋର କୁମାର ସାହୁ ଏବଂ ହରେନ୍ଦ୍ର ନାଥ ଚନ୍ଦନ ଦାୟିତ୍ୱ ପାଇଛନ୍ତି । ସେହିଭଳି ଅତିରିକ୍ତ ଜିଲ୍ଲା ଜଜ୍‌ଙ୍କ କୋର୍ଟରେ ରଜତ ରଞ୍ଜନ ଖଟୁଆ, ସତ୍ୟନାରାୟଣ ପ୍ରଧାନ, ରାମପ୍ରସାଦ ପାତ୍ର, ବିରଜା ପ୍ରସାଦ ପାତ୍ର, ସୁରେନ୍ଦ୍ର କୁମାର ଶର୍ମା, ସିଜେଏମ୍ କୋର୍ଟରେ ସୀତାରାମ ପଣ୍ଡା, ସିଏଚ୍ ଗିରିଭାସା ରାଓ, ସିଭିଲ କୋର୍ଟ, ରେଜିଷ୍ଟ୍ରାରରେ ଅତିରିକ୍ତ ପିପି ଭାବେ ରବି ପ୍ରସାଦ ମହାପାତ୍ରଙ୍କ ସମେତ ମହିଳା କୋର୍ଟରେ ଦେବରାଜ ନାୟକ ଓ ଜି. ଅରୁଣାଙ୍କୁ ନିଯୁକ୍ତି ମିଳିଛି। ସେହିପରି ବିଷମକଟକ ଏଡିଜେ କୋର୍ଟରେ ଜଣେ ଏଜିପି ଭାବେ କୃଷ୍ଣ ଚନ୍ଦ୍ର ସାହୁ ନିଯୁକ୍ତି ପାଇଥିବାବେଳେ ଅନ୍ୟ ତିନିଜଣ ସରକାରୀ ଆଇନଜୀବୀ ଭାବେ ନିଯୁକ୍ତି ପାଇଛନ୍ତି।

## ବାଇକ୍ ଧକ୍କାରେ ଜଣେ ଗୁରୁତର

ଡାବୁଗାଁ,୨୭।୧୨(ସମିସ): ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ୍ ଅଧୀନ ମଝିଗୁଡ଼ା ଛକ ନିକଟରେ ଶନିବାର ବାଇକ୍ ଧକ୍କାରେ ଜଣେ ଗୁରୁତର ହୋଇଛି। ମାଝିଗୁଡ଼ା ଗ୍ରାମର ମାନସାଏ ଭତ୍ରା (୩୫) ଘରକୁ ଚାଲି ଚାଲି ଯାଉଥିବାବେଳେ ପଛପଟୁ ଏକ ମୋଟର ସାଇକେଲ ତାଙ୍କୁ ଧକ୍କା ଦେଇଥିଲା। ଡାବୁଗାଁ ଥାନା ଏଏସଆଇ ଚନ୍ଦ୍ର ଶେଖର ହଜାରୀ ଦୁର୍ଘଟଣା ଘଟାଇଥିବା ବାଇକ୍‌କୁ ଜବତ କରି ତଦନ୍ତ ଚଳାଇଛନ୍ତି।

## ୧୫ ପିକ୍‌ନିକ୍ ସ୍ପଟ୍‌ରେ ପ୍ଲାଷ୍ଟିକ ବାରଣ

ରାୟଗଡା,୨୭।୧୨(ସମିସ): ଦିନକୁ ଦିନ ବିଭିନ୍ନ ପର୍ଯ୍ୟଟନ ସ୍ଥଳ ମାନଙ୍କରେ ପ୍ଲାଷ୍ଟିକର ବ୍ୟାପକ ବ୍ୟବହାର ଯୋଗୁଁ ପରିବେଶ ଉପରେ ପ୍ରଭାବ ପଡୁଥିବାରୁ ଓଡିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏବଂ ବନ୍ୟ, ପର୍ଯ୍ୟାବରଣ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ରାୟଗଡ଼ା ଜିଲ୍ଲାର ୧୫ଟି ପିକନିକ ସ୍ପଟ୍‌କୁ ପ୍ଲାଷ୍ଟିକ ମୁକ୍ତ ପିକନିକ ସ୍ଥଳ କରିବା ପାଇଁ ବିଜ୍ଞପ୍ତି ଜାରି କରିଛନ୍ତି। ରାୟଗଡ଼ା ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମଝିଘରିଆଣି ମନ୍ଦିର, ହାଲୁଆ, ବୈରାଗି ହାଲୁଆ ଜଳ ପ୍ରପାତ, ତଳ ଗୁମ୍ମା, ସାଙ୍କେଶ ମନ୍ଦିର, ଦୁର୍ଗାପାଡୁ ଜଳପ୍ରପାତ, ପ୍ରସିଦ୍ଧ ମିନାଝୋଲା ଶିବ ମନ୍ଦିର, ଚାଟିକଣା ଶିବ ମନ୍ଦିର, ପ୍ରସିଦ୍ଧ ଶୈବ ପିଠ ଦେବଗିରୀ, ଗଦଗଦା, କୂଳବନ୍ଧ ମନ୍ଦିର,ଟ୍ୟାଙ୍ଗିରି ଜଳପ୍ରପାତ,କେନ୍ଦୁଗୁଡା ଡ୍ୟାମ, ଚେରକୋଟା ଜଳପ୍ରପାତ ଓ ଆଲିଗୁଣା ଜଳପ୍ରପାତ ଅଞ୍ଚଳକୁ ପ୍ଲାଷ୍ଟିକ ମୁକ୍ତ କରିବା ପାଇଁ ବିଭାଗ ତରଫରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଭାଗ ତରଫରୁ ରାଜ୍ୟରେ ଆରମ୍ଭ ହୋଇଥିବା ପ୍ଲାଷ୍ଟିକ ମୁକ୍ତ ପିକନିକ୍ ସ୍ପଟ ଚ୍ୟାଲେଞ୍ଜ-୨୦୨୫ ନାମକ ଅଭିଯାନ ମାଧ୍ୟମରେ ସ୍ଥାନୀୟ ସ୍ୱୟଂସେବକ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ସ୍ୱୟଂ ସହାୟକ ଗୋଷ୍ଠୀ, ଇକୋ କ୍ଲବ, ସ୍ଥାନୀୟ ନିର୍ବାଚିତ ପ୍ରତିନିଧି ଓ ଗ୍ରାମ ପଞ୍ଚାୟତ ଦ୍ୱାରା ସେହି ଅଞ୍ଚଳମାନଙ୍କରେ ପ୍ଲାଷ୍ଟିକ ମୁକ୍ତ କରିବା ପାଇଁ ସଚେତନତା ସୃଷ୍ଟି କରାଯିବ ବୋଲି ବିଭାଗ ତରଫରୁ କୁହାଯାଇଛି।

## ଗୁଡାରୀ ସାମ୍ବାଦିକ ସଂଘର ବନ୍ଧୁମିଳନ

ଗୁଡାରୀ,୨୭।୧୨(ସମିସ): ପ୍ରତ୍ୟେକ ବର୍ଷ ଭଳି ଏହି ବର୍ଷ ଗୁଡାରୀ ସମ୍ବାଦିକ ସଂଘ ତରଫରୁ ଗତ ଶୁକ୍ରବାର ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗୁଡାରୀର ସମସ୍ତ ସାମ୍ବାଦିକ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମଟି କେନ୍ଦୁଗୁଡ଼ା ଡେମ୍ ପାଖରେ ଆୟୋଜନ କରାଯାଇଥିଲା। ସଭାପତି ପ୍ରମୋଦ ପତି ଆଗାମି ନୂତନ ବର୍ଷ ସମସ୍ତଙ୍କ ସହଯୋଗରେ ଆଗକୁ ବଢିବା ପାଇଁ ଉପସ୍ଥିତି ଥିବା ସାମ୍ବାଦିକଙ୍କୁ ଜଣାଇଥିଲେ। ଏଥିରେ ଦୀର୍ଘ ସମୟ ଧରି ସମସ୍ତ ବିଷୟକୁ ନେଇ ଆଲୋଚନା କରାଯିବା ସହ ନିଜର ନିଜର ବିତିଯାଇଥିବା ଅଭୁଲା ସ୍ମୃତିକୁ ସାମ୍ବାଦିକମାନେ ଉପସ୍ଥାପନ କରିଥିଲେ। ଶେଷରେ ଭୋଜନ ବ୍ୟବସ୍ଥା ସହ କାର୍ଯ୍ୟକ୍ରମ ଶେଷ କରାଯାଇଥିଲା। ପରିତାପରେ ବିଷୟ ରାୟଗଡ଼ା ଜିଲ୍ଲାର ପଦ୍ମପୁର ବ୍ଲକ୍‌ର



କେନ୍ଦୁଗୁଡ଼ା ଡେମ୍ ବଣ ଭୋଜି ପାଇଁ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଏହାର ପରିବେଶ ଉପରେ ପ୍ରଶାସନର ଦୃଷ୍ଟି ନଥିବା, ବଣଭୋଜି ପାଇଁ ଆସୁଥିବା ପର୍ଯ୍ୟଟକ ପାଇଁ ପାଣିର ବ୍ୟବସ୍ଥା ନଥିବା, ଭୋଜିଭାତ ପରେ ଆବର୍ଜନାକୁ ବାହାର କରାଯାଉ ନଥିବା, ଅଘଟଣକୁ ଏଡାଇବା ପାଇଁ ପର୍ଯ୍ୟଟକ ପାଇଁ ଏଠାରେ କୌଣସି ବ୍ୟବସ୍ଥା ନଥିବାକୁ ନେଇ ସାମ୍ବାଦିକଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏ ସମସ୍ତ ଉପରେ ପ୍ରଶାସନ ଦୃଷ୍ଟି ଦେବା ଆବଶ୍ୟକ ବୋଲି ସାଧାରଣରେ ମତ ପ୍ରକାଶ ପାଇଥିଲା।

୬୯ ତମ ଜାତୀୟ ବିଦ୍ୟାଳୟ କ୍ରୀଡ଼ା

## କବାଡି ରାଜ୍ୟ ଟିମ୍‌ରେ କୋରାପୁଟର ସୁରଜ୍ ପଣ୍ଡେଇ

ନନ୍ଦପୁର,୨୭।୧୨(ସମିସ): ୬୯ତମ ଜାତୀୟ ବିଦ୍ୟାଳୟ କ୍ରୀଡା ପ୍ରତିଯୋଗିତା ଅନ୍ତର୍ଗତ ୧୭ ବର୍ଷରୁ କମ ବର୍ଗର କବାଡି (ପୁରୁଷ) ପ୍ରତିଯୋଗିତା ଆସନ୍ତା ଜାନୁଆରୀ ୭ ତାରିଖରୁ ୧୧ ତାରିଖ ପର୍ଯ୍ୟନ୍ତ ତେଲେଙ୍ଗାନା ରାଜ୍ୟର ଏଡୁଲ୍ଲା ବୟ୍ୟାରାମଠାରେ ଆୟୋଜିତ ହେବାକୁ ଯାଉଛି। ଏହି ଜାତୀୟସ୍ତରୀୟ ପ୍ରତିଯୋଗିତା ପାଇଁ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ, ଭୁବନେଶ୍ୱର ଅଧୀନ ଶାରୀରିକ ଶିକ୍ଷା ସହାୟକ ନିର୍ଦ୍ଦେଶକଙ୍କ ତରଫରୁ ୧୪ ଜଣିଆ ରାଜ୍ୟ କବାଡି ଦଳ ଓ ପ୍ରତିନିଧି ମଣ୍ଡଳକୁ ଚୂଡ଼ାନ୍ତ କରାଯାଇଛି। ଏହି ତାଲିକାରେ ରାଜ୍ୟର ବିଭିନ୍ନ ବିଦ୍ୟାଳୟର



ପ୍ରତିଭାଶାଳୀ କ୍ରୀଡାବିତ୍‌ମାନଙ୍କ ସହ କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକ ଅନ୍ତର୍ଗତ ପାଡୁଆ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ର ସୁରଜ୍ ପଣ୍ଡେଇ ନିଜ ସ୍ଥାନ ସୁନିଶ୍ଚିତ କରିଛନ୍ତି। ୧୭ ବର୍ଷରୁ କମ ପୁରୁଷ ବର୍ଗ କବାଡି ଦଳରେ ଚୟନ ହେବା ସହ ସୁରଜ୍ ପଣ୍ଡେଇ ନନ୍ଦପୁର ବ୍ଲକ ଓ କୋରାପୁଟ ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି ବୋଲି କହିଛନ୍ତି ପଟାଙ୍ଗି ବିଧାୟକ ରାମ ଚନ୍ଦ୍ର କାଡ଼ାମ। ଏହି ସଫଳତା ପରେ ସେ ନିଜ କୋଚ୍ ତଥା ପାଡୁଆ ମାଧ୍ୟମିକ ଉଚ୍ଚ ବିଦ୍ୟାଳୟର ଖେଳ ଶିକ୍ଷକ ତଥା ନନ୍ଦପୁର ବ୍ଲକ ସ୍କୁଲ ଖେଳ ସମ୍ପାଦକ ଧନେଶ୍ୱର ବାଘ ଓ ପ୍ରଧାନ ଶିକ୍ଷୟିତ୍ରୀ ଗୌରୀ ମଣି ଦାସଙ୍କୁ ମଧ୍ୟ ଏହାର ଶ୍ରେୟ ଦେଇଛନ୍ତି। ତାଙ୍କ ନିରନ୍ତର ସହଯୋଗ ଓ ପ୍ରେରଣା ପାଇଁ ବିଧାୟକ ଆନ୍ତରିକ ଧନ୍ୟବାଦ ଜଣାଇଛନ୍ତି। ସୁରଜ୍‌ଙ୍କ ଏହି ଉପଲବ୍ôଧକୁ ନେଇ ନନ୍ଦପୁର ଅଞ୍ଚଳରେ ଖୁସିର ମାହୋଲ ରହିଛି ଓ ବିଭିନ୍ନ ମହଲରୁ ତାଙ୍କୁ ଅଭିନନ୍ଦନ ଜଣାଯାଉଛି।

ସକାଳ
THE SAKALA



**ମୁଦ୍ରା ବିନିମୟ ମୂଲ୍ୟ**

ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୯.୭୫ ● ପାଉଣ୍ଡ ୧୨୧.୩୨
- ୟୁରୋ ୧୦୫.୧୭ ● ୟେନ୍ ୦.୫୭

**ସୁନା, ରୁପା ଦର (ଟଙ୍କାରେ)**

୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୨୯,୪୫୦ (ଭୁବନେଶ୍ୱର)
- ରୁପା : ୨,୬୩,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୫,୦୪୧.୦୦
- ନିଫ୍ଟି ୨୬,୦୪୨.୦୦

**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦

# ଇତିହାସ ରଚିଲା ସୁନା, ରୁପା ଦର

## ୨୪ କ୍ୟାରେଟ୍ ସୁନା ୧.୪୨ ଲକ୍ଷ, ରୁପା ୨.୬୩ ଲକ୍ଷ ଟଙ୍କା

ନୂଆଦିଲ୍ଲୀ,୨୭।୧୨(ଏଜେନ୍ସି): ବିଶ୍ୱ ସ୍ତରରେ ଅନିଶ୍ଚିତତା ମଧ୍ୟରେ ଘରୋଇ ବଜାରରେ ସୁନା ଏବଂ ରୁପା ଦର ହୁ ହୁ ହୋଇ ବଢ଼ିବାରେ ଲାଗିଛି। ଚଳିତ ସପ୍ତାହର ଶେଷ ଦିନରେ ଉଭୟ ଧାତୁର ମୂଲ୍ୟ ଏକ ନୂତନ ରେକର୍ଡ ସ୍ତରରେ ପହଞ୍ଚି ଇତିହାସ ରଚିଛି। ଆଜି ଘରୋଇ ବଜାରରେ ଏମ୍‌ସିଏକ୍ସରେ ରୁପା ମୂଲ୍ୟ କିଲୋଗ୍ରାମ ପିଛା ୧୭,୦୦୦ ଟଙ୍କାରୁ ଅଧିକ ବୃଦ୍ଧି ପାଇଛି। ରାଜଧାନୀ ଭୁବନେଶ୍ୱରରେ ରୁପା କିଲୋଗ୍ରାମ ପିଛା ସର୍ବକାଳୀନ ରେକର୍ଡ ୨.୬୩ ଲକ୍ଷ ଟଙ୍କା ଛୁଇଁଛି। ଏହାଫଳରେ ରୁପା ବିଶ୍ୱର ଦ୍ୱିତୀୟ ସବୁଠାରୁ ମୂଲ୍ୟବାନ ସମ୍ପତ୍ତି ହେବା ରାସ୍ତାରେ ଆଗକୁ ବଢ଼ୁଛି। ଅପରପକ୍ଷେ ସୁନା ଦର ପ୍ରଥମ ଥର ୧୦ ଗ୍ରାମ ପିଛା ୧.୪୨ ଲକ୍ଷ ଟଙ୍କାରେ ପହଞ୍ଚିଛି।

ନୂଆଦିଲ୍ଲୀରେ ଶନିବାର ଦିନର କାରବାର ମଧ୍ୟରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧.୪୨ ଲକ୍ଷ ଟଙ୍କା ରହିଥିବାବେଳେ ୨୨ କ୍ୟାରେଟ୍‌ର ମୂଲ୍ୟ ୧.୩୦ ଲକ୍ଷ ଟଙ୍କାରେ ପହଞ୍ଚିଛି। ଏହାଛଡ଼ା ଭୁବନେଶ୍ୱରରେ ୧୦ ଗ୍ରାମ ପିଛା ସୁନା ମୂଲ୍ୟରେ ୧୧୦୦ ଟଙ୍କା ବୃଦ୍ଧି ହୋଇ ଏହା ୧,୨୯,୪୫୦ ଟଙ୍କାରେ ପହଞ୍ଚିଛି। ତେବେ ରୁପା ମୂଲ୍ୟ କିଲୋଗ୍ରାମ ପିଛା ଶୁକ୍ରବାର ତୁଳନାରେ



୧୪ ହଜାର ଟଙ୍କା ବୃଦ୍ଧି ଘଟି ୨,୬୩,୦୦୦ ଟଙ୍କାରେ ପହଞ୍ଚିଛି। ତେବେ ନୂଆଦିଲ୍ଲୀର ବଜାରରେ ରୁପା କିଲୋଗ୍ରାମ ପିଛା ପ୍ରଥମ କରି ୧.୦୫ ଲକ୍ଷ ଟଙ୍କା ସ୍ତର ଅତିକ୍ରମ କରିଛି। ହେଲେ ରୁପା ମୂଲ୍ୟରେ ଦୈନିକ ହେଉଥିବା ବୃଦ୍ଧି ସମ୍ପ୍ରତି ସମସ୍ତଙ୍କ ଚିନ୍ତା ବଢ଼ାଇଛି।

ରୁପାର ବଜାର ପୁଞ୍ଜି ୪.୪ ଟ୍ରିଲିୟନ ଡଲାରରେ ପହଞ୍ଚିଛି। ଏହା ନାମୀ କମ୍ପାନୀ ଏନ୍‌ଭିଡିଆର ବଜାର ମୂଲ୍ୟକୁ ଅତିକ୍ରମ କରିବାଠାରୁ ମାତ୍ର ୪.୫% ଦୂରରେ ଅଛି। ଯଦି ଏହା ଏନ୍‌ଭିଡିଆକୁ ଅତିକ୍ରମ କରେ, ତେବେ ଏହା ସୁନା ପରେ ବିଶ୍ୱର ଦ୍ୱିତୀୟ

**ରୁପା ଦିନକରେ ୧୭ ହଜାର ମହଙ୍ଗା**

ସର୍ବବୃହତ ସମ୍ପତ୍ତି ହୋଇଯିବ। ଶୁକ୍ରବାର କାରବାର ଶେଷ ବେଳକୁ ଏନ୍‌ଭିଡିଆର ବଜାର ପୁଞ୍ଜି ୪.୬୩୮ ଟ୍ରିଲିୟନ ଡଲାର ରହିଥିଲା, ଯାହା ଏହାକୁ ବିଶ୍ୱର ସବୁଠାରୁ ମୂଲ୍ୟବାନ କମ୍ପାନୀର ପରିଚୟ ଦେଉଛି। ରୁପା ଏହାର ୫୨ ସପ୍ତାହର ସର୍ବନିମ୍ନ ୨୭.୫୪୫ ଡଲାର ପ୍ରତି ଆଉନ୍ସଠାରୁ ପ୍ରାୟ ୧୯୦% ବୃଦ୍ଧି ପାଇଛି।

ବିଶେଷଜ୍ଞମାନେ ପୂର୍ବାନୁମାନ କରିଛନ୍ତି ଯେ ରୁପା ମୂଲ୍ୟ ସ୍ୱଳ୍ପରୁ ମଧ୍ୟମ ଅବଧିରେ ପ୍ରତି ଆଉନ୍ସ ୧୦୦ ଡଲାର ପର୍ଯ୍ୟନ୍ତ ପହଞ୍ଚିପାରେ। ବର୍ଦ୍ଧିତ ନିରାପଦ ଚାହିଦା, ବଢ଼ୁଥିବା ଶିଳ୍ପ ବ୍ୟବହାର ଏବଂ ନିରନ୍ତର ଯୋଗାଣରେ ଅଭାବ ରୂପା ମୂଲ୍ୟ ବୃଦ୍ଧିକୁ ବାଧ୍ୟ କରିଛି। ବିଶେଷଜ୍ଞମାନେ କହିଛନ୍ତି ଯେ ବିଶ୍ୱରେ ରୁପା ଉତ୍ପାଦନ ବର୍ତ୍ତମାନ ପ୍ରାୟ ୮୫୦ ନିୟୁତ ଆଉନ୍ସ ରହିଛି, ଯେତେବେଳେ କି ଚାହିଦା ପ୍ରାୟ ୧.୧୬ ବିଲିୟନ ଆଉନ୍ସ। ସଲିଡ୍-ଷ୍ଟେଟ୍ ବ୍ୟାଟେରୀ ବ୍ୟତୀତ, ବୈଦ୍ୟୁତିକ ଯାନବାହନ ଏବଂ ସୌରଶକ୍ତିରେ ମଧ୍ୟ ରୂପାର ଚାହିଦା ବୃଦ୍ଧି ପାଉଛି। ଆମେରିକା ଏବଂ ଭେନେଜୁଏଲା ମଧ୍ୟରେ ଉତ୍ତେଜନା ରୁପା ପାଇଁ ପାରମ୍ପରିକ କାରିବିଆନ୍ ପରିବହନ ମାର୍ଗକୁ ବାଧାପ୍ରାପ୍ତ କରିଛି, ଯାହା ବିଶ୍ୱର ସର୍ବବୃହତ ଯୋଗାଣକାରୀ ପେରୁରୁ ରୁପା ରପ୍ତାନିକୁ ପ୍ରଭାବିତ କରିଛି। ଫଳସ୍ୱରୂପ, ଆଗାମୀ ଦିନରେ ରୂପା ମୂଲ୍ୟ ଆହୁରି ବୃଦ୍ଧି ପାଇବା ନେଇ ଆଶଙ୍କା ବଢ଼ିଛି।

## ବିଆଇପିଏଫ୍ ପକ୍ଷରୁ ପ୍ରଫେସର୍ ଘନଶ୍ୟାମ ଦାଶ ଛାତ୍ରବୃତ୍ତି ବିଜେତା ସମ୍ମାନିତ



ଭୁବନେଶ୍ୱର, ୨୭।୧୨(ସମିସ): ବଂଶୀଧର ଏବଂ ଇଳା ପଣ୍ଡା ଫାଉଣ୍ଡେସନ୍ (ବିଆଇପିଏଫ୍) ପକ୍ଷରୁ ପ୍ରତିଷ୍ଠିତ ପ୍ରଫେସର ଘନଶ୍ୟାମ ଦାଶ ସ୍କୋଲାର୍ଶିପ ଫର୍ ହାଇୟର ଏଜୁକେସନ୍ ( ପିଜିଡିଏସ୍) ବିଜେତାଙ୍କୁ ସମ୍ମାନିତ କରାଯାଇଛି।

୨୦୨୫-୨୦୨୬ ଶିକ୍ଷାବର୍ଷରେ ୪ ଜଣ ଡାକ୍ତରୀ ପାଠ ପଢ଼ୁଥିବା ପ୍ରାପ୍ତକର୍ତ୍ତା ଅଛନ୍ତି, ଚୁମକି ଜେନା (ଏମ୍ସ ଭୁବନେଶ୍ୱର), ଅନ୍ନପୂର୍ଣ୍ଣା ଚକ୍ରବର୍ତ୍ତୀ (ଏସ. ସି. ବି. ମେଡିକାଲ କଲେଜ ଏବଂ ହସ୍ପିଟାଲ, କଟକ), ଜ୍ଞାନ ରଞ୍ଜନ ବେହେରା (ଶ୍ରୀ ଜଗନ୍ନାଥ ମେଡିକାଲ କଲେଜ ଏବଂ ହସ୍ପିଟାଲ, ପୁରୀ), ଧବଳେଶ୍ୱର ପୂଜାରୀ (ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଏବଂ ହସ୍ପିଟାଲ, କୋରାପୁଟ) ଏବଂ ନବଜ୍ୟୋତି ଗିରି, ଏନ୍ ଆଇ ଟି ରାଉରକେଲା, ଓଡିଶାରେ ବି. ଟେକ୍ କମ୍ପ୍ୟୁଟର ସାଇନ୍ସରେ ନାମ ଲେଖାଇଛନ୍ତି। ପ୍ରତିବର୍ଷ ଇଞ୍ଜିନିୟରିଂ, ମେଡିସିନ୍, ଷ୍ଟେମ୍ ଏବଂ ଲିବରଲ ଆର୍ଟରେ ବୃତ୍ତିଗତ ଡିଗ୍ରୀ ହାସଲ କରୁଥିବା ମେଧାବୀ ଛାତ୍ରମାନେ ଏହି ପ୍ରତିଷ୍ଠିତ ଛାତ୍ରବୃତ୍ତି ପାଇଥାନ୍ତି। ମନୋନୀତ ପ୍ରାର୍ଥୀମାନେ ପ୍ରତି ପ୍ରାପ୍ତକର୍ତ୍ତାଙ୍କ ପାଇଁ ୬ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ୪ ବର୍ଷର ପାଠ୍ୟକ୍ରମ ପାଇଁ ଶିକ୍ଷାଗତ ଫି ଏବଂ ଯୋଗ୍ୟ ଖର୍ଚ୍ଚର ୯୦% ପର୍ଯ୍ୟନ୍ତ ପାଇବେ। ଛାତ୍ରବୃତ୍ତି ବିଜେତାଙ୍କୁ ଅଭିନନ୍ଦନ ଜଣାଇ ଶୈଫାଳିକା ପଣ୍ଡା (ଟ୍ରଷ୍ଟି ଏବଂ ପ୍ରତିଷ୍ଠାତା ସିଇଓ, ବଂଶୀଧର ଏବଂ ଇଳା ପଣ୍ଡା ଫାଉଣ୍ଡେସନ) କହିଛନ୍ତି, ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ସମର୍ଥନ କରି, ଆମେ ଜାତୀୟ ଅଭିବୃଦ୍ଧି ପାଇଁ ସକ୍ଷମ ହେବା ପାଇଁ ସେମାନଙ୍କର ସମ୍ଭାବନାକୁ ଇନ୍ଧନ ଦେଉଛୁ।

**ଚୀନ୍‌ର ମ୍ୟାଗଲେଭ୍ ଟ୍ରେନ୍ ରଚିଲା ବିଶ୍ୱ ରେକର୍ଡ**

## ଦୁଇ ସେକେଣ୍ଡରେ ଘଣ୍ଟା ପ୍ରତି ବେଗ ୭୦୦ କିମି

ବେଜିଂ,୨୭।୧୨(ଏଜେନ୍ସି): ନବନ୍ମେଷରେ ସର୍ବଦା ଆଗରେ ଥିବା ଚୀନ୍ ଏବେ ଏକ ଦ୍ରୁତଗାମୀ ଟ୍ରେନ ବାହାର କରି ଇତିହାସ ରଚିଛି। ଡ୍ରାଗନ୍ ଏକ ମ୍ୟାଗଲେଭ୍ ଟ୍ରେନ୍ ଆଣିଛି ଯାହାର ଘଣ୍ଟା ପ୍ରତି ବେଗ ୭୦୦ କିମି (୪୩୫ମାଇଲ ପ୍ରତି ଘଣ୍ଟା)ରହିଛି। ଏହା କରି ଚୀନ୍ ଏକ ବିଶ୍ୱ ରେକର୍ଡ ପ୍ରତିଷ୍ଠା କରିଛି। ନ୍ୟାସନାଲ ୟୁନିଭରସିଟି ଅଫ୍ ଡିଫେନ୍ସ ଟେକ୍ନୋଲୋଜିର ଗବେଷକମାନେ ଏହି ସଫଳତା ହାସଲ କରିଛନ୍ତି। ଏହି ପରୀକ୍ଷଣ ଏକ ନୂତନ ବିଶ୍ୱ ରେକର୍ଡ ମଧ୍ୟ ସ୍ଥାପନ କରିଛି, ଏହାକୁ ଆଜି ପର୍ଯ୍ୟନ୍ତ ବିଶ୍ୱର ସବୁଠାରୁ ଦ୍ରୁତତମ



ସୁପରକଣ୍ଡକ୍ଟିଂ ଇଲେକ୍ଟ୍ରିକ୍ ମ୍ୟାଗଲେଭ ହୋଇଛି। ଏହାକୁ ଚୀନର ଇଲେକ୍ଟ୍ରୋ ମ୍ୟାଗ୍ନେଟିକ୍ ତ୍ୱରାନ୍ୱିତ ପ୍ରଯୁକ୍ତିବିଦ୍ୟାରେ ଏକ ପ୍ରମୁଖ ଅଗ୍ରଗତି ଭାବରେ ମଧ୍ୟ ଦେଖାଯାଉଛି।

ସାଉଥ୍ ଚାଇନା ମର୍ଣ୍ଣିଂ ପୋଷ୍ଟର ଏକ ରିପୋର୍ଟ ଅନୁଯାୟୀ, ଇଲେକ୍ଟ୍ରୋମ୍ୟାଗ୍ନେଟିକ୍ ତ୍ୱରାନ୍ୱିତ ପ୍ରଯୁକ୍ତିର ଏହି ପରୀକ୍ଷଣ ହାଇପରଲୁପ୍ ଯାତ୍ରାରେ ମଧ୍ୟ ବିପ୍ଳବ ଆଣିପାରେ। ହାଇପରଲୁପ୍ ହେଉଛି ଭବିଷ୍ୟତ ଯାତ୍ରା ପାଇଁ ବିକଶିତ ହେଉଥିବା ଭାକ୍ୟୁମ୍-ସିଲ୍ ଟ୍ୟୁବ୍। ବର୍ତ୍ତମାନ, କେବଳ ଦୁଇଟି ଦେଶ ଚୀନ୍ ଏବଂ ଜାପାନ ମ୍ୟାଗଲେଭ୍ ଟ୍ରେନ୍ ପରିଚାଳନାରେ ଆଗରେ। ରିପୋର୍ଟରେ ଏହା ମଧ୍ୟ କୁହାଯାଇଛି ଯେ ଏହି ସଫଳତା ଚୀନକୁ ଅଲ୍ଟ୍ରା-ହାଇ-ସ୍ପିଡ୍ ମାଗଲେଭ୍ ପ୍ରଯୁକ୍ତିବିଦ୍ୟାରେ ଏକ ଅଗ୍ରେତା ଭାବେ ଦେଖାଇଛି।

**ଆମେରିକାରେ ସ୍ୱାସ୍ଥ୍ୟ ସେବା ମହଙ୍ଗା**

## ଚିକିତ୍ସାରେ ଯାଉଛି ୧୭% ଆୟ

ୱାଶିଂଟନ୍,୨୭।୧୨(ଏଜେନ୍ସି): ଆମେରିକାରେ ଚିକିତ୍ସା ସେବା କ୍ରମଶଃ ମହଙ୍ଗା ହେବାରେ ଲାଗିଛି। ଏଥିରେ ସେଠାରେ ଲୋକେ ରୋଜଗାର କରୁଥିବା ଅଧିକାଂଶ ଟଙ୍କା ଚିକିତ୍ସା ବାବଦରେ ଯାଉଛି। ବିଗତ ୧୩ ବର୍ଷ ମଧ୍ୟରେ ଦେଶରେ ସ୍ୱାସ୍ଥ୍ୟସେବା ବାବଦ ଚିକିତ୍ସା ଖର୍ଚ୍ଚ ଦ୍ୱିଗୁଣିତ ହୋଇଯାଇଛି। ପରିସ୍ଥିତି ଏପରି ହୋଇଛି ଯେ, ଯେଉଁଠାରେ ଜଣେ ସାଧାରଣ ବ୍ୟକ୍ତି ତା'ର ଆୟର ପ୍ରାୟ ୧୭% ଅର୍ଥ ଚିକିତ୍ସା ଏବଂ ଔଷଧ ପାଇଁ ଖର୍ଚ୍ଚ କରୁଛି। ଏହା ଆଗାମୀ ବର୍ଷ ଆହୁରି ବୃଦ୍ଧି ପାଇବା ଆଶା କରାଯାଉଛି।

ଅପରପକ୍ଷେ ଆମେରିକାରେ ଚିକିତ୍ସା ବାବଦ ଖର୍ଚ୍ଚ ସେଠାକାର ଜିଡିପିର ୧୧.୬%ରେ ପହଞ୍ଚିଛି। ୨୦୧୨ ପରଠାରୁ ସ୍ୱାସ୍ଥ୍ୟସେବା ଖର୍ଚ୍ଚ ଦ୍ୱିଗୁଣିତ ହୋଇଛି। ତୃତୀୟ ତ୍ରୈମାସିକରେ ସ୍ୱାସ୍ଥ୍ୟସେବା ସେବା ପାଇଁ ୩.୬

**୧୩ ବର୍ଷରେ ସ୍ୱାସ୍ଥ୍ୟ ସେବା ବାବଦ ଖର୍ଚ୍ଚ ଦୁଇ ଗୁଣା**

ଟ୍ରିଲିୟନ ଡଲାର ଖର୍ଚ୍ଚ ହୋଇଛି, ଯାହା ଏକ ସର୍ବକାଳୀନ ରେକର୍ଡ। ୨୦୦୦ରେ ଏହି ସଂଖ୍ୟା ୧୩.୫% ଥିଲା। ପରବର୍ତ୍ତୀ ବର୍ଷ ଏହି ସଂଖ୍ୟା ଆହୁରି ବୃଦ୍ଧି ପାଇବା ଆଶା କରାଯାଉଛି। ପରିସ୍ଥିତି ଏପରି ଏକ ସ୍ଥାନରେ ପହଞ୍ଚିଛି ଯେଉଁଠାରେ ଲୋକମାନେ ପାଣ୍ଠି ଅଭାବରୁ ଚିକିତ୍ସା ସ୍ଥଗିତ ରଖିଛନ୍ତି। ରିପୋର୍ଟ ଅନୁଯାୟୀ, ୨୦୨୬ରେ ଯୁକ୍ତରାଷ୍ଟ୍ରରେ ସ୍ୱାସ୍ଥ୍ୟସେବା ସେବାରେ ଏକ ବଡ଼ ପରିବର୍ତ୍ତନ ଆଶା କରାଯାଉଛି। କିଛି ଲୋକ ବୃଦ୍ଧି ପାଉଥିବା ସ୍ୱାସ୍ଥ୍ୟ ଖର୍ଚ୍ଚରୁ କିଛି ଆଶ୍ୱସ୍ତି ପାଇପାରନ୍ତି କାରଣ ମେଡିକେୟାର ପ୍ରଥମ ଥର ପାଇଁ ଔଷଧ ମୂଲ୍ୟ ଉପରେ ବିଚାର କରିବ। ଅନ୍ୟପକ୍ଷରେ, ଅନ୍ୟମାନେ ବର୍ଦ୍ଧିତ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ଏହା ଘଟିବ କାରଣ ସୁଲଭ ସ୍ୱାସ୍ଥ୍ୟ ସେବା ଅଧୀନରେ ଟିକସ ଛାଡ଼ର ମିଆଦ ଶେଷ ହେଉଛି ଏବଂ ରାଜ୍ୟ ପାଣ୍ଠିରେ ଗୁରୁତ୍ୱପୂର୍ଣ୍ଣ ହ୍ରାସ ଯୋଗୁଁ ମେଡିକେୟାର କଭରେଜ୍ରେ ଅନିଶ୍ଚିତତା ଦେଖାଦେଇପାରେ।

୨୦୨୨ରେ ତତ୍କାଳୀନ ରାଷ୍ଟ୍ରପତି ଜୋ ବିଡେନ୍ ମୁଦ୍ରାସ୍ଫୀତି ହ୍ରାସ ଆଇନରେ ସ୍ୱାକ୍ଷର କରିଥିଲେ। ଏହି ଆଇନ ପ୍ରଥମ ଥର ପାଇଁ ମେଡିକେୟାରକୁ ଏହାର ସବୁଠାରୁ ମହଙ୍ଗା ପ୍ରେସକ୍ରିପସନ୍ ଔଷଧର ମୂଲ୍ୟ ଉପରେ ଆଲୋଚନା କରିବାର ଅଧିକାର ଦେଇଥିଲା। ଏହି ସମୟରେ, ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଜୁଲାଇରେ ବିଗ୍ ବିୟୁଟିଫୁଲ୍ ବିଲ୍‌ରେ ସ୍ୱାକ୍ଷର କରିଛନ୍ତି , ଯାହା ମେଡିକେୟାର ପାଣ୍ଠି ହ୍ରାସ କରିଛି।

## ରାଜଧାନୀରେ ଟୟୋଟା ଅଫ୍ ରୋଡ୍ ବୁଟ୍ କ୍ୟାମ୍ପ୍

ଭୁବନେଶ୍ୱର, ୨୭।୧୨ (ସମିସ): କ୍ୟାପିଟାଲ ଟୟୋଟା ଭୁବନେଶ୍ୱର ପକ୍ଷରୁ 'ଟୟୋଟା ଅଫ୍ ରୋଡ୍ ବୁଟ୍ କ୍ୟାମ୍ପ' ନଖରା ଜଗନ୍ନାଥପୁରସ୍ଥିତ କଲ୍ୟାଣୀ ଓମ୍‌ଫେଡ୍ ଗ୍ରାଉଣ୍ଡଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଦୁଇ ଦିନିଆ ଏକ୍ସକ୍ଲୁସିଭ୍ ଏକ୍ସପରିଏନସିଆଲ କାର୍ଯ୍ୟକ୍ରମର ପ୍ରଥମ ଦିନରେ ଟୟୋଟା ଗ୍ରାହକ ଏବଂ ଗାଡ଼ି ପ୍ରେମୀଙ୍କୁ ଏକ ରିଅଲ ୱାର୍ଲ୍ଡ ଅଫ୍-ରୋଡ୍ ଡ୍ରାଇଭିଂ ଏକ୍ସପରିଏନ୍ସ ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛି, ଯେଉଁଥିରେ ଟୟୋଟା ହିଲକ୍ସ ଏବଂ ଟୟୋଟା ଫର୍ଚୁନର ଭଳି ଅତ୍ୟାଧୁନିକ ୪ x ୪ ଇଞ୍ଜିନିୟରିଂର ପ୍ରଦର୍ଶନ କରାଯାଇଥିଲା। ଏହି 'ଟୟୋଟା ଅଫ୍ ରୋଡ୍ ବୁଟ୍ କ୍ୟାମ୍ପ'ରେ ଗାର୍ଗସନ୍ ଗ୍ରୁପର ଅଧ୍ୟକ୍ଷ ସତୀଶ ଗର୍ଗ,କ୍ୟାପିଟାଲ ଟୟୋଟାର ପରିଚାଳନା ନିର୍ଦ୍ଦେଶକ ସିଦ୍ଧାର୍ଥ ଗର୍ଗ



ଏବଂ କ୍ୟାପିଟାଲ ଟୟୋଟାର ଜିଏମ୍ ଚମ୍ପକ କୁମାର ଦାସ ଯୋଗଦେଇଥିଲେ। ସୂଚନାଯୋଗ୍ୟ ଯେ, 'ଟୟୋଟା ଅଫ୍ ରୋଡ୍ ବୁଟ୍ କ୍ୟାମ୍ପ' ଶୋ ' ରୁମ୍ ବାହାରେ ଗ୍ରାହକଙ୍କୁ ସର୍ବୋତ୍ତମ ବ୍ରାଣ୍ଡ ଏକ୍ସପରିଏନ୍ସ ପ୍ରଦାନ କ୍ଷେତ୍ରରେ କ୍ୟାପିଟାଲ ଟୟୋଟାର ରହିଥିବା ପ୍ରତିଶ୍ରୁତିବଦ୍ଧତାକୁ ଦର୍ଶାଉଛି।

## ନୂଆବର୍ଷରେ କଳା ମନ୍ଦିରର ଲାଟେଷ୍ଟ କଲେକ୍ସନ

ଭୁବନେଶ୍ୱର, ୨୭।୧୨ (ସମିସ): ରାଜ୍ୟର ସର୍ବପୁରାତନ ଏବଂ ଅତ୍ୟାଧୁନିକ ଗାରମେଣ୍ଟ ଏବଂ ସମସ୍ତ ପ୍ରକାରର ଶାଢ଼ୀର ସୋରୁମ୍ କଳାମନ୍ଦିରରେ ଗ୍ରାହକମାନଙ୍କର ପସନ୍ଦ ମୁତାବକ ବିବାହ ଏବଂ ଶୀତ ଉପଲକ୍ଷେ ନୂଆ ନୂଆ ଡିଜାଇନ୍‌ର ଶାଢ଼ୀ ଏବଂ ଶୀତ ବସ୍ତ୍ର ଉପଲବ୍ଧ। ବିବାହ ଉପଲକ୍ଷେ ଏଠାରେ ମହିଳାମାନଙ୍କ ପାଇଁ ବିଭିନ୍ନ ଭେରାଇଟି ଓ ସୁନ୍ଦର ବନାରସୀ, ସମ୍ବଲପୁରୀ, ଖଣ୍ଡୁଆ, ମଟ୍‌କା ଶାଢ଼ୀ ସହିତ ଲେହେଙ୍ଗା, ଗାଉନ୍ ଓ ପଞ୍ଜାବୀ ବ୍ରାଇଡାଲ ସୁଟ୍




ଆଦି ରହିଛି। ପୁରୁଷମାନଙ୍କ ପାଇଁ ଲାଟେଷ୍ଟ ଡିଜାଇନ୍‌ର ଶେରୱାନୀ, କୁର୍ତ୍ତା ପାଇଜାମା, ବ୍ଲେଜର ଓ ଧୋତୀ କୁର୍ତ୍ତା ଆଦି ରହିଛି। ଏଥିସହିତ ଶୀତ ଉପଲକ୍ଷେ ପୁରୁଷମାନଙ୍କ ପାଇଁ ଅକର୍ଷଣୀୟ ଡିଜାଇନର ପୁଲଓଭର, ଜ୍ୟାକେଟ୍, ସୁଟ୍ସ ଏବଂ ମହିଳାମାନଙ୍କ ପାଇଁ ବିଭିନ୍ନ ପ୍ରକାରର କାର୍ଡିଗନ୍, ପୁଲଓଭର, ଉଲେନ ବ୍ଲାଉଜ୍, ବିଭିନ୍ନ ପ୍ରକାରର ସାଲ କଲେକ୍ସନ ଯେପରି ପସମିନା କାନିସାଲ, କାଶ୍ମୀର ସାଲ, ଜମେବର ଷ୍ଟୋସେର ଆଦି ଉପଲବ୍ଧ। ବିବାହ ଉପଲକ୍ଷେ କିଣାକିଣି କରୁଥିବା ଗ୍ରାହକମାନଙ୍କ ପାଇଁ କଷ୍ଟମର ରୟାଲିଟି ପ୍ରୋଗ୍ରାମ ସହିତ ବିଭିନ୍ନ ଅଫର ମଧ୍ୟ ରହିଛି। କଳାମନ୍ଦିରର ମ୍ୟାନେଜିଂ ପାର୍ଟନର ରାଜିନ୍ଦର ସିଂ କହିଛନ୍ତି ଯେ, କଳାମନ୍ଦିର ୫୪ ବର୍ଷରୁ ଅଧିକ ସମୟ ଧରି ଗାର୍ମେଣ୍ଟ ସେଗ୍‌ମେଣ୍ଟରେ ପ୍ରବେଶ କରି ନିଜର ବ୍ୟବସାୟ ଜାରି ରଖିଛି। ଗ୍ରାହକଙ୍କୁ ସୁହାଇଲା ଭଳି ମୂଲ୍ୟ, ଉତ୍ତମ ବ୍ୟବହାର ଓ ଦୀର୍ଘକାଳୀନ ସେବା ମାଧ୍ୟମରେ କଳାମନ୍ଦିର ଗ୍ରାହକଙ୍କ ନିକଟତର ହୋଇପାରିଛି।

## ୧୦୦୦ତମ ଫ୍ଲାଏଆଶ୍ ରେକ୍ ପଠାଇଲା ବେଦାନ୍ତ ଆଲୁମିନିୟମର ଝାରସୁଗୁଡ଼ା ୟୁନିଟ୍




ଭୁବନେଶ୍ୱର, ୨୭।୧୨(ସମିସ): ବେଦାନ୍ତ ଆଲୁମିନିୟମ ଏହାର ଝାରସୁଗୁଡା ୟୁନିଟରୁ ୧୦୦୦ତମ ଫ୍ଲାଏ ଆଶ୍ ରେକ୍ ପଠାଇ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାୟୀତ୍ୱ ଏବଂ କାର୍ଯ୍ୟକ୍ଷମ ମାଇଲଖୁଣ୍ଟ ଭାବରେ ଚିହ୍ନିତ ହୋଇଛି। ଏହି ସଫଳତା କମ୍ପାନୀର ବୃତାକାର ଅର୍ଥନୀତି ନୀତି ଏବଂ ଦାୟିତ୍ୱପୂର୍ଣ୍ଣ ସମ୍ବଳ ପରିଚାଳନା ପ୍ରତି ପ୍ରତିବଦ୍ଧତାକୁ ସ୍ପଷ୍ଟ କରିଛି। ୨୦୨୨ରେ ଏହାର ଫ୍ଲାଏ ଆଶ୍ ରେକ୍ ପଠାଯିବା ପଦକ୍ଷେପ ଆରମ୍ଭ କରିବା ପରଠାରୁ ବେଦାନ୍ତ ଝାରସୁଗୁଡ଼ା ସମଗ୍ର ଭାରତରେ ସିମେଂଟ ନିର୍ମାତା ଏବଂ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକୁ ୪ ନିୟୁତ ଟନ୍‌ରୁ ଅଧିକ ଫ୍ଲାଏ ଆଶ୍ ଯୋଗାଇଛି। ଏହି ବୃହତ ପରିମାଣର ବ୍ୟବହାର ମିଶ୍ରିତ ଏବଂ ସବୁଜ ସିମେଂଟ ଉତ୍ପାଦନକୁ ସମର୍ଥନ କରେ, ଚୂନପଥର ଭଳି ପ୍ରାକୃତିକ ସମ୍ପଦ ଉପରେ ନିର୍ଭରତା ହ୍ରାସ କରିବା ସହିତ ପାରମ୍ପରିକ ସିମେଣ୍ଟ ଉତ୍ପାଦନ ସହିତ ଜଡିତ ଗ୍ରୀନହାଉସ୍ ଗ୍ୟାସ ନିର୍ଗମନକୁ ଉଲ୍ଲେଖନୀୟ ଭାବରେ ହ୍ରାସ କରିଛି। ଏହି ମାଇଲଖୁଣ୍ଟ ବିଷୟରେ ମତ ଦେଇ, ବେଦାନ୍ତ ଝାରସୁଗୁଡାର ସିଇଓ ସି ଚନ୍ଦ୍ରୁ କହିଛନ୍ତି, ଆମର ୧୦୦୦ତମ ଫ୍ଲାଏ ଆସ୍ ରେକ୍ ପଠାଯିବା ଶୃଙ୍ଖଳାଗତ କାର୍ଯ୍ୟାନ୍ୱୟନ ଦ୍ୱାରା ସମର୍ଥିତ ସ୍ଥାୟୀତ୍ୱ ପ୍ରତି ଆମର ଦୃଢ଼ ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ। ଏହି ମାଇଲଖୁଣ୍ଟ ଦର୍ଶାଏ ଯେ ଶିଳ୍ପ ଦକ୍ଷତା, ପରିବେଶଗତ ଦାୟିତ୍ୱ ଏବଂ ସହଯୋଗୀ ସହଭାଗୀତା କିପରି ଶିଳ୍ପ, ସମ୍ପ୍ରଦାୟ ଏବଂ ଗ୍ରହ ପାଇଁ ଦୀର୍ଘକାଳୀନ ମୂଲ୍ୟ ସୃଷ୍ଟି କରିବାକୁ ଏକତ୍ରିତ ହୋଇପାରେ।

## ପାସ୍‌ପୋର୍ଟ ସେବା କେନ୍ଦ୍ର ଭଳି ହେବ ଇପିଏଫ୍‌ଓ ଅଫିସ୍

**କୌଣସି ବି ସହରର କାର୍ଯ୍ୟାଳୟରୁ ପିଏଫ୍ ବିବାଦର ହେବ ସମାଧାନ**

ନୂଆଦିଲ୍ଲୀ,୨୭।୧୨(ଏଜେନ୍ସି):କେନ୍ଦ୍ର ଶ୍ରମ ଏବଂ ନିଯୁକ୍ତି ମନ୍ତ୍ରୀ ମନସୁଖ ମାଣ୍ଡାଭିଆ ଶୁକ୍ରବାର କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ (ଇପିଏଫ୍‌ଓ)ର କାର୍ଯ୍ୟକାରିତାରେ ବଡ଼ ପରିବର୍ତ୍ତନ ଘୋଷଣା କରିଛନ୍ତି। ଦେଶବ୍ୟାପୀ ସମସ୍ତ ଇପିଏଫ୍‌ଓ କାର୍ଯ୍ୟାଳୟଗୁଡ଼ିକୁ ପାସପୋର୍ଟ ସେବା କେନ୍ଦ୍ର ଅନୁରୂପ "ସିଙ୍ଗଲ-ୱିଣ୍ଡୋ ସେବା କେନ୍ଦ୍ର" ରେ ପରିଣତ କରାଯିବ। ଏହାର ସବୁଠାରୁ ବଡ଼ ଲାଭ ହେବ ଯେ ପିଏଫ୍‌ଆକାଉଣ୍ଟଧାରୀମାନେ ସେମାନଙ୍କର ସମସ୍ୟା ସମାଧାନ ପାଇଁ ଦେଶର ଯେ କୌଣସି ଆଞ୍ଚଳିକ କାର୍ଯ୍ୟାଳୟକୁ ଯାଇପାରିବେ। ସେମାନଙ୍କୁ ଆଉ ସେହି ନିର୍ଦ୍ଦିଷ୍ଟ କାର୍ଯ୍ୟାଳୟକୁ ଯିବାକୁ ପଡ଼ିବ ନାହିଁ ଯେଉଁଠାରେ ସେମାନଙ୍କର ପିଏଫ୍ ଆକାଉଣ୍ଟ ପଞ୍ଜିକୃତ ହୋଇଛି।

ଗୁଜରାଟର ଭାଟଭାରେ ଇପିଏଫ୍‌ଓ




ର ନୂତନ "ପ୍ରୋଭିଡେଣ୍ଟ ପାଣ୍ଠି ଭବନ" ଉଦଘାଟନ ସମୟରେ ମନ୍ତ୍ରୀ କହିଥିଲେ ଯେ ଏହି ନୂତନ ବ୍ୟବସ୍ଥାର ପରୀକ୍ଷଣ ଦିଲ୍ଲୀରେ ଆରମ୍ଭ ହୋଇସାରିଛି। ପୂର୍ବରୁ, କର୍ମଚାରୀମାନଙ୍କୁ ଅଭିଯୋଗ କିମ୍ବା ଦାବି ଦାଖଲ କରିବା ପାଇଁ ସେମାନଙ୍କ ସଂଗଠନ ସହିତ ଜଡିତ ଆଞ୍ଚଳିକ କାର୍ଯ୍ୟାଳୟକୁ ଯିବାକୁ ପଡୁଥିଲା। ବର୍ତ୍ତମାନ, ଆଧୁନିକ ପ୍ରଯୁକ୍ତିବିଦ୍ୟା ସାହାଯ୍ୟରେ ଏହି ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ଡିଜିଟାଲାଇଜେସନ୍ ଏବଂ ସଂଯୋଗ କରାଯାଉଛି, ଯାହା ଦ୍ୱାରା ଯେକୌଣସି ସହରର ଯେକୌଣସି ବ୍ୟକ୍ତି ନିକଟସ୍ଥ ଇପିଏଫ୍‌ଓ କାର୍ଯ୍ୟାଳୟକୁ ଯାଇ ସେମାନଙ୍କର କାମ କରିପାରିବେ।

ଦେଶବ୍ୟାପୀ ଲକ୍ଷ ଲକ୍ଷ କର୍ମଚାରୀଙ୍କ ପାଣ୍ଠି ବର୍ଷ ବର୍ଷ ଧରି ବନ୍ଦ କିମ୍ବା ନିଷ୍କ୍ରିୟ ଥିବା ଇପିଏଫ୍ ଆକାଉଣ୍ଟରେ ଫସି ରହିଛି। ମନ୍ତ୍ରୀ କହିଛନ୍ତି ଯେ ଇପିଏଫ୍‌ଓ ଏବେ ଏହି ଆକାଉଣ୍ଟଗୁଡ଼ିକର କେୱାଇସି ଯାଞ୍ଚ ଏକ ମିଶନ ମୋଡ୍ ରେ କରିବ। ଏହି ଉଦ୍ଦେଶ୍ୟରେ ଏକ ସମର୍ପିତ ଡିଜିଟାଲ୍ ପ୍ଲାଟଫର୍ମ ଆରମ୍ଭ କରାଯିବ। ଏହା ଆକାଉଣ୍ଟଧାରୀ କିମ୍ବା ସେମାନଙ୍କ ଉତ୍ତରାଧିକାରୀଙ୍କ ଚିହ୍ନଟ ଏବଂ ସେମାନଙ୍କର ସଠିକ୍ ପାଣ୍ଠିର ସୁରକ୍ଷିତ ଫେରସ୍ତକୁ ସକ୍ଷମ କରିବ। ଯଦି ଜଣେ ଭାରତୀୟ କର୍ମଚାରୀ ବିଦେଶରୁ କାମ କରି ଫେରିଆସେ, ତେବେ ସେଠାରେ ଜମା ହୋଇଥିବା ସେମାନଙ୍କର ପିଏଫ୍ ଯୋଗଦାନ ବେକାର ଯିବନି। ସେମାନେ ଭାରତ ଫେରିବା ପରେ ମଧ୍ୟ ସେମାନଙ୍କର ଜମା ଏବଂ ଅନ୍ୟାନ୍ୟ ସୁବିଧା ଉପଭୋଗ କରିପାରିବେ।






# ମୋଦୀ ନା ମମତା


ସବୁ ବର୍ଷ ଭାରତରେ କେଉଁଠି ନା କେଉଁଠି ନିର୍ବାଚନ ହୋଇଥାଏ । ନୂଆ ବର୍ଷରେ ମଧ୍ୟ ଏହି ଧାରା ଜାରି ରହିବ । ୨୦୨୬ରେ ରାଜ୍ୟସଭାର ୭୨ଟି ଆସନ ଖାଲି ହେବ । ଏଥିରେ ଉତ୍ତର ପ୍ରଦେଶର ସର୍ବାଧିକ ୧୦ଟି, ମହାରାଷ୍ଟ୍ରର ୭ଟି, ତାମିଲନାଡୁର ୬ଟି, ପଶ୍ଚିମବଙ୍ଗର ୫ଟି, ଆସାମର ୩ଟି ଆସନ ରହିଛି । ଏହା ସହିତ ତିନିଟି ରାଜ୍ୟ ଆସାମ, ପଶ୍ଚିମବଙ୍ଗ, ତାମିଲନାଡୁରେ ବିଧାନସଭା ନିର୍ବାଚନ ହେବାକୁ ଯାଉଛି । ତେଣୁ ବିଜୟୀ ହେଉଥିବା ଦଳର ପ୍ରତିନିଧିତ୍ୱ ରାଜ୍ୟସଭାରେ ବଢ଼ିବ । ସେହିପରି କେରଳ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ପୁଡୁଚେରୀରେ ମଧ୍ୟ ବିଧାନସଭା ନିର୍ବାଚନ ହେବ । ଏହି ନିର୍ବାଚନରେ ଆଞ୍ଚଳିକ, ଜାତୀୟ ଦଳ ମଧ୍ୟରେ ଲଢେଇ ହେବ । ଆସାମରେ ବିଜେପି-କଂଗ୍ରେସ, ତାମିଲନାଡୁରେ ଡିଏମକେ-ଭିଟିକେ-ଏଆଇଏଡିଏମକେ ଏବଂ ବିଜେପି, ପଶ୍ଚିମବଙ୍ଗରେ ଟିଏମସି-ବିଜେପି, କେରଳରେ ସିପିଆଇ-କଂଗ୍ରେସ ଏବଂ ବିଜେପି ମଧ୍ୟରେ ଜୋରଦାର ପ୍ରତିଦ୍ୱନ୍ଦ୍ୱିତା ହେବ । ଏସଆଇଆର, ଭୋଟ ଚୋରି ପ୍ରସଙ୍ଗକୁ ନେଇ ବିରୋଧୀ ଏନଡିଏ ବିରୋଧରେ ସଡ଼କରୁ ସଂସଦ ପର୍ଯ୍ୟନ୍ତ ବିକ୍ଷୋଭ ଜାରି ରଖିଛନ୍ତି । ସେହିଭଳି ରାଜସ୍ଥାନରୁ ନେଇ ସାରା ଦେଶରେ ଆରାବଳୀ ପର୍ବତମାଳାରେ ଖଣି ଖୋଳିବା ମାମଲାକୁ ନେଇ ମଧ୍ୟ ଜନ ଆକ୍ରୋଶ ସୃଷ୍ଟି ହୋଇଛି । ଏହା ଭୋଟକୁ ପ୍ରଭାବିତ କରିପାରେ ବୋଲି କୁହାଯାଉଛି । କିନ୍ତୁ ଫଳାଫଳ କଣ ହେବ, ତାହା ଏବେ ଠାରୁ କହିବା ମୁସ୍କିଲ । ତେବେ ସାରା ଦେଶର ନଜର ଏହି ବିଧାନସଭା ନିର୍ବଚନ ଉପରେ ରହିବ ।



ନୂଆ ବର୍ଷରେ ପଶ୍ଚିମବଙ୍ଗରେ ହାଇ ଭୋଲ୍ଟେଜ ଲଢ଼େଇ ଦେଖିବାକୁ ମିଳିବ । ଏଠାକାର ୨୯୬ ଆସନ ବିଶିଷ୍ଟ ବିଧାନସଭାରେ ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ଟିଏମସି ଏବଂ ବିଜେପି ମଧ୍ୟରେ ପ୍ରତ୍ୟକ୍ଷ ମୁକାବିଲା ହେବ । ତେବେ କଂଗ୍ରେସ ଏବଂ ବାମଦଳର ପ୍ରଭାବ ଦିନକୁ ଦିନ ରାଜ୍ୟରୁ ହ୍ରାସ ପାଇବାରେ ଲାଗିଛି । ଏଠାରେ ବିଜେପି ନେତା ଶୁଭେନ୍ଦୁ ଅଧିକାରୀ ତାଙ୍କର ପୂର୍ବତନ ସହଯୋଗୀ ମମତାଙ୍କ ମଧ୍ୟରେ କଡ଼ା ମୁକାବିଲା ହେବ । ବିଜେପି ଶୁଭେନ୍ଦୁଙ୍କୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଭାବେ ଦେଖୁଛି । ସେ ହିଁ ମମତାଙ୍କୁ କଡ଼ା ଟକ୍କର ଦେଇପାରିବେ ବୋଲି ଅନେକ ନେତା ଭାବୁଛନ୍ତି । ମାତ୍ର ଗତ ଥର ଯେଉଁଳି ଭାବେ ଶୁଭେନ୍ଦୁ ହାରୁ ହାରୁ ଜିତିଗଲେ ୨୦୨୬ରେ ତାହାର ପୁନରାବୃତ୍ତି ନ କରିବା ପାଇଁ ବିଜେପି ଯୋଜନା କରିଛି । ମହିଳା ବିରୋଧୀ ହିଂସା, ସଂଖ୍ୟାଲଘୁ ରାଜନୀତି ମହିଳା ଡାକ୍ତରଙ୍କୁ ଦୁଷ୍କର୍ମ ପରେ ହତ୍ୟା ଭଳି ମାମଲାକୁ ନେଇ ମମତା ସରକାର ବିବାଦରେ ଥିବା ବେଳେ ବିଜେପି ଏହାର ଫାଇଦା ଉଠାଇବାକୁ ଚାହୁଁଛି । ମାତ୍ର ବିଜେପିକୁ ଅଟକାଇବା ପାଇଁ ମମତା ଦିଦି ଯୋଜନା ପ୍ରସ୍ତୁତିରେ ଲାଗି ପଡ଼ିଛନ୍ତି । ଏହି ନିର୍ବାଚନକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମାଦୀ ବନାମ ମମତା ବାନାର୍ଜୀ ଭାବେ ବିବେଚନା କରାଯାଉଛି ।


## ଆସାମରେ ହିମନ୍ତଙ୍କୁ ବିପଦ ଗୌରବ

ଆସାମରେ ଏବେ ଏନଡିଏ ସରକାର ରହିଛି । ୧୨୬ ବିଧାନସଭା ଆସନ ବିଶିଷ୍ଟ ଏହି ରାଜ୍ୟରେ ଆସାମ ଗଣ ପରିଷଦ, ୟୁପିପିଏଲ ଏବଂ ବୋଡୋଲାଣ୍ଡ ପିପୁଲ୍ସ ଫ୍ରଣ୍ଟ ବିଜେପି ସହ ମିଳିତ ଭାବେ ସରକାର ଗଢ଼ିଛନ୍ତି । ସେହିପରି ପ୍ରମୁଖ ବିରୋଧୀ ଦଳ କଂଗ୍ରେସ ମେଣ୍ଟରେ ସିପିଆଇଏମ, ରାଇଜୋର ଦଳ, ଏଜେପି, ଏଜିଏମ, ସିପିଆଇ, ସିପିଆଇଏମଏଲ, ଏପିଏଚଏଲସି ସାମିଲ ରହିଛି । ଅନ୍ୟ ଦଳଗୁଡ଼ିକ ମଧ୍ୟରେ ଏଆଇୟୁଡିଏଫ, ଏଆଇଏମଆଇଏମ, ଆପ୍, ଟିଏମସି ସାମିଲ ରହିଛି । ତେବେ ଏଠାରେ ବିଜେପି ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା ଏବଂ କଂଗ୍ରେସ ମୁଖିଆ ଗୌରବ ଗୋଗଇଙ୍କ ମଧ୍ୟରେ କଡ଼ା ମୁକାବିଲା ହେବ । ଏଥିପାଇଁ କ୍ଷେତ୍ର ପ୍ରସ୍ତୁତ ହୋଇସାରିଛି । ଅନୁପ୍ରବେଶ, ହିଂସା, ଅରାଜକତା ରୋକିବାରେ ମୁଖ୍ୟମନ୍ତ୍ରୀ ବିଫଳ ହୋଇଥିବା କଂଗ୍ରେସ ଅଭିଯୋଗ କରିଛି । ହିମନ୍ତ ନିଜ ପତ୍ନୀଙ୍କ ସମ୍ବନ୍ଧିତ କମ୍ପାନୀଙ୍କୁ ଠିକା ଦେବା ମାମଲାରେ ଫସିଛନ୍ତି । ସେହିପରି କଂଗ୍ରେସକୁ ସଂଖ୍ୟାଲଘୁଙ୍କ ଦଳ ଏବଂ ଗୌରବଙ୍କ ପତ୍ନୀଙ୍କୁ ହିମନ୍ତୁ ପାକିସ୍ତାନୀ ଏଜେଣ୍ଟ କହିଛନ୍ତି । ତାଙ୍କ ସ୍ତ୍ରୀ ପାକିସ୍ତାନ ପାଇଁ କାମ କରୁଥିବା ଅଭିଯୋଗ ଲଗାଇଛନ୍ତି । ଆରୋପପ୍ରତ୍ୟାରୋପକୁ ନେଇ ରାଜ୍ୟ ରାଜନୀତି ସରଗରମ ହୋଇ ଉଠିଥିବା ବେଳେ ବାଜି କିଏ ମାରିବ ତାହା ଜନତାଙ୍କ ଦରବାରରେ ସ୍ଥିର ହେବ ।



## ତାମିଲନାଡୁରେ ବିଜୟ ଜଲୱା

ନିର୍ବାଚନୀ ମୁହାଁ ତାମିଲନାଡୁରେ ଚତୁର୍ମୁଖୀ ଲଢ଼େଇ ଦେଖିବାକୁ ମିଳିବ । ଏହି ରାଜ୍ୟର ୨୩୪ ଆସନରେ ଅଭିନେତାରୁ ରାଜନେତା ପାଲଟି ଥିବା ବିଜୟଙ୍କ ଟିଭିକେ କ୍ଷମତାସୀନ ଡିଏମକେ ମଧ୍ୟରେ କଡ଼ା ପ୍ରତିଦ୍ୱନ୍ଦ୍ୱିତା ହେବ । ଏଆଇଡିଏମକେ ଏବଂ ବିଜେପି ମଧ୍ୟ କ୍ଷମତାସୀନ ଦଳର ମୁଣ୍ଡବିନ୍ଧା ସୃଷ୍ଟି କରିବେ । ଏହି ରାଜ୍ୟରେ ବିରୋଧୀ ଇଣ୍ଡିଆ ମେଣ୍ଟ ଡିଏମକେକୁ ସମର୍ଥନ କରିବେ ବୋଲି ଆଶା । ମାତ୍ର ବିହାର ପରାଜୟକୁ ଦେଖି କଂଗ୍ରେସ ନିଜ ଆଭିମୁଖ୍ୟ ବଦଳାଇ ଏକାକୀ ଲଢ଼ିଲେ ଡିଏମକେର କ୍ଷତି ହୋଇପାରେ । ସେହିପରି ବିଜେପି ମୁଖିଆ ଏନ ନାଗେନ୍ଦ୍ରନ ଏବଂ ନେତା କେ ଆନ୍ନାମଲାଇଙ୍କ ଯୋଜନା ସଫଳ ହେଲେ ବିଜେପି ଏହି ରାଜ୍ୟରେ ଆଖିଦୃଷ୍ଟିଆ ସଫଳତା ପାଇପାରିବ । ଏହି ରାଜ୍ୟକୁ ଦେଖି ବିଜେପି ଜାତୀୟ ନେତୃତ୍ୱ ରଣନୀତି ପ୍ରସ୍ତୁତିରେ ଲାଗି ପଡ଼ିଛନ୍ତି । ଏହାର ଫାଇଦା ନେବାକୁ ଟିଭିକେ ଏବଂ ବିଜୟ ପ୍ରୟାସ କରୁଛନ୍ତି । କରୁର ଦଳାଚକଟା ପରଠାରୁ ବିଜୟ ମାପିଚୁପି ବୟାନ ଦେଉଛନ୍ତି । ସବୁ ବର୍ଗର ଭୋଟ ହାସଲ କରି ସରକାର ଗଠନ କରିବାକୁ ଲକ୍ଷ୍ୟ ରଖିଛନ୍ତି । ତେବେ ହିନ୍ଦୀ ଭାଷାକୁ ନେଇ ଷ୍ଟାଲିନଙ୍କ ଡିଏମକେ ରଣହୁଙ୍କାର ଦେଇଥିବାରୁ ଏହା ତାଙ୍କ ଦଳ ପାଇଁ କେତେ ଲାଭବାନ ହେବ, ତାହା କେବଳ ନିର୍ବାଚନ ଫଳାଫଳରୁ ହିଁ ଜଣାପଡ଼ିବ ।



## କେରଳରେ ଏଲଡିଏଫ୍‌କୁ ବିପଦ

ଈଶ୍ୱରଙ୍କ ନିବାସ ସ୍ଥଳ କେରଳରେ ଦୀର୍ଘ ଦିନ ହେଲା ବାମଦଳ କ୍ଷମତାରେ ରହିଛି । ଆସନ୍ତା ବର୍ଷ ହେବାକୁ ଥିବା ବିଧାନସଭା ନିର୍ବାଚନରେ ଏଠାକାର ସରକାର ପରିବର୍ତ୍ତନ ହୋଇପାରେ । ୧୪୦ ବିଧାନସଭା ଆସନରେ କଂଗ୍ରେସ ନେତୃତ୍ୱାଧୀନ ୟୁଡିଏଫ୍ ଏବଂ ସିପିଏମ୍ ନେତୃତ୍ୱାଦୀନ ଏଲଡିଏଫ୍ ମଧ୍ୟରେ ମୁକାବିଲା ଦେଖିବାକୁ ମିଳିବ । ଦୁର୍ନୀତି ଓ ସୁନା ଚୋରା ଚାଲାଣ ମାମଲାରେ ମୁଖ୍ୟମନ୍ତ୍ରୀ ପିନରାୟୀ ବିଜୟନଙ୍କ ସମସ୍ୟା ବଢ଼ିପାରେ । କେରଳ କଂଗ୍ରେସ ମୁଖ୍ୟ ସନି ଜୋସେଫ ଏବଂ ସାଂସଦ ଶଶୀ ଥରୁରଙ୍କ ରଣନୀତି ରାଜ୍ୟରେ ଦଳକୁ କ୍ଷମତାସୀନ କରିପାରେ । ରାଜ୍ୟରେ ଥରୁରଙ୍କ ଛବି ଭଲ ରହିଛି । ତାଙ୍କୁ ଲୋକେ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଭାବେ ଦେଖୁଛନ୍ତି । କିନ୍ତୁ ଜାତୀୟ ନେତୃତ୍ୱଙ୍କ ସହ ବିବାଦ ଥରୁରଙ୍କ ପାଇଁ ମହଙ୍ଗା ହୋଇପାରେ ।। ସେହିପରି ପୂର୍ବତନ କେନ୍ଦ୍ରମନ୍ତ୍ରୀ ଚନ୍ଦ୍ରଶେଖର ବିଜେପିକୁ କୂଳରେ ଲଗାଇବାକୁ ପ୍ରୟାସ କରୁଛନ୍ତି । ସେ ନୂଆ ଆରମ୍ଭ କରିବାକୁ ଆଶାବାଦୀ ଅଛନ୍ତି ।

# ଅଶାନ୍ତି, ଅସ୍ଥିରତା, ଯୁଦ୍ଧ ଯନ୍ତ୍ରଣା

## ଯୁଦ୍ଧ ଯନ୍ତ୍ରଣାରୁ ମୁକ୍ତି ମିଳିବ ତ?

ବିତି ଯାଉଥିବା ବର୍ଷ ବିଶ୍ୱକୁ ଅନେକ ଯନ୍ତ୍ରଣା ଦେଇଛି । ବିଦ୍ରୋହ, ହିଂସା, ଆତଙ୍କବାଦୀ ଆକ୍ରମଣ, ଯୁଦ୍ଧ ବିଭୀଷିକାରେ ପୃଥିବୀ ତ୍ରାହି ତ୍ରାହି ଡାକ ଦେଇଛି । ନେପାଳ, ଶ୍ରୀଲଙ୍କା, ସିରିଆ, ବାଂଲାଦେଶ ଆଦିରେ ବିଦ୍ରୋହ ହୋଇ ସରକାର ବଦଳି ଯାଇଥିଲା । ଆଠ ଆଠଟି ଯୁଦ୍ଧ ପୃଥିବୀ ମାତାର ବକ୍ଷକୁ ଗଭୀର ଯନ୍ତ୍ରଣା ଦେଇଥିଲା । ଜୀବନକୁ ଅନିଶ୍ଚିତତା ମଧ୍ୟକୁ ଠେଲି ମାନବିକତା ପ୍ରତି ଭୟଙ୍କର ବିପଦ ସୃଷ୍ଟି କରିଥିଲା । କ୍ଷଣିକ ମଧ୍ୟରେ ତୃତୀୟ ବିଶ୍ୱଯୁଦ୍ଧ ଆରମ୍ଭ ହୋଇଯିବା ପରି ଲାଗିଥିଲା । ଯୁଦ୍ଧର କରାଳ ଛାୟାରେ ଲକ୍ଷ ଲକ୍ଷ ଏକରର ଫସଲ ଉଜୁଡ଼ି ଯାଇଥିଲା । ଖାଇବାକୁ ନ ପାଇ ହଜାର ହଜାର ଲୋକ ପ୍ରାଣ ହରାଇ ଥିଲେ । କାଳକ୍ରମେ ଇସ୍ରାଏଲ-ଇରାନ, ରୱାଣ୍ଡା-କଙ୍ଗୋ, ଥାଇଲାଣ୍ଡ-କାମ୍ବୋଡିଆ, ଆର୍ମେନିଆ-ଆଜରବୈଜାନ, ଇଜିପ୍ଟ-ଇଥିଓପିଆ, ସର୍ବିଆ-କୋସୋଭ ଯୁଦ୍ଧ ବନ୍ଦ ହୋଇ ଯାଇଥିଲା । ମାତ୍ର ଏବେ ବି ଇସ୍ରାଏଲ-ହମାସ ଏବଂ ରୁଷିଆ-ୟୁକ୍ରେନ ମଧ୍ୟରେ ଯୁଦ୍ଧ ଜାରି ରହିଛି । ଦୀର୍ଘ ବର୍ଷ ବିତି ଯାଇଥିଲେ ବି ଏହା ବନ୍ଦ ହୋଇ ନାହିଁ । ୨୦୨୬ରେ ଏହି ଯୁଦ୍ଧରୁ ମୁକ୍ତି ମିଳିବ ତ? ଏହି ପ୍ରଶ୍ନ ସମସ୍ତଙ୍କୁ ଘାରିଛି ।

୨୦୨୨ ଫେବୃଆରୀ ୨୪ରୁ ଆରମ୍ଭ ହୋଇଥିବା ରୁଷ-ୟୁକ୍ରେନ ଯୁଦ୍ଧ ଥମିବାର ନା ଧରୁନି । ଉଭୟ ଦେଶ ପରସ୍ପର ଉପରେ ଭୟଙ୍କର ଆକ୍ରମଣ ଜାରି ରଖିଛନ୍ତି । ଏହି ଯୁଦ୍ଧରେ ବର୍ତ୍ତମାନ ସୁଦ୍ଧା ୨ ଲକ୍ଷରୁ ଅଧିକ ଲୋକ ପ୍ରାଣ ହରାଇଲେଣି । ଏଥିରେ ୧୫ ହଜାରରୁ ଅଧିକ ସାଧାରଣ ନାଗରିକ ରହିଥିବା ବେଳେ ରୁଷର ଏକ ଲକ୍ଷ ୨୦ ହଜାର ସୈନିକ ଏବଂ ୟୁକ୍ରେନର ୭୦ ହଜାରରୁ ଅଧିକ ସୈନ ପ୍ରାଣ ହରାଇଲେଣି । ଅନେକ ପର୍ଯ୍ୟାୟ ଆଲୋଚନା ସତ୍ତ୍ୱେ ଶାନ୍ତିର ମାର୍ଗ ବାହାରି ପାରିନାହିଁ । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦେଇଥିବା ନିଜ ପ୍ରତିଶ୍ରୁତି ବି ପୂରଣ କରିପାରିନାହାନ୍ତି । ସେ ଶପଥ ଗ୍ରହଣର ଦିନକ ଭିତରେ ଯୁଦ୍ଧ ବନ୍ଦ କରିବାରେ ବିଫଳ ହୋଇଛନ୍ତି । ମାତ୍ର ନୋବେଲ ଶାନ୍ତି ପୁରସ୍କାର ଚାହୁଁଥିବା ଟ୍ରମ୍ପ ଏ ଦିଗରେ ପ୍ରୟାସ କରି ୟୁକ୍ରେନ ରାଷ୍ଟ୍ରପତି ଭୋଲଡାମିର ଜେଲେଁସ୍କି ଏବଂ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁତିନଙ୍କ ସହ ଆଲୋଚନା କରିଛନ୍ତି । ଆମେରିକା ଅଧିକାରୀମାନେ ଏହି ଦୁଇ ଦେଶର ଅଧିକାରୀଙ୍କ ସହ ଅନେକ ପର୍ଯ୍ୟାୟ ଆଲୋଚନା ମଧ୍ୟ ଜାରି ରଖିଛନ୍ତି । କିନ୍ତୁ ଯୁଦ୍ଧ ବନ୍ଦ ପାଇଁ ବାଟ ଫିଟୁନି ।



ଇସ୍ରାଏଲ ସୀମାରେ ପଶି ହମାସ ନଙ୍ଗସାହର କରି ୫୦ରୁ ଅଧିକ ନାଗରିକଙ୍କୁ ପଣବନ୍ଦୀ କରିବାରୁ ୨୦୨୩ ଅକ୍ଟୋବର ୭ରେ ଗାଜା ଯୁଦ୍ଧ ଆରମ୍ଭ ହୋଇଥିଲା । ଏହାର ଜବାବ ଦେବାକୁ ଯାଇ ଉଭୟ ଆକାଶ ମାର୍ଗରୁ ଏବଂ ସ୍ଥଳ ଭାଗରୁ ହମାସର ଠିକଣା ଉପରେ ଦୁଇ ବର୍ଷ ହେଲା ବୋମା ଏବଂ କ୍ଷେପଣାସ୍ତ୍ର ମାଡ଼ ଜାରି ରଖିଛି ଇସ୍ରାଏଲ । ଏବେ ଗାଜା ଧ୍ୱଂସସ୍ତୂପରେ ପରିଣତ ହୋଇଯାଇଛି । ପ୍ରାୟ ୭୩ ହଜାର ଲୋକ ନିହତ ହେଲେଣି । କେବଳ ପାଲେଷ୍ଟାଇନରେ ୭୦ ହଜାରରୁ ଅଧିକ ଲୋକ ପ୍ରାଣ ହରାଇଲେଣି । ଲକ୍ଷାଧିକ ଲୋକ ଖାଇବାପିଇବାକୁ ନ ପାଇ ଭୋକରେ ଆଉଟ ପାଉଟୁ ହେଉଛନ୍ତି । ଏହି ସଂଘର୍ଷରେ ହମାସର ଅନେକ ମୁଖିଆଙ୍କୁ ଇସ୍ରାଏଲ ହତ୍ୟା କରିଥିଲେ ବି ଯୁଦ୍ଧ ବନ୍ଦ ହୋଇ ନାହିଁ । ଏହି ଯୁଦ୍ଧରେ ହୁତି ବିଦ୍ରୋହୀ ଏବଂ ଇରାନ ପଶି ଥିଲା । ଏହା ସଂଘର୍ଷକୁ ଅଧିକ ଭୟଙ୍କର କରିଥିଲା । ଇସ୍ରାଏଲ ଏକାଥରେ ତିନୋଟି ସାମ୍ମୁଖ୍ୟରୁ ଯୁଦ୍ଧ ଲଢୁଥିଲା । ଅନେକ ପର୍ଯ୍ୟାୟ ଶାନ୍ତି ଆଲୋଚନା ବିଫଳ ହୋଇଥିଲା । ଅସ୍ତ୍ରବିରତି ଆରମ୍ଭ ହେବାର କିଛି ଘଣ୍ଟା ମଧ୍ୟରେ ବନ୍ଦ ହୋଇଯାଇଥିଲା । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ହସ୍ତକ୍ଷେପ ପରେ ଇସ୍ରାଏଲ ଏବଂ ହମାସ ନରମ ଆଭିମୁଖ୍ୟ ପୋଷଣ କରିଥିଲେ । ଟ୍ରମ୍ପ ପ୍ରଶାସନ ଆଣିଥିବା ୨୪ ସୂତ୍ରୀ ଯୋଜନାକୁ ମାନିବା ପାଇଁ ଦୁଇ ପକ୍ଷ ରାଜି ହୋଇଥିଲେ । ଏହି କ୍ରମରେ ଇସ୍ରାଏଲ ପଣବନ୍ଦୀଙ୍କୁ ହମାସ ଛାଡ଼ିଥିଲା । ଏହା ପ୍ରତି ବଦଳରେ ହମାସ ବନ୍ଦୀଙ୍କୁ ଇସ୍ରାଏଲ ମୁକ୍ତ କରିଥିଲା । ଆସନ୍ତା ବର୍ଷ ଏହି ଯୁଦ୍ଧରେ ସମ୍ପୂର୍ଣ୍ଣ ପୂର୍ଣ୍ଣଚ୍ଛେଦ ପଡ଼ିବ ବୋଲି ଆଶା । ଯୁଦ୍ଧ ବନ୍ଦ ହେବା ପରେ ଆମେରିକା ଏବଂ ଇସ୍ରାଏଲ ଗାଜାରେ ସ୍ମାର୍ଟ ସିଟି ନିର୍ମାଣ କରିବେ । ରେସ୍ତୋରାଁ, ହୋଟେଲ, ଦ୍ରୁତ ଟ୍ରେନ ଚଳାଚଳ ଆଦି ପାଇଁ ୯.୩ ଲକ୍ଷ କୋଟି ଟଙ୍କା ବ୍ୟୟ ଧାର୍ଯ୍ୟ କରାଯାଇଛି । ନୂଆ ବର୍ଷ ଉଭୟ ଇସ୍ରାଏଲ ଏବଂ ଗାଜା ପାଇଁ ଶାନ୍ତି ଆଣିବ ବୋଲି ଆଶା କରାଯାଉଛି ।

## ମହାକାଶ ପାଇଁ ମହାସମ୍ଭାବନା



ନୂଆ ବର୍ଷରେ ପ୍ରଯୁକ୍ତିବିଦ୍ୟାରେ ଯୁଗାନ୍ତକାରୀ ପରିବର୍ତ୍ତନ ଆସିପାରେ । ଏଆଇର ଦ୍ରୁତ ବିକାଶ ପାଇଁ ନୂଆ ନୂଆ ଉଦ୍ଭାବନା ହୋଇପାରେ । ଚୀନ୍, ଜାପାନ ଏ କ୍ଷେତ୍ରକୁ ଆଗକୁ ବଢ଼ାଇବେ । ଭାରତୀୟ ମହାକାଶ ଗବେଷଣା ସଂସ୍ଥା ଇସ୍ରୋ ମଧ୍ୟ ଅନେକ ପରୀକ୍ଷଣ କରିବ । ୨୦୨୬ରେ ଇସ୍ରୋର ୭ଟି ବଡ଼ ଉତ୍କ୍ଷେପଣ ଯୋଜନା ରହିଛି । ଏହା ମଧ୍ୟରେ ମାନବ ମିଶନ, ଉନ୍ନତ ଉପଗ୍ରହ କାର୍ଯ୍ୟକ୍ରମ ଏବଂ ବାଣିଜ୍ୟିକ ଉତ୍କ୍ଷେପଣ ସାମିଲ ରହିଛି । ଅନ୍ତର୍ଜାତୀୟ ମହାକାଶ ଷ୍ଟେସନରୁ ଫେରିଥିବା ମହାକାଶଚାରୀ ଶୁଭାଂଶୁ ଶୁକ୍ଳା ମାନବିକ ମିଶନର ନେତୃତ୍ୱ ନେବେ । ଇସ୍ରୋ ଆସନ୍ତା ବର୍ଷରେ ନିଜର ବହୁ ପ୍ରତୀକ୍ଷିତ ମାନବ ମିଶନ ଗଗନଯାନ ଆରମ୍ଭ କରି ରୋବୋଟ ବୋମ୍ୟମିତ୍ରକୁ ମହାକାଶକୁ ପଠାଇବ । ମହାକାଶରେ ମହାକାଶ ଷ୍ଟେସନ ପ୍ରତିଷ୍ଠା ଆରମ୍ଭ କରାଯିବ । ଅର୍ବିଟାଲ ମଡ୍ୟୁଲ ଅପରେସନ (ଓଏମଓ) ପରୀକ୍ଷଣ କରାଯିବ । ଚୀନ୍ ଏବଂ ରୁଷ ଭଳି ଦେଶ ଅନ୍ୟ ଗ୍ରହରୁ ଖଣିଜ ପଦାର୍ଥ ଆଣିବା ପାଇଁ ପ୍ରଯୁକ୍ତିବିଦ୍ୟାର ବିକାଶ କରି ଚାଲିଛନ୍ତି । ଚୀନ୍ ନିଜ ମହାକାଶ ଷ୍ଟେସନରୁ ଏ ଦିଗରେ ଅଧିକ ଗବେଷଣା କରୁଛି ।



## ଅନିଶ୍ଚିତତାରେ ଭାଗ୍ୟ

ଏସିଆରେ ଦେଖା ଦେଇଥିବା ଅସ୍ଥିରତା ମଧ୍ୟରେ ଭାରତର ପଡୋଶୀ ରାଷ୍ଟ୍ର ବାଂଲାଦେଶରେ ନିର୍ବାଚନ ପ ।।ରେ ନୂଆ ସରକାର ଗଠନ ହେବ । ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କ ପାଇଁ ଅଡୁଆ ବଢ଼ିପାରେ । । ତାଙ୍କ ଦଳକୁ ବି ନିଷିଦ୍ଧ କରାଯାଇଛି । ତେଣୁ ନିର୍ବାଚନରେ ଖାଲେଦା ଜିଆଙ୍କ ବାଂଲାଦେଶ ନେସନାଲ ପାର୍ଟି, ଜମିୟତ, ଇନକିଲାବ ମଞ୍ଚ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବ । କିନ୍ତୁ ଫେବୃଆରୀ ୧୨ରେ ହେବାକୁ ଥିବା ନିର୍ବାଚନ ଘୁଞ୍ଚାଇବା ପାଇଁ କାମଚଳା ପ୍ରଧାନମନ୍ତ୍ରୀ ମହମ୍ମଦ ୟୁନୁସ ଷଡ଼ଯନ୍ତ୍ର କରିଛନ୍ତି । ଏପରି ସ୍ଥଳେ ନିର୍ବାଚନକୁ ନେଇ ଅନିଶ୍ଚିତତା ଲାଗି ରହିଛି । ପାକିସ୍ତାନରେ କ୍ଷମତା ପୁଣି ସେନା ନିୟନ୍ତ୍ରଣରେ ରହିପାରେ । କାରଣ ଏବେ ନିର୍ବାଚନ ହେବାର ନାହିଁ କି ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ ଜେଲ୍‌ରୁ ବାହାରିବାର ସମ୍ଭାବନା ନାହିଁ । ସେହିପରି ଦୀର୍ଘ ଦିନ ହେଲା ସେନା ନିୟନ୍ତ୍ରଣରେ ଥିବା ମିଆଁମାରରେ ମଧ୍ୟ ସାଧାରଣ ନିର୍ବାଚନ ହେବାର ଅଛି । ୨୦୨୫ରେ ବର୍ଷ ସାରା ଚର୍ଚ୍ଚାରେ ଥିବା ହସିନା, ଇମ୍ରାନ ଓ ୟୁନୁସଙ୍କ ଭାଗ୍ୟ ଏବେ ବି ଅନିଶ୍ଚିତତାରେ ରହିଛି । ନୂଆବର୍ଷରେ ସେମାନଙ୍କ ପାଇଁ ନୂଆ ଆଶା କିଛି ଦେଖାଯାଉନି ।

ସେହିଭଳି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚର୍ଚ୍ଚା ଜାରି ରହିଛି । ଟ୍ରମ୍ପ ସ୍ୱାସ୍ଥ୍ୟାବସ୍ଥା ଖରାପ ହେଲେଆମେରିକା ।।ରେକ୍ଷମତାକେନ୍ଦ୍ରପରିବର୍ତ୍ତନ ।।ହେବ ।ୟୁକ୍ରେନ ସହ ଯୁଦ୍ଧ ବନ୍ଦ ହୋଇଗଲେ ବିଶ୍ୱରେ ରୁଷ ରାଷ୍ଟ୍ରପତି ପୁତିନଙ୍କ ପ୍ରଭାବ ବଢ଼ିବ ।। ମାତ୍ର ଦୁର୍ନୀତି ଅଭିଯୋଗରେ ଫସିଥିବା ୟୁକ୍ରେନ ରାଷ୍ଟ୍ରପତି ଜେଲେଂସ୍କିଙ୍କ ସମସ୍ୟା ବୃଦ୍ଧି ପାଇପାରେ ।

# ଆହୁରି ଅଥୟ ହେବ ପୃଥିବୀ



ଅତୀତ ପାଲଟୁ ଥିବା ୨୦୨୫ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ର କୃତ୍ରିମ ବୁଦ୍ଧିରେ ଦ୍ରୁତ ବିକାଶ ଦେଖିଛି । ଏଆଇର ସୁଦୂରପ୍ରସାରୀ ପ୍ରଭାବରେ ମନୁଷ୍ୟ ପ୍ରଭାବିତ ହେଉଥିବା ବେଳେ ପ୍ରକୃତିର କୋପ ଦୁନିଆକୁ ଗିଳିବାରେ ଲାଗିଛି । ବିକାଶ ନାମରେ ମଣିଷ ପ୍ରକୃତି ସହ ଖେଳି ଚାଲିଛି । ଖଣି ଖାଦାନ ପାଇଁ ଅବାଧ ଜଙ୍ଗଲ ନଷ୍ଟ କରି ଚାଲିଛି । ଅଙ୍ଗରକାମ୍ଳ ଛାଡ଼ି ପରିବେଶ ବିଗାଡ଼ି ଦେଉଛି । ନିଜର ଦୋହନ ଦେଖି ପ୍ରକୃତି ଥରି ଉଠୁଛି । କେଉଁଠି ଭୂକମ୍ପ ଆଳରେ ତ ଆଉ କେଉଁଠି ପ୍ରବଳ ବର୍ଷା, ଖରା ଏବଂ ଶୀତରେ ଶତାଧିକ ଜୀବନ ନେଇଛି । ୨୦୨୫ରେ ପାଣିପାଗ ଜନିତ ଏଭଳି ଚରମ ବ୍ୟତିକ୍ରମ ବିଶ୍ୱରେ ଲକ୍ଷେରୁ ଅଧିକ ଲୋକଙ୍କ ଜୀବନ ନେଇଛି । ୨୦୨୬ରେ ଏହା ବିକଟାଳ ରୂପ ଧାରଣ କରିବ । ଆରବ ମରୁଭୂମିରେ ବରଫପାତ, ଅଦିନିଆ ବନ୍ୟା, ୧୦ ହଜାର ବର୍ଷ ପରେ ଆଗ୍ନେୟଗିରିରେ ବିସ୍ଫୋରଣ: ଇ ।।ଣ୍ଡୋନେସିଆରେ ୩୦ ଦିନରେ ୧୪୦୦ ଭୂମିକଂପ ଏହାର ପ୍ରମାଣ ।

୨୦୨୫ ।।ରେ ପ୍ରକୃତି ଭୟଙ୍କର ରୂପ ଧାରଣ କରି ମନୁଷ୍ୟଠାରୁ ପ୍ରତିଶୋଧ ନେବା ଆରମ୍ଭ କରିଛି । ସାରା ବର୍ଷ କେଉଁଠି ନା କେଉଁଠି ଦୁର୍ବିପାକ ଲାଗି ରହିଥିଲା । ବର୍ଷ ଶେଷ ବେଳକୁ ନଭେମ୍ବରରେ ଝଡ଼ବାତ୍ୟା ସେନୟାର ଇଣ୍ଡୋନେସିଆରେ ୧୧୦୦ରୁ ଅଧିକ ଜୀବନ ନେଇଥିଲା । ବାତ୍ୟା ଫଙ୍ଗୱଙ୍ଗ ଯୋଗୁଁ ଥାଇଲାଣ୍ଡ ଏବଂ ମାଲେସିଆରେ ୬୦୦ରୁ ଅଧିକ ପ୍ରାଣ ହରାଇ ଥିଲେ । ଜାନୁଆରୀରେ ଦକ୍ଷିଣ କାଲିଫର୍ଣ୍ଣିଆରେ ଜଙ୍ଗଲ ନିଆଁ ସହରକୁ ଜାଳିପୋଡ଼ି ପାଉଁଶ କରି ଦେଇଥିଲା । ଏପ୍ରିଲରୁ ସେପ୍ଟେମ୍ବର ମଧ୍ୟରେ ୟୁରୋପରେ ଗ୍ରୀଷ୍ମ ପ୍ରବାହ ଅସହ୍ୟ ହୋଇଥିଲା । ଏଥିରେ ୧୬,୫୦୦ରୁ ଅଧିକ ଲୋକ ପ୍ରାଣ ହରାଇଥିଲେ । ଜୁନ୍-ସେପ୍ଟେମ୍ବର ମଧ୍ୟରେ ପାକିସ୍ତାନରେ ପ୍ରଳୟଙ୍କରୀ ବନ୍ୟା ଯୋଗୁଁ ୧୦୫୦ରୁ ଊର୍ଦ୍ଧ୍ୱ ପ୍ରାଣ ହରାଇଥିଲେ । ଶ୍ରୀଲଙ୍କାରେ ବାତ୍ୟା ଦିତୱା ୬୫୦ରୁ ଅଧିକ ଜୀବନ ନେଇଥିଲା । ଏସବୁ ଜଳବାୟୁ ପରିବର୍ତ୍ତନର କରୁଣ ପରିଣତି ଥିଲା । ଏଥିଯୋଗୁଁ ଯେ ଋତୁ ଚକ୍ର ପରିବର୍ତ୍ତନ ହେଉଛି ତାହା ନୁହେଁ, ବରଂ ପ୍ରଚଣ୍ଡ ଖରା, ଶୀତ ଏବଂ ବର୍ଷା ଜୀବନହାନିର କାରଣ ପାଲଟି ଯାଉଛି । ଭାରତ ମଧ୍ୟ ଏହି ଦାଉରୁ ମୁକୁଳି ପାରି ନ ଥିଲା । କିସ୍ତୱାରେ ବାଦଲଫଟା ବର୍ଷା ଯୋଗୁଁ ୬୮ ଜଣଙ୍କ ମୃତ୍ୟୁ ହୋଇଥିଲା । ୨୦୨୬ରେ ମଧ୍ୟ ଏହି ଧାରା ଜାରି ରହିବ । ଆସନ୍ତା ବର୍ଷକୁ ପ୍ରାକୃତିକ ବିପର୍ଯ୍ୟୟର ବର୍ଷ କୁହାଯାଉଛି । ଏହି ଅବଧିରେ ଭୂକମ୍ପ, ବନ୍ୟା, ବାତ୍ୟା, ଆଗ୍ନେୟଗିରି ବିସ୍ଫୋରଣ, ପାଣିପାଗରେ ଚରମ ପରିବର୍ତ୍ତନ ଦେଖାଦେବ ବୋଲି ବିଶେଷଜ୍ଞମାନେ କହିଛନ୍ତି । ଏହା ଭାରତ, ଆମେରିକା, ୟୁରୋପୀୟ ରାଷ୍ଟ୍ରମାନଙ୍କୁ ପ୍ରଭାବିତ କରିବ । ଭବିଷ୍ୟ ମାଳିକା, ନୋଷ୍ଟ୍ରାଡମସ ଏବଂ ବାବା ଭେଙ୍ଗା ମଧ୍ୟ ଏ ନେଇ ଭବିଷ୍ୟବାଣୀ କରିଛନ୍ତି । ନୂଆ ବର୍ଷ ପାଇଁ ଲୋକେ ଯୋଜନା ପ୍ରସ୍ତୁତ କରୁଥିବା ବେଳେ ଏଭଳି ଭବିଷ୍ୟବାଣୀ ମନୁଷ୍ୟ ମନରେ ଭୟ ସୃଷ୍ଟି କରିଛି । ବାବା ଭେଙ୍ଗାଙ୍କ ଭବିଷ୍ୟବାଣୀ ଅନୁଯାୟୀ, ଚରମ ପାଣିପାଗ ଜନିତ ସ୍ଥିତି ଯୋଗୁଁ ଭୟଙ୍କର ବିପର୍ଯ୍ୟୟ ସୃଷ୍ଟି ହେବ । ଏଥିରେ ଅନେକ ଜୀବନହାନୀ ଘଟିବ ।

■ ୧୯ ବର୍ଷରୁ କମ୍ ବିଶ୍ୱକପ୍


# ମାହାତ୍ରେ ଭାରତର ଅଧିନାୟକ



ମୁମ୍ବଇ,୨୭।୧୨(ଏଜେନ୍ସି): ଓପନର ଆୟୁଷ ମାହାତ୍ରେଙ୍କୁ ଆସନ୍ତାବର୍ଷ ଜିମ୍ବାୱେ ଓ ନାମିବ୍ୟାରେ ଖେଳାଯିବାକୁ ଥିବା ୧୯ ବର୍ଷରୁ କମ୍ ଦିନିକିଆ ବିଶ୍ୱକପ୍ ଲାଗି ଭାରତୀୟ ଦଳର ଅଧିନାୟକ ମନୋନୀତ କରାଯାଇଛି। ବିହାନ ମାଲହୋତ୍ରାଙ୍କୁ ତାଙ୍କ ଡେପୁଟି ଭାବେ ଚୟନ କରାଯାଇଛି। ଉଭୟ ଖେଳାଳି ଆହତ ହୋଇଥିବାରୁ ଦକ୍ଷିଣ ଆଫ୍ରିକା ସହ ଜାନୁଆରୀ ୩, ୫ ଓ ୭ରେ ଖେଳାଯିବାକୁ ଥିବା ଦିନିକିଆ ସିରିଜ୍‌ରୁ ବାଦ୍ ଦିଆଯାଇଛି। ଏହି ସିରିଜ୍ ଲାଗି ବିସ୍ମୟ ବାଳକ ବୈଭବ ସୂର୍ଯ୍ୟବଂଶୀଙ୍କୁ ଦଳର ନେତୃତ୍ୱ ପ୍ରଦାନ କରାଯାଇଛି। ଆରୋନ ଜର୍ଜ ଉପଅଧିନାୟକ ମନୋନୀତ ହୋଇଛନ୍ତି। ବିଶ୍ୱକପ୍ ଲାଗି ମନୋନୀତ ଦଳରୁ ଆୟୁଷ ଓ ବିହାନଙ୍କ ସ୍ଥାନରେ ଦକ୍ଷିଣ ଆଫ୍ରିକା ସିରିଜ୍ ଲାଗି ଯୁବରାଜ ଗୋହିଲ ଓ ରାହୁଲ କୁମାରଙ୍କୁ ସାମିଲ କରାଯାଇଛି। ବିଶ୍ୱକପ୍‌ରେ ଜାନୁଆରୀ ୧୫ରେ ଆମେରିକା ସହ ଖେଳି ଭାରତ ତାହାର ବିଶ୍ୱକପ୍ ଅଭିଯାନ ଆରମ୍ଭ କରିବ। ଏହା ପରେ ବାଂଲାଦେଶ ଓ ନ୍ୟୁଜିଲାଣ୍ଡ ସହ ଦଳ ଲିଗ୍ ମ୍ୟାଚ୍ ଖେଳିବ। ଭାରତ ବିଶ୍ୱକପ୍‌ରେ ସର୍ବାଧିକ ୫ଥର ଚାମ୍ପିଅନ ହୋଇଛି।

**ବିଶ୍ୱକପ୍ ଦଳ** : ଆୟୁଷ ମାହାତ୍ରେ (ଅଧିନାୟକ), ବିହାନ ମାଲହୋତ୍ରା (ଉପଅଧିନାୟକ), ବୈଭବ ସୂର୍ଯ୍ୟବଂଶୀ, ଆରୋନ ଜର୍ଜ, ବେଦାନ୍ତ ତ୍ରିବେଦୀ, ଅଭିଜ୍ଞାନ କୁଣ୍ଡୁ (ୱିକେଟରକ୍ଷକ), ହରବଂଶ ସିଂହ, ଆର୍‌ଏସ୍ ଅମ୍ବରୀଶ, କନିସ୍କ ଚୌହାନ, ଖିଲନ ଏ ପଟେଲ, ମହମ୍ମଦ୍ ଏନାନ୍, ହେନିଲ ପଟେଲ, ଡି ଦୀପେଶ, କିଶନ କୁମାର ସିଂ ଓ ଉଧବ ମୋହନ।

# ହୃଦ୍‌ଘାତରେ ଟଳିପଡ଼ିଲେ କୋଚ୍



ଢାକା, ୨୭।୧୨ (ଏଜେନ୍ସି): ବାଂଲାଦେଶ ପ୍ରିମିୟର ଲିଗ୍ (ବିପିଏଲ) ଦ୍ୱାଦଶ ସଂସ୍କରଣର ଦ୍ୱିତୀୟ ଦିନରେ ଶନିବାର ଏକ ବଡ଼ ଅଘଟଣ ଘଟିଯାଇଛି। ରାଜସାହି ୱାରିୟର୍ସ ବିପକ୍ଷ ମ୍ୟାଚ୍ ପୂର୍ବରୁ ଢାକା କ୍ୟାପିଟାଲ୍ସର ସହାୟକ କୋଚ୍ ମହବୁବ୍ ଅଲି ଜାକି ହୃଦଘାତରେ ପଡ଼ିଆ ଭିତରେ ପ୍ରାଣ ହରାଇଛନ୍ତି। ସିଲହେଟ୍ ଅନ୍ତର୍ଜାତୀୟ କ୍ରିକେଟ୍ ଷ୍ଟାଡିୟମରେ ଅପରାହ୍ନ ୧ଟାରେ ଏହି ମ୍ୟାଚ୍ ଆରମ୍ଭ ହେବା ପୂର୍ବରୁ ପଡ଼ିଆ ମଧ୍ୟରେ ଏହି ଅଘଟଣ ଘଟିଥିଲା। ଢାକା କ୍ୟାପିଟାଲ୍ସର ମେଡିକାଲ ଷ୍ଟାଫ୍ ତୁରନ୍ତ ୫୯ ବର୍ଷୀୟ ଜାକିଙ୍କ ନିକଟକୁ ଆସି ସିପିଆର୍ ଦେଇଥିଲେ। ଏହାପରେ ତାଙ୍କୁ ଆମ୍ବୁଲାନ୍ସରେ ସ୍ଥାନୀୟ ହସ୍ପିଟାଲକୁ ନିଆଯାଇଥିଲେ ମଧ୍ୟ ଡାକ୍ତର ଜାକିଙ୍କୁ ମୃତ ଘୋଷଣା କରିଥିଲେ। ତେବେ ମ୍ୟାଚ୍ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଆରମ୍ଭ ହୋଇଥିଲା। ଏଥିରେ ଢାକା ୫ ୱିକେଟ୍‌ରେ ୱାରିୟର୍ସକୁ ପରାସ୍ତ କରିଥିଲା। ମ୍ୟାଚ୍ ପୂର୍ବରୁ ଦୁଇ ଦଳର ଖେଳାଳିମାନେ ନୀରବ ପ୍ରାର୍ଥନା କରିଥିଲେ। ଜାକି ଦ୍ରୁତ ବୋଲିଂ କୋଚ୍ ଭାବେ ପରିଚିତ ଥିଲେ। ୨୦୧୬ ଟି-୨୦ ବିଶ୍ୱକପ୍‌ରେ ତାସକିନ ଅହମ୍ମଦଙ୍କ ବୋଲିଂ ଶୈଳୀ ସନ୍ଦେହ ଘେରକୁ ଆସିଥିବାବେଳେ ଜାକି ଏହାକୁ ସୁଧାରିବାରେ ସହାୟତା କରିଥିଲେ।

ମେଲବୋର୍ଣ୍ଣ ଲଢ଼େଇ ଦୁଇ ଦିନରେ ଶେଷ

# ୧୫ ବର୍ଷ ପରେ ଅଷ୍ଟ୍ରେଲିଆକୁ ହରାଇଲା ଇଂଲଣ୍ଡ

ମେଲବୋର୍ଣ୍ଣ,୨୭।୧୨(ଏଜେନ୍ସି)





ପାଖାପାଖି ୧୫ ବର୍ଷ ବା ୫୪୬୮ ଦିନର ନିରାଶା ପରେ ଅଷ୍ଟ୍ରେଲିଆ ମାଟିରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଇଂଲଣ୍ଡ ଐତିହାସିକ ଟେଷ୍ଟ ବିଜୟ ହାସଲ କରିଛି। ଦୀର୍ଘ ୧୬ ପରାଜୟ, ୨ ଡ୍ର ଓ ଚତୁର୍ଥ ଆସେସ ଟୁର୍‌ରେ ଇଂଲଣ୍ଡକୁ ଏହି ସ୍ମରଣୀୟ ବିଜୟ ମିଳିଛି। ଅଷ୍ଟ୍ରେଲିଆ ମାଟିରେ ଇଂଲଣ୍ଡ ଶେଷଥର ୨୦୧୧ ଜାନୁଆରୀରେ ଅନୁଷ୍ଠିତ ସିଡ୍‌ନୀ ଟେଷ୍ଟରେ ବିଜୟୀ ହୋଇଥିଲା। ଚଳିତ ଆସେସ ଟେଷ୍ଟ ସିରିଜ୍‌ର ଏଠାରେ ଅନୁଷ୍ଠିତ ଚତୁର୍ଥ ମ୍ୟାଚ୍ ମାତ୍ର ୨ ଦିନରେ ଶେଷ ହୋଇଛି। ପୂର୍ବରୁ ପର୍ଥରେ ଖେଳାଯାଇଥିବା ମ୍ୟାଚ୍ ମଧ୍ୟ ୨ ଦିନରେ ଶେଷ ହୋଇଥିଲା। ଫାଷ୍ଟ ବୋଲରଙ୍କ କବ୍‌ଜାରେ ଥିବା ମେଲବୋର୍ଣ୍ଣ ଟେଷ୍ଟରେ ଦମ୍‌ଦାର ଓ ସାହସିକ ଖେଳ ପ୍ରଦର୍ଶନ କରି ଇଂଲଣ୍ଡ ଏହି ମୁକାବିଲାକୁ ୪ ୱିକେଟରେ ଜିତିନେଇଛି। ଏହା ଫଳରେ ପ୍ରଥମ ୩ଟି ମ୍ୟାଚ୍‌କୁ ଏକତରଫା ଭାବେ ଜିତିନେଇଥିବା ଅଷ୍ଟ୍ରେଲିଆ ସିରିଜ୍‌ରେ ୩-୧ରେ ଆଗୁଆ ରହିଛି। ଅବସର ନେବାକୁ ଚିନ୍ତାକରୁଥିବା ଇଂଲଣ୍ଡର ଫାଷ୍ଟ ବୋଲର ଜୋଶ ଟଙ୍ଗ୍ ଏହି ମ୍ୟାଚ୍‌ରେ ୭ଟି ୱିକେଟ ନେଇ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି।

ଏହି ମ୍ୟାଚ୍‌ର ପ୍ରଥମ ଇନିଂସରେ ୪୨ ରନ୍‌ରେ ଆଗୁଆ ଥିବା ଘରୋଇ ଅଷ୍ଟ୍ରେଲିଆ ଦଳ ପ୍ରତିପକ୍ଷ ଇଂଲଣ୍ଡ ଫାଷ୍ଟ ବୋଲରଙ୍କୁ ଉଚିତ ମୁକାବିଲା କରି ନ ପାରି ଦ୍ୱିତୀୟ ଇନିଂସରେ ୩୪.୩ ଓଭରରେ ମାତ୍ର ୧୩୨ ରନ୍ କରିଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ଟ୍ରାଭିସ୍ ହେଡ୍ ସର୍ବାଧିକ ୪୬, ଷ୍ଟିଭେନ୍ ସ୍ମିଥ୍ ଅପରାଜିତ ୨୪ ଓ କାମେରନ ଗ୍ରୀନ୍ ୧୯ ରନ୍ କରି ଦୁଇ ଅଙ୍କ ଛୁଇଁଥିଲେ। ଅନ୍ୟ ବୋଲରଙ୍କ ଅପେକ୍ଷା ପିଚ୍‌ରୁ ଅଧିକ ସହାୟତା ପାଇଥିବା ବ୍ରାଇଡନ କାର୍ସ ସର୍ବାଧିକ ୪ଟି, ବେନ୍ ଷ୍ଟୋକ୍ସ ୩ଟି ଓ ଟଙ୍ଗ୍ ୨ଟି ୱିକେଟ ଅକ୍ତିଆର କରିଥିଲେ। ଏହା ଫଳରେ ଚତୁର୍ଥ ଆସେସ୍ ଟେଷ୍ଟ ଜିତିବାକୁ ଇଂଲଣ୍ଡ ଆଗରେ ୧୭୫ ରନ୍‌ର ଟାର୍ଗେଟ ରହିଥିଲା। ଏହି ଟାର୍ଗେଟକୁ ପିଛା କରି ଇଂଲଣ୍ଡର ଦୁଇ ଓପନର ପ୍ରଥମ ୱିକେଟରୁ ୭ ଓଭରରେ ୫୧ ରନ୍ ଉଠାଇଥିଲେ। ଚଳିତ ଆସେସ୍ ସିରିଜ୍‌ରେ ଇଂଲଣ୍ଡ ଖେଳିଥିବା ୮ମ ଇନିଂସରେ ଏହା ଥିଲା ସର୍ବାଧିକ ଓପନିଂ ପାର୍ଟନରସିପ୍। ୩୫ ବର୍ଷୀୟ ଫାଷ୍ଟ ବୋଲର ମିଚେଲ ଷ୍ଟାର୍କ ଇଂଲଣ୍ଡ ଓପନର ବେନ୍ ଡକେଟ (୨୬ବଲ୍‌ରେ ୩୪ରନ୍)ଙ୍କୁ ବୋଲ୍ଡ କରି ଏହି ପାର୍ଟନରସିପ୍ ଭାଙ୍ଗିଦେଇଥିଲେ। ଏହା ପରେ ବ୍ରାଇଡନ କାର୍ସ ୬ ଓ ପରେ ୩୬ ବର୍ଷୀୟ ଫାଷ୍ଟ ବୋଲର ସ୍କଟ୍ ବୋଲାଣ୍ଡଙ୍କ ଦ୍ୱାରା ୩୭ ରନ୍ କରିଥିବା ଜ୍ୟାକ୍ କ୍ରାଲୀ ଆଉଟ ହୋଇଥିଲେ। ୧୧୨ ରନ୍‌ରେ ୩ଟି ୱିକେଟ ହରାଇବା ପରେ ଦମ୍‌ଦାର ବ୍ୟାଟିଂ କରୁଥିବା ଯୁବ ଖେଳାଳି ଜ୍ୟାକବ ବେଥେଲ ସର୍ବାଧିକ ୪୦ ରନ୍ କରି ପାଭିଲିଅନ ଫେରିଥିଲେ। ଜୋ ରୁଟ୍ ୩୮ ବଲ୍‌ରେ ୧୫ ରନର ଏକ କ୍ଷୁଦ୍ର ତଥା ଏହି ଟେଷ୍ଟ ଲାଗି ମାରାଥନ ଇନିଂସ ଖେଳିଥିଲେ। ପ୍ରଥମ ଇନିଂସରେ ୪୧ ରନ୍ କରିଥିବା ହ୍ୟାରୀ ବ୍ରୁକ୍ ୨୨ ବଲ୍‌ରୁ ୧୮ ରନ୍ କରିବା ସହ ଚୌକା ମାରି ଦଳକୁ ଏହି ସ୍ମରଣୀୟ ବିଜୟ ଭେଟିଦେଇଥିଲେ। ଇଂଲଣ୍ଡ ୩୨.୨ ଓଭରରେ ୬ ୱିକେଟ ହରାଇ ୧୭୮ ରନ୍ କରିବା ସହ ମ୍ୟାଚ୍ ଜିତିନେଇଥିଲା। ଷ୍ଟାଡିୟମ୍‌ରେ ଉପସ୍ଥିତ ଥିବା ୯୦ ହଜାରରୁ ଊର୍ଦ୍ଧ୍ୱ ଦର୍ଶକ ଇଂଲଣ୍ଡର ଏହି ବିଜୟକୁ ତାଳି ମାରି ସ୍ୱାଗତ କରିଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ମିଚେଲ ଷ୍ଟାର୍କ, ଝାଇ ରିଚାର୍ଡସନ ଓ ସ୍କଟ ବୋଲାଣ୍ଡ ୨ଟି ଲେଖାଏଁ ୱିକେଟ ନେଇଥିଲେ ମଧ୍ୟ ଏଭଳି ପିଚ୍‌ରେ ଉତ୍ସାହୀ ଇଂଲଣ୍ଡ ବ୍ୟାଟରଙ୍କୁ ନିୟନ୍ତ୍ରିତ କରିପାରି ନଥିଲେ।

### ସଂକ୍ଷିପ୍ତ ସ୍କୋର

**ଅଷ୍ଟ୍ରେଲିଆ ପ୍ରଥମ ଇନିଂସ**: ୧୫୨/୧୦, ୪୫.୨ ଓଭର (ନେସର-୩୫, ଖୱାଜା-୨୯, ଟଙ୍ଗ୍-୫/୪୫, ଆଟକିନସନ-୨/୨୮)।

**ଇଂଲଣ୍ଡ ପ୍ରଥମ ଇନିଂସ**: ୧୧୦/୧୦, ୨୯.୫ ଓଭର (ବ୍ରୁକ୍-୪୧, ଆଟକିନସନ-୨୮, ନେସର-୪/୪୫, ବୋଲାଣ୍ଡ-୩/୩୦, ଷ୍ଟାର୍କ-୨/୨୩)।

**ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ**: ୧୩୨/୧୦, ୩୪.୩ ଓଭର (ହେଡ୍-୪୬, ସ୍ମିଥ୍-ଅପରାଜିତ ୨୪, କାର୍ସ-୪/୩୪, ଷ୍ଟୋକ୍ସ-୩/୨୪, ଟଙ୍ଗ୍-୨/୪୪)।

**ଇଂଲଣ୍ଡ ଦ୍ୱିତୀୟ ଇନିଂସ**: ୧୭୮/୬, ୩୨.୨ ଓଭର (ବେଥେଲ-୪୦, କ୍ରାଲୀ-୩୭, ଡକେଟ-୩୪,ରିଚାର୍ଡସନ-୨/୨୨, ବୋଲାଣ୍ଡ-୨/୨୯, ଷ୍ଟାର୍କ-୨/୫୫)।

# ଆଜିଠୁ ମହିଳା ଏଚ୍‌ଆଇଏଲ୍

ରାଞ୍ଚି, ୨୭।୧୨ (ଏଜେନ୍ସି): ମହିଳା ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍)ର ଦ୍ୱିତୀୟ ସଂସ୍କରଣ ରବିବାରଠାରୁ ଏଠାରେ ଆରମ୍ଭ ହେବାକୁ ଯାଉଛି। ପ୍ରଥମ ସଂସ୍କରଣ ଭଳି ଏଥର ମଧ୍ୟ ୪ଟି ଦଳକୁ ନେଇ ଟୁର୍ଣ୍ଣାମେଣ୍ଟ ଖେଳାଯିବ। ଗତ ସଂସ୍କରଣ ରନର୍ସଅପ୍ ଜେଏସ୍‌ଡବ୍ଲ୍ୟୁ ସୁରମା ହକି କ୍ଲବ, ଶ୍ରାଚି ବେଙ୍ଗଲ ଟାଇଗର୍ସ, ଏସ୍‌ଜି ପାଇପର୍ସ ଓ ନବାଗତ ଦଳ ରାଞ୍ଚି ରୟାଲ୍ସ ମଧ୍ୟରେ ଟ୍ରଫି ପାଇଁ ଏଥର ଲଢ଼େଇ ହେବ। ଡିଫେଣ୍ଡିଂ ଚାମ୍ପିଅନ ତଥା ପ୍ରଥମ ସଂସ୍କରଣ ଚାମ୍ପିଅନ ଓଡ଼ିଶା ୱାରିୟର୍ସ ଚଳିତ ସଂସ୍କରଣ ପୂର୍ବରୁ ଓହରିଯାଇଥିଲା। ତେଣୁ ଏହା ସ୍ଥାନରେ ନୂତନ ଦଳ ଭାବେ ରାଞ୍ଚି ଏଥର ଖେଳିବ। ଘରୋଇ ରାଞ୍ଚି ଓ ଏସ୍‌ଜି ପାଇପର୍ସ ମଧ୍ୟରେ ରବିବାର ରାତି ୭ଟା ୩୦ରେ ଉଦ୍‌ଘାଟନୀ ଲଢ଼େଇ ଅନୁଷ୍ଠିତ ହେବ। ଲିଗ୍ ପର୍ଯ୍ୟାୟରେ ପ୍ରତି ଦଳ ପରସ୍ପର ବିପକ୍ଷରେ ୨ଥର ଲେଖାଏ ଖେଳିବେ। ଏହାପରେ ପଏଣ୍ଟ ଟେବଲର ଦୁଇ ଶ୍ରେଷ୍ଠ ଦଳ ମଧ୍ୟରେ ଜାନୁଆରୀ ୧୦ରେ ଫାଇନାଲ ଲଢ଼େଇ ହେବ। ସମସ୍ତ ମ୍ୟାଚ୍ ରାଞ୍ଚିର ମାରାଙ୍ଗ ଗୋମକେ ଜୟପାଲ୍ ସିଂ ଷ୍ଟାଡିୟମରେ ଖେଳାଯିବ। ସୋନି ସ୍ପୋର୍ଟ୍ସ ନେଟୱର୍କରେ ସମସ୍ତ ମ୍ୟାଚର ସିଧାପ୍ରସାରଣ ହେବ।

ଶ୍ରୀଲଙ୍କା ବିପକ୍ଷ ମହିଳା ଟି-୨୦ ସିରିଜ୍

# ଚତୁର୍ଥ ବିଜୟ ଲକ୍ଷ୍ୟରେ ଭାରତ

ତିରୁଅନନ୍ତପୁରମ୍,୨୭।୧୨(ଏଜେନ୍ସି): ଏଠାରେ ଚାଲିଥିବା ଶ୍ରୀଲଙ୍କା ବିପକ୍ଷ ଟି-୨୦ ସିରିଜ୍‌ର ପ୍ରଥମ ୩ଟି ମ୍ୟାଚ୍ ଜିତି ଭାରତ ୨ଟି ମ୍ୟାଚ୍ ଆଗରୁ ସିରିଜ୍ କବ୍‌ଜା କରିନେଇଛି। ପ୍ରତ୍ୟେକ ମ୍ୟାଚ୍‌ରେ ଭାରତର ପ୍ରଭାବୀ ଖେଳ ଆଗରେ ହାର୍ ମାନିଛି ଶ୍ରୀଲଙ୍କା। ଦିନିକିଆ ବିଶ୍ୱଚାମ୍ପିଅନ ଭାରତ ସମସ୍ତ ବିଭାଗରେ ଦମ୍‌ଦାର ଖେଳ ପ୍ରଦର୍ଶନ କରିଛି। ଉଭୟ ଦଳ ମଧ୍ୟରେ ଦକ୍ଷତା ଦୃଷ୍ଟିରୁ ଆକାଶ ପାତାଳ ଫରକ ରହିଛି। ଏଭଳି ସ୍ଥିତିରେ ଭାରତର ମୁକାବିଲା କରିବା ନୂଆ ଖେଳାଳିମାନଙ୍କୁ ନେଇ ଗଠିତ ଶ୍ରୀଲଙ୍କା ଦଳ ପକ୍ଷେ କଷ୍ଟକର। ଅଭିଜ୍ଞ ଅଧିନାୟିକା ଚାମରି ଆଟାପାଟୁ ଭାରତୀୟ ବୋଲରଙ୍କ ସମ୍ମୁଖରେ ତିଷ୍ଠିପାରୁ ନାହାନ୍ତି। ହାସିନି ପରେରା ଭଲ ଆରମ୍ଭ ଦେଉଥିଲେ ମଧ୍ୟ ଅନ୍ୟମାନଙ୍କ ସହ ବେଶି ସମୟ କ୍ରିଜ୍‌ରେ ତିଷ୍ଠିରହିବାରେ ଅସମର୍ଥ ହେଉଛନ୍ତି।

ଭାରତ ଶାଣିତ ବୋଲିଂ ଆଗରେ ଶ୍ରୀଲଙ୍କାର ବ୍ୟାଟିଂ ନିଷ୍ପ୍ରଭ ହୋଇଯାଇଛି। ରେଣୁକା ସିଂ ଠାକୁର ଓ ଅନ୍ୟ ଯୁବ ଫାଷ୍ଟ ବୋଲର ବେଶ ପ୍ରଭାବଶାଳୀ ପ୍ରଦର୍ଶନ କରୁଛନ୍ତି। ସ୍ପିନର ଶ୍ରୀ ଚରଣି, ଦୀପ୍ତି ଶର୍ମା, ନବାଗତ ବୈଭବୀ ଶର୍ମାଙ୍କ ସମ୍ମୁଖରେ ଶ୍ରୀଲଙ୍କା ବ୍ୟାଟିଂ ଫେଲ ମାରିଛି। ଭାରତର ଟପ୍ ଅର୍ଡରରେ ସ୍ମୃତି ମନ୍ଧାନା ବଡ ସ୍କୋର କରିନାହାନ୍ତି। କିନ୍ତୁ ତାଙ୍କ ପାର୍ଟନର ଶେଫାଳି ବର୍ମା ଦୁଇଟି ବଡ଼ ଇନିଂସ ଖେଳି ଶ୍ରୀଲଙ୍କା ଲାଗି ଦୁଃସ୍ୱପ୍ନ ପାଲଟିଯାଇଛନ୍ତି। ଜେମିମା ରୋଡ୍ରିଗ୍ସେଜ୍ ପ୍ରଥମ ମ୍ୟାଚ୍‌ରେ ବଡ଼ ଇନିଂସ ଖେଳିଥିଲେ। ଏହି ୩ଟି ଦମ୍‌ଦାର ଇନିଂରେ ଭାରତ ସହଜ ବିଜୟ ହାସଲ କରିଛି। ଆସନ୍ତାକାଲି ମଧ୍ୟ ଦଳ ମ୍ୟାଚ୍ ଜିତିବ ବୋଲି ଆଶା କରାଯାଉଛି।

# ୧୦୦୦ ରନ ଓ ୧୫୦ ୱିକେଟ: ବିରଳ କ୍ଲବ୍‌ରେ ଦୀପ୍ତି



ନୂଆଦିଲ୍ଲୀ, ୨୭।୧୨ (ଏଜେନ୍ସି): ଭାରତୀୟ ମହିଳା କ୍ରିକେଟ୍ ଦଳର ଅଭିଜ୍ଞ ଅଲ୍‌ରାଉଣ୍ଡର ଦୀପ୍ତି ଶର୍ମା ଏକ ବିରଳ କ୍ଲବରେ ସାମିଲ ହୋଇଛନ୍ତି। ଅନ୍ତର୍ଜାତୀୟ ଟି-୨୦ କ୍ରିକେଟ୍‌ରେ ୧୦୦୦ ରନ ସଂଗ୍ରହ କରିବା ଓ ୧୫୦ ୱିକେଟ୍ ନେବାରେ ଦୀପ୍ତି ବିଶ୍ୱର ପ୍ରଥମ ଖେଳାଳି ହୋଇଛନ୍ତି। ଏପରିକି କୌଣସି ପୁରୁଷ କ୍ରିକେଟର୍ ମଧ୍ୟ ଏହି ସଫଳତା ଆଜି ପର୍ଯ୍ୟନ୍ତ ପାଇ ନାହାନ୍ତି। ଶ୍ରୀଲଙ୍କା ବିପକ୍ଷରେ ଶୁକ୍ରବାର ଖେଳାଯାଇଥିବା ୩ୟ ଟି-୨୦ ଅବସରରେ ଦୀପ୍ତି ଏହି କୀର୍ତ୍ତିମାନ ହାସଲ କରିଥିଲେ। ଏହି ମ୍ୟାଚରେ ଦୀପ୍ତି ୪ ଓଭର ବୋଲିଂ କରି ୧୮ ରନ ବ୍ୟୟରେ ୩ଟି ୱିକେଟ୍ ନେଇଥିଲେ। ଫଳରେ ଅନ୍ତର୍ଜାତୀୟ ଟି-୨୦ରେ ତାଙ୍କ ୱିକେଟ୍ ସଂଖ୍ୟା ୧୫୧ରେ ପହଞ୍ଚିଥିଲା। ୧୩୧ତମ ମ୍ୟାଚ୍ ଖେଳିବା ଅବସରରେ ଦୀପ୍ତି ଏହି ସଫଳତା ପାଇଥିଲେ। ସେହିଭଳି ଟି-୨୦ କ୍ରିକେଟ୍‌ରେ ଦୀପ୍ତିଙ୍କ ନାମରେ ୧୧୦୦ ରନ ମଧ୍ୟ ଲିପିବଦ୍ଧ ରହିଛି। ଟି-୨୦ କ୍ରିକେଟ୍‌ର ବୋଲିଂ ତାଲିକାରେ ଦୀପ୍ତି ବର୍ତ୍ତମାନ ଏକ ନମ୍ବର ସ୍ଥାନରେ ରହିଛନ୍ତି।

# ୭ ବର୍ଷ ହେଲା ଅମ୍ପାୟାରଙ୍କ ମ୍ୟାଚ୍ ଫି' ବଢ଼ିନାହିଁ

ନୂଆଦିଲ୍ଲୀ,୨୭।୧୨(ଏଜେନ୍ସି): କ୍ରିକେଟ ଖେଳରେ ଅମ୍ପାୟାରଙ୍କ ଭୂମିକା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଟେକ୍ନୋଲୋଜିର ବିକାଶ ପରେ ଏବେ ଅମ୍ପାୟାରଙ୍କୁ ନିଷ୍ପତ୍ତି ନେବା ଯେମିତି ସହଜ ହୋଇଛି, ସେହିପରି ସେମାନଙ୍କୁ ନିର୍ଭୁଲ ଖେଳପରିଚାଳନା ଏକ ଚ୍ୟାଲେଞ୍ଜ ହୋଇଛି। ଏପରି ସ୍ଥଳେ ଗତ ୭ ବର୍ଷ ହେଲା ଅର୍ଥାତ୍ ୨୦୧୮ ରୁ ଭାରତରେ ମ୍ୟାଚ୍ ପରିଚାଳନା କରୁଥିବା ଅମ୍ପାୟାରଙ୍କ ମ୍ୟାଚ୍ ଫି' ବଢ଼ିନାହିଁ। ଅମ୍ପାୟାରଙ୍କ କାର୍ଯ୍ୟକୁ 'ଥ୍ୟାଙ୍କଲେସ୍ ଜବ୍' ଭାବେ ବିବେଚନା କରାଯାଉଥିଲେ ମଧ୍ୟ ଭାରତୀୟ କ୍ରିକେଟର ସର୍ବୋଚ୍ଚ ସଂସ୍ଥା ବିସିସିଆଇ ସେମାନଙ୍କ ମ୍ୟାଚ୍ ଫି ବଢ଼ାଉନାହିଁ। ଏ ସମ୍ପର୍କରେ ନିକଟରେ ବସିଥିବା ବିସିସିଆଇ ଆପେକ୍ସ କାଉନ୍ସିଲ ବୈଠକରେ ଆଲୋଚନା ହୋଇଥିଲା। କିନ୍ତୁ ମହିଳାଙ୍କ ମ୍ୟାଚ୍ ଫି ବୃଦ୍ଧି ଉପରେ କେବଳ ମୋହର ବାଜିଥିଲା। ଅମ୍ପାୟାର କମିଟି ମ୍ୟାଚ୍ ଫି ବୃଦ୍ଧି କରିବା ନେଇ ସୁପାରିସ୍ କରିଛି। ପରବର୍ତ୍ତୀ ଆପେକ୍ସ କାଉନ୍ସିଲ ବୈଠକରେ ଏହା ଉପରେ ନିଷ୍ପତ୍ତି ହେବ ବୋଲି ଆଶା କରାଯାଉଛି। ଏବେ ଭାରତରେ ଆୟୋଜିତ ହେଉଥିବା ଶହ ଶହ ଘରୋଇ ମ୍ୟାଚ୍‌କୁ ବିସିସିଆଇ ଦ୍ୱାରା ନିଯୁକ୍ତ ମାତ୍ର ୧୮୬ ଜଣ ଅମ୍ପାୟାର ପରିଚାଳନା କରୁଛନ୍ତି। ଏମାନଙ୍କୁ ୪ଟି କାଟାଗୋରୀରେ ଭାଗ କରାଯାଇଛି। ସେଗୁଡ଼ିକ ହେଲା ଏ' ପ୍ଲସ୍, ଏ', ବି' ଓ ସି'। ଏବେ ବିସିସିଆଇ ଦ୍ୱାରା ନିଯୁକ୍ତ ହୋଇଥିବା ଅମ୍ପାୟାରଙ୍କ ମଧ୍ୟରେ ଏ' ପ୍ଲସ୍ କାଟାଗୋରୀରେ ୯ ଜଣ, ଏ'ରେ ୨୦ଜଣ, ବି'ରେ ୫୮ ଓ ସି' କାଟାଗୋରୀରେ ୯୯ ଜଣ ଅମ୍ପାୟାର ରହିଛନ୍ତି। ଏହା ମଧ୍ୟରୁ ଏ' ପ୍ଲସ୍ ଓ ଏ' କାଟାଗୋରୀ ଅମ୍ପାୟାରଙ୍କୁ ଦିନକୁ ୪୦,୦୦୦, ବି ଓ ସି' କାଟାଗୋରୀ ଅମ୍ପାୟାରଙ୍କୁ ଦିନକୁ ୩୦,୦୦୦ ଲେଖାଏଁ ଟଙ୍କା ଦିଆଯାଉଛି। ଏହା ଛଡ଼ା ଅନ୍ୟାନ୍ୟ ସୁବିଧା ସୁଯୋଗ ମଧ୍ୟ ମିଳୁଛି। କିନ୍ତୁ ଗତ ୭ ବର୍ଷ ଧରି ଏହି ମ୍ୟାଚ୍ ଫି'ରେ ବୃଦ୍ଧି ହୋଇନାହିଁ। ଏହି ଅମ୍ପାୟାର ମାନେ ପୁରୁଷ ଓ ମହିଳା ବିଭାଗରେ ସମସ୍ତ ସିନିଅର, ଜୁନିଅର, ସବ୍ ଜୁନିଅର ମ୍ୟାଚ୍ ପରିଚାଳନା କରୁଛନ୍ତି। ବିସିସିଆଇ ଅମ୍ପାୟର୍ସ କମିଟିର ପ୍ରସ୍ତାବକୁ ପରବର୍ତ୍ତୀ ଆପେକ୍ସ କାଉନ୍ସିଲ ବୈଠକରେ ଗ୍ରହଣ କରାଯିବ ବୋଲି ଆଶା କରାଯାଉଛି।

୭୧ତମ ଓଡ଼ିଶା ଷ୍ଟେଟ୍ ଆଥ୍‌ଲେଟିକ୍ ମିଟ୍ ଉଦ୍‌ଘାଟିତ

# କଟକକୁ ୧୨ ପଦକ; ପ୍ରଥମ ଦିନରେ ୪ ନୂଆ ରେକର୍ଡ



ଭୁବନେଶ୍ୱର, ୨୭।୧୨ (ସମିସ): କଟକ ବକ୍ସିବଜାରସ୍ଥିତ ରିଜର୍ଭ ପୁଲିସ ସିନ୍ଥେଟିକ ଗ୍ରାଉଣ୍ଡରେ ଶନିବାର ଓଡ଼ିଶା ଷ୍ଟେଟ୍ ଆଥ୍‌ଲେଟିକ୍ ମିଟ୍‌ର ୭୧ତମ ସଂସ୍କରଣ ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ଦିବସରେ କଟକର କ୍ରୀଡ଼ାବିତ୍‌ମାନେ ଦମ୍‌ଦାର ପ୍ରଦର୍ଶନ କରି ୧୨ଟି ପଦକ ବିଜୟୀ ହୋଇଛନ୍ତି। ଯେଉଁଥିରେ ୫ଟି ସ୍ୱର୍ଣ୍ଣ, ୩ଟି ରୌପ୍ୟ ଓ ୪ଟି କାଂସ୍ୟ ପଦକ ସାମିଲ ରହିଛି। କଟକ ପଛକୁ ୭ଟି ପଦକ ଜିତି ଯାଜପୁର ଦ୍ୱିତୀୟଶ୍ରେଷ୍ଠ ପ୍ରଦର୍ଶନ କରିଛି। ଅପରପକ୍ଷରେ ପ୍ରଥମ ଦିବସରେ ୪ଟି ନୂଆ ମିଟ୍ ରେକର୍ଡ ପ୍ରତିଷ୍ଠା ହୋଇଛି। କଟକର ମନୀଷା ମେରେଲ ମହିଳା ଲଙ୍ଗ ଜମ୍ପରେ ୫.୭୧ ମିଟର ଲମ୍ଫ ପ୍ରଦାନ କରି ନୂଆ ମିଟ୍ ରେକର୍ଡ କରିଥିଲେ। ସେହିଭଳି ହାଇଜମ୍ପରେ ଅନୁଗୋଳର ସ୍ୱାଧୀନ ମାଝୀ ମଧ୍ୟ ମିଟ୍ ରେକର୍ଡ କରିଛନ୍ତି। ସେ ୨.୧୩ ମିଟର ଉଚ୍ଚକୁ ଡେଇଁ ପୋଡିୟମର ପ୍ରଥମ ସ୍ଥାନରେ ରହି ସ୍ୱର୍ଣ୍ଣପଦକ ଜିତିଥିଲେ। ୧୮ ବର୍ଷରୁ କମ୍ ବାଳିକା ଜାଭେଲିନ ଥ୍ରୋ'ରେ ଯାଜପୁରର ଆଲୋକିକା ସ୍ୱାଇଁ (୪୩.୦୧ ମିଟର) ଓ ୨୦ ବର୍ଷରୁ କମ୍ ବାଳକ ସଟ୍ ପୁଟ୍‌ରେ ଓମକାର ପ୍ରସାଦ ନନ୍ଦ (୧୭.୧୧ ମିଟର) ମଧ୍ୟ ରେକର୍ଡ ନିଜ ନାମରେ କରିଛନ୍ତି।

ପୂର୍ବରୁ କ୍ରୀଡ଼ା ବିଭାଗର କମିଶନର କମ୍ ସେକ୍ରେଟାରୀ ସଚିନ ରାମଚନ୍ଦ୍ର ଯାଦବ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ମିଟ୍‌କୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଲିମ୍ପିଆନ ଶ୍ରାବଣୀ ନନ୍ଦ, କ୍ରୀଡ଼ା ବିଭାଗର ନିର୍ଦ୍ଦେଶକ ଯେଦ୍ଦୁଲା ବିଜୟ, ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଧେ, ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓ, ଓଡ଼ିଶା ଆଥ୍‌ଲେଟିକ ସଂଘ ସମ୍ପାଦକ ଅଭିଜିତ୍ ପାଲ୍ ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ରହିଥିଲେ। ଡିସେମ୍ବର ୩୦ରେ ଏହି ପ୍ରତିଯୋଗିତା ଉଦଯାପିତ ହେବ।

ବିଜୟ ମହାନ୍ତି ସ୍ମାରକୀ ବାସ୍କେଟବଲ

# ଯୁବା-କଟକ ଫାଇନାଲ

ଭୁବନେଶ୍ୱର,୨୭।୧୨(ସମିସ): ସ୍ଥାନୀୟ ୟୁନିଟ-୧ ବାସ୍କେଟବଲ କମ୍ପ୍ଲେକ୍ସ ପରିସରରେ ଖୋର୍ଦ୍ଧା ଜିଲ୍ଲା ବାସ୍କେବଲ ସଂଘ ଓ ସ୍ମୃତି କମିଟି ପକ୍ଷରୁ ପ୍ରଥମ ବିଜୟ ମହାନ୍ତି ସ୍ମାରକୀ ବାସ୍କେଟବଲ ଟୁର୍ଣ୍ଣାମେଣ୍ଟର ଫାଇନାଲ ଲାଇନ୍‌ଅପ୍‌ସ୍ଥିର ହୋଇଯାଇଛି। ଆସନ୍ତାକାଲି ଖେଳାଯିବାକୁ ଥିବା ପୁରୁଷ ଫାଇନାଲରେ ଶହୀଦ୍ ନଗରର ଯୁବା ବାସ୍କେଟବଲ କ୍ଲବ୍ ସହ କଟକ ବାସ୍କେଟବଲ ଆସୋସିଏସନର ମୁକାବିଲା ହେବ। ସେହିପରି ମହିଳା ଫାଇନାଲରେ ଭୁବନେଶ୍ୱର କ୍ରୀଡ଼ା ଛାତ୍ରାବାସ ସହ ୟଙ୍ଗଷ୍ଟର ବାସ୍କେଟବଲ କ୍ଲବ୍‌ର ମୁକାବିଲା ହେବ। ପୁରୁଷ ବିଭାଗ ପ୍ରଥମ ସେମିରେ ଯୁବା ବାସ୍କେଟବଲ ଟିମ୍ ୬୫-୫୩ ପଏଣ୍ଟରେ କଳିଙ୍ଗ ବାସ୍କେଟବଲ କ୍ଲବ୍‌କୁ ଓ ଦ୍ୱିତୀୟ ସେମିରେ କଟକ ୮୬-୬୬ ପଏଣ୍ଟରେ ୱିନରର୍ସ ଆସୋସିଏସନକୁ ହରାଇଥିଲା।

# ମୁକ୍ତେଶ୍ୱର କପ୍: ସେମିରେ ରେଡ୍ ଷ୍ଟାର୍

ଭୁବନେଶ୍ୱର, ୨୭।୧୨ (ସମିସ): କଟକର ରାଇଜିଂ ଷ୍ଟୁଡେଣ୍ଟ୍ସକୁ ୩୫ ରନରେ ପରାସ୍ତ କରି କ୍ଲବ ଦି ରେଡ୍ ଷ୍ଟାର୍ ଏଠାରେ ଚାଲିଥିବା ୧୬ ବର୍ଷରୁ କମ୍ ମୁକ୍ତେଶ୍ୱର କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛି। ଶନିବାର ଅନୁଷ୍ଠିତ ତୃତୀୟ କ୍ୱାର୍ଟରରେ ରେଡ୍ ଷ୍ଟାର ପ୍ରଥମେ ବ୍ୟାଟିଂ କରି ୩୦ ଓଭରରେ ୮ ୱିକେଟ୍ ହରାଇ ୧୫୦ ରନ କରିଥିଲା। ଦଳ ପକ୍ଷରୁ କ୍ଷୀରୋଦ ଭଞ୍ଜ ସର୍ବାଧିକ ୫୪ ରନ କରିଥିଲେ। ପ୍ରତିପକ୍ଷ ବୋଲର ଦୁର୍ଗାଶିଷ ବେହେରାଙ୍କୁ ୨ଟି ୱିକେଟ୍ ମିଳିଥିଲା। ଜବାବରେ ରାଇଜିଂ ଷ୍ଟୁଡେଣ୍ଟ ୧୧୫ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଓପନର ଅସମିତ୍ ୫୨ ରନ କରିଥିଲେ ମଧ୍ୟ ବୃଥା ଯାଇଥିଲା। ରେଡ ଷ୍ଟାରର ମନ୍ମଥ ୩ଟି ଏବଂ ଓମ୍ ସାହୁ ଓ ଦକ୍ଷେଶ୍ୱର ରାଉତଙ୍କୁ ୨ଟି ଲେଖାଏ ୱିକେଟ୍ ମିଳିଥିଲା। ନିହାର ରଞ୍ଜନ ପଟ୍ଟନାୟକ ଅତିଥିଭାବେ ଯୋଗଦେଇ କ୍ଷୀରୋଦଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରିଥିଲେ। ରବିବାର ଆୟୋଜକ ମୁକ୍ତେଶ୍ୱର କ୍ଲବ ଓ ଜୁଭେନାଇଲ୍ କ୍ରିକେଟ୍ କ୍ଲବ ମଧ୍ୟରେ ଅନ୍ତିମ ତଥା ୪ର୍ଥ କ୍ୱାର୍ଟର ଫାଇନାଲ ଖେଳାଯିବ।

ଆନ୍ତଃବିଶ୍ୱବିଦ୍ୟାଳୟ ଭାରୋତ୍ତୋଳନ

# କିସ୍‌ର ସଦାନନ୍ଦଙ୍କୁ ସ୍ୱର୍ଣ୍ଣ

ଭୁବନେଶ୍ୱର, ୨୭।୧୨ (ସମିସ)



ପଞ୍ଜାବରେ ଚାଲିଥିବା ଉତ୍ତର ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ଭାରୋତ୍ତୋଳନ ଚାମ୍ପିଅନସିପ୍‌ରେ କଳିଙ୍ଗ ଇନଷ୍ଟିଚ୍ୟୁଟ ଅଫ୍ ସୋସିଆଲ୍ ସାଇସେନ୍ସ (କିସ୍)କୁ ଡବଲ୍ ପଦକ ସଫଳତା ମିଳିଛି। ଶନିବାର କିସ୍ ବିଶ୍ୱବିଦ୍ୟାଳୟର ସଦାନନ୍ଦ ବରିହା ସ୍ୱର୍ଣ୍ଣ ଓ ମୀନା ସାନ୍ତା କାଂସ୍ୟ ପଦକ ଜିତି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ପୁରୁଷ ୬୫ କିଗ୍ରା ବିଭାଗରେ ଅଂଶଗ୍ରହଣ କରିଥିବା ସଦାନନ୍ଦ ମୋଟ୍ ୨୫୪ କିଗ୍ରା ଭାର ଉଠାଇ ପୋଡିୟମର ପ୍ରଥମ ସ୍ଥାନ ହାସଲ କରିଥିଲେ। ଯେଉଁଥିରେ ସେ ସ୍ନାଚରେ ୧୧୦ କିଗ୍ରା ଓ କ୍ଲିନ ଆଣ୍ଡ ଜର୍କରେ ୧୪୪ କିଗ୍ରା ଭାର ଉଠାଇଥିଲେ। ସେହିଭଳି ମୀନା ମହିଳା ୫୮ କିଗ୍ରା ବିଭାଗରେ ଭାଗନେଇଥିଲେ। ଏଥିରେ ସେ ସ୍ନାଚରେ ୮୦ କିଗ୍ରା ଏବଂ କ୍ଲିନ ଆଣ୍ଡ ଜର୍କରେ ୯୮ କିଗ୍ରା ସହ ମୋଟ୍ ୧୭୮ କିଗ୍ରା ଭାରତ୍ତୋଳନ କରିଥିଲେ। ଶୁଭକାନ୍ତ ମଳିଆ ପୁରୁଷ ଦଳର ଓ ରାଣୀ ପାତ୍ର ମହିଳା ଦଳର କୋଚ୍ ଭାବେ ଦଳ ସହ ଗସ୍ତ କରିଛନ୍ତି। ଏହି ସଫଳତା ଲାଗି ପ୍ରଫେସର ଅଚ୍ୟୁତ ସାମନ୍ତ ପଦକ ବିଜୟୀ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

### ମୀନା ଜିତିଲେ କାଂସ୍ୟ

ପ୍ରଥମଥର ସିନିଅର

# ଫାଇନାଲରେ ତନ୍ୱୀ

ଭୁବନେଶ୍ୱର, ୨୬।୧୨ (ସମିସ): ଓଡ଼ିଶାର ଯୁବ ସଟଲର୍ ତନ୍ୱୀ ପତ୍ରି କ୍ୟାରିୟରରେ ପ୍ରଥମଥର ଲାଗି ଜାତୀୟ ସିନିଅର ଫାଇନାଲରେ ପ୍ରବେଶ କରି ସ୍ମରଣୀୟ ସଫଳତା ପାଇଛନ୍ତି। ବିଜୟୱାଡାରେ ଅନୁଷ୍ଠିତ ଜାତୀୟ ସିନିଅର ବ୍ୟାଡ୍‌ମିଣ୍ଟନର ମହିଳା ସିଙ୍ଗଲ୍ସରେ ଶନିବାର ଅନୁଷ୍ଠିତ ସେମିରେ ତନ୍ୱୀ ୧୮-୨୧, ୨୧-୧୨, ୨୧-୧୫ରେ ମହାରାଷ୍ଟ୍ରର ଶ୍ରୁତି ମୁନଦାଦାଙ୍କୁ ପରାସ୍ତ କରିଥିଲେ। ରବିବାର ଟାଇଟଲ୍ ଲଢ଼େଇରେ ତନ୍ୱୀଙ୍କ ମୁକାବିଲା ଘରୋଇ ଆନ୍ଧ୍ର ଖେଳାଳି ସୂର୍ଯ୍ୟା ଚାରିସ୍ମାଙ୍କ ସହ ହେବ।


ନନ୍ଦିଘୋଷ

'ନନ୍ଦିଘୋଷ ଟିଭି'

କେନ୍ଦୁଝର ଜିଲ୍ଲା ପାଇଁ ରିପୋର୍ଟର ଆବଶ୍ୟକ

କେନ୍ଦୁଝର ସଦର ମହକୁମା ପାଇଁ ରିପୋର୍ଟର ଆବଶ୍ୟକ କରୁଛନ୍ତି।
ଟେଲିଭିଜନ ରିପୋର୍ଟିଂରେ ଅନ୍ୟୁନ ୨ ବର୍ଷର ଅଭିଜ୍ଞତା ଥିବା
ପ୍ରାର୍ଥୀ ନିମ୍ନ ଠିକଣା କିମ୍ବା ଇମେଲରେ ଆବେଦନ କରିବାକୁ ଅନୁରୋଧ।

ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍

ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯

ଇମେଲ୍ - hr@nandighoshatv.com

ଯୋଗାଯୋଗ: ୯୪୩୭୦୧୭୪୯୯

ସ୍ୱା/- ମାନବ ସମ୍ବଳ ବିଭାଗ



PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS